13

ବ୍ୟଷ୍ଟି ଅର୍ଥଶାସ୍ତ୍ର : ଏକ ପରିଚୟ

INTRODUCTION TO MICRO ECONOMICS

ଆପଣମାନେ ଅର୍ଥ ବ୍ୟବସ୍ଥାର ଉକ୍ତ ମୌଳିକ ପ୍ରକ୍ରିୟାଗୁଡ଼ିକୁ ପୂର୍ବରୁ ଅଧ୍ୟୟନ କରିଛନ୍ତି ଯାହାଦ୍ୱାରା ହିଁ ଅର୍ଥ ବ୍ୟବସ୍ଥା କାର୍ଯ୍ୟ କରିଥାଏ। ଏହି ଆର୍ଥିକ ପ୍ରକ୍ରିୟାଗୁଡିକ ମାଧ୍ୟମରେ ଯେକୌଣସି ଅର୍ଥ ବ୍ୟବସ୍ଥା ସମ୍ମୁଖରେ କି କି ସମସ୍ୟାଗୁଡିକ ଆସିଥାଏ। ଭାରତୀୟ ଅର୍ଥ ବ୍ୟବସ୍ଥାର ମୁଖ୍ୟ ବିଶେଷତ୍ୱ କ'ଣ, ତାହା ସହିତ ମଧ୍ୟ ରାଷ୍ଟ୍ରୀୟ ଆୟ ସହିତ ଜଡିତ କେତେକ କାରକ/ଉପାଦାନ ତଥା ମହତ୍ତ୍ୱପୂର୍ଣ୍ଣ ଆର୍ଥିକ ଅବଧାରଣାଗୁଡିକ ସହ ଆପଣମାନେ ପରିଚିତ । ଅର୍ଥ ବ୍ୟବସ୍ଥାର ଅଧ୍ୟୟନକୁ ଅଧିକ ମହତ୍ତ୍ୱପୂର୍ଣ୍ଣ କରି ଗଢି ତୋଳିବାକୁ ଏହାର ପ୍ରକ୍ରିୟା ଏବଂ ସେଥିରେ ଅଂଶୀଦାର ପ୍ରତିନିଧି ବିଷୟରେ ଜାଣିବା ଅତ୍ୟନ୍ତ ଉପଯୋଗୀ ହେବ । ଉଦାହରଣ ସ୍ୱରୂପ ଉତ୍ପାଦନ ପ୍ରକ୍ରିୟାର ଠିକ୍ ଅଧ୍ୟୟନ ସେତେବେଳେ ପୂର୍ଣ୍ଣ ହେବ, ଯେତେବେଳେ ଆମେ ଉତ୍ପାଦନ, ଉପଭୋଗ, ତଥା ନିବେଶ ସହିତ ଜଡିତ ପ୍ରତିନିଧି/ଏଜେଣ୍ଟଗୁଡିକର ବ୍ୟବହାରକୁ ଖୁବ୍ ଉତ୍ତମ ରୂପେ ବୁଝିନେବା । ଏହି ଅଧ୍ୟାୟରେ ଆମେ ଏପରି ଅଧ୍ୟୟନର ମହତ୍ତ୍ୱ ଉପରେ ଆଲୋଚନା କରିବା ଓ ଉକ୍ତ ବିଭିନ୍ନ ଆର୍ଥିକ ସମସ୍ୟାଗୁଡିକ ବୁଝି, ତାର ସମାଧାନ ପନ୍ଥା ବାହାର କରିବାକୁ କିଭଳି ସହାୟକ ହୋଇଥାଏ।

ଉଦ୍ଦେଶ୍ୟ

ଉକ୍ତ ପାଠକୁ ଅଧ୍ୟୟନ କରିବା ପରେ ଆପଣମାନେ

- ବ୍ୟଷ୍ଟି ଅର୍ଥଶାସ୍ତ୍ରର ଅର୍ଥ ବର୍ଣ୍ଣନା କରିପାରିବେ,
- ବ୍ୟଷ୍ଟି ତଥା ସମଷ୍ଟି ଅର୍ଥଶାସ୍ତ୍ର ମଧ୍ୟରେ ପ୍ରଭେଦ/ପାର୍ଥକ୍ୟ କରିପାରିବେ
- ବ୍ୟଷ୍ଟି ଅର୍ଥଶାସ୍ତ୍ରର ପରିସର ବିଷୟରେ ବର୍ଣ୍ଣନା କରିପାରିବେ, ତଥା
- ବର୍ଣ୍ଣନା କରିପାରିବେ ଯେ ଅର୍ଥଶାସ୍ତ୍ରର ଅଧ୍ୟୟନରେ ରେଖାଚିତ୍ରକୁ କିପରି ପ୍ରୟୋଗ କରାଯାଏ।

13.1 ବ୍ୟଷ୍ଟି ଅର୍ଥଶାସ୍ତ୍ର ଏବଂ ସମଷ୍ଟି ଅର୍ଥଶାସ୍ତ୍ର

(କ) ଅର୍ଥ

ବ୍ୟଷ୍ଟି ଓ ସମଷ୍ଟି ଅର୍ଥଶାସ୍ତ୍ର, ଅର୍ଥଶାସ୍ତ୍ରର ଦୁଇଟି ଅଂଶ। ବ୍ୟଷ୍ଟି ଅର୍ଥ କ୍ଷୁଦ୍ର । ଅର୍ଥାତ୍ ସୁକ୍ଷ୍ମ ବା ସଂକୁଚିତ। ତେଣୁ ଅର୍ଥ ବ୍ୟବସ୍ଥାର କୌଣସି ଏକ ସମସ୍ୟାର ଅଧ୍ୟୟନ ଆମେ ଯେତେବେଳେ

କରିଥାନ୍ତି ତାହା ବ୍ୟଷ୍ଟି ଅର୍ଥଶାସ୍ତ୍ରର ଅଧ୍ୟୟନ ହୋଇଥାଏ । ସମଷ୍ଟିର ଅର୍ଥ ବୃହତ୍ ବା ବଡ । ଅର୍ଥାତ୍ ସ୍ଥୁଳ ବା ବ୍ୟାପକ/ ବିସ୍ତୃତ । ସମସ୍ତ ଅର୍ଥ ବ୍ୟବସ୍ଥା/ ବାତାତ୍ ସମ୍ବନ୍ଧୀୟ ଜଡିତ ସମୁଦାୟର ଅଧ୍ୟୟନ ହିଁ ସମଷ୍ଟି ଅର୍ଥଶାସ୍ତ୍ରର ବିଷୟବସ୍ତୁ ହୋଇଥାଏ ।

ଆସନ୍ତୁ ଏହି ଧାରଣାଗୁଡିକୁ କେତେକ ଉଦାହରଣ ଦ୍ୱାରା ଅଧିକ ସ୍ୱଷ୍ଟ କରିବା । ମାନବ ଶରୀର ଅନେକ ଅବୟବ/ଅଂଗ ଓ କୋଷରେ ଗଠିତ । ଏହାର ସମସ୍ତ କୋଷର କିଛି ନା କିଛି ନିଶ୍ଚିତ କାର୍ଯ୍ୟ ରହିଛି ଏବଂ ଏମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ମଧ୍ୟ ରହିଛି । କେବଳ ଏକ କୋଷ ବା ଅଙ୍ଗର ଅଧ୍ୟୟନ ବ୍ୟଷ୍ଟି ସ୍ତରୀୟ ଅଧ୍ୟୟନ ହେବ । ଏହିଅଧ୍ୟୟନରୁ ଆମକୁ ମାନବ ଶରୀରର କାର୍ଯ୍ୟ ପଦ୍ଧତିକୁ ବୁଝିବାକୁ ସହାୟତା ମିଳିବ ।

ସମଗ୍ର ମାନବ ଶରୀରର ଏକାଠି ଅଧ୍ୟୟନ ହିଁ ସମଷ୍ଟିଗତ ଅଧ୍ୟୟନ ହେବ । ଠିକ୍ ଏହିପରି ଏକ ଅର୍ଥ ବ୍ୟବସ୍ଥାରେ ଉତ୍ପାଦନ, ଉପଭୋଗ, ତଥା ନିବେଶକୁ ଆଧାରଭୂତ ପ୍ରକ୍ରିୟା କୁହାଯାଇଥାଏ । ଏଗୁଡିକ ମଧ୍ୟରେ ପରସ୍ପର ସମ୍ପର୍କ ରହିଥାଏ । ପ୍ରତ୍ୟେକ ପ୍ରକ୍ରିୟାରେ ହଜାର ହଜାର ବ୍ୟକ୍ତି ତଥା ସଂସ୍ଥାଗୁଡିକ ଭାଗ ନେଇଥାନ୍ତି । ଏଗୁଡିକୁ ଆମେ ଆର୍ଥିକ ଏଜେଣ୍ଟ/ଅଭିକର୍ତ୍ତା କହିଥାନ୍ତି । ଏଗୁଡିକୁ ଆମେ 'ପରିବାର' ତଥା 'ଫାର୍ମ' ଆଦି ବର୍ଗରେ ବାଣ୍ଟି ଦେଇଥାନ୍ତି । ଉକ୍ତ ଆର୍ଥିକ ଗତିବିଧି ତଥା ଏହାର ପରିଚାଳନାରେ ଆର୍ଥିକ ଏଜେଣ୍ଟମାନଙ୍କର ବ୍ୟକ୍ତିଗତ ତଥା ସାମୁହିକ ଆଚରଣ/ ବ୍ୟବହାର ତଥା ଅନ୍ତସମ୍ବନ୍ଧର ଅଧ୍ୟୟନ ହିଁ ବ୍ୟଷ୍ଟି ଅର୍ଥଶାସ୍ତ୍ର । ଅନ୍ୟପକ୍ଷରେ ସମ୍ପୂର୍ଣ୍ଣ ଅର୍ଥ ବ୍ୟବସ୍ଥାର ସମସ୍ୟାବଳୀ ତଥା ସମୂହ ଅଧ୍ୟୟନ ସମଷ୍ଟି ଅର୍ଥ ଶାସ୍ତ୍ରୀୟ ଅଧ୍ୟୟନ ହେବ ।

(ଖ) ସମ୍ବନ୍ଧ

ବ୍ୟଷ୍ଟି ଏବଂ ସମଷ୍ଟି ଅର୍ଥଶାସ୍ତ୍ର, ଅର୍ଥଶାସ୍ତ୍ରରେ ଦୁଇଟି ଅଙ୍ଗ ହେଲେ ମଧ୍ୟ ଏ ଦୁଇଟି ପରସ୍ପର ଅଲଗା ନୁହନ୍ତି । ବାସ୍ତବରେ ଏ ଦୁଇଟି ମଧ୍ୟରେ ନିବିଡ ଅନ୍ତସମ୍ବନ୍ଧ ରହିଛି । ସମସ୍ତ ବ୍ୟଷ୍ଟି ସ୍ତରୀୟ ଅଧ୍ୟୟନ ସମଷ୍ଟି ଚଳମାନ ଶ୍ରେଣୀ ଯଥା ବ୍ୟକ୍ତି ଓ ସଂସ୍ଥାର ଅଧିକ ବିଶ୍ଳେଷଣରେ ସହାୟକ ହୋଇଥାଏ । ଏହି ଅଧ୍ୟୟନରୁ ନୀତି ତଥା କାର୍ଯ୍ୟକ୍ରମ ନିର୍ଦ୍ଧାରଣରେ ସହାୟତା ମିଳିଥାଏ ।

ଆସନ୍ତୁ, ଉଦାହରଣ ମାଧ୍ୟମରେ ଏହି ଅନ୍ତସମ୍ବନ୍ଧକୁ ଅଧିକ ସ୍ୱଷ୍ଟ କରିବା । ଯଦି କୌଣସି ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଏବଂ ତହିଁରେ କ୍ରେତା ଓ ବିକ୍ରେତାମାନଙ୍କର ଭୂମିକାର ସୂଚନା ମିଳୁଥିଲେ ସମଗ୍ର ଅର୍ଥବ୍ୟବସ୍ଥା ଠାରୁ ସାଧାରଣ ମୂଲ୍ୟ ସ୍ତରରେ ପରିବର୍ତ୍ତନର ବର୍ଣ୍ଣନା କରିବାକୁ ସହାୟତା ମିଳିପାରେ । କିନ୍ତୁ କୌଣସି ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଏବଂ ତହିଁରେ କ୍ରେତା-ବିକ୍ରେତାମାନଙ୍କ ଭୂମିକା ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ତଥା ଅର୍ଥ ବ୍ୟବସ୍ଥାରେ ସାଧାରଣ ମୂଲ୍ୟ ସ୍ତରରେ ପରିବର୍ତ୍ତନ ସମଷ୍ଟି ସ୍ତରର ଅଧ୍ୟୟନ । ଯଦି ଆମେ ଅର୍ଥ ବ୍ୟବସ୍ଥାର ସମ୍ପାଦନ କଥା କହନ୍ତି ତେବେ ପ୍ରତ୍ୟେକ କ୍ଷେତ୍ରୀୟ ତଥା ଉକ୍ତ କ୍ଷେତ୍ରୀୟର ସମସ୍ତ ଉତ୍ପାଦକ ଏକକ/ ସମୂହର ସମ୍ପାଦନର ଅଧ୍ୟୟନ କରିବାକୁ ହେବ । ଏଠାରେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରୀୟର ଉତ୍ପାଦକ ଏକକର ଅଧ୍ୟୟନ ବ୍ୟଷ୍ଟି

ଅର୍ଥଶାସ୍ତ୍ର ହିଁ ହେବ ଯାହାକି ସମସ୍ତ ଉତ୍ପାଦକ ଏକକ ଅଥବା ସମସ୍ତ କ୍ଷେତ୍ରୀୟମାନଙ୍କ ସମ୍ପାଦନର ଅଧ୍ୟୟନ ନିଶ୍ଚିତ ଭାବେ ସମଷ୍ଟି ସ୍ତରୀୟ ଅଧ୍ୟୟନ ହେବ । ଅତଏବ : ବ୍ୟଷ୍ଟି ଅର୍ଥଶାସ୍ତ୍ର ତଥା ସମଷ୍ଟି ଅର୍ଥଶାସ୍ତ୍ର ଏକ ଅର୍ଥ ବ୍ୟବସ୍ଥାର ଦୁଇଟି ପରସ୍ପର ସମ୍ବନ୍ଧିତ ଅଂଶ ।

(ଗ) ବ୍ୟଷ୍ଟି ଏବଂ ସମଷ୍ଟି ଅର୍ଥଶାସ୍ତ୍ର ମଧ୍ୟରେ ପାର୍ଥକ୍ୟ :

ବ୍ୟଷ୍ଟି ଅର୍ଥଶାସ୍ତ୍ର	ସମଷ୍ଟି ଅର୍ଥଶାସ୍ତ୍ର
1 ଆର୍ଥିକ ସିଦ୍ଧାନ୍ତର ସେହି ଶାଖା ଯେଉଁଥିରେ ଗୋଟିଏ ଫାର୍ମ, ଗୋଟିଏ ପରିବାର ବା ଉପଭୋକ୍ତା ଭଳି ବ୍ୟକ୍ତିସ୍ତରୀୟ ଏକକର ଅଧ୍ୟୟନ ହୋଇଥାଏ ।	1. ଅର୍ଥଶାସ୍ତ୍ରର ଏହି ଶାଖାରେ ସମସ୍ତ ଅର୍ଥ ବ୍ୟବସ୍ଥା ବା ସମୁଦାୟର ଅଧ୍ୟୟନ ହୋଇଥାଏ । ଏଠାରେ ଆମେ ଆୟ, ସାଧାରଣ ମୂଲ୍ୟ ସ୍ତର, ବାସ୍ତବିକ ମୋଟ ଘରୋଇ ଉତ୍ପାଦ (GDP) ଇତ୍ୟାଦିର ଆଲୋଚନା କରନ୍ତି ।
2. ଏହା କୌଣସି ଏକ ଫାର୍ମ/ ଉଦ୍ୟୋଗର ଦର ତଥା ଉତ୍ପାଦନର ନିର୍ଦ୍ଧାରଣରେ ଜଡିତ । ଏହି କାରଣରୁ ଏହାକୁ "ଦର ନିର୍ଦ୍ଧାରଣ ତତ୍ତ୍ୱ" ମଧ୍ୟ କହନ୍ତି । ଦର ନିର୍ଦ୍ଧାରଣ ହିଁ ବ୍ୟଷ୍ଟି ଅର୍ଥଶାସ୍ତ୍ରର ମୁଖ୍ୟ ବିଷୟବସ୍ତୁ ।	2. ଏହା ସମଗ୍ର ଅର୍ଥ ବ୍ୟବସ୍ଥାରେ ଉତ୍ପାଦନ ଓ ଆୟ ନିର୍ଦ୍ଧାରଣ ସହିତ ଜଡିତ । ଏହି କାରଣରୁ ଏହାକୁ "ଆୟ ନିର୍ଦ୍ଧାରଣ ତତ୍ତ୍ୱ" ମଧ୍ୟ କୁହାଯାଏ, ଆୟ ନିର୍ଦ୍ଧାରଣ ସମଷ୍ଟି ଅର୍ଥଶାସ୍ତ୍ରର ବିଷୟବସ୍ତୁ ।
3. ଏକ ବ୍ୟକ୍ତି/ପରିବାର ବା ଫାର୍ମ ଦ୍ୱାରା ସାଧନ/ ସମ୍ବଳର ଆବଣ୍ଟନ ହିଁ ବ୍ୟଷ୍ଟି ଅର୍ଥଶାସ୍ତ୍ର ପ୍ରାଥମିକ ଉଦ୍ଦେଶ୍ୟ ।	3. ସମଷ୍ଟି ଅର୍ଥଶାସ୍ତ୍ର ସମସ୍ତ ଉତ୍ପାଦନ, ରୋଜଗାର ତଥା ଅର୍ଥ ବ୍ୟବସ୍ଥାର ସ୍ଥାୟିତ୍ୱ ଜନିତ ହୋଇଥିବା ସମଗ୍ର ଖର୍ଚ୍ଚ ମଧ୍ୟରେ ସମୂହ ମଧ୍ୟରେ ଥିବା ସମ୍ପର୍କର ଆଲୋଚନା ସହିତ ଜଡିତ ।
4. ଅଧିକ ଲାଭ ପ୍ରାପ୍ତି ପାଇଁ ଅଧିକ ଗହମ ଉତ୍ପାଦନ କୌଣସି ଏକ ଚାଷୀ ପାଇଁ ଉଚିତ ନୀତି ନିର୍ଣ୍ଣୟ ହୋଇପାରେ ।	4. ଯଦି କୃଷକ ଅଧିକ ଗହମ ଉତ୍ପାଦନ କରନ୍ତି ତେବେ, ବଜାରରେ ଅଧିକ ଯୋଗାଣ ଜନିତ ଦର ହ୍ରାସ ହୋଇଥାଏ, ତେଣୁ ଯେଉଁ ବିଷୟ ଏକମାତ୍ର ଜଣେ କୃଷକ ହିତରେ ଥିବାବେଳେ ଏହା ସାମୂହିକ ସ୍ତରରେ ସର୍ବଦା ଏପରି ହୋଇପାରିନଥାଏ ।

ମନେରଖ :

- ଅର୍ଥ ବ୍ୟବସ୍ଥାର ଏକ ଏକକ ଯେପରି ଏକ ଫାର୍ମ ବା ଉଦ୍ୟୋଗ ବା ପୁଣି ଏକ ପରିବାର/କ୍ରେତା ଇତ୍ୟାଦିର ଅଧ୍ୟୟନ ବ୍ୟଷ୍ଟି ଅର୍ଥଶାସ୍ତ୍ର । ଅର୍ଥ ବ୍ୟବସ୍ଥାର ଏକ ପାର୍ଶ୍ୱ ଯେପରି ବେରୋଜଗାରୀର ଏକ ସ୍ତର, ଅଭିବୃଦ୍ଧି ସାଧାରଣ ମୂଲ୍ୟ ସ୍ତର ଇତ୍ୟାଦିର ଅଧ୍ୟୟନ ସମଷ୍ଟି ଅର୍ଥଶାସ୍ତ୍ର ହୁଏ ।
- ବ୍ୟଷ୍ଟି ଓ ସମଷ୍ଟି ଅର୍ଥଶାସ୍ତ୍ର, ଅର୍ଥଶାସ୍ତ୍ରର ଦୁଇଟି ପରିପୂରକ ଅଂଶ । ଏଗୁଡିକ ପୃଥକ ହେଲେ ମଧ୍ୟ ପରସ୍ପର ସମ୍ବନ୍ଧିତ । ଗୋଟିଏରୁ ଅନ୍ୟର ଅଧ୍ୟୟନ ପାଇଁ ସହାୟତା ମିଳିଥାଏ ।

ପାଠ୍ୟଗତ ପ୍ରଶ୍ନ 13.1

ନିମ୍ନ ଉକ୍ତିରୁ ଭୁଲ/ଠିକ୍ କୁହ :

(i) ବ୍ୟଷ୍ଟି ଓ ସମଷ୍ଟି ଅର୍ଥଶାସ୍ତ୍ର, ଅର୍ଥଶାସ୍ତ୍ରର ଦୁଇଟି ଅସମ୍ବନ୍ଧିତ ଅଙ୍ଗ ।

(ii) ସୂତା ବସ୍ତ୍ର ଉଦ୍ୟୋଗର ସମସ୍ୟାଗୁଡିକର ଅଧ୍ୟୟନ ଏକ ବ୍ୟଷ୍ଟି ଅର୍ଥଶାସ୍ତ୍ରୀୟ ଅଧ୍ୟୟନ ହେବ ।

(iii) ଅର୍ଥ ବ୍ୟବସ୍ଥାରେ ସାଧାରଣ ମୂଲ୍ୟ ସ୍ତରର ଅଧ୍ୟୟନ ଏକ ସମଷ୍ଟି ଅର୍ଥଶାସ୍ତ୍ରୀୟ ଅଧ୍ୟୟନ ହେବ ।

(iv) ସମଷ୍ଟି ଅଧ୍ୟୟନ ଅର୍ଥ ବ୍ୟବସ୍ଥାର କୌଣସି ଏକ ଏକକର ଅଧ୍ୟୟନ ଅଟେ ।

(v) କୌଣସି ଅର୍ଥନୈତିକ ଅଭିକର୍ତ୍ତା/ଏଜେଣ୍ଟର ବ୍ୟକ୍ତିଗତ ବ୍ୟବହାରର ଅଧ୍ୟୟନ ସମଷ୍ଟି ଅର୍ଥଶାସ୍ତ୍ରର ଅଧ୍ୟୟନ ।

13.2 ବ୍ୟଷ୍ଟି ଅର୍ଥଶାସ୍ତ୍ରର ପରିସର

ଏହା ଆପଣ ଜାଣିଛନ୍ତି ଯେ କୌଣସି ଅର୍ଥ ବ୍ୟବସ୍ଥାରେ ଉତ୍ପାଦନ, ଉପଭୋଗ ଏବଂ ନିବେଶ, ତିନୋଟି ମଧ୍ୟରେ ପରସ୍ପର ସମ୍ବନ୍ଧିତ ପ୍ରକ୍ରିୟା ରହିଥାଏ । ସମସ୍ତ ଆର୍ଥିକ କାର୍ଯ୍ୟକଳାପ ଏହି ତିନୋଟି ପ୍ରକ୍ରିୟା ସହିତ ଜଡିତ ହୋଇଥାଏ । ଏହି ପ୍ରକ୍ରିୟାରେ କାର୍ଯ୍ୟକଳାପରେ ସଂଶ୍ଲିଷ୍ଟ ବ୍ୟକ୍ତି/ସଂସ୍ଥାମାନଙ୍କୁ ଆମେ ଅର୍ଥନୈତିକ ଅଭିକର୍ତ୍ତା/ଏଜେଣ୍ଟ ବା ଆର୍ଥିକ ଏକକ କହନ୍ତି । ଏହି ଅଭିକର୍ତ୍ତା ବା ଏକକ ଉପଭୋକ୍ତା, ଉତ୍ପାଦକ ବା ଉତ୍ପାଦନରେ ସାଧନର ମାଲିକ ଅଟନ୍ତି । ଗୋଟିଏ ଗୋଷ୍ଠୀ ଅଭିକର୍ତ୍ତାମାନଙ୍କ କାର୍ଯ୍ୟକଳାପ ଦ୍ୱାରା ଅନ୍ୟଗୋଷ୍ଠୀର ଅଭିକର୍ତ୍ତାମାନଙ୍କ କାର୍ଯ୍ୟକଳାପ ପ୍ରଭାବିତ ହୋଇଥାଏ ଏବଂ ଏମାନଙ୍କ ପାରସ୍ପରିକ କାର୍ଯ୍ୟ ଦ୍ୱାରା କୌଣସି ଦ୍ରବ୍ୟ ବା ସାଧନର ମୂଲ୍ୟ, ଉପଭୋକ୍ତା ବା ଉତ୍ପାଦକମାନଙ୍କ ସଂଖ୍ୟା ଇତ୍ୟାଦି ଅନେକ ଅର୍ଥନୈତିକ ଉପାଦାନ ବା

ଆଚରଣ ଉପରେ ପ୍ରଭାବ ପଡିଥାଏ ।

ଏହି ଅର୍ଥନୈତିକ ଏକକ ଗୁଡିକର ଆଚରଣର ଅଧ୍ୟୟନ ହିଁ ବ୍ୟଷ୍ଟି ଅର୍ଥଶାସ୍ତ୍ରର ବିଷୟବସ୍ତୁ ବା ପରିସର । ଉପଭୋକ୍ତା ରୂପରେ ବ୍ୟକ୍ତି/ ପରିବାର ନିଜର ଆୟକୁ ବିଭିନ୍ନ ଉପଯୋଗ ମଧ୍ୟରେ କିପରି ଭାବରେ ବଣ୍ଟନ କରିଥାଏ ? ଉତ୍ପାଦକ ଅଥବା ଫାର୍ମ ବିଭିନ୍ନ ଦ୍ରବ୍ୟ ତଥା ସେବା ଉତ୍ପାଦନରେ ନିଜର ସମ୍ବଳକୁ କିପରି ଭାବେ ଆବଣ୍ଟନ କରିଥାନ୍ତି ? କୌଣସି ଦ୍ରବ୍ୟର ଦର କିପରି ନିର୍ଦ୍ଧାରଣ ହୁଏ ? କୌଣସି ଉତ୍ପାଦକ ସମ୍ବଳର ଦର କିପରି ସ୍ଥିର କରାଯାଏ ? ବ୍ୟଷ୍ଟି ଅର୍ଥଶାସ୍ତ୍ରର ସମ୍ପର୍କ ଏଭଳି ପ୍ରଶ୍ନ ସହିତ ଜଡିତ । ଉଦାହରଣ ସ୍ୱରୂପ ଏକ ଉପଭୋକ୍ତାର ଆୟ ସୀମିତ ମାତ୍ର କିନ୍ତୁ ଆବଶ୍ୟକତାଗୁଡିକ ଅସୀମ । ଆବଶ୍ୟକତାର ପୂରଣ ଦ୍ରବ୍ୟ ଓ ସେବା ଦ୍ୱାରା ହିଁ ହୋଇଥାଏ । ବ୍ୟକ୍ତିକୁ ନିଜ ଆୟର ବିଭିନ୍ନ ଦ୍ରବ୍ୟ/ସେବା କ୍ରୟ କରିବା ମଧ୍ୟରେ ବିଭାଜନ କରିବାକୁ ପଡିବ । ତାଙ୍କର ଲକ୍ଷ୍ୟ, ଅଧିକତମ ତୃପ୍ତି ପାଇବାକୁ ହେବ ମାତ୍ର ଏହା ମଧ୍ୟ ପ୍ରଶ୍ନ ଯେ ଏହି ଲକ୍ଷ୍ୟ ପ୍ରାପ୍ତି ପାଇଁ ନିଜ ଆୟକୁ କିପରି ଭାବେ ଖର୍ଚ୍ଚ କରିବେ ଏବଂ ଦ୍ରବ୍ୟର ଦାମ୍ ଇତ୍ୟାଦିରେ ହେଉଥିବା ବାରମ୍ବାର ପରିବର୍ତ୍ତନ ପ୍ରତି କି ପ୍ରକାର ବ୍ୟବହାର କରିବେ । ଉପଭୋକ୍ତାଙ୍କର ଏହି ଦିଗରୁ ସମସ୍ତ ଚେଷ୍ଟା ଏବଂ ପ୍ରତିକ୍ରିୟା ବ୍ୟଷ୍ଟି ଅର୍ଥଶାସ୍ତ୍ରର ଅଙ୍ଗ । ଠିକ୍ ଏହିପରି ଉତ୍ପାଦକ ଅଥବା ଫାର୍ମର ଲକ୍ଷ ପ୍ରାୟଃ ଅଧିକତମ ଲାଭାଂଶ ପଇବାକୁ । କୌଣସି ବସ୍ତୁ କେତେ ମାତ୍ରାରେ ଉତ୍ପାଦିତ କରାଯିବ । ଉପଭୋକ୍ତାମାନଙ୍କ କାର୍ଯ୍ୟ ପ୍ରତି କି ପ୍ରକାର ପ୍ରତିକ୍ରିୟା କରା ହେବ ? ଉପଭୋକ୍ତା ଓ ଉତ୍ପାଦକଙ୍କ ଚେଷ୍ଟା ତଥା ପ୍ରତିକ୍ରିୟାର ଅଧ୍ୟୟନ ମଧ୍ୟ ଏହି ବ୍ୟଷ୍ଟି ଅର୍ଥଶାସ୍ତ୍ରର ଅନ୍ତର୍ଗତ । ଉପଭୋକ୍ତା/ଉତ୍ପାଦକଙ୍କ ଉଦ୍ୟମ ତଥା ପ୍ରତିକ୍ରିୟାର ପ୍ରଭାବ ଦ୍ରବ୍ୟର ମୂଲ୍ୟ ଉପରେ ପଡିଥାଏ । ଏହି ପ୍ରଭାବର ଅଧ୍ୟୟନ ମଧ୍ୟ ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ହୋଇଥାଏ । ଆଗାମୀ ଅଧ୍ୟାୟରେ ଆପଣମାନଙ୍କୁ ଏହି ବିଷୟରେ ବିସ୍ତୃତ ଜ୍ଞାନ ଦିଆଯିବ ।

ବିଭିନ୍ନ ଏକକଗୁଡିକର ଆଚରଣ ତଥା ପାରସ୍ପରିକ ସମ୍ବନ୍ଧର ଅଧ୍ୟୟନ ଦ୍ୱାରା ଅନେକ ବ୍ୟଷ୍ଟି ଅର୍ଥନୈତିକ ସିଦ୍ଧାନ୍ତ/ତତ୍ତ୍ୱର ରଚନା ହୋଇଛି । ଯେପରି ଉପଭୋକ୍ତା ଆଚରଣ ସିଦ୍ଧାନ୍ତ, ଫାମ ସିଦ୍ଧାନ୍ତ, ଦର ନିର୍ଦ୍ଧାରଣ ସିଦ୍ଧାନ୍ତ, ମଜୁରୀ ନିର୍ଦ୍ଧାରଣ ସିଦ୍ଧାନ୍ତ, ଅଧିଶେଷ ତତ୍ତ୍ୱ, ସୁଧ ନିର୍ଦ୍ଧାରଣ ତତ୍ତ୍ୱ ଏବଂ ଲାଭ ସିଦ୍ଧାନ୍ତ ଇତ୍ୟାଦି ।

ଏହି ସିଦ୍ଧାନ୍ତର ଜ୍ଞାନ ଆମକୁ ନିଜ ଜୀବନରେ ଆସୁଥିବା ଅନେକ ସମସ୍ୟାଗୁଡିକୁ ବୁଝିବାକୁ ସାହାଯ୍ୟ କରିଥାଏ । ଉଦାହରଣ ସ୍ୱରୂପ, ଗ୍ରୀଷ୍ମଋତୁରେ ଦୁଧ ମହଙ୍ଗା ହୋଇଥାଏ କାହିଁକି ? ପେଟ୍ରୋଲ ଦାମ ଦୁଧ ଦାମ ଠାରୁ ଅଧିକ କାହିଁକି ? ସରକାର କୃଷକମାନଙ୍କୁ କାହିଁକି ଆର୍ଥିକ ସହାୟତା ଦିଏ ବା ସରକାର ଉଚିତ୍ ଦାମ ଦୋକାନରେ କେତେକ ଆବଶ୍ୟକ ଦ୍ରବ୍ୟର ବିକ୍ରି କରାଇଥାନ୍ତି କାହିଁକି ? ଇତ୍ୟାଦି ।

ମନେରଖ

- ବ୍ୟଷ୍ଟି ଅର୍ଥଶାସ୍ତ୍ର ଏକ ଅର୍ଥନୈତିକ ଏକକର ଆଚରଣର ଅଧ୍ୟୟନ । ଏହି ଏକକ ପରିବାର, ଉତ୍ପାଦକ ବା ଉତ୍ପାଦନର ସମ୍ବଳର ମାଲିକ ମଧ୍ୟ ହୋଇଥାନ୍ତି ।
- ବ୍ୟଷ୍ଟି ଅର୍ଥନୈତିକ ଅଧ୍ୟୟନରେ ବିଭିନ୍ନ ଆର୍ଥିକ ଉପାଦାନଗୁଡ଼ିକ ମଧ୍ୟରେ ଅନ୍ତର୍ସମ୍ବନ୍ଧ ମଧ୍ୟ ସମ୍ମିଳିତ ହୋଇଥାଏ । ଉଦାହରଣ ସ୍ୱରୂପ ଉପଭୋକ୍ତାମାନଙ୍କ କ୍ରୟ ନିର୍ଣ୍ଣୟ ତଥା ଦାମ ସହିତ ସମ୍ପର୍କ ବା ଉତ୍ପାଦକର ଉତ୍ପାଦନ ବିଷୟକ ନିଷ୍ପତ୍ତି ଏବଂ ଦାମ ସହିତ ସମ୍ବନ୍ଧ ଇତ୍ୟାଦି ।

ପାଠ୍ୟଗତ ପ୍ରଶ୍ନ 13.2

ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(i) ଏକ ଉତ୍ପାଦକ ଦ୍ୱାରା ବିଭିନ୍ନ ବସ୍ତୁ/ ସେବାର ଉତ୍ପାଦନ ଯୋଗୁଁ ସଂଶାଧନର ବିଭାଜନର ଅଧ୍ୟୟନ.............. ଅର୍ଥଶାସ୍ତ୍ରର ବିଷୟବସ୍ତୁ । (ସମଷ୍ଟି, ବ୍ୟଷ୍ଟି)

(ii) ଉପଭୋକ୍ତାଙ୍କ କାର୍ଯ୍ୟ ଓ ପ୍ରତିକ୍ରିୟାର ଅଧ୍ୟୟନ ଏକ .... ଅର୍ଥଶାସ୍ତ୍ରୀୟ ଅଧ୍ୟୟନ । (ସମଷ୍ଟି, ବ୍ୟଷ୍ଟି)

(iii) କୌଣସି ବସ୍ତୁର ଦାମ ଏବଂ କ୍ରୟ/ବିକ୍ରୟର ପରିମାଣ ସହିତ ସମ୍ବନ୍ଧ ଏକ .... ଅର୍ଥଶାସ୍ତ୍ରୀୟ ଅଧ୍ୟୟନ । (ବ୍ୟଷ୍ଟି, ସମଷ୍ଟି)

(iv) ଆମର ଆବଶ୍ୟକତାଗୁଡ଼ିକ .... ହୋଇଥାଏ । (ସୀମିତ, ଅସୀମିତ)

(v) ଉକ୍ତ ସମ୍ବଳ (ଆୟ) ଯାହାଦ୍ୱାରା ଆମେ ନିଜର ଆବଶ୍ୟକତାର ପୂରଣ କରିବାକୁ ଚେଷ୍ଟା କରିଥାନ୍ତି, ତାହା .... ହୋଇଥାଏ (ସୀମିତ, ଅସୀମିତ)

13.3 ଅର୍ଥଶାସ୍ତ୍ରରେ ରେଖାଚିତ୍ରର ବ୍ୟବହାର

ଅର୍ଥଶାସ୍ତ୍ରରେ ରେଖାକୃତି/ ରେଖାଚିତ୍ରଗୁଡ଼ିକର ବ୍ୟାପକ ବ୍ୟବହାର ହୋଇଥାଏ । ଏହି ଚିତ୍ର ଦୁଇଟି ବିଚରଣ ଉପାଦାନ ମଧ୍ୟରେ ସମ୍ବନ୍ଧ ଏବଂ ପାରସ୍ପରିକ ପ୍ରତିକ୍ରିୟାର ବିଶ୍ଳେଷଣରେ ଅନେକ ଉପଯୋଗୀ ହୋଇଥାଏ । ବ୍ୟଷ୍ଟି ଅର୍ଥଶାସ୍ତ୍ରୀୟ ସମସ୍ୟା ସହିତ ଜଡ଼ିତ ଆଗାମୀ ତିନୋଟି ଅଧ୍ୟାୟରେ ବିଭିନ୍ନ ପ୍ରକାର ରେଖାଚିତ୍ର ସହ ଆପଣଙ୍କ ପରିଚୟ ହେବ ।

(କ) ରେଖାଚିତ୍ର କିପରି ତିଆରି କରାଯାଏ ?

ସର୍ବପ୍ରଥମେ ଆମେ ସମକୋଣ (90^0) ଉପରେ ପରସ୍ପର ପ୍ରତିଚ୍ଛେଦ ହେଉଥିବା ଦୁଇଟି

ସରଳରେଖା ଟାଣିବା। ଚିତ୍ର 13.1ରେ x^1x ତଥା yy^1 ଏପରି ଦର୍ଶାଯାଇଛି ଯାହା ବିନ୍ଦୁ ୦ ଉପରେ ପରସ୍ପରକୁ ଛେଦ କରୁଛନ୍ତି । x^1xକୁ ଆମେ ଭୂସମାନ୍ତରାଳ ଓ $y\ y^1$କୁ ଭୂଲମ୍ବ ଅକ୍ଷ କହନ୍ତି। ସାଧାରଣ ଭାବରେ ଏହାକୁ କ୍ରମାଗତ ଭାବେ x ତଥା y ଅକ୍ଷ ମଧ୍ୟ କୁହାଯାଇଥାଏ। ବିନ୍ଦୁ ୦ କୁ ଶୁନ ବି ପଢାଯାଇଥାଏ। ପ୍ରତ୍ୟେକ ଅକ୍ଷ ପରିବର୍ତ୍ତନଶୀଳ ଉପାଦାନକୁ ଦର୍ଶାଇଥାଏ। ବିନ୍ଦୁ ୦ ରୁ ଦକ୍ଷିଣକୁ x ଅକ୍ଷ ଉପରେ ଉପଯୁକ୍ତ ଉପାଦାନର ଧନାତ୍ମକ ମାତ୍ରା (ରାଶି) ଦର୍ଶାଯାଇଥାଏ ଓ ବାମପାର୍ଶ୍ୱରେ ରଣାତ୍ମକ। ସେହିପରି ଅକ୍ଷ yରେ ବିନ୍ଦୁ ୦ ରୁ ଉପରକୁ ଧନାତ୍ମକ ଓ ତଳକୁ ରଣାତ୍ମକ ମାନ ଦର୍ଶାଯାଏ। ପ୍ରତ୍ୟେକ ଅକ୍ଷ ଉପରେ ସମାନ ବ୍ୟବଧାନରେ ସଂଖ୍ୟାଗୁଡିକର ସମାନ ମାନକୁ ଦର୍ଶାଯାଏ।

ଚିତ୍ର 13.1ରେ ଧ୍ୟାନ ଦିଅନ୍ତୁ। ଏଠାରେ OA ବ୍ୟବଧାନ ବସ୍ତୁର ଗୋଟିଏ ଏକକକୁ ଦର୍ଶାଇଅଛି । AB=OA ମଧ୍ୟ ଅକ୍ଷ ଉପରିସ୍ଥ ଅନ୍ୟ ଏକକ । ତେଣୁ OB ଦୁଇଟି ଏକକର ସମାନ ହେବ। ସେହିପରି y ଅକ୍ଷକୁ ମଧ୍ୟ ସମାନ ଅଂଶରେ ବିଭକ୍ତ କରାଯାଏ। ପ୍ରତ୍ୟେକ ଅଂଶ ବସ୍ତୁର ସମାନ ମାତ୍ରା ଦର୍ଶାଏ। ଚିତ୍ରରେ ପ୍ରତ୍ୟେକ ଅକ୍ଷକୁ କେତେକ ଅଂଶରେ ବିଭାଜିତ କରିବାକୁ ହେବ ଓ ପ୍ରତ୍ୟେକ ଅଂଶ କେତେ ମାତ୍ରା ଦର୍ଶାଇବ ଏ ନିର୍ଣ୍ଣୟ ସେହି ଅକ୍ଷ ଉପରେ ଦର୍ଶାଯାଉଥିବା ବସ୍ତୁର ସମଗ୍ର ମାତ୍ରା ଉପରେ ନିର୍ଭର କରେ।



ଚିତ୍ର 13.1ରେ ଆମେ x ତଥା y ଅକ୍ଷକୁ ୫.୫ ସମାନ ଭାଗରେ ବିଭକ୍ତ କଲେ ଏବଂ ପ୍ରତ୍ୟେକ ଅକ୍ଷ ଉପରେ ପ୍ରତ୍ୟେକ ଭାଗ ଏକ ଏକକ ଦର୍ଶାଉଅଛି । x ଅକ୍ଷ ଉପରେ OE ବ୍ୟବଧାନ ୫ଟି ଏକକ ଓ yରେ OE ବ୍ୟବଧାନ ମଧ୍ୟ ୫ଟି ଏକକ ଦର୍ଶାଏ।

(ଖ) ଉପଲବ୍ଧ ତଥ୍ୟାବଳୀର ଚିତ୍ରାଙ୍କନ କିପରି କରାଯାଏ ।

ଆସନ୍ତୁ ଏକ ଉଦାହରଣ ନେବା, ତାଲିକା 13.1 କଲମର ବିଭିନ୍ନ ମୂଲ୍ୟ ତଥା ମୂଲ୍ୟ ଉପରେ କଲମର କ୍ରୟ ସଂଖ୍ୟାକୁ ଦର୍ଶାଯାଇଛି। ତେଣୁ କଲମର ଦାମ ରେଖାଚିତ୍ରର ଏକ ଉପାଦାନ ଓ କଲମର କ୍ରୟ ସଂଖ୍ୟା ଅନ୍ୟ ଏକ ଉପାଦାନ।

ତାଲିକା 13.1

କଲମର ଦାମ (ଟଙ୍କା କଲମ ପ୍ରତି)	କିଣାଯାଇଥିବା କଲମର ସଂଖ୍ୟା
5	10
4	20
3	30
2	40
1	50

ଉପରୋକ୍ତ ତାଲିକା ଦର୍ଶାଉଅଛି ଯେ କଲମର ଦାମ ପରିବର୍ତ୍ତନ ଫଳରେ ଏହାର କ୍ରୟ ପରିମାଣ ଉପରେ ପ୍ରଭାବ ପଡୁଅଛି । କଲମର ଦାମକୁ ଆମେ 'ସ୍ୱତନ୍ତ୍ର ରାଶି' କହନ୍ତି ଯାହାକୁ y ଅକ୍ଷରେ ଦର୍ଶାଯାଇଛି । କିଣାଯାଇଥିବା କଲମର ସଂଖ୍ୟା ଦାମ ଉପରେ ନିର୍ଭର କରୁଥିବାରୁ ଏହାକୁ 'ନିର୍ଭରଶୀଳ ରାଶି' କୁହାଯାଏ ଯାହା x ଅକ୍ଷ ଉପରେ ଦର୍ଶାଯାଇଛି । ତେଣୁ ଚିତ୍ର 13.2ରେ y ଅକ୍ଷ କଲମର ମୂଲ୍ୟ ତଥା x ଅକ୍ଷ କିଣାଯାଇଥିବା କଲମର ପରିମାଣ ଦର୍ଶାଉଅଛି । x ଅକ୍ଷକୁ ୫ଟି ସମାନ ଭାଗରେ ବିଭକ୍ତ କରାଯାଇଛି । ଏହାର ପ୍ରତ୍ୟେକ ଭାଗକୁ ୧୦ଟି କଲମର ମାତ୍ରାକୁ ଦର୍ଶାଏ । y ଅକ୍ଷକୁ ୫ଟି ସମାନ ଭାଗରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ଭାଗ ଏକ ଟଙ୍କା ଦର୍ଶାଉଅଛି । ତେଣୁ ପ୍ରତ୍ୟେକ ଭାଗ ଦ୍ୱାରା ୦, ୧୦, ୨୦, ୩୦, ୪୦ ଓ ୫୦ କଲମ ଦର୍ଶାଯାଇଛି । ଉଦାହରଣ ସ୍ୱରୂପ y ଅକ୍ଷ ଉପରେ ଅଙ୍କିତ 0, 1, 2, 3, 4 ଓ 5 ବିନ୍ଦୁ ଯଥାକ୍ରମେ 0, 1, 2, 3, 4 ଓ 5 ଟଙ୍କାକୁ ଦର୍ଶାଉଅଛି । x ଅକ୍ଷ ଉପରେ 0-40 ବ୍ୟବଧାନ ଜୁଟାଉଅଛି ଯେ କିଣାଯାଇଥିବା କଲମ ସଂଖ୍ୟା 40 ସେହିପରି y ଅକ୍ଷ ଉପରେ 0-3 ବ୍ୟବଧାନ ଦର୍ଶାଉଅଛି ଯେ କଲମରଦାମ କଲମ ପ୍ରତି ୩ଟଙ୍କା ।



କିଣାଯାଉଥିବା କଲମ ସଂଖ୍ୟା

ଚିତ୍ର 13.2 ସରଳ ରେଖା ବକ୍ର

y ଅକ୍ଷ ଉପରେ ୫ ଟଙ୍କା ଦାମ ବିନ୍ଦୁରୁ ଆମେ y ରେଖା ଉପରେ ଏକ ଲମ୍ବ ଅଙ୍କନ କରିବା (OY ଉପରେ ଯାହା 90^0 କୋଣ ସୃଷ୍ଟି କରିବ) ଏହି ରେଖାରେ ୫ ଟଙ୍କା ଦାମର ୧୦ଟି କଲମ କିଣାଯାଇଛି। (ତାଲିକା 13.1) 0x ଅକ୍ଷରେ 10 ଦର୍ଶାଉଥିବା ବିନ୍ଦୁ ଉପରେ OX ରେଖା ଉପରେ ଏକ ଲମ୍ବ ଅଙ୍କନ କରିବା। ଏହି ଦୁଇଟି ରେଖା ପରସ୍ପରକୁ A ବିନ୍ଦୁରେ ଛେଦ କରିବେ। ତେଣୁ ଏହି ବିନ୍ଦୁ କଲମର ଦାମ ୫ ଟଙ୍କା ଓ ଏହି ଦାମରେ କିଣାଯାଇଥିବା କଲମର ସଂଖ୍ୟା ୧୦ । ଏହା ଉଭୟଙ୍କୁ ପ୍ରତିନିଧିତ୍ୱ କରୁଅଛି। ଠିକ୍ ସେହିପରି B ବିନ୍ଦୁ ଉପରେ ୪ ଟଙ୍କା ଦାମରେ ୨୦ଟି କଲମର କ୍ରୟ ଦେଖାଉଅଛି। ଏହିପରି C, D ତଥା E ବିନ୍ଦୁ ମଧ୍ୟ ଅଙ୍କନ କରାଯାଇଛି । ଏହି ପାଞ୍ଚଟି ବିନ୍ଦୁ A, B, C, D ଓ E ତାଲିକା 13.1ର ସମ୍ପୂର୍ଣ୍ଣ ତଥ୍ୟକୁ ପ୍ରତିଫଳିତ କରୁଅଛି। ଏହାକୁ ଯୋଗ କରୁଥିବା ସରଳରେଖା A, B, C, D, E। ଏହାକୁ ସରଳରେଖା ବକ୍ର କୁହାଯାଏ । ଏହାର ପ୍ରତ୍ୟେକ ବିନ୍ଦୁ ପ୍ରତି କଲମ ଏକ ଦାମ ତଥା ସେହି ଦାମରେ କିଣାଯାଇଥିବା ଲମର ସଂଖ୍ୟାକୁ ପ୍ରତିପାଦିତ କରୁଅଛି ।

ଧ୍ୟାନ ଦିଅନ୍ତୁ ଯେ ଏହି ବକ୍ର ବାମରୁ ଦକ୍ଷିଣକୁ କ୍ରମଶଃ ନିମ୍ନଗାମୀ ହୋଇଛି। ତେଣୁ 'ସ୍ୱତନ୍ତ୍ର ରାଶି' ଦାମ୍ ତଥା 'ନିର୍ଭରଶୀଳ ରାଶି' କ୍ରୟ ସଂଖ୍ୟା ମଧ୍ୟରେ ଏକ "ବିପରିତ ଧର୍ମୀ ସମ୍ବନ୍ଧ" ରହିଛି । ଦାମ୍‌ର ହ୍ରାସ ସହିତ ଅଧିକ କଲମ କିଣାଯାଇପାରୁଛି ।

ଏଠାରେ ଏକ ପ୍ରଶ୍ନ ଉଠୁଛି ଯେ ଏହି ବକ୍ର କ'ଣ ସର୍ବଦା ସରଳରେଖା ହେବ ? ନା। ଏପରି ସର୍ବଦା ନୁହେଁ। ଆମକୁ ଦୁଇ ପ୍ରକାର ବାମରୁ ଦକ୍ଷିଣକୁ କ୍ରମଶଃ ନିମ୍ନଗାମୀ ବକ୍ର ମିଳିଥାଏ। ଚିତ୍ର 13.3 ଏକ ବକ୍ର ଦର୍ଶାଯାଇଛି। ଯାହା ବାମରୁ ଦକ୍ଷିଣକୁ ନିମ୍ନଗାମୀ, କିନ୍ତୁ ସରଳରେଖା ସ୍ଥାନରେ ଯେପରି କ୍ରମଶଃ ସେପରି ନହୋଇ ଉତ୍ପତ୍ତି ବିନ୍ଦୁ ଆଡକୁ ଅନ୍ତ ବକ୍ରଗାମୀ ହୋଇଥାଏ। ଏପରି ବକ୍ରକୁ ଉତ୍ତଳ ବକ୍ର କୁହାଯାଏ। ଚିତ୍ର 13.4ର ବକ୍ର ବାମରୁ ଦକ୍ଷିଣକୁ ଏବଂ ନିମ୍ନଆଡକୁ ହୋଇଥିଲେ ମଧ୍ୟ ଉତ୍ପତ୍ତିବିନ୍ଦୁ ଠାରୁ ଦୂରକୁ ଯାଇ ବାହ୍ୟ ବକ୍ରଗାମୀ ହୋଇଅଛି। ଏହାକୁ ଅବତଳ ବକ୍ର କୁହାଯାଏ।



ଚିତ୍ର 13.3 ଉତ୍ତଳ ବକ୍ର



ଚିତ୍ର 13.4 ଅବତଳ ବକ୍ର

ତାଲିକା 13.1କୁ ଧ୍ୟାନ ଦେଇ ପଢନ୍ତୁ । ଦାମରେ ପ୍ରତ୍ୟେକ ଟଙ୍କା କମ୍‌ରେ କଲମର କ୍ରୟ ସଂଖ୍ୟା ୧୦ ଅଧିକ ହୋଇଯାଏ। ତେଣୁ ଦାମ୍ ତଥା ମାତ୍ରାର ପରିବର୍ତ୍ତନର ଅନୁପାତ 1:10 ସ୍ଥିର ରହିଥାଏ। ଏପରି ସ୍ଥିତିରେ ଆମକୁ ଏକ ସରଳରେଖା ବକ୍ର ମିଳିଥାଏ । ବର୍ତ୍ତମାନ ତାଲିକା 13.2 ଉପରେ ବିଚାର କରିବା ।

ତାଲିକା 13.2

କଲମର ଦାମ (1)	କ୍ରୟ ସଂଖ୍ୟା (କଲମର) (2)	ଦାମ ପରିବର୍ତ୍ତନ ଯୋଗୁଁ କ୍ରୟ ସଂଖ୍ୟା (3)
6	10	-
5	15	1:5=1/5
4	25	1:10= 1/10
3	40	1:15 =1/15

ଦାମରେ ପ୍ରତ୍ୟେକ ୧ ଟଙ୍କା କମ୍ ଫଳରେ ବର୍ତ୍ତମାନ କ୍ରୟ ସଂଖ୍ୟାର ବୃଦ୍ଧି ସମାନ ନାହିଁ। ଦାମ୍‌ରେ ପରିବର୍ତ୍ତନ ତଥା କିଣା କଲମ ସଂଖ୍ୟାର ଅନୁପାତ ତାଲିକା 13.2 ତୃତୀୟ ପଂକ୍ତିରେ ଦର୍ଶାଯାଇଛି । ଏହି ଅନୁପାତ ସ୍ଥିର ନୁହେଁ, କମ୍ ହୋଇଚାଲିଛି । ଏପରି ପରିସ୍ଥିତିକୁ ରେଖାଚିତ୍ରରେ ଦର୍ଶାଇଥିବାବେଳେ ଉତ୍ତଳ ବକ୍ର ମିଳିଥାଏ ଯେପରି ଚିତ୍ର 13.3ରେ ଦେଖାଯାଇଛି । ବର୍ତ୍ତମାନ ତାଲିକା 13.3 ଉପରେ ବିଚାର କର ।

ତାଲିକା 13.3

କଲମର ଦାମ (1)	କ୍ରୟ ସଂଖ୍ୟା (କଲମର) (2)	ଦାମ ପରିବର୍ତ୍ତନ ଯୋଗୁଁ କ୍ରୟ ସଂଖ୍ୟା (3)
6	10	-
5	25	1:5=1/5
4	35	1:10= 1/10
3	40	1:15 =1/15

ଉପର ତାଲିକାରେ ଦର୍ଶାଯାଇଛିଯେ ଦାମ ପରିବର୍ତ୍ତନ ଓ ସଂଖ୍ୟା ପରିବର୍ତ୍ତନର ଅନୁପାତ ବର୍ଦ୍ଧିତ ମାନରେ ଅଛି। ଏହି ତାଲିକାର ଅଙ୍କନ ଚିତ୍ର 13.4 ପରି ଅବତଳ ବକ୍ର ଗଠନ କରେ । ଏହିପରି ଏକତ୍ରିତ ପାଠ-୨ରେ ଉତ୍ପାଦନ ସମ୍ଭାବନା ବକ୍ର ରୂପେ ଗଠନ କରାଯାଇଛି।

(ଗ) ଉପରକୁ ଉଠୁଥିବା ବକ୍ର

ଏହା ଆବଶ୍ୟକ ନୁହେଁ କି ଦୁଇଟି ପରିମାଣ ରାଶି ମଧ୍ୟରେ ସମ୍ବନ୍ଧ ଦର୍ଶାଉଥିବା ବକ୍ର ସର୍ବଦା ବାମରୁ ଦକ୍ଷିଣକୁ ନିମ୍ନଗାମୀହିଁ ହେବ । ଏହା ସେତେବେଳେ ସମ୍ଭବ ଯେତେବେଳେଦୁଇଟି ଚଳନଶୀଳ ରାଶି ମଧ୍ୟରେ ବିପରୀତ ସମ୍ବନ୍ଧ ଥାଏ ।

ଯଦି ଚଳମାନ ରାଶି ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧ ଥାଏ- ଅର୍ଥାତ୍ xର ମାନ ବୃଦ୍ଧି ଫଳରେ yର ମାନର ବୃଦ୍ଧି ହୁଏ, ତେବେ ବକ୍ର ଦକ୍ଷିଣ ଆଡକୁ ଉର୍ଦ୍ଧ୍ୱଗାମୀ ହୋଇ ଉପରକୁ ଉଠିବ । ତାଲିକା 13.4ର ତଥ୍ୟ ଉପରେ ବିଚାର କର ।

ତାଲିକା 13.4

କଲମର ଦାମ	ବିକ୍ରେତା ଦ୍ୱାରା ପ୍ରତିଦିନ ବିକ୍ରି କଲମ
2	20
3	30
4	40
5	50
6	60

କଲମ ଦାମ୍ ବୃଦ୍ଧି ସଙ୍ଗେ ସଙ୍ଗେ ଯୋଗାଣକାରୀ ଅଧିକରୁ ଅଧିକ ସଂଖ୍ୟକ ଯୋଗାଇବାକୁ ପ୍ରସ୍ତୁତ । ଏହା କ୍ରମବର୍ଦ୍ଧିଷ୍ଣୁ । ଏହି ତଥ୍ୟକୁ ରେଖାଚିତ୍ରରେ ଦର୍ଶାଇବାକୁ ଆମକୁ ଚିତ୍ର 13.5ର ରେଖାଚିତ୍ର ମିଳିବ ।



ପ୍ରତିଦିନ କଲମ ଯୋଗାଣ
ଚିତ୍ର 13.5

A ବିନ୍ଦୁ ଦର୍ଶାଏ ଯେ ଯଦି କଲମ ପ୍ରତି ୧ ଟଙ୍କା ବିକ୍ରି ହୁଏ ତେବେ ବିକ୍ରେତା କେବଳ ୧୦ଟି କଲମ ଯୋଗାଇପାରିବ । ବିନ୍ଦୁ B ପ୍ରତି କଲମ ୨ ଟଙ୍କା ଦରରେ ୨୦ଟି କଲମ ଯୋଗାଇପାରିବ । ସେହିପରି C, D ଆଦି ବିନ୍ଦୁ ଉପରେ ଦାମ୍ ବୃଦ୍ଧି ସହିତ ଯୋଗାଣରେ ବୃଦ୍ଧିର ସୂଚନା ମିଳେ । ଏହି ଯୋଗାଣ ବକ୍ର SS ବାମରୁ ଦକ୍ଷିଣକୁ କ୍ରମବର୍ଦ୍ଧିଷ୍ଣୁ ହୋଇ ଊର୍ଦ୍ଧ୍ୱଗାମୀ ହୋଇଛି । ବକ୍ରର ଗତିକୁ ଜାଣିବା ପାଇଁ ସର୍ବଦା ମୂଳ ବିନ୍ଦୁ ଠାରୁ ଆରମ୍ଭ କରିଥାନ୍ତି । ବାମରୁ ଦକ୍ଷିଣକୁ କ୍ରମ ହ୍ରାସ ମାନ ବକ୍ରକୁ ଋଣାତ୍ମକ ନିମ୍ନଗାମୀ ବକ୍ର କୁହାଯାଏ । ସେହିପରି ବାମରୁ ଦକ୍ଷିଣକୁ କ୍ରମବର୍ଦ୍ଧିଷ୍ଣୁ ବକ୍ରକୁ ଧନାତ୍ମକ ଊର୍ଦ୍ଧ୍ୱଗାମୀ ବକ୍ର କୁହାଯାଏ ।

(ଘ) ଗୋଟିଏ ଅକ୍ଷରେ ଅଧିକ ଚଳମାନ ରାଶିର ପ୍ରଦର୍ଶନ : ଏପର୍ଯ୍ୟନ୍ତ ଆମେ ଗୋଟିଏ ଅକ୍ଷରେ ଏକ ଚଳମାନ ରାଶିର ରେଖାଚିତ୍ର ଦର୍ଶାଉଥିଲେ । ଯଦି କେତେକ ଚଳମାନ ରାଶିର ମାପକ ଏକକ ସମାନ ହୁଏ, ତେବେ ସେଗୁଡିକୁ ଗୋଟିଏ ଅକ୍ଷ ଉପରେ ଦର୍ଶାଯାଇପାରେ । ତାଲିକା 13.5 ଉପରେ ଧ୍ୟାନ ଦିଅ ।

ତାଲିକା 13.5

କଲମର ଦାମ	କଲମର ବଜାର ଚାହିଦା	କଲମର ବଜାର ଯୋଗାଣ
5	100	500
4	200	400
3	300	300
2	400	200
1	500	100

ଉପରୋକ୍ତ ତାଲିକାରେ ତିନୋଟି ଚଳମାନ ରାଶି ରହିଛନ୍ତି । କଲମର ଦାମ ସ୍ୱତନ୍ତ୍ର ରାଶି । ମାତ୍ର କଲମର ଚାହିଦା ତଥା ଯୋଗାଣ ନିର୍ଭରଶୀଳ ରାଶି । ଏହି ଦୁଇ ରାଶି ସଂଖ୍ୟା ଦ୍ୱାରା ଦର୍ଶାଯାଇପାରେ, ତେଣୁ ଏହାକୁ ଗୋଟିଏ ଅକ୍ଷ ଉପରେ ରଖାଯାଇପାରେ ।

ତାଲିକା 13.5 ର ତଥ୍ୟାବଳୀକୁ ଅଙ୍କନ କଲେ ଆମକୁ ଚିତ୍ର 13.6 ମିଳିବ ।



କଲମ ବଜାର ଚାହିଦା ଓ ବଜାର ଯୋଗାଣ

ଚିତ୍ର 13.6

P ବିନ୍ଦୁ ଦୁଇ ବକ୍ର ଉପରେ ହିଁ ଅବସ୍ଥିତ । ତେଣୁ ଏହା ଦାମ ଓ ପରିମାଣ ଦ୍ୱୟର ସଂଯୋଗକୁ ଦର୍ଶାଉଅଛି । ପ୍ରଥମତଃ ଦାମ ୩ ଟଙ୍କା ପ୍ରତି କଲମ ହେଲେ ବଜାରର ଚାହିଦା ୩୦୦ କଲମ । ଅନ୍ୟପକ୍ଷରେ ଦାମ୍ ୩ ଟଙ୍କ ହେଲେ ବଜାରର ଯୋଗାଣ ୩୦୦ କଲମ ହେବ ।

ବର୍ତ୍ତମାନ ଅର୍ଥଶାସ୍ତ୍ରରେ ପ୍ରଯୁକ୍ତ ରେଖାଚିତ୍ର ବିଷୟରେ ଏତିକି ଜ୍ଞାନ ଆପଣଙ୍କ ପାଇଁ ପର୍ଯ୍ୟାପ୍ତ ଅଟେ ।

ମନେରଖ :

- ରେଖାଚିତ୍ର ଦାମ ଓ ଯୋଗାଣ ବା ଦାମ ଓ ଚାହିଦା ପରି ଚଳମାନ ରାଶି ମଧ୍ୟରେ ସମ୍ପର୍କକୁ ଅଙ୍କନ କରି ତାହାର ଅଧ୍ୟୟନରେ ଉପଯୋଗୀ ହୋଇଥାଏ ।
- ସମକୋଣରେ ପରସ୍ପରକୁ ଛେଦ କରୁଥିବା ଦୁଇଟି ରେଖା ଟଣାଯାଏ । ଏ ଦୁଇଟିର ଛେଦ ବିନ୍ଦୁକୁ ମୂଳବିନ୍ଦୁ କହନ୍ତି । ଭୂସମାନ୍ତର ରେଖା OX ରେ ଗୋଟିଏ ଚଳମାନ ରାଶିକୁ ପ୍ରତିଫଳିତ କରି ଅନ୍ୟଟିକୁ ଭୂଲମ୍ବ OY ଅକ୍ଷ ଉପରେ ଦର୍ଶାଯାଏ ।
- ଦୁଇଟି ଚଳମାନ ରାଶି ପରସ୍ପର ସଂଯୋଗ ରେଖାଚିତ୍ରରେ ଗୋଟିଏ ବିନ୍ଦୁ ଦ୍ୱାରା ଦର୍ଶାଯାଏ । ଅନ୍ୟ ଅର୍ଥରେ କୌଣସି ରେଖାଚିତ୍ରର ପ୍ରତ୍ୟେକ ବିନ୍ଦୁ ଦୁଇଟି ଚଳମାନ ରାଶିର ଏକ ସଂଯୋଜନକୁ ଦର୍ଶାଯାଏ । ଏହିପରି ସମସ୍ତ ବିନ୍ଦୁକୁ ଯୋଗଗଲେ ଏକ ବକ୍ର ପ୍ରାପ୍ତି ହୁଏ ।
- ଯଦି ବକ୍ର ବାମରୁ ଦକ୍ଷିଣକୁ ନିମ୍ନଗାମୀ ହୋଇଥାଏ ତେବେ ଏହା ଉଭୟ ରାଶି ମଧ୍ୟରେ "ବିପରୀତ ଧର୍ମୀ ସମ୍ବନ୍ଧ" କୁହାଯାଏ ।
- ଯଦି ଉଭୟ ଚଳମାନ ରାଶିରେ ପରିବର୍ତ୍ତନ ହାରର ଅନୁପାତ ସ୍ଥିର ରହେ ତେବେ ନିଶ୍ଚିତ ଭାବେ ବକ୍ର ଏକ ସରଳରେଖା ଗଠନ କରିବ । ଯଦି ଏହି ଅନୁପାତ କମ୍ ହେଉଥାଏ ତେବେ ମୂଳବିନ୍ଦୁ ଆଡକୁ ଉତ୍ତଳ ବକ୍ର ଏବଂ ଯଦି ଅନୁପାତ ବୃଦ୍ଧି ହୁଏ ତେବେ ମୂଳବିନ୍ଦୁ ଆଡକୁ ଅବତଳ ବକ୍ର ହେବ ।
- ଯଦି ବାମରୁ ଦକ୍ଷିଣ ଗତି କରିବା ସହିତ ବକ୍ର ଉର୍ଦ୍ଧ୍ୱଗାମୀ ହୁଏ ତେବେ ରାଶିମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଥାଏ ।

ପାଠ୍ୟଗତ ପ୍ରଶ୍ନ 13.3

ନିମ୍ନ ଉକ୍ତିଗୁଡିକରୁ ଠିକ୍/ଭୁଲ ବାଛ

(i) 'O' ବିନ୍ଦୁ 'OX' ଏବଂ 'OY' ଅକ୍ଷର ଛେଦବିନ୍ଦୁ ।

(ii) ଦୁଇଟି ଚଳମାନ ରାଶିର ପ୍ରତ୍ୟେକ ସଂଯୋଜନକୁ ଏକରୁ ଅଧିକ ବିନ୍ଦୁ ଦ୍ୱାରା ଦର୍ଶାଯାଇପାରେ ।

(iii) ବାମରୁ ଦକ୍ଷିଣକୁ ନିମ୍ନଗାମୀ ବକ୍ର ଦୁଇଟି ଚଳମାନ ରାଶି ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧ ଦର୍ଶାଇଥାଏ ।

(iv) ବାମରୁ ଦକ୍ଷିଣକୁ ଉର୍ଦ୍ଧ୍ୱଗାମୀ ବକ୍ର ସୂଚନା ଦିଏ ଯେ ଏକ ରାଶିର ମାନରେ ବୃଦ୍ଧି ହେଲେ ଅନ୍ୟ ରାଶିର ମାନରେ ହ୍ରାସ ହୋଇଥାଏ ।

(v) ଏକ ରେଖାଚିତ୍ର ଦୁଇଟି ଚଳମାନ ରାଶି ମଧ୍ୟରେ ସମ୍ବନ୍ଧ ଦର୍ଶାଇଥାଏ ।

(vi) ଯଦି ଚଳମାନ ରାଶିର ମାପକ ଏକକ ସମାନ ହୋଇଥାଏ । ତେବେ ସେଗୁଡିକୁ ଗୋଟିଏ ଅକ୍ଷ ଉପରେ ଦର୍ଶାଯାଇପାରେ ।

(vii) X ତଥା Y ଅକ୍ଷ ପରସ୍ପରକୁ ୯୦° କୋଣରେ ଛେଦ କରିଥାନ୍ତି ।

ଆପଣ କଣ ଶିକ୍ଷା କଲେ

- ବ୍ୟଷ୍ଟି ଅର୍ଥଶାସ୍ତ୍ର, ଅର୍ଥ ବ୍ୟବସ୍ଥାର ବ୍ୟକ୍ତିଗତ ଏକକଗୁଡିକର ଅଧ୍ୟୟନ ।
- ସମଷ୍ଟି ଅର୍ଥଶାସ୍ତ୍ର ଅର୍ଥ ବ୍ୟବସ୍ଥାର ସମଗ୍ର ବା ସମସ୍ତ ଅର୍ଥ ବ୍ୟବସ୍ଥାର ଅଧ୍ୟୟନ ।
- ବ୍ୟଷ୍ଟି ଓ ସମଷ୍ଟି ଅର୍ଥଶାସ୍ତ୍ର ପରସ୍ପର ପୃଥକ ହୋଇନଥାନ୍ତି । ଏଗୁଡିକ ମଧ୍ୟରେ ଅନ୍ତର୍ସମ୍ବନ୍ଧ ରହିଛି, ଏଗୁଡିକ ପରସ୍ପରକୁ ଅଧିକ ବର୍ଣ୍ଣନାକରିବାରେ ସହାୟକ ହୁଅନ୍ତି ତଥା ଏଗୁଡିକ ଆର୍ଥିକ ନୀତି ଓ କାର୍ଯ୍ୟକ୍ରମ ପ୍ରସ୍ତୁତିରେ ସହାୟତା କରିଥାନ୍ତି ।
- ରେଖାଚିତ୍ର ଦୁଇଟି ଚଳମାନ ରାଶି ମଧ୍ୟରେ ସମ୍ବନ୍ଧକୁ ବୁଝିବା ତଥା ବିଶ୍ଳେଷଣ କରିବାରେ ସହାୟକ ହୋଇଥାଏ ।
- ଆମେ ଅର୍ଥଶାସ୍ତ୍ରରେ ଅନେକ ପ୍ରକାରର ରେଖାଚିତ୍ରର ବ୍ୟବହାର କରିଥାନ୍ତି । ଦକ୍ଷିଣକୁ ଉର୍ଦ୍ଧ୍ୱଗାମୀ ରେଖାଚିତ୍ର ରାଶିମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ତଥା ଦକ୍ଷିଣକୁ ନିମ୍ନଗାମୀ ରେଖାଚିତ୍ର ରାଶିମାନଙ୍କ ମଧ୍ୟରେ ବିପରୀତଧର୍ମୀ ସମ୍ପର୍କକୁ ସୂଚାଇଥାଏ ।
- ରେଖାଚିତ୍ର (କ) ସରଳ ରୈଖିକ (ଖ) ମୂଳବିନ୍ଦୁ ଆଡକୁ ଉତ୍ତଳ ବା (ଗ) ମୂଳବିନ୍ଦୁ ଆଡ଼କୁ ଅବିୟତଳ ହୋଇଥାଏ । ଏହା ରାଶିମାନଙ୍କ ମଧ୍ୟରେ ପରସ୍ପର ସମ୍ପର୍କ ଉପରେ ନିର୍ଭର କରେ ।
- ଯଦି କୌଣସି ରାଶିର ମାପକ ଏକକ ସମାନ ଥାଏ ତାହାକୁ ଗୋଟିଏ ଅକ୍ଷ ଉପରେ ପ୍ରଦର୍ଶିତ କରାଯାଇପାରେ ।

ପାଠ୍ୟାନ୍ତ ପ୍ରଶ୍ନ

1. ବ୍ୟଷ୍ଟି ଅର୍ଥଶାସ୍ତ୍ର କ'ଣ ବୁଝାଇ ଲେଖ ।
2. ବ୍ୟଷ୍ଟି ଓ ସମଷ୍ଟି ଅର୍ଥଶାସ୍ତ୍ର ମଧ୍ୟରେ ପ୍ରଭେଦ ଦର୍ଶାଅ ।
3. ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ବିଷୟବସ୍ତୁ କ'ଣ ବୁଝାଇଲେଖ ।
4. ନିମ୍ନ ତଥ୍ୟାବଳୀର ରେଖାଚିତ୍ର ଅଙ୍କନ କର ।

ଦ୍ରବ୍ୟ ପ୍ରତି ଦାମ (ଟଙ୍କାରେ)	ଚାହିଦାର ପରିମାଣ (ଏକକରେ)
5	100
4	120
3	150
2	200

ରେଖାଚିତ୍ରର ସଂଯୋଗ ବିନ୍ଦୁକୁ ଯୋଗ କରି ଯେଉଁ ବକ୍ର ମିଳିବ ତାହା ସରଳ ରେଖୀୟ ହେବ ବା ନା, କାରଣ ଦର୍ଶାଅ ।

5. ଏକ ସ୍ୱତନ୍ତ୍ର ତଥା ନିର୍ଭରଶୀଳ ଚଳମାନ ରାଶି ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । ଅର୍ଥଶାସ୍ତ୍ରରେ ପ୍ରତ୍ୟେକ ଚଳମାନ ରାଶିକୁ ଏକ ବିଶେଷ ଅକ୍ଷ ଉପରେ ଦର୍ଶାଯାଇଥାଏ କି ?
6. ଏହି ବକ୍ର ଦ୍ୱାରା ଦୁଇଟି ଚଳମାନ ରାଶି ମଧ୍ୟରେ ସମ୍ପର୍କକୁ କିପରି ଦର୍ଶାଯାଏ ? (କ) ଊର୍ଦ୍ଧ୍ୱଗାମୀ ବକ୍ର (ଖ) ନିମ୍ନଗାମୀ ବକ୍ର

ପାଠ୍ୟଗତ ପ୍ରଶ୍ନର ଉତ୍ତର

13.1

(i) ଭୁଲ

(ii) ଠିକ୍

(iii) ଠିକ୍

(iv) ଭୁଲ

(v) ଭୁଲ

13.2

(i) ବ୍ୟଷ୍ଟି

(ii) ବ୍ୟଷ୍ଟି

(iii) ବ୍ୟଷ୍ଟି

(iv) ଅସୀମିତ

(ii) ସୀମିତ

13.3

(i) ଠିକ୍

(ii) ଭୁଲ

(iii) ଭୁଲ

(iv) ଭୁଲ

(v) ଠିକ୍

(vi) ଠିକ୍

(vii) ଠିକ୍

ପାଠ୍ୟାନ୍ତ ପ୍ରଶ୍ନ ପାଇଁ ସୂଚନା :

(1) ଭାଗ 13.1 (କ) ପଢନ୍ତୁ ।

(2) ଭାଗ 13.1 (ଗ) ପଢନ୍ତୁ ।

(3) ଭାଗ 13.2 ପାଠକର ।

(4) ଭାଗ 13.3 (ଖ) ପାଠକର ।

(5) ଭାଗ 13.3 (ଖ) ପାଠକର ।

(6) ଭାଗ 13.3 (ଖ) ତଥା (ଗ) ପାଠକର ।

14
ଚାହିଦା
DEMAND

ଉପଭୋକ୍ତା ନିଜର ଆବଶ୍ୟକତାର ପୂରଣ ନିମିତ୍ତ ଦ୍ରବ୍ୟ ଓ ସେବା ପ୍ରୟୋଗ କରିଥାଏ ଯାହାର ନିର୍ମାଣ ଉତ୍ପାଦକ ଦ୍ୱାରା ହିଁ କରାଯାଇଥାଏ । ଅର୍ଥଶାସ୍ତ୍ରରେ ଚାହିଦା ଶବ୍ଦଟିର ଏକ ବିଶେଷ ଅର୍ଥ ହୋଇଥାଏ । ଏହି ଅଧ୍ୟାୟରେ ଆପଣ ଚାହିଦାର ଉକ୍ତ ଅର୍ଥକୁ ଅଧ୍ୟୟନ କରିବେ । ତାସହିତ ଚାହିଦାକୁ ପ୍ରଭାବିତ କରୁଥିବା ଉପାଦାନ ବିଷୟରେ ମଧ୍ୟ ଅଧ୍ୟୟନ କରିବେ ।

ଉଦ୍ଦେଶ୍ୟ

ଉକ୍ତ ପାଠର ଅଧ୍ୟୟନ ପରେ ଆପଣ

- ଚାହିଦାର ଅର୍ଥ ବୁଝାଇ ପାରିବେ ।
- ବଜାର ଚାହିଦାର ସଂଜ୍ଞା ପ୍ରଦାନ କରିପାରିବେ ।
- ଇଚ୍ଛା, ଆବଶ୍ୟକତା ଏବଂ ଚାହିଦା ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବେ ।
- ଚାହିଦାକୁ ପ୍ରଭାବିତ କରୁଥିବା ଉପାଦାନଗୁଡିକ ତାଲିକା କରିପାରିବେ ।
- ଦ୍ରବ୍ୟର ଦାମ ଉପଭୋକ୍ତାର ଚାହିଦା ଉପରେ କି ପ୍ରଭାବ ପଡେ, କହିପାରିବେ ।
- ଏକ କାଳ୍ପନିକ ବ୍ୟକ୍ତିଗତ ଚାହିଦା ତାଲିକା କରି ଚାହିଦା ବକ୍ରର ରେଖାଙ୍କନ କରିପାରିବେ ।
- ଦାମର ପରିବର୍ତ୍ତନରେ ଚାହିଦାର ପରିବର୍ତ୍ତନ ଦେଖାଇପାରିବେ ।
- ବଜାର ଚାହିଦା ତାଲିକା କରି ବଜାର ଚାହିଦା ବକ୍ର ଅଙ୍କନ କରିପାରିବେ ।
- ଚାହିଦାର ନିୟମ ଓ ତାର ବ୍ୟତିକ୍ରମ କହିପାରିବେ ।
- ଅନ୍ୟ ଉପାଦାନଗୁଡିକର ଚାହିଦା ଉପରେ କି ପ୍ରଭାବ ପଡେ, ବୁଝାଇପାରିବେ ।
- ଚାହିଦାର ବିସ୍ତାର ଓ ଚାହିଦାର ବୃଦ୍ଧି ମଧ୍ୟରେ ପ୍ରଭେଦ ଦର୍ଶାଇପାରିବେ ଏବଂ
- ଚାହିଦାର ସଂକୁଚନ ତଥା ଚାହିଦାରେ ହ୍ରାସ ମଧ୍ୟରେ ପାର୍ଥକ୍ୟ କରିପାରିବେ ।

14.1 ଚାହିଦାର ଅର୍ଥ

(କ) ବ୍ୟକ୍ତିଗତ ଚାହିଦା

ଅର୍ଥଶାସ୍ତ୍ରରେ 'ଚାହିଦା' ଶବ୍ଦର ଏକ ବଡ଼ ବିଶେଷ ଅର୍ଥ ରହିଛି । ଜଣେ କେତ୍ରାଙ୍କ ଦ୍ୱାରା କୌଣସି ଦ୍ରବ୍ୟର ଚାହିଦାକୁ ଆମେ ବ୍ୟକ୍ତିଗତ ଚାହିଦା କହିଥାଉ । ଏହା ହିଁ ସେହି ପରିମାଣ ଯାହାକୁ ଏକ ବ୍ୟକ୍ତି କୌଣସି ମୂଲ୍ୟରେ ଏକ ସମୟ ମଧ୍ୟରେ କିଣିବାକୁ ପ୍ରସ୍ତୁତ ହୋଇଥାଏ । ତେଣୁ ଚାହିଦାର ପରିଭାଷାରେ ତିନୋଟି ବିଷୟ ସମ୍ମିଳିତ । (i) ସେହି ପରିମାଣ ଯାହାକୁ କ୍ରେତା କିଣିବାକୁ ପ୍ରସ୍ତୁତ ଥାଏ । (ii) ସେହି ଦାମ ଯାହା ଉପରେ କ୍ରେତା ସେହି ପରିମାଣ ଦ୍ରବ୍ୟ କିଣିବାକୁ ପ୍ରସ୍ତୁତ ଥାଏ । (iii) ସେହି ସମୟସୀମା ମଧ୍ୟରେ କ୍ରେତା ସେହି ଦାମର ଉକ୍ତ ମାତ୍ରା କିଣିବାକୁ ପ୍ରସ୍ତୁତ ଥାଏ । ଏହି ସମୟସୀମା ଏକଦିନ, ସପ୍ତାହ, ମାସ, ବର୍ଷ ଯାହା କିଛି ହୋଇପାରେ । ଏହି ଉକ୍ତି ଉପରେ ସାମାନ୍ୟ ଧ୍ୟାନ ଦିଅନ୍ତୁ ।

(i) ଏକ ଉପଭୋକ୍ତା ପ୍ରତିଦିନ ୩ କେଜି ଆମ୍ବର ଚାହିଦା ଅଛି ।

(ii) ଆମ୍ବର ଦର କି.ଗ୍ରା. ପ୍ରତି ୧୦ ଟଙ୍କା ହେଲେ ଉପଭୋକ୍ତାଙ୍କ ଚାହିଦା ୩ କି.ଗ୍ରା.

(iii) ଯଦି ଆମ୍ବର ଦର କି.ଗ୍ରା. ପ୍ରତି ୧୦ ଟଙ୍କା ହୁଏ ତେବେ ଉପଭୋକ୍ତାଙ୍କର ଆମ୍ବର ଚାହିଦା ପ୍ରତିଦିନ ୩ କି.ଗ୍ରା ହେବ ।

ଚାହିଦାର ଅବଧାରଣା ଦୃଷ୍ଟିରୁ ପ୍ରଥମ ଦୁଇଟି ଉକ୍ତି 'ଅପୂର୍ଣ୍ଣ' ଅଛି । ପ୍ରଥମ ଉକ୍ତିରେ ଦାମ କୁହାଯାଇନାହିଁ । ଚାହିଦା ସର୍ବଦା ଦାମ୍‌ର ପ୍ରସଙ୍ଗରେ ହୋଇଥାଏ । ଦ୍ୱିତୀୟ ଉକ୍ତିରେ ସମୟସୀମା ବିଷୟରେ କିଛି କୁହାଯାଇନାହିଁ । ଚାହିଦା ସଦାସର୍ବଦା ସମୟସୀମା ଅନୁସାରେ କୁହାଯାଇଥାଏ । ତେଣୁ କେବଳ ତୃତୀୟ ଉକ୍ତିଟି 'ପୂର୍ଣ୍ଣ' ଅଛି କାରଣ ଏଥିରେ ଦ୍ରବ୍ୟର ପରିମାଣ ତାର ଦାମ ତଥା ସମୟ ସୀମା ତିନୋଟିର ସମାବେଶ ହୋଇଛି ।

(ଖ) ବଜାର ଚାହିଦା

କୌଣସି ଦ୍ରବ୍ୟର କ୍ରେତା ଅନେକ ହୋଇପାରନ୍ତି । ଯଦି ସମସ୍ତ କ୍ରେତାମାନଙ୍କର ନିର୍ଦ୍ଦିଷ୍ଟ ଦାମ୍ ଉପରେ ଏବଂ ନିର୍ଦ୍ଦିଷ୍ଟ ସମୟସୀମାରେ ମଗାଯାଇଥିବା ପରିମାଣକୁ ଯୋଗ କରାଯାଏ ତେବେ ସେହି ଦ୍ରବ୍ୟର ବଜାର ଚାହିଦା ମିଳିପାରିବ । ତେଣୁ ବଜାର ଚାହିଦା କୌଣସି ଦ୍ରବ୍ୟର ସମସ୍ତ ଗ୍ରାହକମାନଙ୍କ ନିର୍ଦ୍ଦିଷ୍ଟ ଦାମ୍ ଉପରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମଗାଯାଇଥିବା ପରିମାଣର ଯୋଗଫଳ । ବଜାର ଚାହିଦା ବିଷୟରେ ମଧ୍ୟ କୌଣସି ବାକ୍ୟ ଯେଉଁଥିରେ ଦାମ୍, ପରିମାଣ ଓ ସମୟସୀମା, ତିନୋଟିର ସମାବେଶ ହୋଇନଥିବ, ତାହା ଅପୂର୍ଣ୍ଣ ଅଟେ ।

(ଗ) ଇଚ୍ଛା, ଆବଶ୍ୟକତା ଓ ଚାହିଦା

କୌଣସି ଦ୍ରବ୍ୟକୁ ପାଇବାକୁ ଚାହିବା ହିଁ ଇଚ୍ଛା । ଏହାର ସେହି ଦ୍ରବ୍ୟକୁ କିଣିବାକୁ କ୍ଷମତାର

ଅସ୍ତିତ୍ୱରେ କୌଣସି ସମ୍ପର୍କ ନଥାଏ । ଆବଶ୍ୟକତା ସେହି ଇଚ୍ଛା ଯାହାକୁ ପୂରଣ କରିବାକୁ ସମ୍ବଳ ଥିବ ଏବଂ ସେହି ସମ୍ବଳର ଇଚ୍ଛା ପୂରଣ ପାଇଁ ପ୍ରୟୋଗ କରିବାକୁ ତତ୍ପରତା ମଧ୍ୟ ଥିବ । ଆପଣ ତ ଜାଣନ୍ତି ଯେ ଚାହିଦା ହେଉଛି ଯେ ଏକ ନିର୍ଦ୍ଦିଷ୍ଟ ଦାମରେ, ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦ୍ରବ୍ୟର କୌଣସି ପରିମାଣର ଆବଶ୍ୟକତା ହୋଇଥାଏ ।

ମନେ ରଖ

- କୌଣସି ଦ୍ରବ୍ୟର ଚାହିଦା, ତାର ଉକ୍ତ ମାତ୍ରା ଯାହାକୁ କ୍ରେତା କୌଣସି ଦାମରେ କୌଣସି ସମୟସୀମା ମଧ୍ୟରେ କ୍ରୟ କରିବାକୁ ପ୍ରସ୍ତୁତ ।
- ବଜାର ଚାହିଦା କୌଣସି ଦ୍ରବ୍ୟର ଉକ୍ତ ପରିମାଣ ଯାହାକୁ ସମସ୍ତ କ୍ରେତା କୌଣସି ଏକ ଦାମ୍‌ରେ କୌଣସି ସମୟସୀମା ମଧ୍ୟରେ କ୍ରୟ କରିବାକୁ ଉତ୍ସୁକ ହୁଅନ୍ତି ।
- ଚାହିଦାର ପରିପ୍ରକାଶ ସର୍ବଦା ସମୟ ଓ ଦାମ୍ ସହିତ ହୋଇଥାଏ । କୌଣସି ଦ୍ରବ୍ୟ ପାଇଁ କେବଳ ମାତ୍ର ଇଚ୍ଛା ହେଲେ ଚାହିଦା ହୋଇନଥାଏ ।
- ଯଦି ଇଚ୍ଛାର ପରିପୂରଣ ପାଇଁ ସମ୍ବଳ ଥାଏ ଏବଂ ଏହାକୁ ବ୍ୟବହାର କରିବାକୁ ତତ୍ପରତା ଥିବ, ସେତେବେଳେ ଇଚ୍ଛା ଚାହିଦାର ରୂପ ଧାରଣ କରିଥାଏ, ଏହାକୁ ମଧ୍ୟ ଦାମ୍ ଓ ସମୟସୀମା ଅନୁସାରେ ବ୍ୟକ୍ତ କରାଯାଏ ।

ପାଠ୍ୟଗତ ପ୍ରଶ୍ନ

ନିମ୍ନ ଉକ୍ତିଗୁଡିକ ମଧ୍ୟରୁ ଠିକ୍/ ଭୁଲ କୁହ :

(i) ଦୁଧ ପାଇଁ ମୋର ଚାହିଦା ୧୦ ଲିଟର ।

(ii) ଯଦି ଦୁଧ ଲିଟର ପିଛା ୧୦ ଟଙ୍କା ଦାମ୍ ହୁଏ ତେବେ ମୋର ମାସିକ ଚାହିଦା ୧୦ ଲିଟର

(iii) ବଜାର ଚାହିଦା ବଜାରର ସମସ୍ତ କ୍ରେତାମାନଙ୍କ ଚାହିଦାର ଯୋଗଫଳ ।

(iv) ହରି ଜଣେ ଧନୀ ଲୋକ, ସେ କାର କିଣିପାରିବ, ତେଣୁ ତାର ଏକ କାର ପାଇଁ ଚାହିଦା ଅଛି ।

(v) ଦ୍ରବ୍ୟର ଆବଶ୍ୟକତା ହେବା ହିଁ ଏହାର ଚାହିଦା ।

(vi) କୌଣସି ଦ୍ରବ୍ୟ ପାଇଁ ଉପଭୋକ୍ତାଙ୍କ ଆବଶ୍ୟକତା ସେତେବେଳେ ଚାହିଦାର ରୂପ ଧାରଣ କରେ ଯେତେବେଳେ ଦାମ୍ ଓ ସମୟ ସହିତ ବ୍ୟକ୍ତ କରାଯାଏ ।

14.2 ଦ୍ରବ୍ୟର ଚାହିଦାକୁ ପ୍ରଭାବିତ କରୁଥିବା ଉପାଦାନ

କୌଣସି ଏକ ଦ୍ରବ୍ୟକୁ କ୍ରୟ କରିବା ପାଇଁ ଉପଭୋକ୍ତାଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା ଉପାଦାନଗୁଡିକୁ ଚାହିଦାର ନିର୍ଣ୍ଣାୟକ କୁହାଯାଏ । କୌଣସି ବ୍ୟକ୍ତିର କୌଣସି ଦ୍ରବ୍ୟ ପ୍ରତି 'ଚାହିଦା ଫଳନ'କୁ ଏହି ଉପାଦାନ ପ୍ରଭାବିତ କରିଥାନ୍ତି ।

$$D_N = f(P_N, P_R\ Y, T)$$

(କ) ଦ୍ରବ୍ୟର ଦାମ = (P_N)

(ଖ) ଅନ୍ୟ ଉପାଦାନ, ଯଥା :

(i) ସମ୍ବନ୍ଧିତ ଦ୍ରବ୍ୟର ଦାମ (P_R)

(ii) କ୍ରେତାଙ୍କ ଆୟ (Y)

(iii) କ୍ରେତାଙ୍କ ରୁଚି ଓ ପସନ୍ଦ/ପ୍ରାଥମିକତା (T)

ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ଯେ ଦ୍ରବ୍ୟର ବ୍ୟକ୍ତିଗତ ଚାହିଦାର ନିର୍ଦ୍ଧାରକଗୁଡିକୁ ଦୁଇଟି ବର୍ଗରେ ବିଭକ୍ତ କରୁଛନ୍ତି । ପ୍ରଥମ ବର୍ଗରେ କେବଳ ସେହି ବସ୍ତୁର ଦର ରହିଛି ଓ ଦ୍ୱିତୀୟ ବର୍ଗରେ କ୍ରେତାଙ୍କ ଆୟ, ରୁଚି ଓ ପସନ୍ଦ/ପ୍ରାଥମିକତା ତଥା ସମ୍ବନ୍ଧିତ ବସ୍ତୁର ଦର ରଖାଯାଇଛି । ଦ୍ୱିତୀୟ ବର୍ଗର ଉପାଦାନ ସମୁହକୁ 'ଅନ୍ୟ ଉପାଦାନ' ନାମ ଦେଇଛନ୍ତି । ଏପରି ବର୍ଗୀକରଣର ଏକ ମହତ୍ତ୍ୱପୂର୍ଣ୍ଣ କାରଣ ହେଉଛି, ଯେ ଏହି ବର୍ଗର ଉପାଦାନର ଉପଭୋକ୍ତାଙ୍କ ଚାହିଦା ଉପରେ ପ୍ରଭାବର ସ୍ୱରୂପ ଭିନ୍ନ ଭିନ୍ନ ହୋଇଥାଏ । ଏହି ପ୍ରଭାବର ଅଧ୍ୟୟନ ମଧ୍ୟ ପୃଥକ ଭାବେ କରିବା । ପ୍ରଥମେ ଆମେ ଏହା ଜାଣିବାକୁ ଚେଷ୍ଟା କରିବା ଯେ ଦ୍ରବ୍ୟର ଦରରେ ପରିବର୍ତ୍ତନ ଏହାର ଚାହିଦାର ପରିମାଣକୁ କି ପ୍ରକାର ପ୍ରଭାବିତ କରୁଅଛି । ଏହି ଚେଷ୍ଟା ସମୟରେ ଆମେ ଏହା ମାନିନେବା ଯେ ଦ୍ରବ୍ୟର ଚାହିଦା ଉପରେ ଦ୍ୱିତୀୟ ବର୍ଗର ଉପାଦାନର କୌଣସି ପ୍ରଭାବ ପଡୁନାହିଁ । ଏହି ମାନ୍ୟତାକୁ ଆମେ ହି ବାକ୍ୟାଂଶ ଦ୍ୱାରା ପ୍ରକାଶ କରିବା ଯେ "ଅନ୍ୟ ବିଷୟମାନ ଅପରିବର୍ତ୍ତିତ ରହି ।" ଏହିପରି ଯେତେବେଳେ ଦ୍ୱିତୀୟ ବର୍ଗର ଉପାଦାନ ଗୁଡିକ ପ୍ରଭାବକୁ ସମୀକ୍ଷା କରିବାବେଳେ ଆମେ କହିବା ଯେ ଏହି ସମୟରେ ଦ୍ରବ୍ୟର ଦର ସ୍ଥିର ରହିଛି । ଏହାକୁ ମଧ୍ୟ ଆମେ ବିଧିବତ୍ ରୂପରେ କହନ୍ତି, "ଦ୍ରବ୍ୟର ଦର ଅପରିବର୍ତ୍ତିତ ରହି" । ଆସନ୍ତୁ ବର୍ତ୍ତମାନ ଦୁଇବର୍ଗର ନିର୍ଣ୍ଣାୟକ ଉପାଦାନର ଚାହିଦା ଉପରେ ପ୍ରଭାବକୁ ସମୀକ୍ଷା କରିବା ।

14.3 ଦ୍ରବ୍ୟର ଦର ପରିବର୍ତ୍ତନରେ ଏହାର ଚାହିଦା ଉପରେ ପ୍ରଭାବ

ପୂର୍ବରୁ ଆମେ କହିଛନ୍ତି ଯେ ଯେତେବେଳେ କୌଣସି କ୍ରେତାଙ୍କର ଏକ ଦ୍ରବ୍ୟର ଚାହିଦା ଉପରେ କୌଣସି ଏକ କାରକର ଅଧ୍ୟୟନ କରନ୍ତି । ସେତେବେଳେ ଅନ୍ୟ କାରକଗୁଡିକର ପ୍ରଭାବକୁ

ସ୍ଥିର ମାନି ନେଇଥାନ୍ତି । ଅନ୍ୟ ଅର୍ଥରେ "ଅନ୍ୟ ବିଷୟଗୁଡିକ ଅପରିବର୍ତ୍ତିତ ରହି କୌଣସି ଦ୍ରବ୍ୟର ଦରର ପରିବର୍ତ୍ତନରେ ଏହାର ଚାହିଦା ଉପରେ ପଡୁଥିବା ପ୍ରଭାବକୁ ଅଧ୍ୟୟନ କରାଯାଇପାରେ ।"

ଆପଣ ଅନେକଥର ଦେଖିଥିବେ ଯେ ଦ୍ରବ୍ୟର ଦରରେ ହ୍ରାସ ଫଳରେ ଆପଣ ତାହାକୁ ଅଧିକ ପରିମାଣରେ କ୍ରୟ କରିଥାନ୍ତି ମାତ୍ର ଦର ବୃଦ୍ଧି ଫଳରେ ଆପଣଙ୍କ କ୍ରୟ ମାତ୍ରା କମ୍ ହୋଇଥାଏ । ଏହା ଦର ପରିବର୍ତ୍ତନ ଫଳରେ ଯେକୌଣସି କ୍ରେତାଙ୍କର ସାଧାରଣ ପ୍ରତିକ୍ରିୟା । ଅର୍ଥଶାସ୍ତ୍ରୀ କହନ୍ତି ଯେ ଅନ୍ୟ ବିଷୟଗୁଡିକ ଅପରିବର୍ତ୍ତିତ ରହି ଯଦି କୌଣସି ଦ୍ରବ୍ୟର ଦରରେ ହ୍ରାସ ଘଟେ ତେବେ ସେ ଦ୍ରବ୍ୟର ଚାହିଦାର ପରିମାଣରେ ବୃଦ୍ଧି ହୋଇଥାଏ ଏବଂ ଯଦି ଦରରେ ବୃଦ୍ଧି ଘଟେ ତେବେ ତାହାର ଚାହିଦାର ପରିମାଣରେ ହ୍ରାସ ଘଟେ ।"

ଅନ୍ୟ ଅର୍ଥରେ ଦ୍ରବ୍ୟର ଦର ଓ ଚାହିଦାର ପରିମାଣରେ ବିପରିତ ସମ୍ବନ୍ଧ ହୋଇଥାଏ । ଯେପରି ମନେ ରହେ ଯେ ଯେତେବେଳେ ଆପଣ ଦର ଓ ଚାହିଦାର ପରିମାଣ ମଧ୍ୟରେ ବିପରିତ ସମ୍ପର୍କର ଆଲୋଚନା କରନ୍ତି । "ଅନ୍ୟ ବିଷୟଗୁଡିକ ଅପରିବର୍ତ୍ତିତ ରହି" କଥାଟି କହିବାକୁ ଭୁଲିବେ ନାହିଁ । ଏହି ବିପରିତଧର୍ମୀ ସମ୍ପର୍କ ସେତେବେଳଯାଏ ସତ୍ୟ ପ୍ରମାଣିତ ହୋଇଥାଏ, ଯେପର୍ଯ୍ୟନ୍ତ ଚାହିଦା ଉପରେ ଅନ୍ୟ କୌଣସି କାରକର କୌଣସି ପ୍ରଭାବ ନପଡେ । ତେଣୁ ଏହି ଉକ୍ତି "ଅନ୍ୟ ବିଷୟଗୁଡିକ ଅପରିବର୍ତ୍ତିତ" ରହିବାର ମାନ୍ୟତା ଦ୍ରବ୍ୟର ଦର ଓ ଚାହିଦାର ପରିମାଣର ସମ୍ବନ୍ଧର ସମୀକ୍ଷାରେ ଅନେକ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ ।

ଆସନ୍ତୁ ବର୍ତ୍ତମାନ ଦର ଓ ପରିମାଣର ଏହି ବିପରୀତ ସମ୍ପର୍କର କାରଣ ଜାଣିବାକୁ ଚେଷ୍ଟା କରିବା । ଏହାର କାରଣ ଦୁଇଟି ଅଛି ।

(କ) ଦ୍ରବ୍ୟର କ୍ରେତାଙ୍କର ବାସ୍ତବିକ ଆୟରେ ପରିବର୍ତ୍ତନ ଅଥବା ତାଙ୍କର କ୍ରୟ ଶକ୍ତିର ପରିବର୍ତ୍ତନ ବା ମୁଦ୍ରାର ମୂଲ୍ୟ ।

କ୍ରୟଶକ୍ତି ବା ବାସ୍ତବିକ ଆୟର ଅର୍ଥ "ଦିଆଯାଇଥିବା ମୌଦ୍ରିକ ଆୟ ଦ୍ୱାରା ଦ୍ରବ୍ୟ/ସେବା କିଣିବା ନିମିତ୍ତ କ୍ଷମତା ।" ଯଦି କ୍ରୟଶକ୍ତିରେ ବୃଦ୍ଧି ହୁଏ ତେବେ, ପ୍ରାୟତଃ ଉପଭୋକ୍ତା ସେହି ପରିମାଣ ଆୟ ଦ୍ୱାରା ପୂର୍ବ ଅପେକ୍ଷା ଅଧିକ ପରିମାଣରେ କ୍ରୟ କରିବ । ଯଦି କ୍ରୟଶକ୍ତିର ହ୍ରାସ ଘଟେ, ତେବେ ଉପଭୋକ୍ତା କମ୍ କ୍ରୟ କରିବାକୁ ବାଧ ହେବ । ଅନ୍ୟ ଅର୍ଥରେ, "ମୁଦ୍ରାର କ୍ରୟଶକ୍ତିକୁ ଆମେ ମୁଦ୍ରାର ମୂଲ୍ୟ କହିପାରିବା ।

ଯଦି କୌଣସି ଦ୍ରବ୍ୟର ଦର କମ୍ ହୋଇଯାଏ, ତେବେ ଉପଭୋକ୍ତାର କ୍ରୟଶକ୍ତିରେ ଉନ୍ନତି ଘଟିଥାଏ । ସେତେବେଳେ କ୍ରେତା ସେହି ପରିମାଣ ଅର୍ଥ ବ୍ୟୟ କରି ପୂର୍ବ ଅପେକ୍ଷା ଅଧିକ ପରିମାଣର କ୍ରୟ କରିପାରେ । ଏହି ଉଦାହରଣ ଉପରେ ଧ୍ୟାନ ଦିଅନ୍ତୁ । ଜଣେ ବ୍ୟକ୍ତି ଲିଟର ପ୍ରତି ୮ ଟଙ୍କା ଦରରେ ପ୍ରତିମାସ ୧୫ ଲିଟର ଦୁଧ କିଣନ୍ତି । ସେ ଦୁଧକିଣାରେ ମାସିକ ୧୨୦ ଟଙ୍କା ଖର୍ଚ୍ଚ କରନ୍ତି । ମନେକର ଦୁଧ ଦର କମ୍ ହୋଇ ୬ ଟଙ୍କା ଲିଟର ପ୍ରତି ରହିଲା । ବର୍ତ୍ତମାନ

ଆମ କ୍ରେତାଙ୍କର କ୍ରୟ କ୍ଷମତା ବୃଦ୍ଧି ଘଟିଲା। ସେ ୧୨୦ ଟଙ୍କାରେ ୨୦ ଲିଟର ଦୁଧ କିଣିପାରିବେ । ତେଣୁ ଦର ହ୍ରାସ ହେଲେ ଉପଭୋକ୍ତା ଅଧିକ ପରିମାଣରେ ଦୁଧ କିଣିପାରିବେ କାରଣ ତାଙ୍କର କ୍ରୟଶକ୍ତିରେ ବୃଦ୍ଧି ଘଟିଛି । ବର୍ତ୍ତମାନ ସେ ପୂର୍ବରୁ ଖର୍ଚ୍ଚ କରୁଥିବା ରାଶିରେ ଅଧିକ ପରିମାଣରେ କ୍ରୟ କରିପାରୁଛନ୍ତି। ଅନ୍ୟପକ୍ଷରେ ଯଦି ଦୁଧର ଦାମ ବୃଦ୍ଧି ହୋଇ ୧୦ ଟଙ୍କା ପ୍ରତି ଲିଟର ହୁଏ, ତେବେ ଉପଭୋକ୍ତା ପୂର୍ବ ରାଶି (୧୨୦ ଟଙ୍କା) ଖର୍ଚ୍ଚ କରି କେବଳ ୧୨ ଲିଟର, ପୂର୍ବ ଠାରୁ କମ୍ ପରିମାଣରେ ଦୁଧ କିଣିପାରିବେ । ତେଣୁ ଦୁଧର ଦର ବୃଦ୍ଧି ଫଳରେ ଉପଭୋକ୍ତାର କ୍ରୟଶକ୍ତି ହ୍ରାସ ହେବାରୁ ସେ ପୂର୍ବ ଅପେକ୍ଷା କମ୍ ପରିମାଣରେ ଦ୍ରବ୍ୟ କ୍ରୟ କରିବାକୁ ବାଧ ହୋଇପଡୁଛି । ତେଣୁ ଦ୍ରବ୍ୟର ଦର ତଥା କ୍ରୟଶକ୍ତି ମଧ୍ୟରେ ବିପରୀତ ସମ୍ବନ୍ଧ ହୋଇଥାଏ।

ଏହି କାରଣରୁ ଦର କମ୍ ହେଲେ କୌଣସି ଦ୍ରବ୍ୟର କ୍ରେତା ପୂର୍ବ ଅପେକ୍ଷା ଅଧିକ ପରିମାଣର ଚାହିଦା କରନ୍ତି, କାରଣ ତାଙ୍କର କ୍ରୟଶକ୍ତିରେ ବୃଦ୍ଧି ଘଟିଥାଏ। ଅନ୍ୟପକ୍ଷରେ ଦରର ବୃଦ୍ଧି ଫଳରେ କ୍ରେତାଙ୍କ କ୍ରୟଶକ୍ତିରେ ହ୍ରାସ ଆସିଥାଏ ଏବଂ ଦ୍ରବ୍ୟ କିଣାବିକା କମ୍ ହୋଇଥାଏ।

(ଖ) ଏକ ସାମଗ୍ରୀର ବିକଳ୍ପ ସାମଗ୍ରୀ/ ଦ୍ରବ୍ୟ :

ଯଦି ଗୋଟିଏ ଦ୍ରବ୍ୟ ସ୍ଥାନରେ ଅନ୍ୟ ଏକ ଦ୍ରବ୍ୟର ବ୍ୟବହାର ସମ୍ଭବ ହୁଏ ତେବେ ସେହି ଦୁଇଟି ଦ୍ରବ୍ୟ ପରସ୍ପରର ବିକଳ୍ପ ଦ୍ରବ୍ୟ ହୋଇଥାନ୍ତି । ଉଦାହରଣ ସ୍ୱରୂପ, କିରାସିନି ତେଲ, ରୋଷେଇ ଗ୍ୟାସ ଏବଂ ବିଜୁଳିଶକ୍ତି ଘରୋଇ ଜାଳେଣି ବିକଳ୍ପ। ଏହିପରି ଚା ବା କଫି ମଧ୍ୟ ବିକଳ୍ପ। ଯଦି କୌଣସି ଦ୍ରବ୍ୟର ଦରରେ ହ୍ରାସ ହୁଏ ତଥା ତାହାର ବିକଳ୍ପ ଦ୍ରବ୍ୟର ଦରରେ କୌଣସି ପରିବର୍ତ୍ତନ ହୁଏ ତେବେ ସେହି ବିକଳ୍ପ ସ୍ଥାନରେ ସେହି ବସ୍ତୁର ବ୍ୟବହାରରେ ବୃଦ୍ଧି ହୋଇ ଅର୍ଥାତ୍ ଯେଉଁ ଦ୍ରବ୍ୟର ଦର କମ୍ ହୋଇଥାଏ ତାହାର ଚାହିଦାର ବୃଦ୍ଧି ଘଟେ । ଉଦାହରଣ ସ୍ୱରୂପ ଆପଣଙ୍କ ଘରେ ରୋଷେଇ ପାଇଁ କିରୋସିନି ତେଲ ଏବଂ ବିଜୁଳି ଶକ୍ତି ଇନ୍ଧନ ରୂପେ ବ୍ୟବହାର କରୁଛନ୍ତି । ଯଦି କିରୋସିନି ତେଲର ଦର ହ୍ରାସ ହୁଏ, ତେବେ ଆପଣ ବିଜୁଳିର ବ୍ୟବହାର କମ୍ କରି କିରୋସିନି ତେଲର ପ୍ରୟୋଗ ଅଧିକ କରିବାକୁ ମିତବ୍ୟୟିତା ମନେ କରିବେ। କିରୋସିନି ତେଲର ଚାହିଦାର ଏହି ବୃଦ୍ଧି ବିଜୁଳି ସ୍ଥାନରେ କିରୋସିନିର ବିକଳ୍ପ କାରଣରୁ ହିଁ ହେଲା। ତେଣୁ କିରୋସିନିର ଅଧିକ ପରିମାଣର ଚାହିଦା ହେବ। ଦ୍ୱିତୀୟରେ, ଯଦି କିରୋସିନି ମହଙ୍ଗା ହୁଏ ତେବେ ଆପଣ ତାହାର ବ୍ୟବହାର କମ୍ କରି ଅଧିକ ବିଜୁଳି ବ୍ୟବହାର କରିବେ। ତେଣୁ କୌଣସି ଦ୍ରବ୍ୟର ଦରରେ ହ୍ରାସ ଫଳରେ ତାହାର ଚାହିଦାର ପରିମାଣରେ ବୃଦ୍ଧି ଘଟିଥାଏ ଏବଂ ଦରବୃଦ୍ଧି ଫଳରେ ଚାହିଦାର ପରିମାଣରେ ହ୍ରାସ ହୋଇଥାଏ।

14.4 ବ୍ୟକ୍ତିଗତ ଚାହିଦା ତାଲିକା

ଏକ ତାଲିକା ମାଧ୍ୟମରେ ଜଣେ ବ୍ୟକ୍ତିଙ୍କର ଚାହିଦାର ପରିମାଣ ଓ ଦ୍ରବ୍ୟର ଦର ମଧ୍ୟରେ ବିପରୀତ ଧର୍ମୀ ସମ୍ବନ୍ଧ ଦର୍ଶାଇପାରିବା । ତାଲିକା 14.1ରେ ତାହା ହିଁ କରାଯାଇଛି।

ଲିଟର ପ୍ରତି ଦୁଧ ଦର (ଟଙ୍କାରେ)	ଦୁଧର ଚାହିଦା ପରିମାଣ (ଲି/ଦିନ)
12	1.0
10.	1.5
8	2.0
6.	2.5
4	3.0

ଏହି ତାଲିକାରେ ଦୁଧର ଦରରେ ପରିବର୍ତ୍ତନ ଜନିତ କାରଣରୁ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦୁଧର କିଣା ଉପରେ ପ୍ରଭାବ ଦର୍ଶାଯାଇଛି । ୧୨ ଟଙ୍କା ପ୍ରତି ଲିଟର ଦରରେ କ୍ରେତା ପ୍ରତିଦିନ ୧ ଲି ଦୁଧ କିଣନ୍ତି । ଲିଟର ପ୍ରତି ଦୁଧର ଦର ହ୍ରାସ ହୋଇ ୧୦ ଟଙ୍କା ୮, ୬, ୪ ଟଙ୍କା ହେବାରୁ କ୍ରେତା ଜଣକ କ୍ରମାନ୍ୱୟରେ 1.5, 2.0, 2.5, 3.0 ଲିଟର ଦୁଧ କିଣିବାକୁ ଲାଗିଲେ । ଆପଣ ଏହି ତାଲିକାକୁ ନିମ୍ନରୁ ମଧ୍ୟ ପାଠ କରିପାରନ୍ତି । ଲି ପ୍ରତି ୪ ଟଙ୍କାରେ ଉପଭୋକ୍ତା 3.0 ଲି ଦୁଧ କିଣନ୍ତି, ଯେମିତି ଦର ବୃଦ୍ଧି ହୋଇ ଲି. ପ୍ରତି 12 ଟଙ୍କା ହୁଏ । ଦୁଧର ଚାହିଦାର ପରିମାଣ ହ୍ରାସ ହୋଇ ୧ ଲିଟରରେ ପହଞ୍ଚିଛି ।

14.5 ବ୍ୟକ୍ତିଗତ ଚାହିଦା ବକ୍ର

ଯଦି ବ୍ୟକ୍ତିଗତ ଚାହିଦା ତାଲିକାର ରେଖାଙ୍କନ କଲେ ବ୍ୟକ୍ତିଗତ ଚାହିଦା ବକ୍ର ମିଳିଥାଏ ।



ଚିତ୍ର 14.1 ବ୍ୟକ୍ତିଗତ ଚାହିଦା ବକ୍ର

ଚିତ୍ର 14.1 ରେ ପାଞ୍ଚଟି ବିନ୍ଦୁ ABCDE ତାଲିକା 14.1ର ପାଞ୍ଚଟି ଦର ପରିମାଣ ସଂଯୋଜନାକୁ ଦର୍ଶାଉଅଛି । ବିନ୍ଦୁ Aରେ ଲିଟର ପ୍ରତି ୧୨ ଟଙ୍କା ଓ ଚାହିଦା ୧ ଲି. ପ୍ରତିଦିନ । ବିନ୍ଦୁ B ରେ ଲି. ପ୍ରତି ୧୦ ଟଙ୍କା ଓ ଚାହିଦା ୧.୫ଲି/ପ୍ରତିଦିନ ସେହିପରି C, D ଓ E ବିନ୍ଦୁ ଉପରେ ମଧ୍ୟ ଲି. ପ୍ରତି ଯଥାକ୍ରମେ ୮.୬ ଓ ୪ ଟଙ୍କା ଦର ବେଳେ ଚାହିଦାର ପରିମାଣ କ୍ରମାନ୍ୱୟେ 2.0, 2.5 ଓ 3.0 ଲି/ପ୍ରତିଦିନ । ଏହି ପାଞ୍ଚଟି ବିନ୍ଦୁକୁ ଯୋଗକଲେ ଆମକୁ DD ବକ୍ର ମିଳିଥାଏ। ଏହି ବକ୍ର ବାମରୁ ଦକ୍ଷିଣକୁ ନିମ୍ନଗାମୀ । ଏହା ଦର୍ଶାଏ ଯେ ଦୁଧର ଦର ହ୍ରାସ ଫଳରେ ଏହାର ଚାହିଦାର ପରିମାଣରେ ବୃଦ୍ଧି ହେଉଛି । ବିନ୍ଦୁ A ଦର୍ଶାଏ ଯେ ଦୁଧ ଲି. ପ୍ରତି 12 ଟଙ୍କା ବେଳେ ଚାହିଦାର ପରିମାଣ 1 ଲି. । ବିନ୍ଦୁ B ଦର୍ଶାଏ ଯେ ଲି. ପ୍ରତି ୧୦ ଟଙ୍କା ବେଳେ ଚାହିଦାର ପରିମାଣ 1.5 ଲି/ ପ୍ରତିଦିନ। ତେଣୁ ଚାହିଦା ବକ୍ର ବାମରୁ ଦକ୍ଷିଣକୁ ନିମ୍ନଗାମୀ, ଦର୍ଶାଏ ଯେ ଦର ଓ ଚାହିଦାର ପରିମାଣ ମଧ୍ୟରେ ବିପରୀତ ଧର୍ମୀ ସମ୍ବନ୍ଧ ଅଛି ।

14.6 ବଜାର ଚାହିଦା ତାଲିକା

ପୂର୍ବରୁ କୁହାଯାଇଛି ଯେ ବଜାର ଚାହିଦା, ନିର୍ଦ୍ଦିଷ୍ଟ ଦର ଉପରେ କାଳ ବିଶେଷରେ ସମସ୍ତ ବ୍ୟକ୍ତିଗତ ଚାହିଦାର ଯୋଗଫଳ। କୌଣସି ଦ୍ରବ୍ୟର ଅନେକ କ୍ରେତାଙ୍କ ଚାହିଦା ତାଲିକାକୁ ପ୍ରୟୋଗ କରି ବଜାର ଚାହିଦା ତାଲିକା ପ୍ରସ୍ତୁତ କରିପାରିବା। ମନେକର ବଜାରରେ ଦୁଧର ତିନିଜଣ ଗ୍ରାହକ ଅଛନ୍ତି A, B ଓ C । ତାଲିକା 14.2 ରେ ଏହି ତିନିଜଣଙ୍କର ଚାହିଦାର ସୂଚୀ ଦିଆଗଲା।

ତାଲିକା 14.2

ଦୁଧର ଦର (ଟ/ଲିରେ)	ପ୍ରତ୍ୟେକ ଗ୍ରାହକଙ୍କ ଚାହିଦାର ପରିମାଣ(ଲି/ପ୍ରତିଦିନ)		
	(A)	(B)	(C)
(1)	(2)	(3)	(4)
12	1.0	0.5	0.0
10	1.5	1.0	0.5
8	2.0	1.5	1.0
6	2.5	2.0	1.5
4	3.0	2.5	2.0

ତାଲିକାର ପ୍ରଥମ ସ୍ତମ୍ଭରେ ଦୁଧର ଲିଟର ପ୍ରତି ଦର ଦିଆଯାଇଛି । ସ୍ତମ୍ଭ (2), (3) ଓ (4)ରେ A, B, C ଗ୍ରାହକମାନଙ୍କ ପ୍ରତ୍ୟେକ ଦର ଉପରେ ଦୈନିକ ଚାହିଦାର ତାଲିକା ଅଛି । ଲିଟର ପ୍ରତି ୧୨ ଟଙ୍କା ଦରରେ A, 1ଲି. B 0.5 ତଥା (C) 0 ଲି. ଦୁଧ କିଣନ୍ତି । ଯଦି ଏହି ତିନିଜଣଙ୍କ ପରିମାଣକୁ ଯୋଗ କରି ଦିଆଯାଏ ତେବେ ୧୨ଟଙ୍କା ଦରରେ ବଜାର ଚାହିଦା 1+0.5 +0=1.5ଲି ହେବ । ଏହିପରି ପ୍ରତ୍ୟେକ ଦର ଉପରେ ତିନି ଗ୍ରାହକଙ୍କ ଦୁଧର ଚାହିଦାର ପରିମାଣକୁ ଯୋଗ କରି ବଜାର ଚାହିଦା ଜାଣିପାରିବା । ଏହା ତାଲିକା 14.3 ରେ ଦର୍ଶାଯାଇଛି ।

ତାଲିକା 14.3

ଦୁଧର ଦର (ଟ/ଲି) (1)	ବଜାର ଚାହିଦା (2)
12	1.5 (1.0+0.5+0)
10	3.0 (1.5+1.0+0.5)
8	4.5 (2.0+1.5+1.0)
6	6.0 (2.5 +20+1.5)
4	7.5 (3.0 +2.5 +2.0)

ତାଲିକା 14.3 ସ୍ତମ୍ଭ-2ରେ ବିଭିନ୍ନ ଦର ଉପରେ ବଜାର ଚାହିଦା ଗଣନା କି ପ୍ରକାର ହୋଇଅଛି ତାହା ବନ୍ଧନୀ ମଧ୍ୟରେ ଦର୍ଶାଯାଇଛି । ଏହି ବଜାର ଚାହିଦାର ତଥ୍ୟ ତିନିଜଣ ଗ୍ରାହକ A, B ଓ C ଦ୍ୱାରା ପ୍ରତ୍ୟେକ ଦର ଉପରେ ଚାହିଦାର ପରିମାଣର ଯୋଗଫଳ । ଅନ୍ୟ ଅର୍ଥରେ ବ୍ୟକ୍ତିଗତ ଚାହିଦା ତାଲିକାର ଯୋଗଫଳ ହିଁ ବଜାର ଚାହିଦା ତାଲିକା ।

ଏଠାରେ ଧ୍ୟାନ ଦିଅନ୍ତୁ ଯେ ବଜାର ଚାହିଦା ତାଲିକା ମଧ୍ୟ ଦର ଓ ପରିମାଣ ମଧ୍ୟରେ ସେହି ସମ୍ବନ୍ଧ ଦର୍ଶାଉଅଛି ଯାହା ବ୍ୟକ୍ତିଗତ ଚାହିଦା ତାଲିକାରେ ପ୍ରଦର୍ଶିତ ହୋଇଛି, କାରଣ ଏହା ଯେ ବଜାର ଚାହିଦା ତାଲିକା ବ୍ୟକ୍ତିଗତ ଚାହିଦା ତାଲିକାର ଯୋଗଫଳ ମାତ୍ର ।

14.7 ବଜାର ଚାହିଦା ବକ୍ର

ଆମେ ଜଣେ ବ୍ୟକ୍ତିଙ୍କର ଚାହିଦା ତାଲିକାର ରେଖାଙ୍କନ କରି ତାର ଚାହିଦା ବକ୍ର ତିଆରି କରିଥିଲେ । ଠିକ୍ ସେହିପରି ତାଲିକା 14.3ର ତଥ୍ୟକୁ ରେଖାଙ୍କିତ କରି ଆମେ ଚିତ୍ର 14.2ରେ ବଜାର ଚାହିଦା ବକ୍ର ତିଆରି କରିପାରିବା ।



ପ୍ରତିଦିନ ଦୁଧର ଚାହିଦାର ପରିମାଣ (ଲି.ରେ)

ଚିତ୍ର 14.2 ବଜାର ଚାହିଦା ବକ୍ର । ଏହି ଚିତ୍ରରେ ବିନ୍ଦୁ P, Q, R, S ଓ T ତାଲିକା 14.3 ରେ ଲିଖିତ ଦର ଉପରେ ଦୁଧର ଦୈନିକ ଚାହିଦାର ପରିମାଣ ଦର୍ଶାଉଅଛି । ବିନ୍ଦୁ P ଦେଖାଉଛି ଯେ ଦର ୧୨ ଟଙ୍କା ପ୍ରତି ଲିଟରରେ ପ୍ରତିଦିନ ୧.୫ଲି ଦୁଧର ବଜାର ଚାହିଦା ରହିଛି। ବିନ୍ଦୁ Q 10 ଟଙ୍କା ପ୍ରତି ଲିଟରରେ ଦୁଧର ଚାହିଦା ଦର୍ଶାଉଛି। ଏହି PQRSTକୁ ସଂଯୋଗ କଲେ ଆମକୁ ବଜାର ଚାହିଦା ବକ୍ର ମିଳୁଛି। ଏହା ସମସ୍ତ ଦୁଧ କ୍ରେତାମାନଙ୍କର ବିଭିନ୍ନ ଦର ଉପରେ ଦୈନିକ ଚାହିଦା ଦର୍ଶାଏ। ଏହି ଚାହିଦା ବକ୍ର ବ୍ୟକ୍ତିଗତ ଚାହିଦା ବକ୍ରର ଆନୁଭୂମିକ (ଭୂସମାନ୍ତର) ଯୋଗ ଦ୍ୱାରା ମଧ୍ୟ ଗଠନ କରାଯାଇପାରେ।

ଗୋଟିଏ ବିଷୟ ଉପରେ ଧ୍ୟାନ ଦିଆଯାଉ ଯେ ବ୍ୟକ୍ତିମାନଙ୍କ ଚାହିଦା ବକ୍ର ଭଳି ବଜାର ଚାହିଦା ବକ୍ର ମଧ୍ୟ ବାମରୁ ଦକ୍ଷିଣକୁ ନିମ୍ନଗାମୀ ହୋଇଛି । ଏହା ମଧ୍ୟ ଦ୍ରବ୍ୟର ଦର ଓ ତାହାର ବଜାର ଚାହିଦା ମଧ୍ୟରେ ଏକ ବିପରୀତଧର୍ମୀ ସମ୍ପର୍କକୁ ଦର୍ଶାଏ।

14.8 ଚାହିଦା ସୂତ୍ର

ଦ୍ରବ୍ୟର ଦରର ପରିବର୍ତ୍ତନ ଫଳରେ ତାହାର ଚାହିଦାର ପରିମାଣ ଉପରେ ପଡୁଥିବା ପ୍ରଭାବକୁ ଚାହିଦା ସୂତ୍ର କୁହାଯାଏ।

ଚାହିଦା ସୂତ୍ର ଅନୁସାରେ ଅନ୍ୟସବୁ ବିଷୟ ଅପରିବର୍ତ୍ତିତ ରହି ଯଦି କୌଣସି ଦ୍ରବ୍ୟର ଦର ହ୍ରାସ ହୁଏ ତେବେ ତାହାର ଚାହିଦାର ପରିମାଣ ବୃଦ୍ଧି ହୋଇଥାଏ ଏବଂ ଦର ବୃଦ୍ଧି ଫଳରେ ଚାହିଦାର ପରିମାଣ ହ୍ରାସ ପାଇଥାଏ। ଅନ୍ୟ ଭାଷାରେ, ଅନ୍ୟ ବିଷୟ ଅପରିବର୍ତ୍ତିତ ରହି ଦ୍ରବ୍ୟର ଦର ତଥା ଚାହିଦାରେ ବିପରୀତ ଧର୍ମୀ ସମ୍ବନ୍ଧ ହୋଇଥାଏ। ଏହି ବିପରୀତଧର୍ମୀ ସମ୍ବନ୍ଧର କାରଣ ଆପଣ ଭାଗ 14.5ରେ ଅଧ୍ୟୟନ କରିଛନ୍ତି। ବଜାର ଚାହିଦା ତାଲିକା ଏକ ସମ୍ବନ୍ଧକୁ ତଥ୍ୟ ଦ୍ୱାରା ତଥା ଚାହିଦା ବକ୍ର ଏକ ଚିତ୍ର ଦ୍ୱାରା ପରି ପ୍ରକାର କରିଛନ୍ତି।

14.9 ଚାହିଦା ସୂତ୍ରର ବ୍ୟତିକ୍ରମ

କେତେକ ପରିସ୍ଥିତିରେ ଚାହିଦା ସୂତ୍ରଟିର ପ୍ରୟୋଗ କାର୍ଯ୍ୟକାରୀ ହୋଇନଥାଏ । ଏହାକୁ ଚାହିଦା ସୂତ୍ରର ବ୍ୟତିକ୍ରମ କୁହାଯାଏ । ଚାହିଦା ସୂତ୍ରର ବ୍ୟତିକ୍ରମଗୁଡିକ ନିମ୍ନ ପ୍ରକାରରେ ।

(i) ସମ୍ମାନ ବୃଦ୍ଧିକାରୀ ଦ୍ରବ୍ୟ :

କେତେକ ଦ୍ରବ୍ୟ ଏହି କାରଣରୁ କିଣାଯାଏ ଯେ କ୍ରେତା ତାହାକୁ କିଣିପାରିଲେ କୌଣସି ପ୍ରକାରେ ଗର୍ବ, ଆତ୍ମବଡିମା ବା ସାମାଜିକ ମର୍ଯ୍ୟାଦା ଅନୁଭୂତି ହୋଇଥାଏ । ଉଦାହରଣ ସ୍ୱରୂପ, ହୀରା ପ୍ରତିଷ୍ଠା ସୂଚକ ରୂପେ ପରିଗଣିତ ତଥା ଏହା ସମାଜର ଉଚ୍ଚ ବର୍ଗଙ୍କ ଦ୍ୱାରା କିଣାଯାଇଥାଏ । ଏହାର ଦର ଯେତେ ବୃଦ୍ଧି ହେବ ଏହାକୁ କ୍ରୟ କରିବା ସେତିକି ବର୍ଗର ବିଷୟ । ତେଣୁ ଯେତେ ମହଙ୍ଗା ହେବ ହୀରାର ସେତେ ଅଧିକ ଚାହିଦା ବଢିବ । ଯଦି ଏହାର ଦର ହ୍ରାସ ପାଏ ତେବେ ଆତ୍ମ ବଡିମା ଅନୁଭବି ଲୋକ ଏହାକୁ କିଣିବାକୁ ଇଚ୍ଛା କରିବେ ନାହିଁ । ଫଳରେ ଚାହିଦା କମ୍ ହେବ । ଏପରି ଅବସ୍ଥାରେ ଦର ଓ ଚାହିଦା ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧ ସ୍ଥାପିତ ହୁଏ । ଅତଏବ ସମ୍ମାନ ବୃଦ୍ଧିକାରୀ ଦ୍ରବ୍ୟ ପ୍ରତି ଚାହିଦା ସୂତ୍ର ପ୍ରଯୁଜ୍ୟ ହୁଏ ନାହିଁ ।

(ii) ଗିଫେନ ଦ୍ରବ୍ୟ :

ଊନବିଂଶ ଶତାବ୍ଦୀର ପୂର୍ବାର୍ଦ୍ଧରେ ବ୍ରିଟିଶ ଅନ୍ତର୍ଗତ ଆୟରଲ୍ୟାଣ୍ଡର ପ୍ରସିଦ୍ଧ ପରିସଂଖ୍ୟାନବିତ୍ ସାର ରବର୍ଟ ଗିଫେନ୍ ଶ୍ରମିକମାନଙ୍କର ଉପଭୋଗ ପରିବ୍ୟୟର ଢାଞ୍ଚାକୁ ଅନୁଧ୍ୟାନ କରି ଜାଣିପାରିଲେ ଯେ ରୁଟିର ଦରବୃଦ୍ଧି ହେଲେ ନିମ୍ନ ଆୟ ବର୍ଗର ଶ୍ରମିକମାନେ ଅଧିକ ରୁଟି କ୍ରୟ କରୁଛନ୍ତି । ଚାହିଦା ନିୟମ ଅନୁସାରେ ଦର ବଢିଲେ ରୁଟିର ଚାହିଦା କମ୍ ହେବା କଥା । ମାତ୍ର ଚାହିଦା ସୂତ୍ରର ସମ୍ପୂର୍ଣ୍ଣ ବିପରୀତ ଘଟଣାକ୍ରମ ଥିଲା । ତେବେ ଏହାର କାରଣ କ'ଣ ହୋଇପାରେ ? ବ୍ରିଟେନରେ ସାଧାରଣ ଶ୍ରମିକବର୍ଗଙ୍କର ମୁଖ୍ୟଖାଦ୍ୟ ମାଂସ ଓ ଡବଲରୁଟି । ଯେତେବେଳେ ରୁଟି ମହଙ୍ଗା ହେଲା ଶ୍ରମିକମାନଙ୍କର ଭାଳେଣି ପଡିଲା । ଯଦି ଆୟର ପୂର୍ବବତ୍ ଅଂଶ ରୁଟି ପାଇଁ ଖର୍ଚ୍ଚ କରିବେ ତେବେ ସେମାନେ କମ୍ ରୁଟି କିଣିବେ, ତେବେ ପୂର୍ବଭଳି ମାଂସ ପରିମାଣ କିଣିପାରିବେ, ମାତ୍ର ଏଥିରେ ତାଙ୍କର ପେଟ ଭରିବ ନାହିଁ । ତେଣୁ ସେମାନେ ପେଟ ଭରିବା ପାଇଁ ମାଂସର ପରିମାଣ କମ୍ କିଣି ଅଧିକ ରୁଟି କିଣିବାକୁ ଉଚିତ ମନେ କଲେ । ଡବଲ ରୁଟିର ମହରଗ ସମସ୍ୟାର ଏହି ସମାଧାନ ସୂତ୍ର ଶ୍ରମିକମାନେ ବାହାର କରିଥିଲେ । ସାର ଗିଫେନ୍ ଏହି ଘଟଣାକ୍ରମକୁ ସର୍ବପ୍ରଥମେ ଅନୁଧ୍ୟାନ କରି ଜାଣିଥିଲେ । ଏହାକୁ 'ଗିଫେନ୍ ବିରୋଧାଭାସ' କୁହାଯାଏ । ଏହି କାରଣରୁ ଏ ପ୍ରକାର ପଦାର୍ଥକୁ ଗିଫେନ୍ ଦ୍ରବ୍ୟ କୁହାଯାଏ । ଏ କ୍ଷେତ୍ରରେ ଦ୍ରବ୍ୟର ଦର ହ୍ରାସ ହେଲେ ଚାହିଦା ବୃଦ୍ଧି ହୋଇନଥାଏ । ଉପଭୋକ୍ତା ତାଙ୍କର ଧ୍ୟାନ ଉତ୍କୃଷ୍ଟ ଦ୍ରବ୍ୟ ଆଡକୁ ଅପସାରଣ କରିଥାନ୍ତି । ଫଳରେ ଗିଫେନ୍ ଦ୍ରବ୍ୟର ଚାହିଦା ରେଖା ଊର୍ଦ୍ଧ୍ୱମୁଖୀ ହୋଇଥାଏ । ଏଭଳି ପରିସ୍ଥିତିରେ ଚାହିଦା ସୂତ୍ର ପ୍ରଯୁଜ୍ୟ ହୋଇନଥାଏ ।

(iii) ଭବିଷ୍ୟତରେ ଦର ପରିବର୍ତ୍ତନର ପ୍ରତ୍ୟାଶା

ଯଦି କୌଣସି ଦ୍ରବ୍ୟର ଦର ବୃଦ୍ଧି ହେଉଛି ଏବଂ ଭବିଷ୍ୟତରେ ଏହା ଅଧିକରୁ ଅଧିକ ବୃଦ୍ଧି ହେବାର ଆଶା ହୋଇଥାଏ ତେବେ ସାଧାରଣ ବ୍ୟକ୍ତି ଆଜି ଅଧିକ ପରିମାଣ କ୍ରୟ କରି ଭବିଷ୍ୟତରେ ଚଢା ଦାମ ବ୍ୟୟରୁ ରକ୍ଷା ପାଇବାକୁ ଚେଷ୍ଟା କରନ୍ତି । ବ୍ୟବସାୟୀମାନେ ମଧ୍ୟ ଅଧିକ ପରିମାଣ କ୍ରୟ କରି ଗଚ୍ଛିତ କରିଥାନ୍ତି ଯେ ଭବିଷ୍ୟତରେ ଚଢା ଦାମରେ ବିକ୍ରି କରି ଅଧିକ ଲାଭ ପାଇବେ । ତେଣୁ ଦରବୃଦ୍ଧି ହେଲେ କେତେକ ଦ୍ରବ୍ୟର ଚାହିଦାର ପରିମାଣରେ ବୃଦ୍ଧି ଦେଖାଦେଇଥାଏ । ଏହାର ବିପରୀତ ଦ୍ରବ୍ୟ ଶସ୍ତା ହେବାରୁ ଯଦି ଭବିଷ୍ୟତରେ ଦର ଅଧିକ କମ୍ ହେବାର ଆଶା ହେଉଥାଏ, ତେବେ ଆମେ ଆଜି କ୍ରୟ ନକରି ଆଗକୁ ଅପେକ୍ଷା କରି ଅଧିକ ଶସ୍ତାରେ କିଣିବାର ବିଚାର କରିପାରନ୍ତି । ପରିଣାମ ସ୍ୱରୂପ ଦର କମ୍ ହେଲେ ଚାହିଦାର ହ୍ରାସ ମଧ୍ୟ ଦେଖାଦେଇଥାଏ ।

ମାତ୍ର ଏ ଘଟଣାକ୍ରମ ଚାହିଦା ସୂତ୍ରର ବ୍ୟତିକ୍ରମ ହେଲେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଏହି ନିୟମ ପ୍ରଯୁଜ୍ୟ ହୋଇଥାଏ ।

ମନେରଖ :

- ଅନ୍ୟ ବିଷୟ ଅପରିବର୍ତ୍ତିତ ରହି ଦ୍ରବ୍ୟର ଦର ତଥା ତାହାର ଚାହିଦାର ପରିମାଣ ମଧ୍ୟରେ ବିପରୀତ ସମ୍ବନ୍ଧକୁ "ଚାହିଦା ସୂତ୍ର" କୁହାଯାଏ ।
- ଚାହିଦା ସୂତ୍ର ଅନ୍ୟ ବିଷୟ "ପୂର୍ବପରି" ରହି ବା ସର୍ତ୍ତ ଉପରେ ଆଧାରିତ ।
- ଅନ୍ୟ ବିଷୟ ଅପରିବର୍ତ୍ତିତ ରହିବା ଅର୍ଥ ଚାହିଦାକୁ ପ୍ରଭାବିତ କରୁଥିବା ଅନ୍ୟ ଉପାଦାନ ଅପରିବର୍ତ୍ତିତ ରହିଥାଏ । ଏହା ଦ୍ରବ୍ୟର ଚାହିଦା ପରିମାଣକୁ ପ୍ରଭାବିତ କରେ ନାହିଁ, କେବଳ ଦ୍ରବ୍ୟର ଦର ହିଁ ଚାହିଦାକୁ ପ୍ରଭାବିତ କରୁଥାଏ ।
- ଦ୍ରବ୍ୟର ଦର ଓ ପରିମାଣ ମଧ୍ୟରେ ବିପରୀତ ସମ୍ବନ୍ଧର ଦୁଇଟି କାରଣ ରହିଛି : (i) ଦରର ହ୍ରାସ ଫଳରେ ଉପଭୋକ୍ତାଙ୍କ କ୍ରୟ ଶକ୍ତିର ବୃଦ୍ଧି ଘଟେ, ସେ ଅଧିକ ପରିମାଣ କିଣିବାକୁ ସମର୍ଥ ହୁଅନ୍ତି ଏବଂ (ii) ଅନ୍ୟ ଦ୍ରବ୍ୟ ଅପେକ୍ଷା ଶସ୍ତା ହୋଇଥିବା ଦ୍ରବ୍ୟକୁ ପୂର୍ବ ଦ୍ରବ୍ୟ ସ୍ଥାନରେ ବ୍ୟବହାର ଅଧିକ ହୋଇଥାଏ । ଏହି କାରଣ ହିଁ ପରବର୍ତ୍ତୀ ଦ୍ରବ୍ୟର ଚାହିଦାରେ ବୃଦ୍ଧି ଘଟିଥାଏ ।
- ଦର ଓ ଚାହିଦାର ପରିମାଣ ମଧ୍ୟରେ ବିପରୀତ ସମ୍ବନ୍ଧ ଏକ ତାଲିକା ଏବଂ ଏକ ବକ୍ର ଦୁଇଟି ଦ୍ୱାରା ଦର୍ଶାଯାଇପାରେ ।
- ଚାହିଦା ବକ୍ର ବାମରୁ ଦକ୍ଷିଣକୁ ନିମ୍ନଗାମୀ ହୋଇଥାଏ ।
- ଚାହିଦା ସୂତ୍ରର କେତେକ ବ୍ୟତିକ୍ରମ ମଧ୍ୟ ଅଛି । ଏଗୁଡିକ ହେଉଛି ସମ୍ମାନବୃଦ୍ଧିକାରୀ ଦ୍ରବ୍ୟ, ଗିଫେନ୍ ଦ୍ରବ୍ୟ ତଥା କେତେକ ଦ୍ରବ୍ୟ ଯାହାର ଦରରେ ଭବିଷ୍ୟତରେ ଅଧିକ ବୃଦ୍ଧି ଅଥବା ହ୍ରାସ ହେବାର ଆଶଙ୍କା ଥାଏ ।

ପାଠ୍ୟଗତ ପ୍ରଶ୍ନ 14.2

ନିମ୍ନ ଉକ୍ତିରୁ ଠିକ୍/ଭୁଲ କୁହ :

(i) ଚାହିଦା ସୂତ୍ର କେବଳ ଆବଶ୍ୟକ ଦ୍ରବ୍ୟ ଉପରେ ପ୍ରଯୁଜ୍ୟ ହୋଇଥାଏ ।

(ii) ଚାହିଦା ସୂତ୍ର ଅନୁସାରେ ଅନ୍ୟ ବିଷୟ ଅପରିବର୍ତ୍ତିତ ରହି ତାହାର ଦର ଓ ଚାହିଦାର ପରିମାଣ ମଧ୍ୟରେ ବିପରୀତ ସମ୍ବନ୍ଧ ଥାଏ ।

(iii) ଅନ୍ୟ ବିଷୟ ପୂର୍ବଭଳି ରହିବା ଅର୍ଥ ଚାହିଦାକୁ ପ୍ରଭାବିତ କରୁଥିବା ଅନ୍ୟ କାରଣରେ ପରିବର୍ତ୍ତନ ହୁଏ ନାହିଁ ।

(iv) ଚାହିଦା ସୂତ୍ର ସମ୍ମାନ ବୃଦ୍ଧିକାରୀ ଦ୍ରବ୍ୟ ଉପରେ ମଧ୍ୟ ପ୍ରଯୁଜ୍ୟ ।

(v) ଯଦି କୌଣସି ଦ୍ରବ୍ୟର ଦରରେ ବୃଦ୍ଧି ଘଟେ ତଥା ଦରବୃଦ୍ଧିର କ୍ରମ ଆଗକୁ ଚାଲୁ ରହିବାର ଆଶା କରାଯାଏ ତେବେ ତାହାର ଚାହିଦାରେ ହ୍ରାସ ଆସିଥାଏ ।

(vi) ଦ୍ରବ୍ୟର ଚାହିଦାକୁ ପ୍ରଭାବିତ କରୁଥିବା ଉପାଦାନରେ ଦ୍ରବ୍ୟର ଦର କେବଳ ଏକ ଉପାଦାନ ଅଟେ ।

(vii) ଚାହିଦା ବକ୍ର ବାମରୁ ଦକ୍ଷିଣକୁ ନିମ୍ନଗାମୀ ହୋଇଥାଏ ।

(viii) ଅନ୍ୟ ବିଷୟ ଅପରିବର୍ତ୍ତିତ ରହି ଦ୍ରବ୍ୟର ଦର ବୃଦ୍ଧି ହେଲେ ତା'ର ଚାହିଦା ମଧ୍ୟ ଅଧିକ ହୋଇଯାଏ ।

(ix) ଏକ ବ୍ୟକ୍ତିଗତ ଚାହିଦା ତାଲିକା ବିଭିନ୍ନ ଦର ଉପରେ ତାଙ୍କର ଚାହିଦାର ପରିମାଣକୁ ଦର୍ଶାଇଥାଏ ।

(x) କୌଣସି ଦ୍ରବ୍ୟର ଦର ଅଧିକ ହେଲେ କ୍ରେତାଙ୍କର କ୍ରୟଶକ୍ତି ବୃଦ୍ଧି ହୋଇଥାଏ ।

14.10 ଦ୍ରବ୍ୟର ଚାହିଦାକୁ ପ୍ରଭାବିତ କରୁଥିବା ଅନ୍ୟ ଉପାଦାନ

ଦ୍ରବ୍ୟର ଚାହିଦା ଉପରେ ତାହାର ଦରର ପ୍ରଭାବ ବିଷୟରେ ସମୀକ୍ଷା ଆପଣ କରିସାରିଛନ୍ତି । ସେଠାରେ ଆମେ "ଅନ୍ୟ ବିଷୟ ଅପରିବର୍ତ୍ତିତ ଥାଇ" ସର୍ତ୍ତକୁ ଗ୍ରହଣ କରିଛନ୍ତି ଅର୍ଥାତ୍ ଦର ବ୍ୟତୀତ ଅନ୍ୟ କୌଣସି ପ୍ରଭାବକାରୀ ଉପାଦାନରେ ପରିବର୍ତ୍ତନ ହେବ ନାହିଁ ।

ବର୍ତ୍ତମାନ ଆମେ ସେହି ଅନ୍ୟ ବିଷୟ/ଉପାଦାନର ଦ୍ରବ୍ୟର ଚାହିଦା ଉପରେ ପ୍ରଭାବକ ଜାଣିବାକୁ ପ୍ରୟାସ କରିବା । ଏଠାରେ ଦର 'ପୂର୍ବଭଳି ରହିବାକୁ' ସର୍ତ୍ତ ଉପରେ ସାହାଯ୍ୟ ନେବା ।

ଚାହିଦାକୁ ପ୍ରଭାବିତ କରୁଥିବା ଅନ୍ୟ ଉପାଦାନଗୁଡ଼ିକ :

(କ) କ୍ରେତାଙ୍କ ଆୟ (Y)

(ଖ) କ୍ରେତାଙ୍କ ରୁଚି/ ପସନ୍ଦ ଓ ଅଗ୍ରାଧିକାର (T)

(ଗ) ସମ୍ବନ୍ଧିତ ଦ୍ରବ୍ୟର ଦାମ (P_R)

ଆସନ୍ତୁ, ଉପରୋକ୍ତ ଉପାଦାନଗୁଡ଼ିକ କିପରି ଭାବେ ଚାହିଦା ଉପରେ ପ୍ରଭାବ ପକାଉଛନ୍ତି ତାହା ଗୋଟି ଗୋଟି କରି ଜାଣିବା । ମନେ ରଖନ୍ତୁ ଏଠାରେ ଦ୍ରବ୍ୟର ଦର ଉପରେ କୌଣସି ପରିବର୍ତ୍ତନ ହେବ ନାହିଁ ।

(କ) କ୍ରେତାଙ୍କ ଆୟ :

ଦ୍ରବ୍ୟର ଦର ଅପରିବର୍ତ୍ତିତରହି ଖାଉଟିଙ୍କର ଆୟରେ ବୃଦ୍ଧି ଘଟିଲେ ତାଙ୍କର କ୍ରୟଶକ୍ତିର ବୃଦ୍ଧି ଘଟେ । ବର୍ତ୍ତମାନ ସେ ଏହି ଦ୍ରବ୍ୟକୁ ଅଧିକ କ୍ରୟ କରିବାକୁ ସମର୍ଥ ହୁଅନ୍ତି । ତେଣୁ ଉପଭୋକ୍ତାଙ୍କ ଆୟର ବୃଦ୍ଧି ଫଳରେ ତାଙ୍କର ଚାହିଦାରେ ବୃଦ୍ଧି ଘଟିପାରେ । ତାଙ୍କର ବିପରୀତ ଆୟରେ ହ୍ରାସ ଫଳରେ କ୍ରୟଶକ୍ତି ହ୍ରାସ ହୋଇଥାଏ । ଏହି କାରଣରୁ ଦର ସ୍ଥିର ରହିଲେ ମଧ୍ୟ ଦ୍ରବ୍ୟର ଚାହିଦାରେ ହ୍ରାସ ଘଟିଥାଏ । ତେଣୁ ଦ୍ରବ୍ୟର ଚାହିଦାରେ ଉପଭୋକ୍ତାଙ୍କ ଆୟ ସହିତ ଏକ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି ।

କିନ୍ତୁ କେତେକ ଏଭଳି ପରିସ୍ଥିତି ମଧ୍ୟ ସମ୍ଭବ ଯେ ଯେଉଁଠାରେ ଆୟ ବୃଦ୍ଧି ହେଲେ ଉପଭୋକ୍ତା ପୂର୍ବ ଅପେକ୍ଷା କୌଣସି ଦ୍ରବ୍ୟକୁ କମ୍ ପରିମାଣରେ କିଣିଥାନ୍ତି, ଅଧିକ ନୁହେଁ । ଏପରି ବସ୍ତୁକୁ ଆମେ ନିକୃଷ୍ଟ ଦ୍ରବ୍ୟ କହନ୍ତି । ଆୟ ବୃଦ୍ଧି ହେଲେ ମଧ୍ୟ ଉପଭୋକ୍ତା ଏହି ଦ୍ରବ୍ୟ ସ୍ଥାନରେ ଉତ୍କୃଷ୍ଟ ଦ୍ରବ୍ୟ ବ୍ୟବହାର କରିଥାନ୍ତି । ତେଣୁ ଏହି ଦ୍ରବ୍ୟକୁ କମ୍ ପରିମାଣରେ କିଣିବାକୁ ଉଚିତ ମନେ କରନ୍ତି । ଉଦାହରଣ ସ୍ୱରୂପ ମୋଟା ଲୁଗା ସ୍ଥାନରେ ପତଳା ଲୁଗାର ବ୍ୟବହାର । ତେଣୁ ଯଦି ଉପଭୋକ୍ତାଙ୍କ ଆୟ ତଥା କୌଣସି ଦ୍ରବ୍ୟର ଚାହିଦା ମଧ୍ୟରେ ବିପରୀତ ସମ୍ବନ୍ଧ ଥାଏ ତେବେ ଉକ୍ତ ଦ୍ରବ୍ୟ ଉପଭୋକ୍ତାଙ୍କ ଦୃଷ୍ଟିରେ ନିକୃଷ୍ଟ ଦ୍ରବ୍ୟ ଗଣାଯାଏ । ଅନ୍ୟ ଏକ ଉଦାହରଣ ସାଧାରଣ ଉପଭୋକ୍ତା ପ୍ରତିମାସ ୫ ଟଙ୍କା/ କିଗ୍ରା ଦରରେ ୧୦ କିଗ୍ରା ଚାଉଳ କିଣେ । ସେ ୧୦ ଟଙ୍କା/ କିଗ୍ରା ମହଙ୍ଗା ଚାଉଳ କିଣିବା ସ୍ଥିତିରେ ନାହିଁ । ଉପଭୋକ୍ତା ମାସକୁ ଚାଉଳ ଉପରେ ୫୦ ଟଙ୍କା ଖର୍ଚ୍ଚ କରି ତାର ୧୦ କିଗ୍ରା ପରିମାଣ ବ୍ୟବହାର କରେ । ଧରି ନିଆଯାଉ ଯେ ତାଙ୍କ ଆୟରେ ବୃଦ୍ଧି ଘଟିଲା ଏବଂ ସେ ବର୍ତ୍ତମାନ ଚାଉଳ ପାଇଁ ୬୦ ଟଙ୍କା ଖର୍ଚ୍ଚ କରିବାକୁ ମାସିକ ପ୍ରସ୍ତୁତ । ବର୍ତ୍ତମାନ ସେ କିଛି ପରିମାଣରେ ୧୦ ଟଙ୍କା/ କିଗ୍ରା ଚାଉଳ କିଣିବେ ଏବଂ ୫ ଟଙ୍କା/ କିଗ୍ରା ଚାଉଳ କିଣାରେ ହ୍ରାସ ହୋଇପାରେ । ସେ ୮ କିଗ୍ରା ନିକୃଷ୍ଟ ଚାଉଳକୁ ୫ ଟଙ୍କା ଦରରେ ତଥା ୨ କିଗ୍ରା ଉତ୍କୃଷ୍ଟ ଚାଉଳ ୧୦ ଟଙ୍କା/କିଗ୍ରା ଦରରେ କିଣିବାକୁ ଲାଗିବେ । ଏହିପରି ସେ ୬୦

ଟଙ୍କାରେ ୧୦ କିଗ୍ରା ଚାଉଳ ପ୍ରତି ମାସ କିଣି ଚାଲିବେ । କିନ୍ତୁ ଆୟର ବୃଦ୍ଧି ଫଳରେ ଯେଉଁ ଚାଉଳ ପୂର୍ବରୁ କେବଳ କିଣୁଥିଲେ ତାର ଚାହିଦା ହ୍ରାସ ପାଇଲା । ଏହି ଏହି କାରଣରୁ ୫ ଟଙ୍କା/ କିଗ୍ରା ଚାଉଳ ନିକୃଷ୍ଟ ଗଣା ହେଲା ।

ତେଣୁ କୌଣସି ସାଧାରଣ ଦ୍ରବ୍ୟର ଚାହିଦା ସହିତ କ୍ରେତାଙ୍କ ଆୟର ପ୍ରତ୍ୟକ୍ଷ ସମ୍ବନ୍ଧ ଥାଏ । ନିକୃଷ୍ଟ ଦ୍ରବ୍ୟର ଚାହିଦାର ଆୟ ସହିତ ବିପରୀତ ସମ୍ବନ୍ଧ ମିଳିଥାଏ ।

(ଖ) କ୍ରେତାଙ୍କ ରୁଚି/ପସନ୍ଦ ତଥା ଅଗ୍ରାଧିକାର :

ଦ୍ରବ୍ୟର ଚାହିଦା ଉପରେ ଉପଭୋକ୍ତାଙ୍କ ପସନ୍ଦ/ନାପସନ୍ଦ ତଥା ଅଗ୍ରାଧିକାରର ମଧ୍ୟ ପ୍ରଭାବ ପଡିଥାଏ । ଯଦି ଉପଭୋକ୍ତାଙ୍କ ମନ କୌଣସି ଦ୍ରବ୍ୟ ପ୍ରତି ଅରୁଚି ହୁଏ ତେବେ ସେ ଦ୍ରବ୍ୟ ପ୍ରତି ତାଙ୍କର କ୍ରୟ ହ୍ରାସ ପାଏ ବା ସମ୍ପୂର୍ଣ୍ଣ ବନ୍ଦ କରିଦିଅନ୍ତି । ଅନ୍ୟପକ୍ଷରେ ଯଦି କୌଣସି ଦ୍ରବ୍ୟ ଅଧିକ ଭଲ ଲାଗେ ତେବେ ଉପଭୋକ୍ତା ସେ ଦ୍ରବ୍ୟ କିଣିବାରେ ପରିମାଣ ବୃଦ୍ଧି କରି ଦିଅନ୍ତି । ତେଣୁ ଉପଭୋକ୍ତାଙ୍କ ରୁଚିର ଦ୍ରବ୍ୟର ଚାହିଦା ଉପରେ ପ୍ରଭାବ ପଡିଥାଏ ।

(ଗ) ସମ୍ବନ୍ଧିତ ଦ୍ରବ୍ୟର ଦର :

କୌଣସି ଦ୍ରବ୍ୟ ସହିତ ସମ୍ବନ୍ଧିତ ଦ୍ରବ୍ୟର ଦର ମଧ୍ୟ ଉକ୍ତ ଦ୍ରବ୍ୟର ଚାହିଦା ଉପରେ ପ୍ରଭାବ ପକାଇଥାଏ । ଆମେ ଦୁଇପ୍ରକାର ସମ୍ବନ୍ଧିତ ଦ୍ରବ୍ୟର ଆଲୋଚନା କରିବା । (i) ବିକଳ୍ପ ଦ୍ରବ୍ୟ (ii) ପରିପୂରକ ଦ୍ରବ୍ୟ ।

(i) ବିକଳ୍ପ ଦ୍ରବ୍ୟର ଦର :

ଯେଉଁ ଦ୍ରବ୍ୟଗୁଡିକ ମଧ୍ୟରୁ ଗୋଟିକୁ ଅନ୍ୟସ୍ଥାନରେ ବ୍ୟବହାର କରାଯାଇପାରେ ତାହାକୁ ବିକଳ୍ପ ଦ୍ରବ୍ୟ କୁହାଯାଏ । ଚା ଓ କଫି ଏହିପରି ଦ୍ରବ୍ୟର ଉଦାହରଣ । ଯଦି ଏଥିମଧ୍ୟରୁ କୌଣସି ଗୋଟିକର ଦର ବୃଦ୍ଧି ଫଳରେ ତାହାର ଚାହିଦା ହ୍ରାସ ପାଇ ଅନ୍ୟ ଦ୍ରବ୍ୟର ଚାହିଦାରେ ବୃଦ୍ଧି ହୋଇଥାଏ । ଚାହା ଦର ବୃଦ୍ଧି ଫଳରେ କେତେକ ଗ୍ରାହକ କଫିକୁ ଅଧିକ ବ୍ୟବହାର କରିଥାନ୍ତି । ଏହିପରି ସ୍ଥାନାପନ୍ନ ବସ୍ତୁ (ଚାହା)ର ଦରବୃଦ୍ଧି ଫଳରେ ବିକଳ୍ପ ଦ୍ରବ୍ୟ (କଫି)ର ଚାହିଦା ବୃଦ୍ଧି ହୋଇଥାଏ । ଯଦି ସ୍ଥାନାପନ୍ନ ଦ୍ରବ୍ୟର ଦରରେ ବୃଦ୍ଧି ହୁଏ ତେବେ ବିକଳ୍ପ ଦ୍ରବ୍ୟ ଚାହିଦାର ବକ୍ର ବାହାର ଡାହାଣ ଆଡକୁ ଗତି କରିବ ।

(ii) ପରିପୂରକ ଦ୍ରବ୍ୟର ଦର :

ଯଦି କୌଣସି ଦୁଇଟି ଦ୍ରବ୍ୟର ଉପଭୋଗ ଏକ ସଂଗେ କରାଯାଏ ତେବେ ତାହାକୁ ପରିପୂରକ ଦ୍ରବ୍ୟ କହନ୍ତି । ଉଦାହରଣତଃ କଲମ ଓ କାଳି ବା ସ୍କୁଟର ଓ ପେଟ୍ରୋଲ, ଯଦି କଲମ ଶସ୍ତା ହୁଏ ତେବେ ତାର ଚାହିଦା ବଢିବା ସଂଗେ ସଂଗେ କାଳିର ଚାହିଦା ମଧ୍ୟ ବୃଦ୍ଧି ପାଇବ । ଅର୍ଥାତ୍ କଲମର ଦାମ ଦ୍ୱାରା କାଳିର ଚାହିଦା ପ୍ରଭାବିତ ହେଲା । ଏହି ସମ୍ପର୍କକୁ ପରିପୂରକ

ଦ୍ରବ୍ୟର ଦର ସହିତ ଚାହିଦାର ପରିମାଣର 'ବିପରୀତ ସମ୍ବନ୍ଧ' କହିପାରିବା । କଲମ ଦର ହ୍ରାସ ଫଳରେ କାଳିର ଚାହିଦା ବୃଦ୍ଧି ହେବ ଏବଂ କାଳିର ଚାହିଦା ବକ୍ର ଡାହାଣ ଆଡକୁ ଗତି କରିବ ।

ଦ୍ରବ୍ୟର ଦର ବ୍ୟତୀତ ଏହି ଉପାଦାନଗୁଡ଼ିକ ଯାହାକି ଦ୍ରବ୍ୟର ଚାହିଦା ପରିମାଣକୁ ପ୍ରଭାବିତ କରନ୍ତି ସେଗୁଡ଼ିକୁ "ଅନ୍ୟ କାରକ/ ଉପାଦାନ" କୁହାଯାଏ । ଏହି ଉପାଦାନଗୁଡ଼ିକ ମଧ୍ୟରୁ କୌଣସିଟିର ପ୍ରଭାବକୁ ଅଧ୍ୟୟନ କରିବା ସମୟରେ ଆମେ ଦରକୁ ଅପରିବର୍ତ୍ତିତ ରହିବା ସର୍ତ୍ତକୁ ଅବଶ୍ୟ ପ୍ରୟୋଗ କରିବା । ଅନ୍ୟ ଅର୍ଥରେ ଦ୍ରବ୍ୟର ନିଜସ୍ୱ ଦର ସ୍ଥିର ରହି ମଧ୍ୟ କୌଣସି ଦ୍ରବ୍ୟର ଚାହିଦାରେ ଅନ୍ୟ ଉପାଦାନ ମଧ୍ୟରୁ କୌଣସି ଗୋଟିକର ପରିବର୍ତ୍ତନ କାରଣରୁ ଦ୍ରବ୍ୟ ଚାହିଦାରେ ବୃଦ୍ଧି ବା ହ୍ରାସ ହୋଇଥାଏ ।

ମନେରଖ :

- ଦର ବ୍ୟତୀତ ଉପଭୋକ୍ତାମାନଙ୍କ ଚାହିଦାକୁ ପ୍ରଭାବିତ କରୁଥିବା ଅନ୍ୟ ଉପାଦାନଗୁଡ଼ିକ କ୍ରେତାଙ୍କ ଆୟ, ତାଙ୍କ ରୁଚି/ ଅଗ୍ରାଧିକାର ଏବଂ ସମ୍ବନ୍ଧିତ ଦ୍ରବ୍ୟଗୁଡ଼ିକର ଦର ।
- କ୍ରେତାଙ୍କ ଆୟ ବୃଦ୍ଧି ଫଳରେ 'ସାଧାରଣ' ଦ୍ରବ୍ୟର ଚାହିଦା ପରିମାଣରେ ବୃଦ୍ଧି ହୁଏ । ଯଦି ଦ୍ରବ୍ୟ ନିକୃଷ୍ଟ ବର୍ଗର ହୋଇଥାଏ ତେବେ ଆୟ ବୃଦ୍ଧି ଫଳରେ ତାହାର ଚାହିଦା କମ୍ ହୋଇଯାଏ ।
- ଯଦି ଉପଭୋକ୍ତାକୁ କୌଣସି ଦ୍ରବ୍ୟ ପ୍ରତି ରୁଚି ନହୁଏ ତେବେ ସେହି ବସ୍ତୁର ଚାହିଦା କମ୍ ହୋଇଯାଏ ।
- ଯଦି ଉପଭୋକ୍ତାଙ୍କ ରୁଚି କୌଣସି ଦ୍ରବ୍ୟ ସପକ୍ଷରେ ଯାଏ ତେବେ ସେହି ଦ୍ରବ୍ୟର ଚାହିଦାରେ ବୃଦ୍ଧି ହୋଇଥାଏ ।
- ସ୍ଥାନାପନ୍ନ ଦ୍ରବ୍ୟର ଦରବୃଦ୍ଧି ଫଳରେ ବିକଳ୍ପ ଦ୍ରବ୍ୟର ଚାହିଦାରେ ବୃଦ୍ଧି ଘଟେ ।
- ପରିପୂରକ ଦ୍ରବ୍ୟର ଦର କମ୍ ହେଲେ ବିକଳ୍ପ ଦ୍ରବ୍ୟର ଚାହିଦାରେ ବୃଦ୍ଧି ହୋଇଥାଏ ।

ପାଠ୍ୟଗତ ପ୍ରଶ୍ନ 14.

ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(i) ଏକ ଦ୍ରବ୍ୟର ଚାହିଦା ଉପରେ......ର ଦରର ପ୍ରଭାବ ପଡିଥାଏ । (ସମସ୍ତ ଦ୍ରବ୍ୟ, ସମ୍ବନ୍ଧିତ ଦ୍ରବ୍ୟ)

(ii) ଏକ ଦ୍ରବ୍ୟର ଚାହିଦାରେ କ୍ରେତାଙ୍କ ଆୟ ବୃଦ୍ଧି ଫଳରେ ହ୍ରାସ ହୁଏ । (ସାଧାରଣ, ନିକୃଷ୍ଟ)

(iii) କୌଣସି ଦ୍ରବ୍ୟର ସ୍ଥାନାପନ୍ନ ଦ୍ରବ୍ୟର ଦରବୃଦ୍ଧି ଫଳରେ ସେହି ଦ୍ରବ୍ୟର ଚାହିଦାରେ .... ହୋଇଥାଏ (ବୃଦ୍ଧି, ହ୍ରାସ)

(iv) ପରିପୂରକ ଦ୍ରବ୍ୟର ଦର.......... ହେଲେ ଦ୍ରବ୍ୟର ଚାହିଦା ଅଧିକ ହୋଇଥାଏ । (କମ୍, ଅଧିକ)

14.11 ଚାହିଦାର ବିସ୍ତାର ଓ ଚାହିଦରେ ବୃଦ୍ଧି

ଅନ୍ୟ ବିଷୟଗୁଡ଼ିକୁ ଅପରିବର୍ତ୍ତିତ ରଖି ଦ୍ରବ୍ୟର ଦରରେ ହ୍ରାସ ଯୋଗୁଁ ତାର ଚାହିଦାର ପରିମାଣରେ ବୃଦ୍ଧିକୁ ଦରସ୍ଥିର ରହିବା ପର୍ଯ୍ୟନ୍ତ ଅନ୍ୟର ଉପାଦାନଗୁଡ଼ିକରେ ହେଉଥିବା ପରିବର୍ତ୍ତନ କାରଣରୁ ଚାହିଦାରେ ହେଉଥିବା ବୃଦ୍ଧିରୁ ଆମେ ପୃଥକ ରଖିବାକୁ ଚାହାନ୍ତି । ଦ୍ରବ୍ୟର ଦର ହ୍ରାସ ଜନିତ ଚାହିଦାର ପରିମାଣରେ ବୃଦ୍ଧିକୁ ଆମେ ଚାହିଦାର ବିସ୍ତାର କହିବା । ଆସନ୍ତୁ ଆଉ ଥରେ ତାଲିକା 14.2ର ତଥ୍ୟକୁ ଆଧାରିତ ଚିତ୍ର 14.1 ଉପରେ ବିଚାର କରିବା ବକ୍ର ବିନ୍ଦୁ A ଠାରୁ B ଆଡକୁ ଚଳନ ଦର ହ୍ରାସ ଜନିତ ଚାହିଦାର ବିସ୍ତାର । ଏଠାରେ ଦର OPରୁ ହ୍ରାସ ହୋଇ OP_1 ହୋଇଯାଇଛି ।



ପ୍ରତିଦିନ ଦୁଧର ଚାହିଦା ପରିମାଣ (ଲି.ରେ)

ଦର ଯେତେବେଳେ ସ୍ଥିର ରହେ ଚାହିଦା ବୃଦ୍ଧି ହୁଏ, ତେବେ ଏହାର ତାତ୍ପର୍ଯ୍ୟ ହେଉଛି ଯେ ଏହି ବୃଦ୍ଧି ଚାହିଦାକୁ ପ୍ରଭାବିତ କରୁଥିବା କୌଣସି ଗୋଟିଏ ବା ଅଧିକ ଉପାଦାନର ପରିବର୍ତ୍ତନର କାରଣ । ଏହାକୁ ଆମେ ଚାହିଦାର ବୃଦ୍ଧି କହନ୍ତି । ଆସନ୍ତୁ ତାଲିକା 14.4ର ତଥ୍ୟକୁ ଆଧାର କରି ଚାହିଦାରେ ବୃଦ୍ଧିର ଏହି ବିଚାରକୁ ଅଧିକ ସ୍ପଷ୍ଟ କରିବା ।

ତାଲିକା 14.4 ଚାହିଦାରେ ବୃଦ୍ଧି

ଦୁଧର ଦର (ଟଙ୍କା/ ଲି) (1)	ଚାହିଦା ପରିମାଣ (ଲିଟର/ ପ୍ରତିଦିନ) (2)	ଚାହିଦା ପରିମାଣ (ଲିଟର/ପ୍ରତିଦିନ) (3)
12	1.0	1.5
10	1.5	2.0
8	2.0	2.5
6	2.5	3.0
4	3.0	3.5

ତାଲିକା 14.4ରେ (2) ତଥା (3) ସ୍ତମ୍ଭକୁ ଧ୍ୟାନ ପୂର୍ବକ ତୁଳନା କରାଯାଉ । ଦୁଧର ପ୍ରତ୍ୟେକ ଦର ଉପରେ (3) ସ୍ତମ୍ଭରେ (2) ସ୍ତମ୍ଭ ଅପେକ୍ଷା ଅଧିକ ପରିମାଣର ଚାହିଦା ଦର୍ଶାଯାଇଛି । ଲିଟର ପ୍ରତି 12 ଟଙ୍କା ପରିସ୍ଥିତିରେ (2) ସ୍ତମ୍ଭରେ ଚାହିଦା 1ଲି ଥିବାବେଳେ (3) ସ୍ତମ୍ଭରେ 1.5ଲି ଅଛି । ଦୁଧର ଚାହିଦାର ପରିମାଣରେ ଏହି ପରିବର୍ତ୍ତନ ଅନ୍ୟ କାରକରେ ପରିବର୍ତ୍ତନର ପରିମାଣ । ଆସନ୍ତୁ ଏହି ତାଲିକାର ତଥ୍ୟକୁ ଆଧାରକରି ରେଖାଚିତ୍ର ଅଙ୍କନ କରିବା ।



ପ୍ରତିଦିନ ଦୁଧର ଚାହିଦା ପରିମାଣ (ଲି.ରେ)

ଚିତ୍ର 14.4 ଚାହିଦାରେ ବୃଦ୍ଧି

ତାଲିକା 14.4ରେ ସ୍ତମ୍ଭ (2) ର ତଥ୍ୟ ଉପରେ ଆଧାରିତ ଚାହିଦା ବକ୍ର DD ତଥା ସ୍ତମ୍ଭ (3)ର ତଥ୍ୟ ଉପରେ ଆଧାରିତ ଚାହିଦା ବକ୍ର D_1D_1 । ଏହି ଦ୍ୱିତୀୟ ଚାହିଦା ବକ୍ର ଦର ଅପରିବର୍ତ୍ତିତ ଥାଇ ଚାହିଦାର ବୃଦ୍ଧିକୁ ଦର୍ଶାଉଅଛି । ପ୍ରଥମେ 10 ଟଙ୍କା ଲିଟର ପ୍ରତି ଦରରେ 1.5 ଲି ଦୁଧର ଚାହିଦା ଥିବାବେଳେ ଏଥିରେ ଏହି ଚାହିଦା ୨ ଲି ହୋଇଛି । ଧ୍ୟାନ ଦିଅନ୍ତୁ, ଯେତେବେଳେ ଚାହିଦାରେ ବୃଦ୍ଧି ହୁଏ ସେତେବେଳେ ଚାହିଦା ବକ୍ର ଡାହାଣକୁ ଚାଲିଯାଏ ।

ତେଣୁ ଚାହିଦାର ବିସ୍ତାର ସେହି ଚାହିଦା ବକ୍ର ଉପରେ ନିମ୍ନ ଆଡକୁ ଚଳନ ଏବଂ ଚାହିଦାର ବୃଦ୍ଧି ଚାହିଦା ବକ୍ରର ଡାହାଣ ଆଡକୁ ସ୍ଥାନାନ୍ତର ।

14.12 ଚାହିଦାର ସଂକୋଚନ ଓ ଚାହିଦାରେ ହ୍ରାସ

ଦ୍ରବ୍ୟର ଦରବୃଦ୍ଧି ଫଳରେ ଚାହିଦାର ପରିମାଣରେ ହ୍ରାସକୁ ଚାହିଦାର ସଂକୋଚନ କୁହାଯାଏ । ଏହି ଚାହିଦା ବକ୍ର ଉପରେ ଊର୍ଦ୍ଧ୍ୱ ଚଳନ ଦ୍ୱାରା ଏହା ଦର୍ଶାଯାଏ । ଚିତ୍ର 14.5 ଦେଖନ୍ତୁ ।



14.5 ଚାହିଦାର ସଂକୋଚନ

OP ଦରରେ ବିନ୍ଦୁ A ଦ୍ୱାରା ପ୍ରଦର୍ଶିତ OQ ପରିମାଣର ଚାହିଦା ରହିଥିଲା । ଦର ବୃଦ୍ଧି ହୋଇ OP ହେବାରୁ ଚାହିଦା ବକ୍ର ଉପରେ ନୂଆ B ବିନ୍ଦୁ ଦର୍ଶାଉଅଛି ଯେ ଚାହିଦାର ପରିମାଣ OQରୁ ହ୍ରାସ ହୋଇ OQ_1 ହେଲା । ତେଣୁ DD ଚାହିଦା ବକ୍ର ଉପରେ A ଠାରୁ B ଆଡକୁ ଚଳନ ଚାହିଦାର ସଂକୋଚନ ।

ଦର ଅପରିବର୍ତ୍ତିତ ରହି ଦ୍ରବ୍ୟର ଚାହିଦାରେ ହ୍ରାସକୁ ନାମ ଦିଆଯାଏ । ଆସନ୍ତୁ ସେହି ଦରରେ ଚାହିଦାର ପରିମାଣ ହ୍ରାସ ପାଇଁ ଉପଯୁକ୍ତ ତାଲିକା ପ୍ରସ୍ତୁତ କରିବା ।

ତାଲିକା 14.5 ଚାହିଦାରେ ହ୍ରାସ

ଦୁଧର ଦର (ଟ/ଲି) (1)	ଦୁଧର ଦୈନିକ ଚାହିଦା (2)	ଦୁଧର ଦୈନିକ ଚାହିଦା (3)
12	1.0	0.5
10	1.5	1.0
8	2.0	1.5
6	2.5	2.0
4	3.0	2.5

3ୟ ସ୍ତମ୍ଭରେ ଦର୍ଶାଯାଇଥିବା ପରିମାଣ ୨ୟ ସ୍ତମ୍ଭ ଠାରୁ କମ୍ । ଏହା ଗୋଟିଏ ଦର ଉପରେ ଚାହିଦାର ହ୍ରାସ ଦର୍ଶାଉଅଛି । ଏହି ତାଲିକାର ତଥ୍ୟ ଦ୍ୱାରା ଗଠିତ ଚିତ୍ରରେ ଆମେ ଦୁଇଟି ଚାହିଦା ବକ୍ର ପାଇବା । DD 2ୟ ତଥା D_1D_1 3ୟ ସ୍ତମ୍ଭର ତଥ୍ୟ ଉପରେ ଆଧାରିତ ।



ଦୁଧର ଦୈନିକ ଚାହିଦା ପରିମାଣ (ଲି.ରେ)

ଚିତ୍ର 14.5 ଚାହିଦାରେ ହ୍ରାସ

ଚାହିଦାରେ ହ୍ରାସକୁ DD ଠାରୁ D_1D_1 ପର୍ଯ୍ୟନ୍ତ ଅପସାରଣ କରିବା ଦ୍ୱାରା ଦର୍ଶାଯାଇଛି । ନୂତନ ଚାହିଦା ବକ୍ର D_1D_1 ପୂର୍ବ ଚାହିଦା ବକ୍ରର ବାମପାର୍ଶ୍ୱ ତଥା ଭିତରକୁ ଅଛି ।

ତେଣୁ ଚାହିଦାର ହ୍ରାସ ଫଳରେ ଚାହିଦା ବକ୍ର ବାମକୁ ଅପସାରିତ ହୋଇଛି । ଯାହାକି ଚାହିଦାର ସଂକୋଚନ ସେହି ବକ୍ର ଉପରେ ହିଁ ବାମକୁ ଉର୍ଦ୍ଧ୍ୱ ଚଳନ ହୋଇଛି ।

ମନେ ରଖ :

- ଯେତେବେଳେ ଦ୍ରବ୍ୟର ଦରରେ ହ୍ରାସ ଫଳରେ ଚାହିଦାର ପରିମାଣରେ ବୃଦ୍ଧି ହୁଏ ତାହାକୁ ଚାହିଦାର ବିସ୍ତାର କୁହାଯାଏ ।
- ଚାହିଦା ବିସ୍ତାରରେ ସେହି ଚାହିଦା ବକ୍ରର ଡାହାଣ (ତଳକୁ) ଆଡକୁ ଚଳନ ହୋଇଥାଏ ।
- ଦ୍ରବ୍ୟର ଦରରେ ବୃଦ୍ଧି ଫଳରେ ଚାହିଦାର ପରିମାଣରେ ହ୍ରାସ ହିଁ ଚାହିଦାର ସଂକୋଚନ ।
- ଚାହିଦାର ସଂକୋଚନ ପରିସ୍ଥିତିରେ ସେହି ଚାହିଦା ବକ୍ର ଉପରେ ବାମ (ଉପରକୁ) ଆଡକୁ ଚଳନ ହୋଇଥାଏ ।
- ଦର ଅପରିବର୍ତ୍ତିତ ରହି ଅନ୍ୟ ଉପାଦାନର ପ୍ରଭାବ ସ୍ୱରୂପ ଚାହିଦାର ପରିମାଣରେ ବୃଦ୍ଧିକୁ ଚାହିଦାର ବୃଦ୍ଧି କୁହାଯାଏ ।
- ଚାହିଦାର ବୃଦ୍ଧି ହେବା ଫଳରେ ଚାହିଦା ବକ୍ର ଡାହାଣ ଆଡକୁ ଖସିଯାଏ ।
- ଦର ଅପରିବର୍ତ୍ତିତ ରହି ଅନ୍ୟ ଉପାଦାନର ପ୍ରଭାବ ସ୍ୱରୂପ ଚାହିଦାର ପରିମାଣର ହ୍ରାସକୁ ଚାହିଦାର ହ୍ରାସ କୁହାଯାଏ ।
- ଚାହିଦାର ହ୍ରାସ ଫଳରେ ଚାହିଦା ବକ୍ର ବାମକୁ ଚଳନ ହୋଇଥାଏ ।

ପାଠ୍ୟଗତ ପ୍ରଶ୍ନ 14.4

ବନ୍ଧନୀରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର

(i) ଦରର ହ୍ରାସ ଯୋଗୁଁ ଚାହିଦାର ବୃଦ୍ଧିକୁ ଚାହିଦାର .... କୁହାଯାଏ (ବିସ୍ତାର/ସଂକୋଚନ)

(ii) ଚାହିଦା ବକ୍ରର ଦକ୍ଷିଣକୁ ଅପସାରଣ ହେବା ଚାହିଦାର......... କୁ ଦର୍ଶାଏ । (ହ୍ରାସ/ବୃଦ୍ଧି)

(iii) ଚାହିଦାର ହ୍ରାସ ଦ୍ୱାରା ଚାହିଦା ବକ୍ରରେ................ ଅପସାରଣ ଆସିଥାଏ । (ଦକ୍ଷିଣ ଆଡକୁ/ ବାମ ଆଡକୁ)

(iv) ଗୋଟିଏ ଚାହିଦା ବକ୍ର ଉପରେ ବାମ ତଥା ଉର୍ଦ୍ଧ୍ୱକୁ ଚଳନ ଚାହିଦାର............ ଦର୍ଶାଏ । (ସଂକୋଚନ/ବିସ୍ତାର)

ଆପଣ କ'ଣ ଶିକ୍ଷାକଲେ

- ଦ୍ରବ୍ୟର ବିଭିନ୍ନ ଦର ଉପରେ କୌଣସି ସମୟସୀମା ମଧ୍ୟରେ ତହିଁରୁ ଯେଉଁ ପରିମାଣରେ କ୍ରେତା କିଣିବାକୁ ପ୍ରସ୍ତୁତ ଥାଏ ତାହା ହିଁ ଉକ୍ତ ଦ୍ରବ୍ୟର ଚାହିଦା ।
- ଚାହିଦା, ଇଚ୍ଛା ଏବଂ ଆବଶ୍ୟକତା ଠାରୁ ଭିନ୍ନ ହୋଇଥାଏ । ଇଚ୍ଛା ତ ଦ୍ରବ୍ୟକୁ ପାଇବାକୁ କାମନା ଯାହାକୁ ପୂରଣ କରିବାକୁ ସମ୍ବଳ ଥିବା ଆବଶ୍ୟକ ।
- ଚାହିଦାର ମୁଖ୍ୟ ନିର୍ଣ୍ଣାୟକ (ଉପାଦାନ) (କ) ଦ୍ରବ୍ୟର ଦର (ଖ) ସମ୍ବନ୍ଧିତ ଦ୍ରବ୍ୟର ଦର (ଗ) କ୍ରେତାଙ୍କ ଆୟ (ଘ) କ୍ରେତାଙ୍କ ରୁଚି/ ଅଗ୍ରାଧିକାର ।
- ଚାହିଦା ବକ୍ର ଏକ ଚାହିଦା ତାଲିକାର ତଥ୍ୟ ଉପରେ ଆଧାରିତ, ରେଖାଚିତ୍ର ରୂପରେ ପ୍ରସ୍ତୁତିକରଣ ।
- ବଜାର ଚାହିଦା ତାଲିକା ସମସ୍ତ ଉପଭୋକ୍ତାମାନଙ୍କ ଚାହିଦା ତାଲିକାର ଯୋଗଫଳ ।
- ବଜାର ଚାହିଦା ବକ୍ର ସମସ୍ତ ବ୍ୟକ୍ତିଗତ ଚାହିଦା ବକ୍ରର ସମାନ୍ତରାଳ ଯୋଗ ।
- ଚାହିଦା ସୂତ୍ର ଅନୁସାରେ, ଅନ୍ୟ ବିଷୟ ଅପରିବର୍ତ୍ତିତ ରହି ଦ୍ରବ୍ୟର ଦର ଓ ଚାହିଦାର ପରିଣାମ ମଧ୍ୟରେ ବିପରୀତ ସମ୍ବନ୍ଧ ଥାଏ ।
- ଚାହିଦା ସୂତ୍ରର ବ୍ୟତିକ୍ରମ ଏଭଳି ପରିସ୍ଥିତି ଯେଉଁଠାରେ ଏହି ସୂତ୍ର ପ୍ରଯୁଜ୍ୟ ନୁହେଁ । ଏଗୁଡିକ ହେଉଛି : (କ) ସମ୍ମାନ ବୃଦ୍ଧିକାରୀ ଦ୍ରବ୍ୟ (ଖ) ଭବିଷ୍ୟତରେ ଦରରେ ଅଧିକରୁ ଅଧିକ ପରିବର୍ତ୍ତନ ହେବାର ଆଶା ।

- ଦର ପରିବର୍ତ୍ତନ ଫଳରେ ଚାହିଦାର ପରିମାଣରେ ପରିବର୍ତ୍ତନକୁ ଚାହିଦାର ବିସ୍ତାର (ସଂକୋଚନ) କୁହାଯାଏ । ଏହାକୁ ସେହି ଚାହିଦା ବକ୍ର ଉପରେ ନିମ୍ନ (ଉର୍ଦ୍ଧ୍ୱ)କୁ ଚଳନ ଦ୍ୱାରା ଦର୍ଶାଯାଏ ।
- ଦର ବ୍ୟତୀତ ଅନ୍ୟ ଉପାଦାନଗୁଡିକରେ ପରିବର୍ତ୍ତନର ଚାହିଦାର ପରିମାଣ ଉପରେ ପ୍ରଭାବକୁ ଚାହିଦାର ବୃଦ୍ଧି (ହ୍ରାସ) କୁହାଯାଏ । ଏହାକୁ ଚାହିଦା ବକ୍ରର ଦକ୍ଷିଣ/ଡାହାଣ (ବାମ) ଆଡକୁ ଅବତରଣ ଦ୍ୱାରା ଦର୍ଶାଯାଏ ।

ପାଠ୍ୟାନ୍ତ ପ୍ରଶ୍ନ

1) 'ଚାହିଦା' ଶବ୍ଦର ଅର୍ଥ କ'ଣ ? କୌଣସି ଦ୍ରବ୍ୟର ଆବଶ୍ୟକତା ବା ଏହାର ଇଚ୍ଛାକୁ ଦ୍ରବ୍ୟର ଚାହିଦା ରୂପେ ଗଣାଯାଇପାରେ କି ?

2) ଦ୍ରବ୍ୟର ଦର ଓ ତା'ର ଚାହିଦାର ପରିମାଣ ମଧ୍ୟରେ ସମ୍ପର୍କ ବୁଝାଅ । ଏକ କାଳ୍ପନିକ ଚାହିଦା ତାଲିକା ଆଧାର ଉପରେ ଚାହିଦା ବକ୍ର ତିଆରି କର ।

3) 'ବଜାର ଚାହିଦା' ବାକ୍ୟାଂଶର ସଂଜ୍ଞା ପ୍ରଦାନ କର ।

4) ସଂକ୍ଷେପରେ ଚାହିଦାର ବିଭିନ୍ନ ନିର୍ଣ୍ଣାୟକର ବ୍ୟାଖ୍ୟା କର ।

5) ଚାହିଦା ସୂତ୍ର ଓ ତାହାର ବ୍ୟତିକ୍ରମଗୁଡିକର ବ୍ୟାଖ୍ୟା କର ।

6) 'ସାଧାରଣ' ତଥା 'ନିକୃଷ୍ଟ' ଦ୍ରବ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । ପ୍ରତ୍ୟେକରୁ ଗୋଟିଏ ଲେଖାଏଁ ଉଦାହରଣ ଦିଅ ।

7) ସ୍ଥାନାପନ୍ନ ତଥା ପରିପୂରକ ଦ୍ରବ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଉଦାହରଣ ଦିଅ ।

8) ଗୋଟିଏ ଚାହିଦା ବକ୍ର ଉପରେ ଚଳନ ଓ ଚାହିଦା ବକ୍ରର ସ୍ଥଳନ ମଧ୍ୟରେ ପାର୍ଥକ୍ୟ ବୁଝାଅ । ଏହାକୁ ଚିତ୍ର ଦ୍ୱାରା ଦର୍ଶାଅ ।

9) ଚାହିଦା ବକ୍ରର ସ୍ଥଳନ ପାଇଁ ଉପାଦାନଗୁଡିକ କ'ଣ ବୁଝାଅ ।

ପାଠ୍ୟଗତ ପ୍ରଶ୍ନର ଉତ୍ତ

14.1

(i) ଭୁଲ (ii) ଠିକ୍ (iii) ଠିକ୍ (iv) ଭୁଲ (v) ଭୁଲ (vi) ଭୁଲ

14.2

(i) ଭୁଲ (ii) ଠିକ୍ (iii) ଠିକ୍ (iv) ଭୁଲ (v) ଭୁଲ (vi) ଠିକ୍
(vii) ଠିକ୍(viii) ଭୁଲ (ix) ଠିକ୍ (x) ଭୁଲ

14.3

(i) ସମ୍ବନ୍ଧିତ ପଦାର୍ଥ (ii) ନିକୃଷ୍ଟ (iii) ବୃଦ୍ଧି (iv) ହ୍ରାସ

14.4

(i) ବିସ୍ତାର (ii) ବୃଦ୍ଧି (iii) ବାମକୁ (iv) ସଂକୋଚନ

ପାଠ୍ୟାନ୍ତ ପ୍ରଶ୍ନ ପାଇଁ ସଂକେତ :

(1) ଭାଗ 14.3 ପାଠକର ।

(2) ଭାଗ 14.6 ପାଠକର ।

(3) ଭାଗ 14.8 ଓ 14.9 ପଢନ୍ତୁ ।

(4) ଭାଗ 14.4 ପାଠକର ।

(5) ଭାଗ 14.10 ଓ 14.11 ପାଠକର ।

(6) ଭାଗ 14.12 (କ) ପାଠକର ।

(7) ଭାଗ 14.12 (ଗ) ପାଠକର ।

(8) ଭାଗ 14.11 ଓ 14.12 ପାଠକର ।

(9) ଭାଗ 14.11 ଓ 14.12 ପାଠକର ।

15

ଯୋଗାଣ

SUPPLY

ପୂର୍ବ ପାଠରେ ଆପଣମାନେ 'ଚାହିଦା'ର ଅର୍ଥ ବୁଝିଲେ । ତା ସହିତ ଚାହିଦାକୁ ପ୍ରଭାବିତ କରୁଥିବା ଉପାଦାନ ଓ ଚାହିଦା ସୂତ୍ର ବିଷୟରେ ମଧ୍ୟ ଜ୍ଞାନ ଆହରଣ କଲେ । କିନ୍ତୁ ଆମେ ଦ୍ରବ୍ୟକୁ ସେତେବେଳେ କିଣିଥାଉ ଯେତେବେଳେ ତାହା ବଜାରରେ ସୁଲଭ ହୋଇଥାଏ । ତେଣୁ ଦ୍ରବ୍ୟର ଯୋଗାଣ ମଧ୍ୟ ମହତ୍ତ୍ୱପୂର୍ଣ୍ଣ । ଉକ୍ତ ଅଧ୍ୟାୟରେ ଆପଣମାନେ ଯୋଗାଣର ଅର୍ଥ, ଯୋଗାଣକୁ ପ୍ରଭାବିତ କରୁଥିବା ଉପାଦାନ ଏବଂ ଯୋଗାଣସୂତ୍ର ବିଷୟରେ ଅଧ୍ୟୟନ କରିବେ ।

ଉଦ୍ଦେଶ୍ୟ

ଏହି ଅଧ୍ୟାୟକୁ ଅଧ୍ୟୟନ କରି ଆପଣ :

- ଯୋଗାଣ ଶବ୍ଦର ପରିଭାଷା କରିପାରିବେ ।
- କୌଣସି ଦ୍ରବ୍ୟର ଯୋଗାଣକୁ ପ୍ରଭାବିତ କରୁଥିବା ଉପାଦାନର ତାଲିକା କରିପାରିବେ ।
- ଦ୍ରବ୍ୟର ଦରରେ ପରିବର୍ତ୍ତନ ଯୋଗୁଁ ଯୋଗାଣ ଉପରେ ପ୍ରଭାବକୁ କହିପାରିବେ ।
- ଅନ୍ୟ ଉପାଦାନଗୁଡିକର ଯୋଗାଣ ଉପରେ ପ୍ରଭାବକୁ ବୁଝାଇପାରିବେ ।
- ବିକ୍ରେତାଙ୍କର ଯୋଗାଣ ତାଲିକା ପ୍ରସ୍ତୁତ କରିପାରିବେ ।
- ଜଣେ ବିକ୍ରେତାଙ୍କ ଯୋଗାଣ ବକ୍ର ଗଠନ କରିପାରେ ।
- ବଜାର ଯୋଗାଣର ଅର୍ଥ ବୁଝାଇପାରିବେ ।
- ବଜାର ଯୋଗାଣ ତାଲିକା ଏବଂ ବକ୍ର ଗଠନ କରିପାରିବେ ।
- ଯୋଗାଣ ସୂତ୍ର ବୁଝାଇପାରିବେ ।
- ଯୋଗାଣର ବିସ୍ତାର ତଥା ଯୋଗାଣରେ ବୃଦ୍ଧି ମଧ୍ୟରେ ପ୍ରଭେଦ କହିପାରିବେ ।
- ଯୋଗାଣର ସଂକୋଚନ ତଥା ଯୋଗାଣରେ ହ୍ରାସ ମଧ୍ୟରେ ପ୍ରଭେଦ କହିପାରିବେ ।

15.1 ଯୋଗାଣର ଅର୍ଥ

ଜଣେ ବିକ୍ରେତା ଅଥବା ଫାର୍ମ ଦ୍ୱାରା ଦ୍ରବ୍ୟର ଯୋଗାଣ ସେହି ପରିମାଣ ଯାହାକୁ ସେ ନିଶ୍ଚିତ ଦରରେ କୌଣସି ସମୟସୀମା ମଧ୍ୟରେ ଉପଲବ୍ଧ କରାଇବାକୁ ପ୍ରସ୍ତୁତ । ଯୋଗାଣର ପରିଭାଷାରେ ଆବଶ୍ୟକ/ଅନ୍ତର୍ଭୁକ୍ତ ତତ୍ତ୍ୱଗୁଡିକ (i) ଦ୍ରବ୍ୟର ସେହି ପରିମାଣ ଯାହାକୁ ଫାର୍ମ ଉପଲବ୍ଧ କରାଇବାକୁ ଇଚ୍ଛୁକ (ii) ସେହି ଦର ଯାହା ଉପରେ ସେ ଦ୍ରବ୍ୟର ଉକ୍ତ ପରିମାଣକୁ ଉପଲବ୍ଧ କରାଇବାକୁ ଇଚ୍ଛୁକ ତଥା (iii) ଉକ୍ତ ସମୟସୀମା ଯାହା ମଧ୍ୟରେ ଉପଯୁକ୍ତ ପରିମାଣର ଯୋଗାଣ ହେବ । ଏକ ଦ୍ରବ୍ୟର ଯୋଗାଣ ବିଷୟରେ ନିମ୍ନ ଉକ୍ତିଗୁଡିକ ଉପରେ ବିଚାର କର ।

(i) କୌଣସି ଫାର୍ମ ଦ୍ୱାରା ୫ ଟଙ୍କା ଦରରେ ୫୦୦ କଲମର ଯୋଗାଣ ହୁଏ ।

(ii) ଫାର୍ମ ପ୍ରତିଦିନ ୫୦୦ କଲମ ଯୋଗାଇଥାଏ ।

(iii) ଫାର୍ମ ୫ ଟଙ୍କା ଦରରେ ଦୈନିକ ୫୦୦ କଲମର ଯୋଗାଣ କରିଥାଏ ।

ବର୍ତ୍ତମାନ ଲକ୍ଷ୍ୟ କରନ୍ତୁ ଯେ ପ୍ରଥମ ଦୁଇଟି ଉକ୍ତି ଅସମ୍ପୂର୍ଣ୍ଣ । ପ୍ରଥମଟିରେ ସମୟସୀମା କୁହାଯାଇନାହିଁ । ୨ୟଟିରେ କଲମର ଦାମ କଥା ଯୋଗ କରାଯାଇନାହିଁ । ତେଣୁ ତୃତୀୟ ବାକ୍ୟଟି ସମ୍ପୂର୍ଣ୍ଣ, କାରଣ ଏଥିରେ ତିନୋଟି ଯାକ କଥା ସମାହିତ । (i) ଦ୍ରବ୍ୟର ପରିମାଣ ଯାହାକୁ ଫାର୍ମ ଉପଲବ୍ଧ କରାଇବାକୁ ପ୍ରସ୍ତୁତ । (ii) ଦର, ଯାହା ଉପରେ ଫାର୍ମ ଉପଯୁକ୍ତ ପରିମାଣରେ ଉପଲବ୍ଧ କରାଇବାକୁ ତତ୍ପର ଏବଂ (iii) ଉକ୍ତ ସମୟସୀମା ଯାହା ମଧ୍ୟରେ ଏହି ଯୋଗାଣ କରାଯିବ ।

15.2 ବଜାର ଯୋଗାଣ ଅର୍ଥ

ସାଧାରଣ ଭାବେ ଗୋଟିଏ ଦ୍ରବ୍ୟର ଅନେକ ବିକ୍ରେତା ଥାଆନ୍ତି । ତେଣୁ ବଜାର ଯୋଗାଣ ସେହି ପରିମାଣ ଯାହାକୁ ସମସ୍ତ ଫାର୍ମ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଦର ଉପରେ କୌଣସି ସମୟସୀମାରେ ଉପଲବ୍ଧ କରାଇବାକୁ ତତ୍ପର । ଏହି ସମସ୍ତ ଫାର୍ମ ଦ୍ୱାରା ବିଭିନ୍ନ ଦର ଉପରେ ସୁଲଭ କରାଯାଉଥିବା ପରିମାଣର ଯୋଗଫଳ ।

ମନେରଖ :

- ଯୋଗାଣର ଅର୍ଥ ସେହି ପରିମାଣ ସହିତ ରହିଛି ଯାହାକୁ ବିକ୍ରେତା ଏକ ଦର ବିଶେଷ ଉପରେ କୌଣସି ସମୟସୀମା ମଧ୍ୟରେ ସୁଲଭ କରାଇବାକୁ ପ୍ରସ୍ତୁତ ଥାଏ ।
- ବଜାର ଯୋଗାଣ କୌଣସି ଦ୍ରବ୍ୟର ସମସ୍ତ ବିକ୍ରେତାମାନଙ୍କର ଯୋଗାଣର ଯୋଗ ।

ପାଠ୍ୟଗତ ପ୍ରଶ୍ନ 15.1

ଶୂନ୍ୟସ୍ଥାନ ପୂରଣ କର

(i) କୌଣସି ଦ୍ରବ୍ୟର ଯୋଗାଣ ତାହାର ସେହି ପରିମାଣ ଯାହାକୁ ଏକ ବିକ୍ରେତା କୌଣସି ଏକ

ବିଶେଷ ଦର ଉପରେ ତଥା ଏକ ....ରେ ଉପଲବ୍ଧ କରାଇବାକୁ ପ୍ରସ୍ତୁତ ଥାଏ ।

(ii) ବଜାର ଯୋଗାଣ ସମସ୍ତ ବିକ୍ରେତାମାନଙ୍କ ଯୋଗାଣଗୁଡ଼ିକର .... ଅଟେ ।

(iii) ଦ୍ରବ୍ୟର ଯୋଗାଣ ସର୍ବଦା କୌଣସି .... ଉପରେ କୌଣସି ସମୟସୀମା ବିଶେଷ ।

15.3 କୌଣସି ଦ୍ରବ୍ୟର ଯୋଗାଣକୁ ପ୍ରଭାବିତ କରୁଥିବା ଉପାଦାନ/ ଯୋଗାଣର ନିର୍ଣ୍ଣାୟକ

ଯୋଗାଣର ପ୍ରମୁଖ ନିର୍ଣ୍ଣାୟକଗୁଡ଼ିକୁ ଯୋଗାଣ ଫଳନ ଦ୍ୱାରା ଏହିପରି ପ୍ରକାଶ କରିପାରିବା: $S_N=f\ (P_N\ P_R\ F\ G\ T)$

(କ) ଦ୍ରବ୍ୟର ଦର (P_N)

(ଖ) ଅନ୍ୟ ଉପାଦାନ, ଯେଉଁଥିରେ ଅନ୍ତର୍ଭୁକ୍ତ ଅଛନ୍ତି ।

(i) ଅନ୍ୟ ଦ୍ରବ୍ୟର ଦର (P_R)

(ii) ଉତ୍ପାଦକ ସାଧନର ଦର (F)

(iii) ଉତ୍ପାଦକଙ୍କ ଲକ୍ଷ (G)

(iv) ଉତ୍ପାଦନର କୌଶଳ (T)

ଅତଏବ ଉତ୍ପାଦନ ଫଳକ ଦ୍ରବ୍ୟର ଯୋଗାଣ (S_N) ତଥା ଯୋଗାଣର ନିର୍ଦ୍ଧାରକ ମଧ୍ୟରେ ସମ୍ବନ୍ଧ ଦର୍ଶାଏ । ଯୋଗାଣକୁ ପ୍ରଭାବିତ କରୁଥିବା କାରକ ବା ଉପାଦାନଗୁଡ଼ିକୁ ଦୁଇଟି ବର୍ଗରେ ବଣ୍ଟାଯାଇଛି । ପ୍ରଥମ ବର୍ଗରେ ଏକମାତ୍ର କାରକ ଦ୍ରବ୍ୟର ଦର । ୨ୟ ବର୍ଗରେ "ଅନ୍ୟ କାରକ" ଗୁଡ଼ିକ ସମ୍ମିଳିତ । ଉକ୍ତ ବର୍ଗୀକରଣ ଏହି କାରକମାନଙ୍କର ଯୋଗାଣ ଉପରେ ପ୍ରଭାବର ପ୍ରକୃତିର ଆଧାର ଉପରେ କରାଯାଇଛି । ଯୋଗାଣ ଉପରେ ଏହିସବୁ କାରକମାନଙ୍କ ପ୍ରଭାବକୁ ପୃଥକ ଭାବରେ ସମୀକ୍ଷା କରିବା । ଯୋଗାଣ ଉପରେ ଦ୍ରବ୍ୟର ଦରର ଅଧ୍ୟୟନ କରିବା ସମୟରେ ଆମକୁ ଏହା ମାନିନେବାକୁ ହେବ ଯେ 'ଅନ୍ୟ କାରକ' ସୂଚୀରେ ଥିବା କାରକମାନଙ୍କର ଦ୍ରବ୍ୟର ଯୋଗାଣ ଉପରେ କୌଣସି ପ୍ରଭାବ ନଥାଏ । ଏହି ସର୍ତ୍ତକୁ ଆମେ 'ଅନ୍ୟ ବିଷୟ ଅପରିବର୍ତ୍ତିତ' ରହିବା ସର୍ତ୍ତ କହନ୍ତି । ଏହିପରି ଅନ୍ୟ କାରକଗୁଡ଼ିକ ପ୍ରଭାବର ଅଧ୍ୟୟନ କରିବା ସମୟରେ 'ଦର'କୁ ଅପରିବର୍ତ୍ତିତ ରହିବାକୁ ମାନ୍ୟତା ଦିଆଯାଏ । ସେତେବେଳେ ଆମେ କହିବା ଯେ "ଦର ଅପରିବର୍ତ୍ତିତ ରହି ।"

15.4 ଦ୍ରବ୍ୟର ଦରରେ ପରିବର୍ତ୍ତନରେ ତାହାର ଯୋଗାଣ ଉପରେ ପ୍ରଭାବ

ଦ୍ରବ୍ୟର ଦରରେ ପରିବର୍ତ୍ତନର ପ୍ରଭାବର ଆଲୋଚନା କରିବା ସମୟରେ ଆମେ ଏହା ମାନି

ଚାଲିବା ଯେ ଯୋଗାଣକୁ କୌଣସି ଅନ୍ୟ କାରକ ପ୍ରଭାବିତ କରୁନାହାନ୍ତି । ଏ ସ୍ଥଳରେ ଆମେ "ଅନ୍ୟ ବିଷୟ ଅପରିବର୍ତ୍ତିତ ରହି" ଦ୍ରବ୍ୟର ଦରରେ ପରିବର୍ତ୍ତନର ଯୋଗାଣ ଉପରେ ପ୍ରଭାବକୁ ବୁଝିବାକୁ ଉଦ୍ୟମ କରିବା । ଅନ୍ୟ ବିଷୟ ଅପରିବର୍ତ୍ତିତ ରହିଲେ ଦ୍ରବ୍ୟର ଦରରେ ବୃଦ୍ଧି ଦ୍ୱାରା ଉତ୍ପାଦନ ଅଧିକ ଉତ୍ପାଦନ କରିବାକୁ ପ୍ରେରଣା ମିଳେ କାରଣ ତାଙ୍କ ଲାଭରେ ବୃଦ୍ଧି ହୋଇଥାଏ । ଦର କମ୍ ହେଲେ ତାଙ୍କର ଲାଭ ହ୍ରାସ ହୁଏ ସେ ଅନୁତ୍ସାହିତ ହୁଅନ୍ତି । ତେଣୁ ଦର ବୃଦ୍ଧି ଫଳରେ ଯୋଗାଣର ପରିମାଣ ବୃଦ୍ଧି ଏବଂ ଦର ହ୍ରାସ ଜନିତ ଯୋଗାଣର ପରିମାଣରେ ହ୍ରାସ ହୋଇଥାଏ । ଅନ୍ୟଅର୍ଥରେ ଦ୍ରବ୍ୟର ଦର ଏବଂ ଯୋଗାଣ ପରିମାଣ ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧ ଥାଏ ।

(କ) ଏକ ଫାର୍ମର ଯୋଗାଣ ତାଲିକା :

ଦ୍ରବ୍ୟର ଦର ଓ ଯୋଗାଣର ପରିମାଣର ପ୍ରତ୍ୟକ୍ଷ ସମ୍ବନ୍ଧ ହିଁ ଏକ ଫାର୍ମର ଯୋଗାଣ ତାଲିକା ରୂପରେ ଦର୍ଶାଯାଇପାରେ । ଏହି ତାଲିକାକୁ ଏକ ଫାର୍ମର ଯୋଗାଣ ତାଲିକା କୁହାଯାଏ । ତାଲିକା 15.1ରେ ଏକ ଫାର୍ମର ଯୋଗାଣ ତାଲିକା ଦିଆଗଲା ।

ତାଲିକା 15.1 ଏକ ଫାର୍ମର ଯୋଗାଣ ତାଲିକା

କଲମ ପ୍ରତି ଦର (ଟଙ୍କାରେ)	କଲମର ଯୋଗାଣ ମାସିକ
2	100
3	150
4	200
5	250
6	300

ଦୁଇ ଟଙ୍କା ପ୍ରତି କଲମ ଦରରେ ଫାର୍ମ ପ୍ରତିମାସ ୧୦୦ଟି କଲମର ଉପଲବ୍ଧ କରାଏ । ଯେତେବେଳେ ଦରବୃଦ୍ଧି ହୋଇ ୩ ଟଙ୍କା ହୋଇଯିବାରୁ ଯୋଗାଣର ପରିମାଣ ବୃଦ୍ଧି ହୋଇ 150 ଟି କଲମ ହୋଇଗଲା । ଏହିପରି କଲମର ଦରରେ ବୃଦ୍ଧି ସହିତ ତାର ଯୋଗାଣ ମାତ୍ରାରେ ମଧ୍ୟ ବୃଦ୍ଧି ହେବାରେ ଲାଗିଲା । ବର୍ତ୍ତମାନ ଏହି ତାଲିକାକୁ ନିମ୍ନରୁ ପଢିବା ଆରମ୍ଭ କରିବା । ଏ ଟଙ୍କା ପ୍ରତି କଲମ ଦରରେ ଫାର୍ମ ୩୦୦ କଲମର ଯୋଗାଣ କରୁଛି । ଦର ହ୍ରାସ ହୋଇ ୫ ଟଙ୍କା ହେବାରୁ ଯୋଗାଣ ମଧ୍ୟ ୨୫୦ କଲମ ହେଲା । ସୁତରାଂ ପୁନର୍ବାର ଦେଖିବାକୁ ମିଳୁଛି ଯେ ଦ୍ରବ୍ୟର ଯୋଗାଣ ଓ ତାହାର ଦର ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧ ଅଛି ।

(ଖ) ଏକ ଫାର୍ମର ଯୋଗାଣ ବକ୍ର

ତାଲିକା 15.1ର ତଥ୍ୟକୁ ଏକ ଚିତ୍ରରେ ଅଙ୍କନ କଲେ ଆମକୁ ଏଭଳି ଯୋଗାଣବକ୍ର ମିଳିବ ।



କଲମର ଯୋଗାଣର ପରିମାଣ (ମାସିକ)

ଚିତ୍ର 15.1 ଏକ ଫାର୍ମର ଯୋଗାଣ ବକ୍ର

OX ଅକ୍ଷ ଉପରେ ପ୍ରତି ଏକକ ବ୍ୟବଧାନରେ ଯୋଗାଣମାତ୍ରା ଦର୍ଶାଯାଇଛି, ତଥା OY ଅକ୍ଷ ଉପରେ ଦର ଦର୍ଶାଯାଇଛି । ଏହି ବକ୍ର ବାମରୁ ଦକ୍ଷିଣକୁ ଊର୍ଦ୍ଧ୍ୱଗାମୀ ହୋଇଛି । ଏହା ଦର ଓ ଯୋଗାଣର ପରିମାଣ ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧ ଦର୍ଶାଉଅଛି । ବିନ୍ଦୁ A ଦର୍ଶାଉଅଛି ଯେ ୨ ଟଙ୍କା ଦରରେ ଫାର୍ମ ୧୦୦ଟି କଲମ ମାସିକ ବିକ୍ରି ପାଇଁ ପ୍ରସ୍ତୁତ । ବିନ୍ଦୁ B ଦର୍ଶାଏ ଯେ ୭ ଟଙ୍କା ଦରରେ କଲମର ପରିମାଣ ବୃଦ୍ଧି ହୋଇ ୧୫୦ଟି କଲମ ଯୋଗାଇବାକୁ ପ୍ରସ୍ତୁତ ହେବ । ଏହିପରି C,D ଓ E ଦର୍ଶାଉଅଛି ଯେ ଦର 4, 5 ଓ 6 କ୍ରମାନ୍ୱୟରେ ଯୋଗାଣ ପରିମାଣ ବୃଦ୍ଧି ହୋଇ ଯଥାକ୍ରମେ 200, 250, 300ଟି କଲମ ପର୍ଯ୍ୟନ୍ତ ପହଞ୍ଚିଥାଏ । ଏହି ବିନ୍ଦୁଗୁଡ଼ିକୁ ଯୋଗକରି ଆମକୁ ଯୋଗାଣ ବକ୍ର SS ମିଳୁଅଛି ।

(ଗ) ବଜାର ଯୋଗାଣ ତାଲିକା :

ଆପଣମାନେ ଜାଣନ୍ତି ଯେ ବଜାର ଯୋଗାଣ ସମସ୍ତ ବିକ୍ରେତାମାନଙ୍କ ଯୋଗାଣଗୁଡ଼ିକର ଯୋଗଫଳ । ଏହାର ଗଣନା ଦର ବିଶେଷରେ ନିର୍ଦ୍ଦିଷ୍ଟ ସମୟସୀମା ପାଇଁ ଫାର୍ମର ଯୋଗାଣଗୁଡ଼ିକୁ ଯୋଗକରି କରାଯାଏ । ମନେକରନ୍ତୁ ଯେ ବଜାରରେ କଲମ ବିକ୍ରି ପାଇଁ କେବଳ ଦୁଇଟି ଫାର୍ମ A ଓ B ଅଛନ୍ତି । ଏହି ଦୁଇଟି ଫାର୍ମର ଯୋଗାଣ ତାଲିକା ତଥା ବଜାର ଯୋଗାଣ ତାଲିକା 15.2ରେ ଦିଆଗଲା

ତାଲିକା 15.2

କଲମର ଦର (ଟଙ୍କାରେ)	ଫାର୍ମ ଦ୍ୱାରା କଲମ ମାସିକ ଯୋଗାଣର ପରିମାଣ		ବଜାର ଯୋଗାଣ
	(A)	(B)	
(1)	(2)	(3)	(4)
1	100	0	100
2	150	50	200
3	200	100	300
4	250	150	400
5	300	200	500

ପ୍ରତ୍ୟେକ ଦାମ/ଦର ଉପରେ ଏହି ଫାର୍ମ ଦ୍ୱାରା କଲମର ଯୋଗାଣଗୁଡ଼ିକର ପରିମାଣକୁ ଯୋଗ କରି ହିଁ ଆମକୁ ପ୍ରତ୍ୟେକ ଦର ଉପରେ ବଜାର ଯୋଗାଣର ତଥ୍ୟ ମିଳିଥାଏ। ଏହି ଯୋଗଫଳ ସ୍ତମ୍ଭ 4ରେ ଦର୍ଶାଯାଇଛି । ଏକ ଟଙ୍କା ଦରରେ ଫାର୍ମ A 100ଟି ତଥା ଫାର୍ମ B ଶୁନଟି କଲମ ମାସିକ ବିକ୍ରି କରନ୍ତି । କାରଣ ବଜାରରେ କଲମ ବିକ୍ରେତା କେବଳ ଦୁଇଟି । ତେଣୁ ଏହି ଦରରେ ବଜାର ଯୋଗାଣ ପ୍ରତିମାସ ୧୦୦ଟି କଲମ । ଏହିପରି ଆମେ ଅନ୍ୟ ସମସ୍ତ ଦର ଉପରେ ମଧ୍ୟ ଫାର୍ମ ଦୁଇଟି A ଓ B ଦ୍ୱାରା ମାସିକ ଉପଲବ୍ଧ କରାଯାଇଥିବା ପରିମାଣକୁ ଯୋଗକରି ପ୍ରତ୍ୟେକ ଦର ଉପରେ ବଜାରର ମାସିକ ଯୋଗାଣର ଆକଳନ କରିନିଅନ୍ତି ।

(ଘ) ବଜାର ଯୋଗାଣ ବକ୍ର :

ଯଦି ତାଲିକା 15.2ର ବଜାର ଯୋଗାଣ ତାଲିକା ସ୍ତମ୍ଭ 1 ଓ 4ର ତଥ୍ୟର ଅଙ୍କନ କରିବା ତେବେ ଆମକୁ ବଜାର ଯୋଗାଣ ବକ୍ର ମିଳିବ। ବ୍ୟକ୍ତିଗତ ଯୋଗାଣ ବକ୍ରର ଆନୁଭୂମିକ ଯୋଗକୁ ବଜାର ଯୋଗାଣ ବକ୍ର କୁହାଯାଏ। ଧ୍ୟାନ ଦିଅନ୍ତୁ ଯେ ଚିତ୍ର 15.2ରେ ବଜାର ଯୋଗାଣ ବକ୍ରର ଆକୃତି ଚିତ୍ର 15.1ରେ ଦର୍ଶାଯାଇଥିବା ବ୍ୟକ୍ତିଗତ ଯୋଗାଣ ବକ୍ରଭଳି ସମାନ ହିଁ ହୋଇଛି।



ସମସ୍ତ ବିକ୍ରେତାମାନଙ୍କ ଦ୍ୱାରା ବଜାରରେ କଲମର ଯୋଗାଣ ପରିମାଣ (ମାସିକ)

ଚିତ୍ର 15.2 ବଜାର ଯୋଗାଣ ବକ୍ର

ଏହାର କାରଣ ହେଉଛି ଯେ ବଜାର ଯୋଗାଣ ସମସ୍ତ ଫାର୍ମର ଯୋଗାଣର ଯୋଗ । ଏହି ବକ୍ରର ଅଙ୍କନ ମଧ୍ୟ ଫାର୍ମର ବକ୍ର ଭଳି କରାଯାଏ । ଏହି ଯୋଗାଣବକ୍ର ମଧ୍ୟ ଦର୍ଶାଏ ଯେ ଦ୍ରବ୍ୟର ଦରରେ ବୃଦ୍ଧି ଘଟିଲେ ବଜାରରେ ତାହାର ଉପଲବ୍ଧ କରାଯିବାର ପରିମାଣରେ ମଧ୍ୟ ବୃଦ୍ଧି ହୋଇଥାଏ ।

15.5 ଯୋଗାଣ ସୂତ୍ର

କୌଣସି ଦ୍ରବ୍ୟର ଦର ଏବଂ ଏହାର ଯୋଗାଣର ପରିମାଣ ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧକୁ ହିଁ 'ଯୋଗାଣ ସୂତ୍ର' ରୂପରେ ନିବଦ୍ଧ କରାଯାଇଛି । ଏହି ଯୋଗାଣ ସୂତ୍ର ଅନୁସାରେ "ଅନ୍ୟ ବିଷୟଗୁଡିକ ଅପରିବର୍ତ୍ତିତ ରହି ଦ୍ରବ୍ୟର ଦର ଓ ବଜାରରେ ଏହାର ଯୋଗାଣ ପରିମାଣରେ ପ୍ରତ୍ୟକ୍ଷ ସମ୍ବନ୍ଧ ହୋଇଥାଏ ।"

ବଜାର ଯୋଗାଣ ବକ୍ର ବଜାର ଯୋଗାଣ ତାଲିକାର ରେଖାଚିତ୍ର ରୂପରେ ପ୍ରସ୍ତୁତି କରଣ । କେବଳ ଏହା ମନେ ରଖିବାକୁ ହେବ ଯେ ଯୋଗାଣର ଦର ଓ ଯୋଗାଣର ପରିମାଣ ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧକୁ ବୁଝାଏ । ଦ୍ରବ୍ୟର ଦର ତାର ଯୋଗାଣକୁ ପ୍ରଭାବିତ କରିଥାଏ । ତେଣୁ ଏହା କହିବା ଭୁଲ ହେବ ଯେ ଯୋଗାଣ ସୂତ୍ର ଦ୍ରବ୍ୟର ଯୋଗାଣ ଓ ଦର ମଧ୍ୟରେ ଥିବା ସମ୍ବନ୍ଧ- ତେବେ ଯୋଗାଣ ଦ୍ୱାରା ଦର ପ୍ରଭାବିତ ହେବା ନିଶ୍ଚିତ ହେବ ।

ମନେ ରଖ :

ଅନ୍ୟ ବିଷୟଗୁଡିକ ଅପରିବର୍ତ୍ତିତ ରହି ଦ୍ରବ୍ୟର ଦରରେ ବୃଦ୍ଧି ଘଟିବା ସହିତ ତାର ଯୋଗାଣର ପରିମାଣରେ ବୃଦ୍ଧି ହୋଇଥାଏ- ଏହି ପରିମାଣ ଦର ହ୍ରାସ ହେଲେ ହ୍ରାସ ପାଇଥାଏ ।

- ଅନ୍ୟ ବିଷୟଗୁଡିକ ଅପରିବର୍ତ୍ତିତ ରହିବା ଅର୍ଥ ଯୋଗାଣକୁ ପ୍ରଭାବିତ କରୁଥିବା ଅନ୍ୟ କାରକଗୁଡିକର ପରିବର୍ତ୍ତନ ହେବ ନାହିଁ ।
- ଫାର୍ମର ଯୋଗାଣ ତାଲିକା ବିଭିନ୍ନ ଦର ଉପରେ ଫାର୍ମ ଦ୍ୱାରା ହେଉଥିବା ଯୋଗାଣର ପରିମାଣକୁ ଦର୍ଶାଏ ।
- ବଜାର ଯୋଗାଣ, ନିର୍ଦ୍ଧାରିତ ଦର ଉପରେ ନିର୍ଦ୍ଧାରିତ ସମୟସୀମାରେ ସମସ୍ତ ଫାର୍ମଗୁଡିକର ଯୋଗାଣର ଯୋଗଫଳ ।
- ବଜାର ଯୋଗାଣ ତାଲିକା ବଜାରରେ ସମସ୍ତ ବିକ୍ରେତାମାନଙ୍କ ଦ୍ୱାରା ବିଭିନ୍ନ ଦରରେ ଉପଲବ୍ଧ କରାଯାଇଥିବା ପରିମାଣର ଯୋଗଫଳକୁ ଦର୍ଶାଏ ।
- ଏକ ଫାର୍ମର ଯୋଗାଣ ତାଲିକାର ତଥ୍ୟକୁ ଆଧାର କରି ରେଖାଚିତ୍ର ଅଙ୍କନ ଦ୍ୱାରା ଆମକୁ 'ଫାର୍ମର ଯୋଗାଣ ବକ୍ର' ମିଳିଥାଏ ।

- ବଜାର ଯୋଗାଣ ତାଲିକାର ତଥ୍ୟକୁ ଆଧାର କରି ରେଖାଚିତ୍ର ଅଙ୍କନ କଲେ 'ବଜାର ଯୋଗାଣ ବକ୍ର' ମିଳିଥାଏ ।
- ଯୋଗାଣ ବକ୍ର ବାମରୁ ଦକ୍ଷିଣକୁ ଊର୍ଦ୍ଧ୍ୱଗାମୀ ହୋଇଥାଏ ।
- ଯୋଗାଣ ସୂତ୍ର ଅନୁସାରେ, ଅନ୍ୟ ବିଷୟଗୁଡିକ ଅପରିବର୍ତ୍ତିତ ରହି ଦ୍ରବ୍ୟର ଦର ଓ ତାହାର ଯୋଗାଣ ପରିମାଣ ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧ ହୋଇଥାଏ ।

ପାଠ୍ୟଗତ ପ୍ରଶ୍ନ 15.2

ନିମ୍ନ ଉକ୍ତିଗୁଡିକ ଠିକ୍ ନା ଭୁଲ କହ ।

(i) କୌଣସି ଦ୍ରବ୍ୟର ଯୋଗାଣ ଉପରେ କେବଳ ତାହାର ଦର ପ୍ରଭାବ ପଡିଥାଏ ।

(ii) ଦ୍ରବ୍ୟର ଦର ଓ ଯୋଗାଣର ପରିମାଣ ମଧ୍ୟରେ ବିପରୀତ ସମ୍ବନ୍ଧ ଥାଏ ।

(iii) ଫାର୍ମର ଯୋଗାଣ ତାଲିକା ଫାର୍ମ ଦ୍ୱାରା ବିଭିନ୍ନ ଦର ଉପରେ ଉପଲବ୍ଧ କରାଉଥିବା ପରିମାଣକୁ ଦର୍ଶାଏ ।

(iv) ଯୋଗାଣ ବକ୍ର ବାମରୁ ଡାହାଣକୁ ଉପର ଆଡକୁ ଉଠିଥାଏ ।

(v) ଯୋଗାଣ ସୂତ୍ର ଅନୁସାରେ ଅନ୍ୟ ବିଷୟ ଅପରିବର୍ତ୍ତିତ ରହି ନିର୍ଦ୍ଧାରିତ ଦରରେ କୌଣସି ଦ୍ରବ୍ୟର ଯୋଗାଣ ତାହାର ଚାହିଦା ସହିତ ସମାନ ହୋଇଥାଏ ।

(vi) କୌଣସି ଦ୍ରବ୍ୟର ବଜାର ଯୋଗାଣ ନିର୍ଦ୍ଧାରିତ ସମୟସୀମାରେ ବିଭିନ୍ନ ବିକ୍ରେତାମାନଙ୍କ ଦ୍ୱାରା ଯୋଗାଣ କରାଯାଇଥିବା ପରିମାଣଗୁଡିକର ଯୋଗଫଳ ହୋଇଥାଏ ।

15.6 ଦ୍ରବ୍ୟର ଯୋଗାଣକୁ ପ୍ରଭାବିତ କରୁଥିବା ଅନ୍ୟ ଉପାଦାନ ସମୂହ

ପୂର୍ବ ଅଧ୍ୟାୟରୁ ଆପଣମାନେ ଯୋଗାଣ ଉପରେ ଦ୍ରବ୍ୟର ଦରର ପ୍ରଭାବ ବିଷୟରେ ଅଧ୍ୟୟନ କଲେ । ସେତେବେଳେ ଆମେ ଏହା ମାନିଥିଲେ ଏହା ଅନ୍ୟ କାରକ ଯାହାର ଯୋଗାଣ ଉପରେ ପ୍ରଭାବ ପଡିଥାଏ, ତାହା ସ୍ଥିର ରହିବ । ବର୍ତ୍ତମାନ ଆମେ ସେହି କାରକଗୁଡିକର ଯୋଗାଣ ଉପରେ ପ୍ରଭାବର ଅଧ୍ୟୟନ କରିବା । ବର୍ତ୍ତମାନ ଆମେ ମାନିନେବା ଯେ ଦ୍ରବ୍ୟର ଦର ସ୍ଥିର ରହିବ । ଦ୍ରବ୍ୟର ଦର ଅତିରିକ୍ତ ଏହି ଅନ୍ୟ କାରକଗୁଡିକର ପ୍ରଭାବ ଦ୍ରବ୍ୟର ଯୋଗାଣ ଉପରେ ପଡିଥାଏ ।

(i) ଅନ୍ୟ ଦ୍ରବ୍ୟଗୁଡିକର ଦର (P_R)

(ii) ଉତ୍ପାଦକ ସାଧନର ଦର (F)

(iii) ଉତ୍ପାଦକଙ୍କ ଉଦ୍ଦେଶ୍ୟ (G)

(iv) ଉତ୍ପାଦନର କୌଶଳ (T)

ଆସନ୍ତୁ, ଆମେ କ୍ରମଶଃ ସେହି କାରକଗୁଡିକ ଦ୍ରବ୍ୟର ଯୋଗାଣଉପରେ ପ୍ରଭାବର ଅଧ୍ୟୟନ କରିବା । ଧ୍ୟାନ ରହିବ ଯେ ବର୍ତ୍ତମାନ ଆମେ ଦ୍ରବ୍ୟର ଦରକୁ ଅପରିବର୍ତ୍ତିତ ରହିବାକୁ ମାନ୍ୟତା ଦେଲେ ।

(i) ଅନ୍ୟ ଦ୍ରବ୍ୟଗୁଡିକର ଦର (P_R)

ଯଦି ଅନ୍ୟ ଦ୍ରବ୍ୟଗୁଡିକର ଦରରେ ବୃଦ୍ଧି ହୁଏ, ତେବେ ଉତ୍ପାଦକଙ୍କୁ ତାଙ୍କର ଉତ୍ପାଦନ କରିବା ଅଧିକ ଲାଭଦାୟକ ହେବ । ତେଣୁ ସେ ଏ ପର୍ଯ୍ୟନ୍ତ ଏହି ଦ୍ରବ୍ୟର ଉତ୍ପାଦନରେ ପ୍ରୟୋଗ ହେଉଥିବା ସମ୍ବଳକୁ ସେହି ଦ୍ରବ୍ୟର ଉତ୍ପାଦନରେ ସ୍ଥାନାନ୍ତରିତ କରିବ । ଯାହାର ଦରରେ ବୃଦ୍ଧି ଘଟିଛି । ଉଦାହରଣ ପାଇଁ ଜଣେ କୃଷକ ନିଜ କ୍ଷେତରୁ ଆଖୁ ଫଳାଉଥିଲା । ଗହମର ଦରବୃଦ୍ଧି ଯୋଗୁଁ ସେ ଅନୁଭବ କଲା ଯେ ଆଖୁ ଅପେକ୍ଷା ଗହମ ଚାଷ କଲେ ଅଧିକ ଲାଭଦାୟକ ହେବ । ତେଣୁ ସେ କୃଷକ ଆଖୁ ସ୍ଥାନରେ ଗହମ ଚାଷ କରି ଚାଲିଲା । ଏହିପରି ଆଖୁର ଦର ଅପରିବର୍ତ୍ତିତ ଥାଇ ମଧ୍ୟ ଏହାର ଯୋଗାଣ ହ୍ରାସ ପାଇଲା । ଅନ୍ୟ ଏକ ଉଦାହରଣ ଉପରେ ବିଚାର କରାଯାଉ । ଏକ ଫାର୍ମ ଟେଲିଭିଜନ ସେଟ୍‌ର ଉତ୍ପାଦନ ଏହି କାରଣରୁ କରିଥାଏ ଯେ ତାଙ୍କୁ ଅନ୍ୟ ସବୁ ଜିନିଷର ଉତ୍ପାଦନ ଠାରୁ ଏହା ଅଧିକ ଲାଭଦାୟକ ଲାଗେ । ଯଦି ଟେଲିଭିଜନର ବଜାର ଦର ହ୍ରାସ ପାଏ ତେବେ ଫାର୍ମର ଲାଭରେ ମଧ୍ୟ ହ୍ରାସ ଘଟିବ । ସେ ଫାର୍ମ ନିଜର ସମ୍ବଳକୁ ଟେଲିଭିଜନ ଉତ୍ପାଦନରୁ ପରିବର୍ତ୍ତନ କରି ଫ୍ରିଜ ବା ୱାଶିଂ ମେସିନ ଉତ୍ପାଦନରେ ପ୍ରୟୋଗ କରିବେ । ପରିମାଣ ସ୍ୱରୂପ ବାସ୍ତବରେ ଫ୍ରିଜ ଓ ୱାଶିଂମେସିନ ଦର ବୃଦ୍ଧି ହୋଇନାହିଁ । ତଥାପି ତାଙ୍କର ଯୋଗାଣରେ ବୃଦ୍ଧି ହେବ । ତେଣୁ ଏକ ଦ୍ରବ୍ୟର ଦର ସ୍ଥିର ରହି ମଧ୍ୟ ଅନ୍ୟ ଦ୍ରବ୍ୟର ଦରରେ ହ୍ରାସ-ବୃଦ୍ଧି ଘଟିଲେ ଏହାର ଯୋଗାଣ ମଧ୍ୟ ପ୍ରଭାବିତ ହୋଇଥାଏ ।

(ii) ଉତ୍ପାଦକ ସାଧନର ଦର (F)

ଉତ୍ପାଦକ ସାଧନର ଦରରେ ପରିବର୍ତ୍ତନ ଫାର୍ମର ଉତ୍ପାଦନର ଲାଭାଂଶକୁ ପରିବର୍ତ୍ତିତ କରି ଦିଏ । କାରଣ ଉତ୍ପାଦନକାରୀଙ୍କ ଉତ୍ପାଦନ ପରିବ୍ୟୟ ବୃଦ୍ଧି ପାଇଥାଏ । ଯଦି ପରିବ୍ୟୟ ପରିମାଣରେ ବୃଦ୍ଧି ହୁଏ ତେବେ ଦ୍ରବ୍ୟର ଦର ସ୍ଥିର ରହିଲେ ଉତ୍ପାଦକଙ୍କ ଲାଭ କମ୍ ହୋଇଯିବ । ତେଣୁ ପ୍ରକୃତରେ ଦ୍ରବ୍ୟର ଦର କମ୍ ହୋଇନାହିଁ । ଉତ୍ପାଦକ ତାଙ୍କର ଉତ୍ପାଦନ ଓ ଯୋଗାଣ କମ୍ କରିନେବେ । ସେହିପରି ଯଦି ସାଧନ ଶସ୍ତା ହୁଏ ତେବେ ପରିବ୍ୟୟ କମ୍ ଯୋଗୁଁ ଲାଭରେ ବୃଦ୍ଧି ଉତ୍ପାଦକଙ୍କୁ ଯୋଗାଣ ବୃଦ୍ଧି ପାଇଁ ଉତ୍ସାହିତ କରିବ ।

(iii) ଉତ୍ପାଦକଙ୍କ ଉଦ୍ଦେଶ୍ୟ (G)

ପ୍ରାୟତଃ ଉତ୍ପାଦକମାନଙ୍କ ଲକ୍ଷ ଯେ ଅଧିକରୁ ଅଧିକ ଲାଭ ମିଳୁ । ତେଣୁ ସେ ଉକ୍ତ ଦ୍ରବ୍ୟର ଉତ୍ପାଦନ କରିଥାଏ, ଯେଉଁଥିରୁ ଅଧିକତମ ଲାଭ ପାଇବାର ସୁଯୋଗ ମିଳେ । କିନ୍ତୁ ବେଳେବେଳେ ଉତ୍ପାଦକଙ୍କ ଲକ୍ଷ ଲାଭ ଅପେକ୍ଷା ନିଜର ବିକ୍ରି ଅଧିକତମ କରିବାକୁ ମଧ୍ୟ ହୋଇଥାଏ ।

ଉକ୍ତ ଉତ୍ପାଦନ ଓ ବିକ୍ରି ସେତେବେଳ ପର୍ଯ୍ୟନ୍ତ ବଢିଚାଲେ ଯେତେବେଳଯାଏ ଏହାଦ୍ୱାରା ସ୍ଥିର କରାଯାଇଥିବା ଲାଭର ଲକ୍ଷ ଉପରେ ବିପରୀତ ପ୍ରଭାବ ପଡିନଥାଏ । ଫାର୍ମର ଲକ୍ଷ୍ୟ ମଧ୍ୟ ଯୋଗାଣକୁ ପ୍ରଭାବିତ କରି ପାରିବାର ମଧ୍ୟ ଆମେ ପାଇଥାନ୍ତି ।

(iv) ଉତ୍ପାଦନର କୌଶଳ (T)

ବୈଷୟିକ ଜ୍ଞାନକୌଶଳ ପ୍ରଗତିର ଅର୍ଥ ନୂତନ ଯନ୍ତ୍ର ଓ ଉତ୍ପାଦନର ଉତ୍ତମ ନୀତିର ପ୍ରୟୋଗ । ଏହାଦ୍ୱାରା ଉତ୍ପାଦନର ଉପାଦାନରେ ହ୍ରାସ ତଥା ଲାଭରେ ବୃଦ୍ଧି ହୋଇଥାଏ । ତେଣୁ ଉତ୍ପାଦକ ପୂର୍ବ ଦର ଉପରେ ହିଁ ଅଧିକ ଯୋଗାଣ କରିବାକୁ ସମର୍ଥ ହୋଇଥାଏ । ସୁତରାଂ ଦର ସ୍ଥିର ରହିଲେ ମଧ୍ୟ ବୈଷୟିକ ଜ୍ଞାନର ଉନ୍ନତି ଯୋଗୁଁ ଦ୍ରବ୍ୟର ଯୋଗାଣ ଅଧିକ ହୋଇଥାଏ ।

ଉପରୋକ୍ତ ସମସ୍ତ କାରକ ଦ୍ରବ୍ୟର ଯୋଗାଣକୁ ପ୍ରଭାବିତ କରିଥାଏ । ଦ୍ରବ୍ୟର ଦର ସ୍ଥିର ରହିଲେ ମଧ୍ୟ ଏଗୁଡିକ ମଧ୍ୟରୁ କୌଣସି 'ଅନ୍ୟ କାରକ'ରେ ପରିବର୍ତ୍ତନର ଫଳ ସ୍ୱରୂପ ଯୋଗାଣରେ ବୃଦ୍ଧି ବା ହ୍ରାସ ଘଟି ପାରିଥାଏ ।

ମନେରଖ :

- ଗୋଟିଏ ଦ୍ରବ୍ୟର ଯୋଗାଣ କେବଳ ତାର ଦର ନୁହେଁ 'ଅନ୍ୟ କାରକ'ଗୁଡିକ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥାଏ । ଏଗୁଡିକ : (i) ଅନ୍ୟ ଦ୍ରବ୍ୟର ଦର (ii) ଉତ୍ପାଦନର ଉପାଦାନର ଦର (iii) ଉତ୍ପାଦକଙ୍କ ଲକ୍ଷ ଓ (iv) ଉତ୍ପାଦନର କୌଶଳ ।
- ଏହି ଅନ୍ୟ କାରକଗୁଡିକ ପ୍ରଭାବରେ ଅଧ୍ୟୟନ କରିବାବେଳେ ଆମକୁ ମାନିବାକୁ ପଡିବ ଯେ ଦ୍ରବ୍ୟର ଦର ଅପରିବର୍ତ୍ତିତ ରହିଥାଏ ।
- ଅନ୍ୟ ଦ୍ରବ୍ୟର ଦରବୃଦ୍ଧି ଏବଂ ଉତ୍ପାଦନର ଉପାଦାନରେ ଦର ଅଧିକ ହେଲେ ଦ୍ରବ୍ୟର ଯୋଗାଣ କମ୍ ହୁଏ । ଯଦି ଉପରୋକ୍ତ ଦୁଇଟିରେ କୌଣସି ବିପରିତ ପରିବର୍ତ୍ତନ ଘଟେ ତେବେ ଯୋଗାଣରେ ବୃଦ୍ଧି ହୋଇଥାଏ ।
- ଫାର୍ମର ଲକ୍ଷ୍ୟରେ ଲାଭ ଅପେକ୍ଷା ଅଧିକ ବିକ୍ରି କରିବାକୁ ତଥା ବୈଷୟିକ ଜ୍ଞାନ କୌଶଳର ଉନ୍ନତି ଦ୍ୱାରା ଦ୍ରବ୍ୟର ଯୋଗାଣରେ ବୃଦ୍ଧି ହେବ ।

ପାଠ୍ୟଗତ ପ୍ରଶ୍ନ 15.3

ବନ୍ଧନୀର ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର।

(i) ଯଦି ଅନ୍ୟ ଦ୍ରବ୍ୟର ଦରରେ ବୃଦ୍ଧି ହୁଏ ତେବେ ପୁରାତନ ଦରରେ ମଧ୍ୟ ଏହି ଦ୍ରବ୍ୟର ଯୋଗାଣରେ .... ହୋଇଯିବ। (ବୃଦ୍ଧି, ହ୍ରାସ)

(ii) ଉତ୍ପାଦନର ବୈଷୟିକ ଜ୍ଞାନରେ ଉନ୍ନତି ଦ୍ୱାରା ଦ୍ରବ୍ୟର ....ରେ ବୃଦ୍ଧି ହୋଇଥାଏ। (ଉତ୍ପାଦନ ଖର୍ଚ୍ଚ/ ଯୋଗାଣ)

(iii) ଉତ୍ପାଦକର ଉପାଦାନର ଦରବୃଦ୍ଧି ଫଳରେ ଦ୍ରବ୍ୟର ....ରେ ବୃଦ୍ଧି ହୋଇଥାଏ। (ଉତ୍ପାଦନର ଖର୍ଚ୍ଚ/ ଯୋଗାଣ)

(iv) ଅନ୍ୟ କାରକଗୁଡିକରେ ପରିବର୍ତ୍ତନ ଦ୍ରବ୍ୟର .....ରେ ପରିବର୍ତ୍ତନ କରି ଦିଏ। (ଦର/ଯୋଗାଣ)

15.7 ଯୋଗାଣର ବିସ୍ତାର ଓ ଯୋଗାଣରେ ବୃଦ୍ଧି

(କ) ଯୋଗାଣର ବିସ୍ତାର

ଅନ୍ୟ ବିଷୟଗୁଡିକ ଅପରିବର୍ତ୍ତିତ ରହି ଦରରେ ବୃଦ୍ଧି ଯୋଗୁଁ ଦ୍ରବ୍ୟର ଯୋଗାଣ ପରିମାଣରେ ବୃଦ୍ଧିକୁ ଯୋଗାଣର ବିସ୍ତାର କୁହାଯାଏ। ତାଲିକା 15.1 ଉପରେ ବିଚାର କରିବା ଯେଉଁଥିରେ ଆମେ ଏକ ଯୋଗାଣ ତାଲିକା ଗଠନ କରିଥିଲେ। କଲମର ଦରବୃଦ୍ଧି ଫଳରେ ତାର ଯୋଗାଣରେ ମଧ୍ୟ ବୃଦ୍ଧି ଘଟିଥାଏ। ଏହାକୁ ହିଁ ଯୋଗାଣର ବିସ୍ତାର କୁହାଯାଏ ଯେପରି ଚିତ୍ର 15.3 ରେ ଆମେ ଯୋଗାଣ ରେଖ ଉପରେ ଊର୍ଦ୍ଧ୍ୱଗାମୀ (ବାମରୁ ଦକ୍ଷିଣକୁ) ଚଳନ ଦ୍ୱାରା ଦର୍ଶାଯାଇଛି।



କଲମର ଯୋଗାଣର ପରିମାଣ

ଚିତ୍ର 15.3 ଯୋଗାଣର ବିସ୍ତାର

(ଖ) ଯୋଗାଣରେ ବୃଦ୍ଧି

ଦର ଅପରିବର୍ତ୍ତିତ ରହି ମଧ୍ୟ ଏକ ବା ଅଧିକ କାରକଗୁଡିକ ମଧ୍ୟରେ ପରିବର୍ତ୍ତନ ହେଲେ କୌଣସି ଦ୍ରବ୍ୟର ଯୋଗାଣ ଅଧିକ ହେବାକୁ ଯୋଗାଣ ବୃଦ୍ଧି କୁହାଯାଏ । ଏହି ପ୍ରକାର ଯୋଗାଣରେ ବୃଦ୍ଧିର ଅର୍ଥ ହେଉଛି, ସେହି ଦର ଉପରେ ଦ୍ରବ୍ୟର ଅଧିକ ଯୋଗାଣ । ତାଲିକା 15.3ରେ ଆମେ ଯୋଗାଣର ବୃଦ୍ଧି ଦର୍ଶାଇଛନ୍ତି ।

ତାଲିକା 15.3

କଲମର ଦର (ଟ) (1)	ପ୍ରାରମ୍ଭିକ ଯୋଗାଣ (2)	ପରିବର୍ଦ୍ଧିତ ଯୋଗାଣ (3)
2	20	30
3	30	40
4	40	50
5	50	60
6	60	70

ଏହି ତାଲିକାରେ ସ୍ତମ୍ଭ (3) କୁ ସ୍ତମ୍ଭ (2) ସହିତ ତୁଳନା କରନ୍ତୁ । ଧ୍ୟାନ ରହୁ ଯେ ପ୍ରତ୍ୟେକ ଦର ଉପରେ ସ୍ତମ୍ଭ (1) ରେ ଦେଖାଯାଇଥିବା ଯୋଗାଣର ପରିମାଣ ଅଧିକ ହୋଇଯାଇଛି । ଏହି ତାଲିକାର ଅଙ୍କନ ଚିତ୍ର 15.4 ଦେଖନ୍ତୁ ।



କଲମର ଯୋଗାଣର ପରିମାଣ

ଚିତ୍ର 15.4 ଯୋଗାଣରେ ବୃଦ୍ଧି

ଚିତ୍ରରେ ପ୍ରାରମ୍ଭିକ ଯୋଗାଣବକ୍ର SS ତଥା ଅଧିକ ଯୋଗାଣ ଦର୍ଶାଇଥିବା ବକ୍ର S_1S_1 । ତେଣୁ ଯୋଗାଣର ବୃଦ୍ଧି ଫଳରେ ଯୋଗାଣବକ୍ର ତଳକୁ ଖସି ଦକ୍ଷିଣ ଦିଗକୁ ଯାଇଅଛି ଯାହା ସୂଚୀତ କରାଏ ଯେ ସେହି ଦରରେ ଯୋଗାଣର ବୃଦ୍ଧି ଘଟିଛି ।

ପୂର୍ବ ଯୋଗାଣ ବକ୍ର SS ଉପରେ ବିନ୍ଦୁ A, 4 ଟଙ୍କା ଦରରେ 40ଟି କଲମର ଯୋଗାଣ ଦର୍ଶାଉଅଛି । ସେହି ଦରରେ ନୂଆ ଯୋଗାଣ ବକ୍ର S_1S_1 ଉପରେ ବିନ୍ଦୁ B ଦର୍ଶାଏ ଯେ ଯୋଗାଣର ପରିମାଣ ବୃଦ୍ଧି ପାଇ ୫୦ଟି କଲମ ହୋଇଛି । ଚିତ୍ର 15.4ରେ ତୀର ଚିହ୍ନ ଯୋଗାଣ ବକ୍ରକୁ ଡାହାଣକୁ ସ୍ଥାନାନ୍ତର ହେବାର ସୂଚନା ଦେଉଛି ।

ତେଣୁ ଦ୍ରବ୍ୟର ଦର ବୃଦ୍ଧି ଫଳରେ ଯୋଗାଣର ପରିମାଣରେ ମଧ୍ୟ ବୃଦ୍ଧି ଘଟିଥାଏ । ଏହାକୁ ଯୋଗାଣର ବିସ୍ତାର କହନ୍ତି । ପୂର୍ବ ଦରରେ ମଧ୍ୟ ଅନ୍ୟ କାରକର ପ୍ରଭାବ ସ୍ୱରୂପ ଯୋଗାଣର ପରିମାଣରେ ବୃଦ୍ଧି ହେଲେ ଏହାକୁ ଆମେ ଯୋଗାଣରେ ବୃଦ୍ଧି କହନ୍ତି । ରେଖାଚିତ୍ରିୟ ବିଶ୍ଳେଷଣ ଅନୁସାରେ ଯୋଗାଣର ବିସ୍ତାରର ତାତ୍ପର୍ଯ୍ୟ, ସେହି ଯୋଗାଣ ବକ୍ର ଉପରେ ଏକବିନ୍ଦୁ ଊର୍ଦ୍ଧ୍ୱକୁ ସ୍ଥାନାନ୍ତର । ମାତ୍ର ଯୋଗାର ବୃଦ୍ଧିର ପରିମାଣ ସ୍ୱରୂପ ଯୋଗାଣ ବକ୍ର ଉପରେ ଦକ୍ଷିଣ ଆଡକୁ ସ୍ଥାନାନ୍ତର ହେବ ।

ମନେ ରଖ :

- ଦର ଅପରିବର୍ତ୍ତିତ ରହି ଦ୍ରବ୍ୟର ଯୋଗାଣ ଅଧିକ ହେଲେ ଯୋଗାଣର ବୃଦ୍ଧି କୁହାଯାଏ ।
- କେବଳ ଦରର ବୃଦ୍ଧି ଯୋଗୁଁ ଦ୍ରବ୍ୟର ମାତ୍ରାଧିକ ଯୋଗାଣକୁ ଯୋଗାଣର ବିସ୍ତାର କହନ୍ତି ।
- ଯୋଗାଣର ବିସ୍ତାର ଯୋଗାଣ ବକ୍ର ଉପରେ କୌଣସି ବିନ୍ଦୁ ଉଚ୍ଚତର ବିନ୍ଦୁ ଆଡକୁ ସ୍ଥାନାନ୍ତର ହୋଇଥାଏ ।
- ଯୋଗାଣରେ ବୃଦ୍ଧି ଯୋଗୁଁ ଯୋଗାଣ ବକ୍ର ଡାହାଣ ପାର୍ଶ୍ୱକୁ ସ୍ଥାନାନ୍ତର ହୁଏ ।

ପାଠ୍ୟଗତ ପ୍ରଶ୍ନ 15.4

ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(i) ଯୋଗାଣରେ ବୃଦ୍ଧି ଅର୍ଥ.................................. ଦର ଉପରେ ଅଧିକ ଯୋଗାଣ । (ଉଚ୍ଚତର, ପୂର୍ବବତ, ନିମ୍ନତର)

(ii) ଯୋଗାଣର ବିସ୍ତାରର ଅର୍ଥ ....ଦର ଉପରେ ଅଧିକ ଯୋଗାଣ । (ଉଚ୍ଚତର, ପୂର୍ବବତ୍, ନିମ୍ନତର)

(iii) ଯୋଗାଣ .... ଦ୍ୱାରା ଯୋଗାଣ ବକ୍ର ଡାହାଣକୁ ସ୍ଥାନାନ୍ତର ହୁଏ । (ରେ ବୃଦ୍ଧି, ର ବିସ୍ତାର)

(iv) ଯେତେବେଳେ ଯୋଗାଣରେ ବୃଦ୍ଧି ପୂର୍ବ ଭଳି ଦର ଉପରେ ହୋଇଥାଏ ତାହାକୁ ଯୋଗାଣ .... କହନ୍ତି । (ର ବିସ୍ତାର, ରେ ବୃଦ୍ଧି)

15.8 ଯୋଗାଣର ସଂକୋଚନ ଓ ଯୋଗାଣରେ ହ୍ରାସ

(କ) ଯୋଗାଣର ସଂକୋଚନ

ଅନ୍ୟ କାରକଗୁଡିକ ଅପରିବର୍ତ୍ତିତ ରହି କେବଳ ଦ୍ରବ୍ୟର ଦରରେ ହ୍ରାସ ଫଳରେ ତାର ଯୋଗାଣ ପରିମାଣରେ ହ୍ରାସକୁ ଯୋଗାଣର ସଂକୋଚନ କୁହାଯାଏ। ପୁଣିଥରେ ତାଲିକା 15.1 ଉପରେ ବିଚାର କରାଯାଉ। ତେବେ ଏଥର ଏହାକୁ ନିମ୍ନରୁ ପଢିବା ଆରମ୍ଭ କରନ୍ତୁ। ୬ ଟଙ୍କା ପ୍ରତି କଲମ ଦରରୁ ଆରମ୍ଭ କରି ଯେପରି ଦର ହ୍ରାସ ହେଉଛି, ଯୋଗାଣରେ ପରିମାଣ ମଧ୍ୟ କମ୍ ହୋଇଚାଲିଛି। ଏହାକୁ ଯୋଗାଣର ସଂକୋଚନ କୁହାଯାଏ। ଦିଆଯାଇଥିବା ଯୋଗାଣ ବକ୍ର ଉପରେ ଯୋଗାଣର ସଂକୋଚନର ପରିମାଣ ସେହି ବକ୍ର ଉପରେ ନିମ୍ନକୁ ଚଳନ ହେବ, ଯାହା ଚିତ୍ର 15.5 ରେ ଦର୍ଶାଇ ଦିଆଯାଇଛି ।



ଚିତ୍ର 15.5 ଯୋଗାଣ ସଂକୋଚନ

(ଖ) ଯୋଗାଣରେ ହ୍ରାସ

ଦର ଅପରିବର୍ତ୍ତିତ ରହି ମଧ୍ୟ ଅନ୍ୟ କାରକଗୁଡିକରେ ପରିବର୍ତ୍ତନ ଫଳରେ ପଡୁଥିବା ପ୍ରଭାବ ଯୋଗୁଁ ଯୋଗାଣର ପରିମାଣରେ ହ୍ରାସକୁ ଯୋଗାଣରେ ହ୍ରାସ କୁହାଯାଏ। ଅନ୍ୟ ଅର୍ଥରେ ଯୋଗାଣର ହ୍ରାସର ଅର୍ଥ ହେଉଛି, ପୂର୍ବ ଦର ଉପରେ ପୂର୍ବ ଅପେକ୍ଷା କମ୍ ଯୋଗାଣ। ତାଲିକା 15.4 ଯୋଗାଣରେ ହ୍ରାସ ଦର୍ଶାଉଅଛି ।

ତାଳିକା 15.4

କଲମର ଦର (ଟଙ୍କାରେ) (1)	ପ୍ରାରମ୍ଭିକ ଯୋଗାଣ (2)	ହ୍ରାସ ହେବାରେ ଯୋଗାଣ (3)
2	20	10
3	30	20
4	40	30
5	50	40
6	60	50

ତାଳିକା 15.4ରେ ତୃତୀୟ ଓ ଦ୍ୱିତୀୟ ସ୍ତମ୍ଭ ମଧ୍ୟରେ ତୁଳନା କଲେ ଏହା ସ୍ପଷ୍ଟ ହୋଇଯାଏ ଯେ ପ୍ରତ୍ୟେକ ଦର ଉପରେ ପୂର୍ବ ଅପେକ୍ଷା ବର୍ତ୍ତମାନ କମ୍ ସଂଖ୍ୟାରେ କଲମର ଯୋଗାଣ ହେଉଅଛି । ଅର୍ଥାତ୍ ଯୋଗାଣରେ ହ୍ରାସ ଆସିଛି । ଏହାକୁ ଯୋଗାଣରେ ହ୍ରାସ କୁହାଯାଏ । ୨ ଟଙ୍କା କଲମ ପ୍ରତି ଦରରେ ଯୋଗାଣ 20ରୁ ହ୍ରାସ ପାଇ ୧୦ଟି କଲମରେ ରହିଗଲା । ଏହିସବୁ ତଥ୍ୟକୁ ଆଧାର କରି ଆମକୁ ଚିତ୍ର 15.6 ମିଳିବ ।



କଲମର ଯୋଗାଣର ପରିମାଣ (ମାସିକ)

ଚିତ୍ର 15.6 ଯୋଗାଣରେ ହ୍ରାସ

ଚିତ୍ର 15.6ରେ SS ଯୋଗାଣ ବକ୍ର ଏବଂ S_1S_1 ହ୍ରାସମାନ ବକ୍ର ଯାହାକି ତାଳିକା 15.4ରେ (3) ସ୍ତମ୍ଭରେ ଅଛି । ଧ୍ୟାନ ଦିଅନ୍ତୁ ଯେ ଏଠାରେ ଯୋଗାଣ ବକ୍ର ବାମକୁ ସ୍ଥାନାନ୍ତର ହୋଇଛି । ଅର୍ଥାତ୍ ଯୋଗାଣରେ ହ୍ରାସ ଯୋଗୁଁ ଯୋଗାଣ ବକ୍ର ବାମକୁ ଘୁଞ୍ଚିଗଲା । ଏହା ଦର୍ଶାଉଅଛି

ଯେ ପ୍ରତ୍ୟେକ ଦର ଉପରେ ପୂର୍ବ ଅପେକ୍ଷା ବର୍ତ୍ତମାନ କମ୍ ପରିମାଣରେ ଯୋଗାଣ ହେଉଅଛି । ୪ ଟଙ୍କା ଦରରେ ପ୍ରଥମେ 40ଟି କଲମର ଯୋଗାଣ ହେଉଥିଲା । କିନ୍ତୁ ବର୍ତ୍ତମାନ ଏହା ହ୍ରାସ ପାଇ 30ଟି କଲମରେ ଅଛି ।

ସୁତରାଂ ଯେଉଁଠାରେ ଦ୍ରବ୍ୟର ଯୋଗାଣରେ ସଂକୋଚନ ତା'ର ଦରର ହ୍ରାସ ଜନିତ ଯୋଗାଣ ପରିମାଣରେ କମ୍ ହୁଏ, ସେଠାରେ ଯୋଗାଣରେ ହ୍ରାସ ଦର ସ୍ଥିର ରହିଲେ ମଧ୍ୟ ଯୋଗାଣରେ ପରିମାଣରେ ହ୍ରାସ ଘଟିଲା । ଏଥିରୁ ଏହା ଜଣାଯାଏ ଯେ ଯୋଗାଣରେ ହ୍ରାସ ସେହି ଅନ୍ୟ କାରକଗୁଡ଼ିକରେ ପରିବର୍ତ୍ତନର ଫଳସ୍ୱରୂପ ଯୋଗାଣକୁ ପ୍ରଭାବିତ କରିଥାଏ । ଯୋଗାଣର ସଂକୋଚନରେ ଆମେ ଯୋଗାଣ ବକ୍ର ଉପରେ କୌଣସି ଉଚ୍ଚବିନ୍ଦୁରୁ ନିମ୍ନତର ବିନ୍ଦୁ ଆଡ଼କୁ ଘୁଞ୍ଚିଯାଏ । କିନ୍ତୁ ଯୋଗାଣରେ ହ୍ରାସ ପରିସ୍ଥିତିରେ ଯୋଗାଣ ବକ୍ର ଉପରେ ପୂର୍ବସ୍ଥିତି ଅପେକ୍ଷା ବାମ ଆଡ଼କୁ ଉର୍ଦ୍ଧ୍ୱଗାମୀ ହୋଇଥାଏ ।

ମନେରଖ :

- ଅନ୍ୟ ବିଷୟ ଅପରିବର୍ତ୍ତିତ ରହି ନିଜ ଦରରେ ହ୍ରାସ ଯୋଗୁଁ ଦ୍ରବ୍ୟର ଯୋଗାଣର ପରିମାଣରେ ହ୍ରାସକୁ ଯୋଗାଣର ସଂକୋଚନ କୁହାଯାଏ ।
- ଯୋଗାଣର ସଂକୋଚନରେ ଉକ୍ତ ଯୋଗାଣ ବକ୍ର ଉପରେ ନିମ୍ନଗାମୀ ହୋଇଥାଏ ।
- ଦର ସ୍ଥିର ଥାଇ ଯୋଗାଣରେ ହ୍ରାସକୁ ଯୋଗାଣରେ ହ୍ରାସ କୁହାଯାଏ ।
- ଯୋଗାଣରେ ହ୍ରାସ ଫଳରେ ଯୋଗାଣ ବକ୍ର ବାମକୁ ସ୍ଥାନାନ୍ତର ହୁଏ ।

ପାଠଗତ ପ୍ରଶ୍ନ 15.5

ନିମ୍ନ ଉକ୍ତିଗୁଡ଼ିକରୁ ଠିକ୍ ଭୁଲ କୁହ :

(i) ଅନ୍ୟ ଦ୍ରବ୍ୟଗୁଡ଼ିକରଦର ବୃଦ୍ଧି ଯୋଗୁଁ କୌଣସି ଦ୍ରବ୍ୟର ଯୋଗାଣରେ ହ୍ରାସକୁ ଯୋଗାଣର ସଂକୋଚନ କହନ୍ତି ।

(ii) ଦର ପୂର୍ବଭଳି ଥାଇ ଦ୍ରବ୍ୟର ଯୋଗାଣରେ ହ୍ରାସକୁ ଯୋଗାଣର ସଂକୋଚନ କୁହାଯାଏ ।

(iii) ଦ୍ରବ୍ୟର ଦରରେ ପରିବର୍ତ୍ତନ ଫଳରେ ତାର ଯୋଗାଣର ପରିମାଣ ଉପରେ ପ୍ରଭାବ ଯୋଗାଣ ବକ୍ରକୁ ସ୍ଥାନାନ୍ତରିତ କରି ଦର୍ଶାଯାଏ ।

(iv) ଯୋଗାଣ ବକ୍ରର ଦକ୍ଷିଣ ଦିଗକୁ ସ୍ଥାନାନ୍ତର ଦ୍ରବ୍ୟର ଦରରେ ହ୍ରାସର ପ୍ରଭାବ ।

ଆପଣ କଣ ଶିକ୍ଷା କଲେ

- କୌଣସି ବିକ୍ରେତାଙ୍କ ଦ୍ୱାରା ଦ୍ରବ୍ୟର ଯୋଗାଣ ସେହି ଦ୍ରବ୍ୟର ଉକ୍ତ ପରିମାଣ ଯାହାକୁ ସେ କୌଣସି ନିଶ୍ଚିତ ସମୟସୀମାରେ ବିଭିନ୍ନ ଦର ଉପରେ ଉପଲବ୍ଧ କରାଇବାକୁପ୍ରସ୍ତୁତ ଥାଏ ।
- ବଜାର ଯୋଗାଣ ଉକ୍ତ ପରିମାଣ ଯାହାକୁ ନିଶ୍ଚତ ସମୟସୀମାରେ ବିଭିନ୍ନ ଦର ଉପରେ ସମସ୍ତ ବିକ୍ରେତା ବିକ୍ରୟ କରିବାକୁ ପ୍ରସ୍ତୁତ ଥାଆନ୍ତି ।
- କୌଣସି ଦ୍ରବ୍ୟର ଯୋଗାଣ, କେତେକ କାରକ ଉପରେ ନିର୍ଭର ହୋଇଥାଏ, ଯଥା : (କ) ଦ୍ରବ୍ୟର ଦର (ଖ) ଅନ୍ୟ ଦ୍ରବ୍ୟଗୁଡିକର ଦର (ଗ) ଉତ୍ପାଦକ ଉପାଦାନର ଦର (ଘ) ଉତ୍ପାଦକଙ୍କ ଲକ୍ଷ ତଥା (ଙ) ଉତ୍ପାଦନରେ ବୈଷୟିକ କୌଶଳ ।
- ଯୋଗାଣ ତାଲିକା ଏକ ଏପରି ତାଲିକା ଯାହା ବିଭିନ୍ନ ଦର ଉପରେ ଦ୍ରବ୍ୟର ଯୋଗାଣର ପରିମାଣ ଦର୍ଶାଏ ।
- ଯୋଗାଣ ବକ୍ର ଯୋଗାଣ ତାଲିକାର ରେଖାଚିତ୍ର ।
- ସମସ୍ତ ବ୍ୟକ୍ତିଗତ ଯୋଗାଣ ତାଲିକାଗୁଡିକର ଯୋଗଫଳ ଦ୍ୱାରା ବଜାର ଯୋଗାଣ ତାଲିକା ମିଳିଥାଏ ।
- ଯୋଗାଣ ସୂତ୍ର ଅନୁଯାୟୀ ଅନ୍ୟ ବିଷୟ ଅପରିବର୍ତ୍ତିତ ରହି ଦ୍ରବ୍ୟର ଦର ଓ ତାହାର ଯୋଗାଣର ପରିମାଣ ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧ ଥାଏ ।
- ଦ୍ରବ୍ୟର ଦରରେ ବୃଦ୍ଧି/ହ୍ରାସ ହେଲେ ଯୋଗାଣର ବିସ୍ତାର/ସଂକୋଚନ ହୋଇଥାଏ । ଯୋଗାଣର ବିସ୍ତାର/ସଂକୋଚନ ପରିସ୍ଥିତିରେ ଯୋଗାଣ ବକ୍ର ଉପରେ ଉର୍ଦ୍ଧ୍ୱ ବା ନିମ୍ନକୁ ଚଳନ ହୋଇଥାଏ ।
- ଦ୍ରବ୍ୟର ଦର ବ୍ୟତୀତ ଅନ୍ୟ କାରକଗୁଡିକରେ ପରିବର୍ତ୍ତନ ଫଳରେ ଦ୍ରବ୍ୟର ଯୋଗାଣରେ ପରିବର୍ତ୍ତନକୁ ଯୋଗାଣର ବୃଦ୍ଧି/ହ୍ରାସ କୁହାଯାଏ ।
- ଯୋଗାଣରେ ବୃଦ୍ଧି/ହ୍ରାସ ଦ୍ୱାରା ଯୋଗାଣ ବକ୍ର ବାମ/ଡାହାଣ ଆଡକୁ ଘୁଞ୍ଚିଯାଏ ।

ପାଠ୍ୟାନ୍ତର ପ୍ରଶ୍ନ

1) ଯୋଗାଣ ଶବ୍ଦର ଅର୍ଥ କ'ଣ ?

2) କୌଣସି ଦ୍ରବ୍ୟର ଯୋଗାଣକୁ ପ୍ରଭାବିତ କରୁଥିବା କାରକଗୁଡିକ ବିଷୟରେ ସଂକ୍ଷେପରେ ବ୍ୟାଖ୍ୟା କର ।

3) ଦ୍ରବ୍ୟର ଦର ତା'ର ଯୋଗାଣକୁ କି ପ୍ରକାର ପ୍ରଭାବିତ କରେ ବୁଝାଅ ।

4) ଯୋଗାଣ ସୂତ୍ର ଆଲୋଚନା କର ଓ ଏହାର ମୁଖ୍ୟ ସର୍ତ୍ତାବଳୀ ଲେଖ ।

5) ବଜାର ଯୋଗାଣ ତାଲିକା ଓ ବଜାର ଯୋଗାଣ ବକ୍ର ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

6) କୌଣସି ଉତ୍ପାଦକ ଦ୍ରବ୍ୟର ଦର ଅପରିବର୍ତ୍ତିତ ରହି ମଧ ଉତ୍ପାଦକ ଦ୍ରବ୍ୟର ଯୋଗାଣ ବୃଦ୍ଧି ପାଇଁ କାହିଁକି ପ୍ରସ୍ତୁତ ହୋଇଯାଏ ?

7) କୌଣସି ଦ୍ରବ୍ୟର ଯୋଗାଣର ବିସ୍ତାର ଓ ଯୋଗାଣରେ ବୃଦ୍ଧି ମଧ୍ୟରେ ପାର୍ଥକ୍ୟ ସ୍ପଷ୍ଟିକର ।

8) କୌଣସି ଦ୍ରବ୍ୟର ଯୋଗାଣର ସଂକୋଚନ ଓ ଯୋଗାଣରେ ହ୍ରାସ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

9) 'ଯୋଗାଣ ବକ୍ରର ସ୍ଥାନାନ୍ତର' ଓ 'ଯୋଗାଣ ବକ୍ର ଉପରେ ଚଳନ' ପାର୍ଥକ୍ୟ ଦର୍ଶାଅ ।

ପାଠ୍ୟଗତ ପ୍ରଶ୍ନର ଉତ୍ତର

15.1

(i) ନିର୍ଦ୍ଦିଷ୍ଟ ସମୟସୀମା (ii) ଯୋଗଫଳ (iii) ଦର

15.2

(i) ଭୁଲ (ii) ଭୁଲ (iii) ଠିକ୍ (iv) ଠିକ୍ (v) ଭୁଲ (vi) ଠିକ୍

15.3

(i) ହ୍ରାସ (ii) ଯୋଗାଣ (iii) ଉତ୍ପାଦନ ଖର୍ଚ୍ଚ (iv) ଯୋଗାଣ

15.4

(i) ପୂର୍ବବତ୍ (ii) ଉଚ୍ଚତର (iii) ରେ ବୃଦ୍ଧି (iv) ରେ ବୃଦ୍ଧି

15.5

(i) ଭୁଲ (ii) ଭୁଲ (iii) ଭୁଲ (iv) ଭୁଲ୍

ପାଠ୍ୟାନ୍ତର ପ୍ରଶ୍ନ ପାଇଁ ସଂକେତ :

(1) ଭାଗ 15.1 ପଢନ୍ତୁ ।

(2) ଭାଗ 15.3 ପଢନ୍ତୁ ।

(3) ଭାଗ 15.4 ପଢନ୍ତୁ ।

(4) ଭାଗ 15.5 ପଢନ୍ତୁ ।

(5) ଭାଗ 15.4 (ଗ ଓ ଘ) ପଢନ୍ତୁ ।

(6) ଭାଗ 15.6 (iii) ପଢନ୍ତୁ ।

(7) ଭାଗ 15.7 ପଢନ୍ତୁ ।

(8) ଭାଗ 15.8 ପଢନ୍ତୁ ।

(9) ଭାଗ 15.7 ତଥା 15.8 ପଢନ୍ତୁ ।

16

ସନ୍ତୁଳନ ଦର ନିର୍ଦ୍ଧାରଣ

DETERMINATION OF EQUILIBRIUM PRICE

ଆପଣମାନେ ପାଠ-14ରେ କୌଣସି ଦ୍ରବ୍ୟର ଚାହିଦାକୁ ପ୍ରଭାବିତ କରୁଥିବା କାରକ ତଥା ବିଶେଷକରି ତାହାର ନିଜସ୍ୱ ଦରରେ ଚାହିଦା ଉପରେ ପ୍ରଭାବ ବିଷୟରେ ଅଧ୍ୟୟନ କଲେ । ପାଠ-15ରେ ଯୋଗାଣ ନିର୍ଦ୍ଧାରକଗୁଡିକ ସହିତ ବିଶେଷ ରୂପେ ଦ୍ରବ୍ୟର ଦରର ପ୍ରଭାବ ବିଷୟରେ ଆଲୋଚନା କରାଗଲା । ବାସ୍ତବରେ ଚାହିଦା ଓ ଯୋଗାଣ ଉଭୟ ଦର ଦ୍ୱାରା ହିଁ ପ୍ରଭାବିତ ହୋଇଥାନ୍ତି । ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ ଯେ ଏହି ଚାହିଦା ଓ ଯୋଗାଣ ମିଶି ଦରକୁ ମଧ୍ୟ ପ୍ରଭାବିତ କରିଥାନ୍ତି । ବର୍ତ୍ତମାନ ପାଠରେ ଆମେ ମୁଖ୍ୟତଃ, ଏହା ଜାଣିବାକୁ ଚେଷ୍ଟା କରିବା ଯେ ଚାହିଦା ଓ ଯୋଗାଣ କି ପ୍ରକାର ଦ୍ରବ୍ୟର ଦରକୁ ନିର୍ଦ୍ଧାରଣ କରନ୍ତି ତା ସହିତ ଏ ବିଷୟ ଉପରେ ମଧ୍ୟ ବିଚାର କରାଯିବ ଯେ ଚାହିଦା ଓ ଯୋଗାଣର ପରିବର୍ତ୍ତନ ଫଳରେ ଦର ଉପରେ କିପରି ଓ କଣ ପ୍ରଭାବ ପଡିଥାଏ । ଧ୍ୟାନ ଦିଅନ୍ତୁ ଯେ ଏହି ବିଶ୍ଲେଷଣ ଏପରି ଦ୍ରବ୍ୟ ଉପରେ ଲାଗୁ ହେବ ନାହିଁ ଯାହାର ଦର ସରକାରୀ ଆଦେଶ ଦ୍ୱାରା ନିର୍ଦ୍ଧାରଣ କରାଯାଇଥାଏ । ଭାରତରେ ସରକାର ପେଟ୍ରୋଲ, ଡିଜେଲ ଆଦିର ଦର ନିର୍ଦ୍ଧାରଣ କରିଥାନ୍ତି, ଏହି ଦରକୁ ପ୍ରଶାସକୀୟ ଦର କୁହାଯାଏ ।

ଉଦ୍ଦେଶ୍ୟ

ଏହି ପାଠକୁ ଅଧ୍ୟୟନ କରି ଆପଣ

- ସନ୍ତୁଳନ ଦର ଅର୍ଥକୁ ବର୍ଣ୍ଣନା କରିପାରିବେ ।
- ଚାହିଦା ଓ ଯୋଗାର ଶକ୍ତିଗୁଡିକ ଦ୍ୱାରା ଦର ନିର୍ଦ୍ଧାରଣର ବର୍ଣ୍ଣନା କରିପାରିବେ ।
- ଅତିରିକ୍ତ ଚାହିଦା ଓ ଅତିରିକ୍ତ ଯୋଗାଣର ଅବଧାରଣାର ସମୀକ୍ଷା କରିପାରିବେ ।
- ଅତିରିକ୍ତ ଚାହିଦା ଓ ଅତିରିକ୍ତ ଯୋଗାଣରେ ଦ୍ରବ୍ୟର ଦର ଉପରେ ପଡୁଥିବା ପ୍ରଭାବର ବର୍ଣ୍ଣନା କରିପାରିବେ ଏବଂ
- ଚାହିଦା ଓ ଯୋଗାଣରେ ପରିବର୍ତ୍ତନ ଫଳରେ ଏହାର ଦର ଉପରେ ପଡୁଥିବା ପ୍ରଭାବକୁ ବର୍ଣ୍ଣନା କରିପାରିବେ ।

16.1 ସନ୍ତୁଳନ ଦରର ଅର୍ଥ

ସନ୍ତୁଳନର ଅର୍ଥ ହେଉଛି, ଏପରି ଏକ ସ୍ଥିତି ଯେଉଁଥିରେ ପରିବର୍ତ୍ତନର ପ୍ରବୃତ୍ତି ନଥାଏ- ଅର୍ଥାତ୍ ଭାରସାମ୍ୟ ସ୍ଥିତି । ଆପଣ ଜାଣନ୍ତି ଯେ କ୍ରେତା କମ୍ ଦରରେ ଅଧିକ ଓ ଅଧିକ ଦରରେ କମ୍ ପରିମାଣର ଦ୍ରବ୍ୟ କିଣିବାକୁ ଇଚ୍ଛା କରେ ତଥା ଉତ୍ପାଦକ ଉଚ୍ଚ ଦରରେ ଅଧିକ ତଥା ନିମ୍ନ ଦରରେ କମ୍ ଯୋଗାଣ କରିବାକୁ ଚାହିଥାଏ । ଏମାନଙ୍କର ଏପରି ଆଚରଣର ବ୍ୟାଖ୍ୟା ଯଥାକ୍ରମେ, ଚାହିଦା ଓ ଯୋଗାଣର ନିୟମ ଦ୍ୱାରା ହୋଇଥାଏ । ଅତଏବ, ଏପରି ଏକ ଦର ହୋଇଥାଏ ଯେଉଁ ସ୍ଥିତିରେ ଚାହିଦା ଓ ଯୋଗାଣର ମାତ୍ରା ସମାନ ହୋଇଥାଏ । ଦ୍ରବ୍ୟର ଏପରି ଦରକୁ ସନ୍ତୁଳନ/ ସନ୍ତୁଳିତ ଦର କୁହାଯାଏ । ଏଣୁ ସନ୍ତୁଳନ ଦର ଏପରି ଏକ ଦର ଯାହା ଉପରେ ଦ୍ରବ୍ୟର ଚାହିଦା ଓ ଯୋଗାଣର ପରିମାଣ ସମାନ ଥାଏ । ଏହି ଦର ଉପରେ ପରିବର୍ତ୍ତନର କୌଣସି ପ୍ରବୃତ୍ତି ନଥାଏ ।

16.2 ସନ୍ତୁଳନ ଦରରେ ପହଞ୍ଚିବା ପାଇଁ ପ୍ରକ୍ରିୟା

କ୍ରେତାମାନଙ୍କ ଉଦ୍ଦେଶ୍ୟ ବିଷୟରେ ବିକ୍ରେତାମାନଙ୍କ ଠାରେ କୌଣସି ସୂଚନା ନଥାଏ । ଠିକ୍ ସେହିପରି କ୍ରେତାମାନେ ମଧ୍ୟ ଉତ୍ପାଦନକାରୀଙ୍କ ଉଦ୍ଦେଶ୍ୟ ବିଷୟରେ ଅପରିଚିତ ଥାନ୍ତି । ଅନ୍ୟ ଅର୍ଥରେ କହିବାକୁ ଗଲେ ବିକ୍ରେତାମାନଙ୍କୁ ଦ୍ରବ୍ୟର ଚାହିଦା ଫଳନ ତଥା କ୍ରେତାମାନଙ୍କୁ ଯୋଗାଣ ଫଳକ ବିଷୟରେ କୌଣସି ସୂଚନା ଜଣାନଥାଏ । ସେମାନଙ୍କର କୌଣସି ଦର ଉପରେ ଚାହିଦା ଓ ଯୋଗାଣ ବିଷୟରେ ନିର୍ଣ୍ଣୟ ସ୍ୱତନ୍ତ୍ର ରୂପରେ ନେଇଥାନ୍ତି । ତେଣୁ ଯଦି ବିକ୍ରେତା ଦ୍ରବ୍ୟର ଦର ନିର୍ଦ୍ଧାରଣ କରନ୍ତି ତେବେ ସେମାନେ ଏହା ମଧ୍ୟ ସ୍ଥିର କରିନିଅନ୍ତି ଯେ ସେହି ଦରରେ କେତେ ପରିମାଣରେ ବିକ୍ରି କରିବାକୁ ଚାହିଁବେ । ଉପଭୋକ୍ତାଙ୍କ ଦ୍ୱାରା ସେହି ଦରରେ ସେତିକି ପରିମାଣରେ କ୍ରୟ ପୂର୍ଣ୍ଣ ଭାବରେ ଏକ ସଂଯୋଗ ମାତ୍ର ହିଁ ହୋଇପାରେ । ଯଦି ଏପରି ସଂଯୋଗ ହୋଇଯାଏ ତେବେ ସନ୍ତୁଳନ ଦରର ନିର୍ଦ୍ଧାରଣ ସେହି ସମୟରେ ହୋଇଯାଏ । ଏହି ଦର ଉପରେ ଚାହିଦା ଓ ଯୋଗାଣର ପରିମାଣ ସମାନ ହୋଇଥାଏ ।

କିନ୍ତୁ ଏହା ପ୍ରାୟ ସଂଯୋଗବଶତଃ ହିଁ ହୋଇପାରେ, କିନ୍ତୁ ବ୍ୟବହାରିକ ଜୀବନରେ ଏପରି ଖୁବ୍ କମ୍ ହୋଇଥାଏ । ବାସ୍ତବରେ ବିକ୍ରେତା ଦ୍ୱାରା ନିର୍ଦ୍ଧାରିତ ଦର ଉପରେ ବଜାର ଯୋଗାଣ, ବଜାର ଚାହିଦା ଠାରୁ କମ୍ ବା ଅଧିକ ହୋଇପାରେ । ଏହି ଦରରେ ହୁଏତ ବଜାର ଚାହିଦା ଓ ଯୋଗାଣ ସମାନ ହେବ ନାହିଁ । ଏହିଭଳି ଏହା ସନ୍ତୁଳନ ଦର ହେବ ନାହିଁ । ଏଭଳି ପରିସ୍ଥିତିରେ ହେବ କ'ଣ ? ଅର୍ଥାତ୍ ବର୍ତ୍ତମାନ ସନ୍ତୁଳନ ଦର କିପରି ନିର୍ଦ୍ଧାରିତ ହେବ ? ମନେ କରନ୍ତୁ ଯେ ଉକ୍ତ ଦରରେ ଉପଲବ୍ଧି କରାଯାଉଥିବା ଯୋଗାଣ ଉପଭୋକ୍ତାଙ୍କ ଚାହିଦା ଠାରୁ ଅଧିକ ବା ଉପଭୋକ୍ତା ସେହି ଦରରେ କିଛି କମ୍ ପରିମାଣ କିଣିବାକୁ ଚାହୁଁଥିବେ । ପୁନଶ୍ଚ ବିକ୍ରେତାମାନଙ୍କ ମଧ୍ୟରେ ଦ୍ରବ୍ୟ ବିକ୍ରି କରିବାକୁ ପ୍ରତିଯୋଗିତା ଚାଲିବ ଫଳରେ ଦର ହ୍ରାସ ପାଇବ । ମାତ୍ର ଦରର

ହ୍ରାସ ଯୋଗୁଁ ଚାହିଦାର କିଛି ବିସ୍ତାର ହେବ ତଥା ଯୋଗାଣରେ ସଂକୋଚନ। ଏହା ଫଳରେ ଯୋଗାଣ ଚାହିଦା ମଧ୍ୟରେ ବ୍ୟବଧାନ କିଛି କମ୍ ହୋଇଯିବ। ଏହି ଦର ଉପରେ ହ୍ରାସ ଚାହିଦାର ବିସ୍ତାର ଓ ଯୋଗାଣର ସଂକୋଚନ ପ୍ରକ୍ରିୟା ସେତେବେଳ ପର୍ଯ୍ୟନ୍ତ ଲାଗି ରହିବ, ଯେତେବେଳ ପର୍ଯ୍ୟନ୍ତ ଏପରି ଦର ନିର୍ଦ୍ଧାରିତ ହୋଇନାହିଁ ଯେଉଁ ଦର ଉପରେ ଚାହିଦା ଓ ଯୋଗାଣରେ ସମାନତା ହୋଇଥାଏ। ଏହି ପ୍ରକାର ସନ୍ତୁଳନ ଦର ନିର୍ଦ୍ଧାରିତ ହୋଇଥାଏ। ତାଲିକା 16.1ରେ ଆଳୁର ବଜାର ଚାହିଦା ଓ ଯୋଗାଣ ତାଲିକା ଦିଆଗଲା।

ତାଲିକା 16.1

କିଲୋଗ୍ରାମ ପ୍ରତି ଦର (ଟଙ୍କାରେ) (1)	ଦୈନିକ ବଜାର ଚାହିଦା (କି.ଗ୍ରା) (2)	ଦୈନିକ ବଜାର ଯୋଗାଣ (କିଗ୍ରା) (3)
6	10	30
5	15	25
4	20	20
3	25	15
2	30	10

ପ୍ରଥମ ସ୍ତମ୍ଭରେ ଆଳୁର ବିଭିନ୍ନ ଦର ଦିଆଯାଇଛି। ଦ୍ୱିତୀୟ ସ୍ତମ୍ଭରେ ବିଭିନ୍ନ ଦରରେ ବଜାରର ଦୈନିକ ଚାହିଦା ତଥା ତୃତୀୟ ସ୍ତମ୍ଭରେ ଦୈନିକ ଯୋଗାଣ ଦିଆଯାଇଛି । ଏହି ତାଲିକାଟିକୁ ଅନୁଧ୍ୟାନର ସହିତ ପଢନ୍ତୁ । କିଗ୍ରା ପ୍ରତି ୬ ଟଙ୍କା ଦରରେ ଆଳୁର ଯୋଗାଣ ୩୦ କିଗ୍ରା ଥାଇ ଚାହିଦା ମାତ୍ର 10 କିଗ୍ରା, ସମୟକ୍ରମେ ଆଳୁଦର ୬ ଟଙ୍କାରୁ ହ୍ରାସ ହୋଇ ୨ ଟଙ୍କା ପ୍ରତି କି.ଗ୍ରା ପହଞ୍ଚିଲାରୁ ଚାହିଦାରେ ବୃଦ୍ଧି ହୋଇ ଯୋଗାଣ ହ୍ରାସ ହୋଇ ଚାଲିଲା । ଧରି ନିଆଯାଉ ଯେ ବିକ୍ରେତା ପ୍ରଥମେ ୬ ଟଙ୍କା ଦରରେ ବିକ୍ରି କରିବାକୁ ସ୍ଥିର କରିଥିଲା, ସେତେବେଳେ ଯୋଗାଣ ୩୦ କିଗ୍ରା ତଥା ଚାହିଦା ୧୦ କିଗ୍ରା ଥିଲା। ଏହି ଦରରେ ଆଳୁ କେବଳ ୧୦ କିଗ୍ରା ବିକ୍ରି ହେଉଥିଲା, ଏଭଳି ପରିସ୍ଥିତିରେ ବିକ୍ରେତାଙ୍କୁ ଦର ହ୍ରାସ କରିବାକୁ ପଡିବ। ଦର କିଗ୍ରା ପ୍ରତି ୫ ଟଙ୍କା କଲେ ଚାହିଦର ପରିମାଣ ବୃଦ୍ଧି ହୋଇ ୧୫ କିଗ୍ରାରେ ପହଞ୍ଚିଲା ଓ ତା ସହିତ ଯୋଗାଣ ହ୍ରାସ ହୋଇ ୨୫ କିଗ୍ରାରେ ପହଞ୍ଚିବା ସତ୍ତ୍ୱେ ମଧ୍ୟ ଯୋଗାଣ ୨୫ କିଗ୍ରା ରହିଛି । ତେଣୁ ଦରରେ ଆଉ କିଛି ହ୍ରାସ ହେବା ଦରକାର । ଆମେ ପାଉଛନ୍ତି ଯେ କିଗ୍ରା ପ୍ରତି ଦର ୪ ଟଙ୍କାରେ ଚାହିଦା ତଥା ଯୋଗାଣ ଉଭୟ ମାତ୍ରା ୨୦ କିଗ୍ରା ହୋଇ ସମାନ ଅଛି। ଏହାହିଁ ସନ୍ତୁଳନ ଦର ।

ବର୍ତ୍ତମାନ ଆସନ୍ତୁ, ଅନ୍ୟ ଏକ ଅବସ୍ଥା ଉପରେ ବିଚାର କରିବା । ଉତ୍ପାଦକ ଦ୍ୱାରା ପ୍ରଥମରୁ ଇଚ୍ଛା ମୁତାବକ ଦରରୁ ଏହି ସନ୍ତୁଳିତ ଦର ପର୍ଯ୍ୟନ୍ତ କିପରି ପହଞ୍ଚିବ ? ଧରି ନିଆଯାଉ ଉତ୍ପାଦକ କିଗ୍ରା ପ୍ରତି ୨ ଟଙ୍କା ଦରରେ ଆଳୁ ବିକିବାକୁ ଚାହିଁଲେ । ଏଠାରେ ଚାହିଦା ୩୦ କିଗ୍ରା ହେବାବେଳେ ଯୋଗାଣ ୧୦ କି:ଗ୍ରା: । ଯୋଗାଣ ଠାରୁ ଚାହିଦା ଅନେକ ଅଧିକ । ବର୍ତ୍ତମାନ କ୍ରେତାମାନଙ୍କ ମଧ୍ୟରେ ଦ୍ରବ୍ୟ କିଣିବାକୁ ପ୍ରତିଯୋଗିତା ହେବ ଏବଂ ଦ୍ରବ୍ୟର ଦର ବୃଦ୍ଧି ପାଇ କିଗ୍ରା ପ୍ରତି ୩ ଟଙ୍କା ହେଲେ ବି ଚାହିଦାରେ ହ୍ରାସ ହୋଇ ଏହା ୩୦ କିଗ୍ରାରୁ ୨୫ କିଗ୍ରା ରହିଛି । ବର୍ତ୍ତମାନ ଉତ୍ପାଦକ ୧୦ କି:ଗ୍ରା: ବଦଳରେ ୧୫ କି:ଗ୍ରା: ବିକିବାକୁ ଚାହୁଛନ୍ତି, ତଥାପି ଚାହିଦାର ପରିମାଣ ଯୋଗାଣ ଠାରୁ ଅଧିକ । ଯଦିଓ ଉଭୟ ମଧ୍ୟରେ ବ୍ୟବଧାନ କମ୍ ରହିଛି । ତା ସତ୍ତ୍ୱେ ଦରକୁ ବୃଦ୍ଧି କରି କି:ଗ୍ରା: ପ୍ରତି ୪ ଟଙ୍କା ହେଲେ ଚାହିଦା ତଥା ଯୋଗାଣ ଉଭୟର ପରିମାଣ ୨୦ କିଗ୍ରାରେ ସମାନ ରୁହନ୍ତି । ଏହା ହିଁ ସନ୍ତୁଳନ ଦର ଯେଉଁଠାରେ ଆଳୁର ଚାହିଦା ଓ ଯୋଗାଣ ଉଭୟ ସମାନ । ବର୍ତ୍ତମାନ ଆପଣ ଏହା ବୁଝିଗଲେ ଯେ ସନ୍ତୁଳନ ଦର କିପରି ନିର୍ଦ୍ଧାରଣ କରାଯାଏ । ଆସନ୍ତୁ ଯୋଗାଣ ବକ୍ର ଓ ଚାହିଦା ବକ୍ର ସହାୟତାରେ ସନ୍ତୁଳନ ଦର ନିର୍ଦ୍ଧାରଣ ଉପରେ ବିଚାର କରିବା । ତାଲିକା 16.1ର ତଥ୍ୟକୁ ଚିତ୍ର 16.1ରେ ପ୍ରସ୍ତୁତ କରାଯାଉ ।



ଆଳୁର ଚାହିଦା ଓ ଯୋଗାଣର ପରିମାଣ (କିଗ୍ରା)

ଚିତ୍ର 16.1 ସନ୍ତୁଳନ ଦର

ଚିତ୍ର 16.1ରେ DD ଚାହିଦା ବକ୍ର ଓ SS ଯୋଗାଣ ବକ୍ର ଦର୍ଶାଏ । ଚାହିଦା ବକ୍ର ବାମରୁ ଡାହାଣକୁ ନିମ୍ନଗାମୀ ହେଲାବେଳେ ଯୋଗାଣ ବକ୍ର ବାମରୁ ଡାହାଣକୁ ଊର୍ଦ୍ଧ୍ୱଗାମୀ ଚାହିଦା ବକ୍ର ଆଳୁର ଦାମ ଓ ପରିମାଣ ମଧ୍ୟରେ ବିପରୀତ ଓ ଯୋଗାଣ ବକ୍ର ପ୍ରତ୍ୟକ୍ଷ ସମ୍ବନ୍ଧ ଦର୍ଶାଉଅଛି ।

ଏହି ଦୁଇ ବକ୍ର 'A' ବିନ୍ଦୁ ଉପରେ ପରସ୍ପରକୁ ଛେଦ କରୁଛନ୍ତି । ଏହି 'A' ବିନ୍ଦୁ ହିଁ ସନ୍ତୁଳନ ବିନ୍ଦୁ, ଯେଉଁଠି ଚାହିଦାର ପରିମାଣ ଓ ଯୋଗାଣର ପରିମାଣ ସହିତ ସମାନ । 'A' ବିନ୍ଦୁ ଉପରେ ଦର ୪ ଟଙ୍କା କିଗ୍ରା ପ୍ରତି ତଥା ସନ୍ତୁଳିତ ଚାହିଦା ତଥା ଯୋଗାଣ ୨୦ କିଗ୍ରା ।

ସୁତରାଂ ଆମେ କହିପାରିବା ଯେ ଦ୍ରବ୍ୟର ସନ୍ତୁଳନ ଦର ଚାହିଦା ଓ ଯୋଗାଣବକ୍ରର ପ୍ରତିଚ୍ଛେଦ ବିନ୍ଦୁ ଉପରେ ନିର୍ଦ୍ଧାରିତ ହୋଇଥାଏ ।

ମନେରଖ

- ଦ୍ରବ୍ୟର ସନ୍ତୁଳନ ଦର ଉକ୍ତ ଦର ଯେଉଁ ଦରରେ ଚାହିଦା ଓ ଯୋଗାଣର ପରିମାଣ ସମାନ ହୋଇଥାଏ ।
- ଯଦି କୌଣସି ଦର ଉପରେ ଚାହିଦା ଓ ଯୋଗାଣର ପରିମାଣ ସମାନ ନହୁଅନ୍ତି ତେବେ ଦର, ଯୋଗାଣ ଓ ଚାହିଦାରେ ସେ ପର୍ଯ୍ୟନ୍ତ ପରିବର୍ତ୍ତନ ହୋଇ ଚାଲିବ, ଯେପର୍ଯ୍ୟନ୍ତ ଯୋଗାଣ ଓ ଚାହିଦା ପରିମାଣରେ ସମାନ ନହୋଇଛି ।
- ଚିତ୍ରାଙ୍କନ ନିୟମ ଅନୁସାରେ ଚାହିଦା ଓ ଯୋଗାଣ ବକ୍ର ଦ୍ୱୟର ପରସ୍ପର ପ୍ରତିଚ୍ଛେଦ ବିନ୍ଦୁ ଉପରେ ହିଁ ସନ୍ତୁଳନ ଦର ନିର୍ଦ୍ଧାରିତ ହୋଇଥାଏ ।

ପାଠଗତ ପ୍ରଶ୍ନ:

ଠିକ ଉତ୍ତର ପାର୍ଶ୍ୱରେ (✓) ଚିହ୍ନ ଲଗାଅ

(i) ସନ୍ତୁଳନ ଦର ଦ୍ରବ୍ୟର ସେହି ଦର ଯାହା ଉପରେ

(କ) ଯୋଗାଣ ଅଧିକତମ ହୋଇଥାଏ ।

(ଖ) ଚାହିଦା ଅଧିକତମ ହୋଇଥାଏ ।

(ଗ) ଚାହିଦା ଓ ଯୋଗାଣ ପରିମାଣରେ ସମାନ ଥାଏ ।

(ଘ) ଚାହିଦା ଓ ଯୋଗାଣ ଦୁଇଟିରେ ବୃଦ୍ଧି ଘଟିଥାଏ ।

(ii) ଚାହିଦା ଓ ଯୋଗାଣର ବକ୍ର ଦ୍ୱୟର ଛେଦ ବିନ୍ଦୁ ଦର୍ଶାଏ;

(କ) ସନ୍ତୁଳନ ପରିମାଣ

(ଖ) ସନ୍ତୁଳନ ଦର

(ଗ) ଉଭୟ (କ) ଓ (ଖ)

(ଘ) (କ) ନୁହେଁ କି (ଖ) ନୁହେଁ

(iii) ଯଦି କୌଣସି ଦର ବିଶେଷରେ ଦ୍ରବ୍ୟର ଚାହିଦା ପରିମାଣ ଯୋଗାଣର ପରିମାଣ ଠାରୁ ଅଧିକ ହୁଏ ତେବେ;

(କ) ଦର ବୃଦ୍ଧି ହୁଏ ।

(ଖ) ଚାହିଦା ହ୍ରାସ ହୋଇଥାଏ ।

(ଗ) ଯୋଗାଣ ବୃଦ୍ଧି ହୋଇଥାଏ ।

(ଘ) ଉପରୋକ୍ତ ତିନୋଟି ବିଷୟ ହୋଇଥାଏ ।

16.3 ଅତିରିକ୍ତ ଚାହିଦା ଓ ଅତିରିକ୍ତ ଯୋଗାଣ

(କ) ଯଦି କୌଣସି ଦର ଉପରେ ଦ୍ରବ୍ୟର ଚାହିଦା ପରିମାଣ ଯୋଗାଣ ଠାରୁ ଅଧିକ ହୁଏ, ତେବେ ଏହାକୁ ଆମେ ଅତିରିକ୍ତ ଚାହିଦାର ସ୍ଥିତି କହିଥାନ୍ତି । ତାଲିକା 16.1ରେ ଆଳୁ କି:ଗ୍ରା: ପ୍ରତି ୨ ଟଙ୍କା ଦରରେ ଚାହିଦା ୩୦ କି:ଗ୍ରା: କିନ୍ତୁ ଉତ୍ପାଦକ କେବଳେ ୧୦ କି.ଗ୍ରା ବିକିବାକୁ ଚାହୁଁଛି । ତେଣୁ ୨ ଟଙ୍କା କି:ଗ୍ରା: ପ୍ରତି ଦରରେ ଆଳୁ ଅତିରିକ୍ତ ଚାହିଦା ହେବ ।

(ଖ) ଅତିରିକ୍ତ ଚାହିଦାର ଦର, ଚାହିଦାର ପରିମାଣ ଓ ଯୋଗାଣ ଉପରେ ପ୍ରଭାବ :

ଅତିରିକ୍ତ ଚାହିଦା ଯୋଗୁଁ ନିମ୍ନ ପରିବର୍ତ୍ତନ ଆରମ୍ଭ ହୋଇଯାଏ ।

(i) କ୍ରେତାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଯୋଗୁଁ ଦର ବଢିବାକୁ ଲାଗେ

(ii) ଦରବୃଦ୍ଧି ଯୋଗୁଁ ଚାହିଦାରେ ହ୍ରାସ ହୁଏ ଉପଭୋକ୍ତା ଅଧିକ ଦରରେ କମ୍ କିଣିଥାନ୍ତି ।

(iii) ଦର ବୃଦ୍ଧି ଫଳରେ ଉତ୍ପାଦକ ଅଧିକ ବିକ୍ରି କରିବାକୁ ଚାହେଁ, ତେଣୁ ଯୋଗାଣରେ ବୃଦ୍ଧି ହୋଇଥାଏ ।

(iv) ଦ୍ରବ୍ୟର ଦର ବୃଦ୍ଧି ଯୋଗୁଁ ଚାହିଦାରେ ସଂକୋଚନ ଓ ଯୋଗାଣରେ ବିସ୍ତାର ହୁଏ । ଏହି ପ୍ରକ୍ରିୟା ସେ ପର୍ଯ୍ୟନ୍ତ ଚାଲିଥାଏ ଯେତେବେଳ ଯାଏ ଏପରି ଦର ନିର୍ଦ୍ଧାରିତ ହୋଇନଥାଏ ଯେଉଁ ଦର ଉପରେ ଚାହିଦା ଓ ଯୋଗାଣ ପରିମାଣ ସମାନ ଥାଏ ।

(v) ଏହା ସନ୍ତୁଳନଦର- ଏହା ସହିତ ଜଡିତ ପରିମାଣକୁ ଆମେ 'ସନ୍ତୁଳନ ପରିମାଣ' କହିଥାଉ ।

ଏହିପରି ଭାବରେ ଅତିରିକ୍ତ ଚାହିଦା ସମାପ୍ତ ହୋଇଯାଏ । ଆସନ୍ତୁ ଅତିରିକ୍ତ ଚାହିଦାର ଅବଧାରଣା ଏବଂ ଏହାର ସମାପ୍ତି ପ୍ରକ୍ରିୟାକୁ ଏକ ଚିତ୍ର ଦ୍ୱାରା ବୁଝିବା । ଚିତ୍ର 16.1କୁ ପୁନର୍ବାର ଥରେ ଗଠନ କରିବା ।



ଚିତ୍ର 16.2 ଅତିରିକ୍ତ ଚାହିଦା (Excess Demand)

ଆଳୁର ଦର ୨ ଟଙ୍କା କିଲୋ ପ୍ରତି ୩୦ କିଗ୍ରା ପରିମାଣର ଚାହିଦା ଅଛି ଅର୍ଥାତ୍ PC, କିନ୍ତୁ ଯୋଗାଣ କେବଳ ୧୦ କିଗ୍ରା (PB) ରହିଛି । ତେଣୁ ଏଠାରେ ଅତିରିକ୍ତ ଚାହିଦା = ୩୦ କିଗ୍ରା - ୧୦କିଗ୍ରା= ୨୦ କିଗ୍ରା ଫ ଏହା BC ସହିତ ସମାନ । ଏହା ସ୍ୱାଭାବିକ ଯେ କ୍ରେତାମାନେ ଏହି ଦର ଉପରେ କ୍ରୟ କରିବାକୁ ପ୍ରତିଯୋଗିତା କରିବେ । ଫଳରେ ଦରରେ ବୃଦ୍ଧି ଘଟିବ । ମନେ କରନ୍ତୁ ଯେ ଏହା ୩ ଟଙ୍କା ହେଲା । ଏଠାରେ ଚାହିଦା ପରିମାଣ ୨୫ କିଗ୍ରା = TF ଏବଂ ଯୋଗାଣ ୧୫ କିଗ୍ରା = TE ଏଠାରେ ଧ୍ୟାନ ଦିଆଯାଉ ଯେ ଦର ବୃଦ୍ଧି ହେବା ସହିତ ଚାହିଦା ଓ ଯୋଗାଣ ବକ୍ର କେଉଁ ଦିଗକୁ ଅଗ୍ରସର ହେଉଛନ୍ତି । ଯୋଗାଣ ବକ୍ରର ଊର୍ଦ୍ଧ୍ୱକୁ ଚଳନ ଯୋଗାଣର ବିସ୍ତାରର ସୂଚନା ଦିଏ । ଆମେ B ଠାରୁ E ପର୍ଯ୍ୟନ୍ତ ଆସିଗଲା । ଏହାର ବିପରିତରେ ଚାହିଦା ବକ୍ର ଊର୍ଦ୍ଧ୍ୱକୁ ଚଳନ (Cରୁ F ପର୍ଯ୍ୟନ୍ତ) ଚାହିଦାର ସଂକୋଚନ ସୂଚନା ଦିଏ । ଏହାକୁ ତୀର ଚିହ୍ନରେ ଦର୍ଶାଇ ଦିଆଯାଇଛି । ବର୍ତ୍ତମାନ ମଧ୍ୟ EF=10 କିଗ୍ରାର ଅତିରିକ୍ତ ଚାହିଦା । ଏଥିରେ ମଧ୍ୟ ଦରରେ ପୁଣି ମଧ୍ୟ ବୃଦ୍ଧି ହେଉଛି । ଏହା କି.ଗ୍ରା ପ୍ରତି ୪ ଟଙ୍କା ହେଉଅଛି । ପୁନଶ୍ଚ ଚାହିଦା ଓ ଯୋଗାଣ ବକ୍ର ଉପରେ ଧ୍ୟାନ ଦିଆଯାଉ । ଚାହିଦାର ସଂକୋଚନ Fରୁ A ପର୍ଯ୍ୟନ୍ତ ହେଉଛି ଏବଂ ଯୋଗାର ବିସ୍ତାର Eରୁ Aକୁ ହେଉଛି । ଏହି ୪ଟଙ୍କା ଦରରେ ଚାହିଦାର ପରିମାଣ ୨୦ କିଗ୍ରା (QA) ହେଉଛି । ତଥା ଉତ୍ପାଦକ ଏହି ଦରରେ ୨୦ କିଗ୍ରା ଆଳୁ ବିକ୍ରି କରିବାକୁ ଚାହୁଁଛି । ଏଠାରେ ଉଭୟ ସମାନ ଅଛନ୍ତି । ତେଣୁ ୪ ଟଙ୍କା ଦର ଆଳୁର ସନ୍ତୁଳନ ଦର ଓ ୨୦ କିଗ୍ରା ସନ୍ତୁଳନ ଚାହିଦା ପରିମାଣ । ବର୍ତ୍ତମାନ କୌଣସି ଅତିରିକ୍ତ ଚାହିଦା ନାହିଁ ।

(ଗ) ଅତିରିକ୍ତ ଯୋଗାଣ (Excess Supply):

ଯଦି କୌଣସି ଦର ବିଶେଷରେ ଦ୍ରବ୍ୟର ଯୋଗାଣ ପରିମାଣ ଚାହିଦା ଠାରୁ ଅଧିକ ହୁଏ ତେବେ ଏହାକୁ 'ଅତିରିକ୍ତ ଯୋଗାଣ'ର ସ୍ଥିତି କୁହାଯାଏ । ପୁଣିଥରେ ତାଲିକା 16.1କୁ ଦେଖିବା, ଆଳୁର ଦର ୬ ଟଙ୍କା ଉପରେ ଏହାର ଯୋଗାଣ ୩୦ କିଗ୍ରା ଥିଲା କିନ୍ତୁ କ୍ରେତା କେବଳ ୧୦ କିଗ୍ରା କିଣିବାକୁ ଇଚ୍ଛା କରୁଥିଲେ । ଏଠାରେ ଅତିରିକ୍ତ ଯୋଗାଣର ପରିମାଣ ୨୦ କିଗ୍ରା ଥିଲା ।

(ଘ) ଅତିରିକ୍ତ ଯୋଗାଣର ଦର, ଯୋଗାଣ ଓ ଚାହିଦା ପରିମାଣ ଉପରେ ପ୍ରଭାବ । ଅତିରିକ୍ତ ଯୋଗାଣ ଫଳରେ ନିମ୍ନ ପରିବର୍ତ୍ତନ ହୋଇଥାଏ ।

(i) ଯୋଗାଣ ଅଧିକ ହେବାରୁ ସମସ୍ତ ବିକ୍ରେତା ନିଜ ଦ୍ରବ୍ୟ (ମାଲ)କୁ ବିକ୍ରି କରିପାରନ୍ତି ନାହିଁ । ତେଣୁ ସେମାନଙ୍କ ମଧ୍ୟରେ ବିକ୍ରି ପାଇଁ ପ୍ରତିଯୋଗିତା ହୋଇଥାଏ । ଫଳରେ ଦରହ୍ରାସ ଘଟେ ।

(ii) ଦର ହ୍ରାସ ହେବା ଫଳରେ, ଚାହିଦାର ବିସ୍ତାର ଓ ଯୋଗାଣର ସଂକୋଚନ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଫଳରେ ଅତିରିକ୍ତ ଯୋଗାଣରେ ହ୍ରାସ ହୁଏ ।

(iii) ଚାହିଦାର ବିସ୍ତାର ଓ ଯୋଗାଣର ସଂକୋଚନର ଉପରୋକ୍ତ ପ୍ରକ୍ରିୟା ସେତେବେଳ ପର୍ଯ୍ୟନ୍ତ ଚାଲୁଥାଏ ଯେ ପର୍ଯ୍ୟନ୍ତ କୌଣସି ଦର ଉପରେ ଚାହିଦାର ପରିମାଣ ଯୋଗାଣ ପରିମାଣ ସହ ସମାନ ହୋଇନଥାଏ ।

(iv) ଅତଏବ ଅତିରିକ୍ତ ଯୋଗାଣ ସମାପ୍ତ ଘଟେ ଫଳରେ ସନ୍ତୁଳନ ଦର ଓ ସନ୍ତୁଳନ ପରିମାଣର ନିର୍ଦ୍ଧାରଣ ହୋଇଥାଏ ।

ଆସନ୍ତୁ ତେବେ ଅତିରିକ୍ତ ଚାହିଦା ପରି ଅତିରିକ୍ତ ଯୋଗାଣ ତଥା ତାହାର କାରଣରୁ ଦର, ଚାହିଦା ଓ ଯୋଗାଣ ଉପରେ ପ୍ରଭାବକ ଏକ ରେଖାଚିତ୍ର ଦ୍ୱାରା ସମୀକ୍ଷା କରିବା । ପୁଣିଥରେ ଚିତ୍ର 16.1ର ସାହାଯ୍ୟ ନେବା ।

କିଲୋଗ୍ରାମ ପ୍ରତି ୬ ଟଙ୍କା ଦରରେ ଯୋଗାଣ ୩୦ କିଗ୍ରା (=TF) ଏବଂ ଚାହିଦା କେବଳ ୧୦ କିଗ୍ରା (=TE) ତେଣୁ EF ଅର୍ଥାତ୍ ୨୦ କିଗ୍ରାର ଅତିରିକ୍ତ ଯୋଗାଣ । ବିକ୍ରେତାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଯୋଗୁଁ ଦର ହ୍ରାସ ହୋଇ ୫ ଟଙ୍କା ହୋଇଯିବାରୁ ଚାହିଦାରେ ବିସ୍ତାର ଓ ଯୋଗାଣରେ ସଂକୋଚନ ହୋଇଯାଏ । ଏହି ଚାହିଦା ଓ ଯୋଗାଣ ବକ୍ର ନିମ୍ନାଭିମୁଖୀ ତୀର ଚିହ୍ନ ଦ୍ୱାରା ଦର୍ଶାଯାଇଛି । ଚାହିଦା ବକ୍ର ଉପରେ ବିନ୍ଦୁ E ରୁ ଯାଇ B ରେ ପହଞ୍ଚିବାରୁ ଯୋଗାଣର ସଂକୋଚନ ଆମକୁ F ବିନ୍ଦୁରୁ C ବିନ୍ଦୁକୁ ନେଇଗଲା ।



ଆଳୁର ଚାହିଦା ଓ ଯୋଗାଣର ପରିମାଣ (କିଗ୍ରା)

ଚିତ୍ର 16.3 ଅତିରିକ୍ତ ଯୋଗାଣ

କିନ୍ତୁ ଏହି ୫ ଟଙ୍କା ଦରରେ ମଧ୍ୟ ଅତିରିକ୍ତ ଯୋଗାଣ ଚାଲୁ ରହିଛି, ଏହା ୧୦ କିଗ୍ରା (=BC) ଫଳରେ ପୁଣି ଦରରେ ହ୍ରାସ, ଚାହିଦାରେ ବିସ୍ତାର ଓ ଯୋଗାଣରେ ସଂକୋଚନ ପ୍ରକ୍ରିୟା ଚାଲୁଅଛି । ଯୋଗାଣର ପୁଣି ସଂକୋଚନ ଆମକୁ A ଉପରକୁ ନେଇଯାଏ । ଏହି ପ୍ରକାର ଚାହିଦାର ବିସ୍ତାର ମଧ୍ୟ ଆମକୁ ଉକ୍ତ A ବିନ୍ଦୁ ଉପରକୁ ନେଇ ଆସେ । ଏଠାରେ ଦର କିଗ୍ରା ପ୍ରତି ୪ ଟଙ୍କା । ଏହା ହିଁ ସନ୍ତୁଳନ ଦରର କାରଣ ଏଠାରେ ଉପଭୋକ୍ତା ୨୦ କିଗ୍ରାର ଚାହିଦା କରନ୍ତି ତଥା ଉତ୍ପାଦକ ମଧ୍ୟ ୨୦ କିଗ୍ରାର ଯୋଗାଣ କରିବାକୁ ଚାହାନ୍ତି । ବର୍ତ୍ତମାନ କୌଣସି ଅତିରିକ୍ତ ଯୋଗାଣ ରହେ ନାହିଁ ।

ତେଣୁ ଆମେ କହିପାରିବା ଯେ ଅତିରିକ୍ତ ଚାହିଦା/ ଯୋଗାଣ କାରଣରୁ ଦରରେ ବୃଦ୍ଧି/ ହ୍ରାସ, ଚାହିଦାରେ ବିସ୍ତାର/ସଂକୋଚନ ତଥା ଯୋଗାଣରେ ସଂକୋଚନ/ ବିସ୍ତାର ପ୍ରକ୍ରିୟା ଆରମ୍ଭ ହୋଇଯାଏ । ଏଥିରେ ଅନ୍ତତଃ ଅତିରିକ୍ତ ଯୋଗାଣ/ ଚାହିଦାର ସମାପ୍ତ ଘଟେ ।

ମନେରଖ :

- ଅତିରିକ୍ତ ଚାହିଦାର ଅର୍ଥ ହେଉଛି କୌଣସି ଦରରେ ଯୋଗାଣ ଉପରେ ଚାହିଦାର ଅଧିକତା ।
- ଅତିରିକ୍ତ ଯୋଗାଣର ଅର୍ଥ କୌଣସି ଦରରେ ଚାହିଦା ଠାରୁ ଅଧିକ ଯୋଗାଣ ।

- ଅତିରିକ୍ତ ଚାହିଦା/ ଯୋଗାଣ ଯୋଗୁଁ ଦରରେ ବୃଦ୍ଧି/ ହ୍ରାସ ଘଟେ । ଦରର ଏହି ବୃଦ୍ଧି/ହ୍ରାସ ଚାହିଦାର ସଂକୋଚନ/ବିସ୍ତାର ତଥା ଯୋଗାଣର ବିସ୍ତାର / ସଂକୋଚନର କାରଣ ହୋଇଥାଏ ।
- ଏହି ପରିବର୍ତ୍ତନ ମାଧ୍ୟମରେ ହିଁ ସନ୍ତୁଳନ ଦର ଓ ସନ୍ତୁଳନ ପରିମାଣରେ ପହଞ୍ଚି ହୁଏ ।

ପାଠ୍ୟଗତ ପ୍ରଶ୍ନ 16.2

ନିମ୍ନ ଉକ୍ତିଗୁଡିକ ଠିକ୍ ଓ ଭୁଲ କୁହ ।

(i) ଅତିରିକ୍ତ ଚାହିଦାର ଅର୍ଥ କୌଣସି ଦରରେ ଯୋଗାଣ ଠାରୁ ଚାହିଦା ଅଧିକ ।

(ii) ଅତିରିକ୍ତ ଯୋଗାଣ ଯୋଗୁଁ ଦ୍ରବ୍ୟର ଦରରେ ହ୍ରାସ ହୁଏ ।

(iii) ଯଦି ଅତିରିକ୍ତ ଚାହିଦା ହୁଏ ତେବେ ଦର ବୃଦ୍ଧି, ଚାହିଦାରେ ବିସ୍ତାର ଓ ଯୋଗାଣର ସଂକୁଚନ ହୁଏ ।

(iv) ଯଦି କୌଣସି ଦରରେ ଅତିରିକ୍ତ ଯୋଗାଣ ହୋଇଥାଏ ତେବେ ସନ୍ତୁଳନ ଦର ପୂର୍ବ ଦର ଠାରୁ କମ୍ ହେବ ।

(v) ଅତିରିକ୍ତ ଯୋଗାଣ ଯୋଗୁଁ ଦରବୃଦ୍ଧି, ଚାହିଦାର ସଂକୋଚନ ଓ ଯୋଗାଣର ବିସ୍ତାର ହୁଏ ।

(vi) ଯଦି କୌଣସି ଦରରେ ଅତିରିକ୍ତ ଚାହିଦା ହୁଏ ତେବେ ସନ୍ତୁଳନ ଦର ପୂର୍ବ ଦର ଠାରୁ ଅଧିକ ହୁଏ ।

(vii) ଅତିରିକ୍ତ ଯୋଗାଣର ଅର୍ଥ କୌଣସି ଦରରେ ଚାହିଦା ଠାରୁ ଅଧିକ ଯୋଗାଣ ।

16.4 ଚାହିଦା ଓ ଯୋଗାଣରେ ପରିବର୍ତ୍ତନ ଯୋଗୁଁ ଦର ଉପରେ ପ୍ରଭାବ

ଏହି ଭାଗରେ ଆମେ ଯୋଗାଣ ସ୍ଥିର ରହି ଚାହିଦାର ବୃଦ୍ଧି /ହ୍ରାସ ଫଳରେ ଦର ଉପରେ ପ୍ରଭାବର ଅଧ୍ୟୟନ କରିବା । ତା ସହିତ ମଧ୍ୟ ଚାହିଦା ସ୍ଥିର ରହି ଯୋଗାଣରେ ପରିବର୍ତ୍ତନ ଏବଂ ଅନ୍ତତଃ ଚାହିଦା ତଥା ଯୋଗାଣରେ ଏକତ୍ର ପରିବର୍ତ୍ତନ ଯୋଗୁଁ ଦର ଉପରେ ପ୍ରଭାବର ମଧ୍ୟ ସମୀକ୍ଷା କରାଯିବ । ଚାହିଦା ଓ ଯୋଗାଣରେ ବୃଦ୍ଧି ଓ ହ୍ରାସର ବିଚାରକୁ ଭଲ ଭାବରେ ଧ୍ୟାନ ରଖି ହିଁ ଏହି ଭାଗରେ ବିଶ୍ଳେଷଣକୁ ଆପଣମାନେ ବୁଝିପାରିବେ ।

ପାଠ 14ରେ ଆପଣଙ୍କୁ ବୁଝାଇ ଦିଆଯାଇଛି ଯେ ଚାହିଦାର ବୃଦ୍ଧି/ ହ୍ରାସର ଅର୍ଥ ଚାହିଦାର ଉକ୍ତ ଦରରେ ହେଉଥିବା ବୃଦ୍ଧି ବା ହ୍ରାସରେ ହିଁ ଥାଏ । ଏହି ବୃଦ୍ଧି/ହ୍ରାସ ଦର ବ୍ୟତୀତ ଅନ୍ୟ କାରକଗୁଡିକ ପ୍ରଭାବରେ ପରିମାଣରୁ ହିଁ ହୋଇଥାଏ ଯେପରି ସମ୍ପୃକ୍ତ ଦ୍ରବ୍ୟର ଦର, କ୍ରେତାମାନଙ୍କ

ଆୟ, ରୁଚି/ଅଗ୍ରାଧିକାର ଇତ୍ୟାଦି । ସେହିପରି ଯୋଗାଣରେ ବୃଦ୍ଧି/ହ୍ରାସ ମଧ୍ଯ ସେହି ଦର ଉପରେ, ଦର ବ୍ୟତୀତ ଅନ୍ୟ କାରକଗୁଡିକର ପରିବର୍ତ୍ତନ ଯୋଗୁଁ ହିଁ ହୋଇଥାଏ, ଯେପରି ଅନ୍ୟ ଦ୍ରବ୍ୟ ତଥା ଉତ୍ପାଦକ ଖର୍ଚ୍ଚର ଦର, ଉତ୍ପାଦକଙ୍କ ଉଦ୍ଦେଶ୍ୟ, ତଥା ଉତ୍ପାଦନ କୌଶଳ ଇତ୍ୟାଦିରେ ପରିବର୍ତ୍ତନ ଯୋଗୁଁ ହୋଇଥାଏ । ଆସନ୍ତୁ ଯଥାକ୍ରମେ ଆମେ ଚାହିଦା ଓ ଯୋଗାଣରେ ଏହି ପରିବର୍ତ୍ତନ ଯୋଗୁଁ ଦର ଉପରେ ପଡୁଥିବା ପ୍ରଭାବଗୁଡିକର ସମୀକ୍ଷା କରିବା ।

(i) ଚାହିଦାର ବୃଦ୍ଧିରେ ଦର ଉପରେ ପ୍ରଭାବ :

ଏକ ନିର୍ଦ୍ଦିଷ୍ଟ ଦରରେ ଅଧିକ ପରିମାଣରେ ଚାହିଦାକୁ ଚାହିଦାର ବୃଦ୍ଧି କୁହାଯାଏ । ଯଦି ଯୋଗାଣ ଫଳନ ସ୍ଥିର ରହେ ତେବେ, ଏପରି ଚାହିଦାର ବୃଦ୍ଧି ଯୋଗୁଁ ଦର ଅଧିକ ହୋଇଯାଏ । ଏହି ବିଷୟକୁ ଏକ ରେଖାଚିତ୍ର ଦ୍ୱାରା ସହଜରେ ବୁଝାଇ ଦିଆଯାଇପାରିବ ।



ଆଳୁର ଚାହିଦା ଓ ଯୋଗାଣର ପରିମାଣ (କିଗ୍ରାରେ)

ଚିତ୍ର 16.4 ଚାହିଦାର ବୃଦ୍ଧିରେ ଦର ଉପରେ ପ୍ରଭାବ ।

ଏଠାରେ DD ଓ SS ପ୍ରାରମ୍ଭିକ ଚାହିଦା ଓ ଯୋଗାଣ ବକ୍ର । ଏହି ବକ୍ର ଦ୍ୱୟର ପରସ୍ପର ଛେଦ ବିନ୍ଦୁ A ଉପରେ ହୋଇଛି । ଅତଏବ ସନ୍ତୁଳନ ଦର OP ତଥା ସନ୍ତୁଳନ ପରିମାଣ OQ । ଚାହିଦାରେ ବୃଦ୍ଧି ଯୋଗୁଁ ଚାହିଦା ବକ୍ର ଡାହାଣକୁ ଘୁଞ୍ଚି ଯାଇ D_1D_1 ହୋଇଛି । ଯୋଗାଣ ବକ୍ର ସ୍ଥିର ରହି A_1କୁ ଅସନ୍ତୁଳନ ବିନ୍ଦୁ ହୋଇଛି ଯେଉଁଠାରେ OP_1 ସନ୍ତୁଳନ ଦର ଓ OQ_1 ସନ୍ତୁଳନ ପରିମାଣ । ଅତଏବ ଚାହିଦାରେ ବୃଦ୍ଧି ସନ୍ତୁଳନ ଦରକୁ ବଢାଇଦିଏ (OP ରୁ OP_1) ଏବଂ ତା ସହିତ ସନ୍ତୁଳନ ପରିମାଣ ମଧ୍ୟ OQ ରୁ ବୃଦ୍ଧି ପାଇ OQ_1 ହୋଇଯାଏ ।

(ii) ଚାହିଦା ହ୍ରାସ ଯୋଗୁଁ ଦର ଉପରେ ପ୍ରଭାବ :

ଚାହିଦାରେ ହ୍ରାସର ଅର୍ଥ ଏକ ଦର ଉପରେ କମ୍ ପରିମାଣର ଚାହିଦା । ଏପରି ପରିସ୍ଥିତିରେ

ଚାହିଦା ବକ୍ର ବାମ ପାର୍ଶ୍ୱକୁ ସ୍ଥାନାନ୍ତର ହୋଇଥାଏ । ଆସନ୍ତୁ ଦେଖିବା ରେଖାଚିତ୍ର 16.5



ଚାହିଦା ଓ ଯୋଗାଣର ପରିମାଣ (କି.ଗ୍ରା)

ଚିତ୍ର 16.5 ଚାହିଦା ହ୍ରାସ ଯୋଗୁଁ ଦର ଉପରେ ପ୍ରଭାବ

ପ୍ରାରମ୍ଭିକ ସନ୍ତୁଳନ ଦର OP ତଥା ପରିମାଣ QA ଚାହିଦାରେ ହ୍ରାସ ଯୋଗୁଁ ଚାହିଦା ବକ୍ର ବାମପାର୍ଶ୍ୱକୁ ଘୁଞ୍ଚିଯାଇ D_1D_1 ହୋଇଗଲା । ନୂଆ ଚାହିଦା ବକ୍ର D_1D_1କୁ ଅପରିବର୍ତ୍ତିତ ଯୋଗାଣ ବକ୍ର A_1 ବିନ୍ଦୁରେ ଛେଦ କରୁଛି । ଏଠାରେ OP_1 ଦର ତଥା OQ_1 ପରିମାଣ । ତେଣୁ ଚାହିଦାର ହ୍ରାସ ଯୋଗୁଁ ଦ୍ରବ୍ୟର ସନ୍ତୁଳନ ଦର ଓ ସନ୍ତୁଳନ ପରିମାଣ ଉଭୟରେ ହ୍ରାସ ହୋଇଥାଏ । ଦର OPରୁ କମ୍ ହୋଇ OP_1 ଏବଂ ପରିମାଣ OQରୁ କମ୍ ହୋଇ OQ_1 ହେଲା ।

(iii) ଯୋଗାଣ ବୃଦ୍ଧି ଯୋଗୁଁ ଦର ଉପରେ ପ୍ରଭାବ :

ପୁରୁଣା ଦରରେ ବସ୍ତୁର ଅଧିକ ପରିମାଣର ଯୋଗାଣ ହିଁ ଯୋଗାଣରେ ବୃଦ୍ଧି । ଯୋଗାଣରେ ବୃଦ୍ଧି ଯୋଗୁଁ ଯୋଗାଣ ବକ୍ର ଡାହାଣ ଆଡକୁ ଘୁଞ୍ଚିଯାଏ । ଚାହିଦା ଫଳନ ସ୍ଥିର ରହିବା ଯୋଗୁଁ ଏହାର ସନ୍ତୁଳନ ଦରରେ ହ୍ରାସ ହୁଏ । ଚିତ୍ର 16.6 ରେ A ପୁରୁଣା ଚାହିଦା ଓ ଯୋଗାଣ ବକ୍ର ଦ୍ୱୟର ଛେଦ ବିନ୍ଦୁ । ଯୋଗାଣ ବକ୍ରର SS ଠାରୁ ଘୁଞ୍ଚିଯାଇ S_1S_1 ହୋଇଯିବାରୁ ନୂତନ ଛେଦ ବିନ୍ଦୁ B ହୋଇଯାଇଛି ।

ଏଠାରେ ନୂଆ ଦର OP_1 ଯାହା OP ଠାରୁ କମ୍ । ଏଠାରେ ସନ୍ତୁଳନ ପରିମାଣ ମଧ୍ୟ OQ_1 ହୋଇଛି ଯାହା ପୁରୁଣା ପରିମାଣ OQ ଠାରୁ ଅଧିକ । ଅତଏବ ଯୋଗାଣ ବୃଦ୍ଧିର ଫଳସ୍ୱରୂପ (ଚାହିଦା ବକ୍ର ଅପରିବର୍ତ୍ତିତ ରହି) ସନ୍ତୁଳନ ଦରରେ ହ୍ରାସ ଏବଂ ସନ୍ତୁଳନ ପରିମାଣରେ ବୃଦ୍ଧି ହୋଇଥାଏ ।



ଚାହିଦା ଓ ଯୋଗାଣର ପରିମାଣ (କି.ଗ୍ରା)

ଚିତ୍ର 16.6 ଯୋଗାଣର ବୃଦ୍ଧି ଯୋଗୁଁ ଦର ଉପରେ ପ୍ରଭାବ ।

(iv) ଯୋଗାଣରେ ହ୍ରାସ ଯୋଗୁଁ ଦର ଉପରେ ପ୍ରଭାବ :

ଯୋଗାଣରେ ହ୍ରାସର ଅର୍ଥ ଯୋଗାଣ ବକ୍ରର ବାମପାର୍ଶ୍ୱକୁ ସ୍ଥାନାନ୍ତର ହେବା ଚିତ୍ର 16.7ରେ ଏହା SSରୁ S_1S_1 ପହଞ୍ଚିଯାଇଛି । ବର୍ତ୍ତମାନ ନୂତନ ସନ୍ତୁଳନ ଦର OP_1 ଯାହା OP ଠାରୁ ଅଧିକ । ନୂତନ ପରିମାଣ ବର୍ତ୍ତମାନ OQ_1 ଯାହା ପୁରାତନ ପରିମାଣ OQ ଠାରୁ କମ୍ ।



ଚାହିଦା ଓ ଯୋଗାଣର ପରିମାଣ କିଗ୍ରା

ଚିତ୍ର 16.7 ଯୋଗାଣ ହ୍ରାସ ଯୋଗୁଁ ଦର ଉପରେ ପ୍ରଭାବ । ତେଣୁ ଚାହିଦା ବକ୍ର ଅପରିବର୍ତ୍ତିତ ରହିବା ଯୋଗୁଁ ଯୋଗାଣରେ ହ୍ରାସ ହେବାରୁ ସନ୍ତୁଳନ ଦର ଅଧିକ ଓ ସନ୍ତୁଳନ

ପରିମାଣ କମ୍ ହୋଇଯାଏ ।

(v) ଚାହିଦା ଓ ଯୋଗାଣରେ ସମକାଳୀନ ପରିବର୍ତ୍ତନ ଯୋଗୁଁ ଦର ଉପରେ ପ୍ରଭାବ । ପ୍ରାୟତଃ ଦ୍ରବ୍ୟର ଚାହିଦା ଓ ଯୋଗାଣ ଉଭୟରେ ପରିବର୍ତ୍ତନ ହୋଇ ଚାଲିଥାଏ । ଏପରି ପରିବର୍ତ୍ତନ ସହିତ ଅନେକ ସମ୍ଭାବନା ଗୁଡ଼ିଏ ଜଡ଼ିତ ରହିଥାଏ । ଆସନ୍ତୁ ଏଗୁଡ଼ିକୁ ଗୋଟି ଗୋଟି କରି ବିଚାର କରିବା :

(କ) ଚାହିଦା ଓ ଯୋଗାଣ ଉଭୟରେ ହ୍ରାସ ବା ବୃଦ୍ଧି :

ଆପଣମାନେ ଜାଣନ୍ତୁ ଯେ ଚାହିଦାର ହ୍ରାସରେ ଦରର ହ୍ରାସ ତଥା ଯୋଗାଣ ହ୍ରାସ ଯୋଗୁଁ ଦର ବୃଦ୍ଧି ହୋଇଥାଏ । କିନ୍ତୁଯଦି ଉଭୟରେ ଏକକାଳୀନ ପରିବର୍ତ୍ତନ ହୁଏ ତେବେ ତାହାର ସମ୍ପୃକ୍ତ ପ୍ରଭାବ ଉକ୍ତ ପରିବର୍ତ୍ତନର ଅପେକ୍ଷିକ ପରିବର୍ତ୍ତନ ଉପରେ ନିର୍ଭର କରିବ ।

ତେଣୁ ଆମେ ଚାହିଦା ଓ ଯୋଗାଣରେ ଶତକଡ଼ା ପରିବର୍ତ୍ତନର ଗଣନା କରନ୍ତି । ଯଦି ଚାହିଦାରେ ଶତକଡ଼ା ବୃଦ୍ଧି ଯୋଗାଣର ଶତକଡ଼ା ବୃଦ୍ଧି ଠାରୁ କମ୍ ହୋଇଥାଏ । ତେବେ ଆମେ କହିବା ଯେ ଚାହିଦାର ଆପେକ୍ଷିକ ବୃଦ୍ଧି ଯୋଗାଣ ଠାରୁ କମ୍ । ଯଦି ଉଭୟରେ ଆପେକ୍ଷିକ ବୃଦ୍ଧି ହୁଏ ତେବେ ଦର ପ୍ରଭାବହୀନ ହେବ । ଚିତ୍ର 16.8 ଯଦି ଚାହିଦାର ଆପେକ୍ଷିକ ବୃଦ୍ଧି ଯୋଗାଣ ଠାରୁ ଅଧିକ ହୁଏ ତେବେ ଦରରେ ବୃଦ୍ଧି ହୁଏ (ଚିତ୍ର 16.9) ଏହିପରି ଯଦି ଚାହିଦାର ଆପେକ୍ଷିକ ବୃଦ୍ଧି ଯୋଗାଣ ଠାରୁ କମ୍ ରହେ ତେବେ ଦର କମ୍ ହୋଇଯିବ (ଚିତ୍ର 16.10)



ଚାହିଦା ଓ ଯୋଗାଣର ପରିମାଣ (କିଗ୍ରା)

ଚିତ୍ର 16.8 ଯୋଗାଣର ଆପେକ୍ଷିକ ବୃଦ୍ଧି-ଚାହିଦାର ଆପେକ୍ଷିକ ବୃଦ୍ଧି



ଚାହିଦା ଓ ଯୋଗାଣର ପରିମାଣ (କିଗ୍ରା)

ଚିତ୍ର 16.9 ଯୋଗାଣର ଆପେକ୍ଷିକ ବୃଦ୍ଧି ଚାହିଦାର ଆପେକ୍ଷିକ ବୃଦ୍ଧି ଠାରୁ କମ୍



ଚାହିଦା ଓ ଯୋଗାଣର ପରିମାଣ (କିଗ୍ରା)

ଚିତ୍ର 16.10 ଯୋଗାଣର ଆପେକ୍ଷିକ ବୃଦ୍ଧି ଚାହିଦାର ଆପେକ୍ଷିକ ବୃଦ୍ଧିରୁ ଅଧିକ

ଏହିପରି ଯେତେବେଳେ ଚାହିଦା ଓ ଯୋଗାଣ ଉଭୟରେ ହ୍ରାସ ଆସେ ସେତେବେଳେ ଦରରେ ସ୍ଥିର, ହ୍ରାସ ବା ବୃଦ୍ଧି ହୋଇଥାଏ। ଏହା ମଧ୍ଯ ଯୋଗାଣ ଓ ଚାହିଦାରେ ଆପେକ୍ଷିକ ହ୍ରାସ ଉପରେ ନିର୍ଭର କରେ। (ବର୍ତ୍ତମାନ ଆପଣ ନିଜେ ତିନୋଟି ଉପଯୁକ୍ତ ରେଖାଚିତ୍ର ଗଠନ କରିପାରିବେ, ଯେପରି ଆପଣ ଚାହିଦା ଓ ଯୋଗାଣରେ ବୃଦ୍ଧି ଫଳରେ ଗଠନ କରିଥିଲେ) ।

(ଖ) ଯେତେବେଳେ ଚାହିଦାରେହ୍ରାସ (ବୃଦ୍ଧି) ତଥା ଯୋଗାଣରେ ବୃଦ୍ଧି (ହ୍ରାସ) ହୁଏ। ଯେତେବେଳେ ଚାହିଦାରେ ହ୍ରାସ ଓ ଯୋଗାଣରେ ବୃଦ୍ଧି ହୁଏ । ତେବେ ଦର ହ୍ରାସ ହେବା ନିଶ୍ଚିତ

ହୋଇଥାଏ କାରଣ ଏଗୁଡିକର ପ୍ରତ୍ୟେକ ପରିବର୍ତ୍ତନ ଦରକୁ ହ୍ରାସ କରିଥାଏ । ଏହିପରି ଚାହିଦାରେ ବୃଦ୍ଧି ତଥା ଯୋଗାଣରେ ହ୍ରାସ ଫଳରେ ଦରରେ ସୁନିଶ୍ଚିତ ବୃଦ୍ଧି ହୋଇଥାଏ ।

ଏହି ପ୍ରଭାବ ଚିତ୍ର 16.11 ଓ 16.12ରେ ଦର୍ଶାଯାଇଅଛି ।



ଚାହିଦା ଓ ଯୋଗାଣର ପରିମାଣ (କିଗ୍ରା)

ଚିତ୍ର 16.11 ଚାହିଦାର ହ୍ରାସ ଓ ଯୋଗାଣରେ ବୃଦ୍ଧି



ଚାହିଦା ଓ ଯୋଗାଣର ପରିମାଣ (କିଗ୍ରା)

ଚିତ୍ର 16.12 ଚାହିଦାରେ ବୃଦ୍ଧି ଓ ଯୋଗାଣରେ ହ୍ରାସ

ଅତଏବ କେବଳ ଚାହିଦା, କେବଳ ଯୋଗାଣ ବା ଉଭୟର ପରିବର୍ତ୍ତନ ଯୋଗୁଁ ନିର୍ଦ୍ଧାରିତ ନୂତନ ସନ୍ତୁଳନ ଦର ପ୍ରଥମରେ ଯାହା ଥିଲା ବା ତାଠାରୁ କମ୍ ବା ଅଧିକ ହୋଇପାରେ । ଏହି ଚାହିଦା ଓ ଯୋଗାଣରେ ପରିବର୍ତ୍ତନର ପ୍ରକୃତି ଉପରେ ନିର୍ଭର କରିଥାଏ ।

ମନେ ରଖ :

- ଦ୍ରବ୍ୟର ଚାହିଦା ଓ ଯୋଗାଣରେ ପରିବର୍ତ୍ତନ ଏହାର ସନ୍ତୁଳ ଦରକୁ ପ୍ରଭାବିତ କରିଥାଏ । ଦରର ପରିବର୍ତ୍ତନ ଚାହିଦା/ଯୋଗାଣରେ ପରିବର୍ତ୍ତନର ପ୍ରକୃତି ଉପରେ ନିର୍ଭର କରିଥାଏ ।
- ଯଦି ଚାହିଦାରେ ବୃଦ୍ଧି (ହ୍ରାସ) ହୁଏ ତଥା ଯୋଗାଣ ସ୍ଥିର ରହିଥାଏ ତେବେ ସନ୍ତୁଳନ ଦରରେ ବୃଦ୍ଧି (ହ୍ରାସ) ହେବ ।
- ଯଦି ଯୋଗାଣରେ ବୃଦ୍ଧି (ହ୍ରାସ) ହୁଏ ଏବଂ ଚାହିଦା ସ୍ଥିର ରହିଥାଏ, ତେବେ ସନ୍ତୁଳନ ଦରରେ ହ୍ରାସ (ବୃଦ୍ଧି) ହେବ ।
- ଯଦି ଚାହିଦା ଓ ଯୋଗାଣ ଉଭୟରେ ବୃଦ୍ଧି (ହ୍ରାସ) ହୁଏ ତେବେ ଦର ଉପରେ ପ୍ରଭାବ ତାହାର ଆପେକ୍ଷିକ ବୃଦ୍ଧି/ହ୍ରାସ ଉପରେ ନିର୍ଭର କରିବ । ଯଦି ଚାହିଦାର ଆପେକ୍ଷିକ ବୃଦ୍ଧି (ହ୍ରାସ) ଯୋଗାଣ ଅପେକ୍ଷା ଅଧିକ ହୁଏ, ତେବେ ଦରରେ ବୃଦ୍ଧି (ହ୍ରାସ) ହେବ ।
- ଯଦି ଚାହିଦାର ଆପେକ୍ଷିକ ବୃଦ୍ଧି (ହ୍ରାସ) ଯୋଗାଣ ତୁଳନାରେ କମ୍ ହୁଏ ତେବେ ସନ୍ତୁଳନ ଦରରେ ହ୍ରାସ (ବୃଦ୍ଧି) ହେବ ।
- ଯଦି ଯୋଗାଣରେ ବୃଦ୍ଧି (ହ୍ରାସ) ତଥା ଚାହିଦାରେ ହ୍ରାସ (ବୃଦ୍ଧି) ହୁଏ ତେବେ ଦରରେ ହ୍ରାସ (ବୃଦ୍ଧି) ଘଟିବ ।

ପାଠ୍ୟଗତ ପ୍ରଶ୍ନ 16.3

ଶୂନ୍ୟସ୍ଥାନ ପୂରଣ କର ।

(i) ଯଦି ଯୋଗାଣ ଫଳନ ସ୍ଥିର ରହି ଚାହିଦାରେ ବୃଦ୍ଧି ହୁଏ ତେବେ ଦରରେ............. ହେବ ।

(ii) ଦ୍ରବ୍ୟର ଦରରେ .... ହେବ ଯଦି ଚାହିଦାରେ ବୃଦ୍ଧି ଓ ଯୋଗାଣରେ ହ୍ରାସ ହେଉଥାଏ ।

(iii) ଯଦି ଚାହିଦାରେ ଆନୁପାତିକ ହ୍ରାସ ଯୋଗାଣର ଆନୁପାତିକ ହ୍ରାସ ଠାରୁ କମ୍ ହୁଏ, ତେବେ ଦରରେ .... ହେବ ।

(iv) .... ଉପରେ ଦ୍ରବ୍ୟର ଚାହିଦା ଓ ଯୋଗାଣ ସର୍ବଦା ସମାନ ହୋଇଥାଏ ।

(v) ସନ୍ତୁଳନ ଦରର ନିର୍ଦ୍ଧାରଣ .... ତଥା .... ଦ୍ୱାରା ହୋଇଥାଏ ।

ଆପଣ କ'ଣ ଶିକ୍ଷା କଲେ

- ସନ୍ତୁଳନ ଏପରି ଏକ ଦର ଯାହା ଉପରେ ଉଭୟ ଚାହିଦା ଓ ଯୋଗାଣର ପରିମାଣ ସମାନ ରହିଥାଏ ।
- ସନ୍ତୁଳନ ଦରର ନିର୍ଦ୍ଧାରଣ ଦ୍ରବ୍ୟର ଚାହିଦା ଓ ଯୋଗାଣର କାରକଗୁଡ଼ିକ ଦ୍ୱାରା ହୋଇଥାଏ । ଚାହିଦା ଓ ଯୋଗାଣ ବକ୍ର ଦ୍ୱୟର ପ୍ରତିଚ୍ଛେଦ ବିନ୍ଦୁକୁ ସନ୍ତୁଳନ ବିନ୍ଦୁ କୁହାଯାଏ । ଏହି ବିନ୍ଦୁ ସହିତ ଜଡିତ ଦର ଓ ପରିମାଣ ସନ୍ତୁଳନ ଦର ଓ ସନ୍ତୁଳନ ପରିମାଣ କୁହାଯାଏ ।
- ଯଦି କୌଣସି ଏକ ଦରରେ ଚାହିଦା ବସ୍ତୁର ଯୋଗାଣ ଠାରୁ ଅଧିକ ହୋଇଥାଏ ଏହାକୁ ଅତିରିକ୍ତ ଚାହିଦା ସ୍ଥିତି କୁହାଯାଏ ।
- ଯଦି କୌଣି ଦରରେ ଯୋଗାଣ ବସ୍ତୁର ଚାହିଦା ଠାରୁ ଅଧିକ ହୁଏ ତାହାକୁ ଅତିରିକ୍ତ ଯୋଗାଣ ସ୍ଥିତି କୁହାଯିବ ।
- ଯଦି ଦ୍ରବ୍ୟର ଚାହିଦାରେ ବୃଦ୍ଧି/ ହ୍ରାସ ହେଉଥାଏ ତେବେ ସନ୍ତୁଳନ ଦର ଓ ପରିମାଣ ଉଭୟରେ ବୃଦ୍ଧି/ହ୍ରାସ ହୁଏ ।
- ଯୋଗାଣରେ ବୃଦ୍ଧି/ହ୍ରାସ ଦ୍ୱାରା ସନ୍ତୁଳନ ଦରରେ ହ୍ରାସ/ବୃଦ୍ଧି ହୁଏ ।
- ଯେତେବେଳେ ଚାହିଦା ଓ ଯୋଗାଣରେ ସମକାଳୀନ ବୃଦ୍ଧି/ହ୍ରାସ ହୁଏ ତେବେ ସନ୍ତୁଳନ ଦର ଓ ପରିମାଣ ଉପରେ ପ୍ରଭାବ ସେଗୁଡ଼ିକର ଆପେକ୍ଷିକ ବୃଦ୍ଧି/ହ୍ରାସ ଉପରେ ନିର୍ଭର କରିଥାଏ ।

ପାଠ୍ୟାନ୍ତର ପ୍ରଶ୍ନ

(1) ଅତିରିକ୍ତ ଯୋଗାଣର ଅର୍ଥ କ'ଣ ? ଏକ ଚିତ୍ର ସହାୟତା ଦ୍ୱାରା କୌଣସି ଦ୍ରବ୍ୟର ଦର ଉପରେ ଅତିରିକ୍ତ ଯୋଗାଣର ପ୍ରଭାବ ବୁଝାଅ ।

(2) ଅତିରିକ୍ତ ଚାହିଦା କ'ଣ ? ଅତିରିକ୍ତ ଚାହିଦାର ଦ୍ରବ୍ୟର ଦର ଉପରେ କି ପ୍ରଭାବ ପଡିଥାଏ ? ଏକ ଉଦାହରଣ ଦ୍ୱାରା ବୁଝାଇଦିଅ ।

(3) ଚାହିଦା ଓ ଯୋଗାଣ ବକ୍ର ଦ୍ୱାରା କୌଣସି ଦ୍ରବ୍ୟର ସନ୍ତୁଳନ ଦୂର କିପରି ନିର୍ଦ୍ଧାରିତ ହୁଏ ? ଏକ ଚିତ୍ର ସାହାଯ୍ୟରେ ବୁଝାଇଦିଅ ।

(4) କୌଣସି ଦ୍ରବ୍ୟର ସନ୍ତୁଳନ ଦର ଉପରେ ବଜାର ଚାହିଦା ଓ ବଜାର ଯୋଗାଣ ସମାନ ହୋଇଥାଏ । ଯଦି ଦର ଏହାଠାରୁ ଅଧିକ ବା କମ୍ ହୁଏ ତେବେ ସ୍ଥିତି କ'ଣ ହେବ ?

(5) ଆମ୍ବର ଦୈନିକ ଚାହିଦା ଓ ଯୋଗାଣର ତାଲିକା ନିମ୍ନରେ ଦିଆଗଲା ।

ଦର (ଟ/କିଗ୍ରା)	ଚାହିଦାର ପରିମାଣ (କି.ଗ୍ରା/ଦୈନିକ)	ଯୋଗାଣ ପରିମାଣ (କି.ଗ୍ରା/ଦୈନିକ)
9	4	14
7	6	11
5	8	8
3	10	5
1	12	3

ଉପର ତାଲିକା ଆଧାର କରି ନିମ୍ନ ପ୍ରଶ୍ନର ଉତ୍ତର ଦିଅ :

(i) ଆମ୍ବର ସନ୍ତୁଳନ ଦର କେତେ ହେବ ?

(ii) ଏହି ଦର ଉପରେ କେତେ ପରିମାଣର ଚାହିଦା ଓ ଯୋଗାଣ ହେବ ?

(iii) ଯଦି ଦର ସନ୍ତୁଳନ ଦର ଠାରୁ ଅଧିକ ହୋଇଯାଏ ତେବେ କ'ଣ ହେବ ?

(iv) ଯଦି ଦର ସନ୍ତୁଳିତ ଦର ଠାରୁ କମ୍ ହୁଏ ତେବେ କ'ଣ ହେବ ?

(6) ଚିତ୍ର ସାହାଯ୍ୟରେ ଦ୍ରବ୍ୟର ଚାହିଦା ଓ ଯୋଗାଣର ପରିବର୍ତ୍ତନଗୁଡିକ ଯୋଗୁଁ ଏହାର ସନ୍ତୁଳନ ଦର ଉପରେ ପଡୁଥିବା ପ୍ରଭାବକୁ ସଂକ୍ଷେପରେ ବୁଝାଅ ।

ପାଠ୍ୟଗତ ପ୍ରଶ୍ନର ଉତ୍ତର

16.1

(i) ଗ (ii) ଗ (iii) ଘ

16.2

(i) ଠିକ୍ (ii) ଠିକ୍ (iii) ଭୁଲ (iv) ଠିକ୍ (v) ଠିକ୍ (vi) ଠିକ୍ (vi) ଠିକ୍

16.3

(i) ବୃଦ୍ଧି (ii) ବୃଦ୍ଧି (iii) ବୃଦ୍ଧି (iv) ସନ୍ତୁଳନ ଦର (v) ଚାହିଦା ଯୋଗାଣ

ପାଠ୍ୟାନ୍ତର ପ୍ରଶ୍ନ ନିମିତ୍ତ ସୂଚନା :

(1) ଭାଗ 16.3 (ଗ ଓ ଘ) ପାଠକର ।

(2) ଭାଗ 16.3 (କ ଓ ଖ) ପାଠକର ।

(3) ଭାଗ 16.1 ଓ 16.2 ପାଠକର ।

(4) ଭାଗ 16.1 ଓ 16.2 ପାଠକର ।

(5) ଭାଗ 16.1 ଓ 16.2 ପାଠକର ।

(6) ଭାଗ 16.4 ପାଠକର ।

17

ଉତ୍ପାଦନ ପରିବ୍ୟୟ

COST OF PRODUCTION

ଆପଣ ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ପ୍ରୟୋଗ ହେଉଥିବା ଅବଧାରଣଗୁଡିକ ସହିତ ପ୍ରଥମରୁ ପରିଚିତ । ପାଠ-୧୪ରେ ଆପଣ ଦ୍ରବ୍ୟର ଦର ଏବଂ ପ୍ରତି ଏକକ ସମୟରେ ତାହାର ଚାହିଦାର ପରିମାଣ ସହ ସମ୍ପର୍କକୁ ବୁଝିଲେ । ପାଠ-୧୫ରେ ଦର ତଥା ପ୍ରତି ଏକକ ସମୟରେ ଯୋଗାଣର ସମ୍ବନ୍ଧକୁ ଜାଣିଲେ । ପାଠ-୧୬ରେ ଆପଣ ଲେଖିଲେ ଯେ ଦ୍ରବ୍ୟର ସନ୍ତୁଳନ ଦରର ନିର୍ଦ୍ଧାରଣ ସେହି ସ୍ତରରେ ହେଉଛି ଯେଉଁ ସ୍ତରରେ ଦ୍ରବ୍ୟର ଚାହିଦା ଓ ଯୋଗାଣର ପରିମାଣ ସମାନ ହୋଇଥାଏ ।

ଏହି ଅଧ୍ୟାୟରେ ଅର୍ଥଶାସ୍ତ୍ରରେ ପ୍ରୟୋଗ ପରିବ୍ୟୟର ଧାରଣାର ବିଭିନ୍ନ ଉପାଦାନ ବିଷୟରେ ଆପଣ ଅଧ୍ୟୟନ କରିବେ ।

ଉଦ୍ଦେଶ୍ୟ

ଏହି ଅଧ୍ୟାୟକୁ ଅଧ୍ୟୟନ କରି ଆପଣ :

- ବ୍ୟବସାୟ ତଥା ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ପ୍ରୟୋଗ 'ପରିବ୍ୟୟ'ର ଧାରଣାରେ ପାର୍ଥକ୍ୟ କରିପାରିବେ ।
- ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ପ୍ରୟୋଗ ହେଉଥିବା ଦୃଶ୍ୟମାନ ପରିବ୍ୟୟ, ଲୁକ୍କାୟିତ ପରିବ୍ୟୟ ତଥା ସାଧାରଣ ଲାଭ ଆଦି ଧାରଣାଗୁଡିକର ବ୍ୟାଖ୍ୟା ତଥା ମହତ୍ତ୍ୱର ସମୀକ୍ଷା କରିପାରିବେ ।
- ସ୍ଥିର ଓ ପରବର୍ତ୍ତୀ ପରିବ୍ୟୟ ମଧ୍ୟରେ ପ୍ରଭେଦ ତଥା ମୋଟ ପରିବ୍ୟୟ, ହାରାହାରି ପରିବ୍ୟୟ ତଥା ସୀମାନ୍ତ ପରିବ୍ୟୟର ବ୍ୟାଖ୍ୟା କରିପାରିବେ ।
- ସୀମାନ୍ତ ତଥା ହାରାହାରି ପରିବ୍ୟୟ ଦ୍ୱାରା ମୋଟ ପରିବ୍ୟୟ ବ୍ୟୁତ୍ପତ୍ତି ତଥା ଏକ ଉତ୍ପାଦକ ପାଇଁ ଏହାର ମହତ୍ତ୍ୱକୁ ବର୍ଣ୍ଣନା କରିପାରିବେ ତଥା ମୋଟ ସ୍ଥିର ପରିବ୍ୟୟ, ମୋଟ ପରବର୍ତ୍ତୀ ପରିବ୍ୟୟ, ହାରାହାରି ସ୍ଥିର ପରିବ୍ୟୟ, ହାରାହାରି ପରବର୍ତ୍ତୀ ପରିବ୍ୟୟ, ହାରାହାରି ମୋଟ ପରିବ୍ୟୟ ଓ ସୀମାନ୍ତ ପରିବ୍ୟୟ ଇତ୍ୟାଦିକୁ ଜାଣିପାରିବେ ।

17.1 ପରିବ୍ୟୟର ଉପାଦାନ

ଜଣେ ବ୍ୟବସାୟୀଙ୍କର ପରିବ୍ୟୟ ସମ୍ବନ୍ଧୀୟ ଧାରଣାରୁ ଆଲୋଚନା ଆରମ୍ଭ କରିବା । ଏହା

ମଧ୍ୟ ଆମକୁ ଜଣାଅଛି ଯେ ଉତ୍ପାଦନ କାର୍ଯ୍ୟରେ ପରିବ୍ୟୟ ଆସେ । କୌଣସି ପ୍ରକାର ଉତ୍ପାଦନ ପାଇଁ ଫାର୍ମ ବା ଉଦ୍ୟୋଗକୁ ପରିବ୍ୟୟ (କଞ୍ଚାମାଲ ଆଦି)ର ଆବଶ୍ୟକତା ରହିଛି । ଜଣେ କୃଷକଙ୍କର ଉଦାହରଣ ନେବା । ତାଙ୍କୁ ଚାଷ କରିବାକୁ ଭୂମି ଖଣ୍ଡିଏ, କିଛି ଶ୍ରମିକ, ଟ୍ରାକ୍ଟର, କାଟିବା ଯନ୍ତ୍ର ପରି ଉପକରଣ, ପାଣି, ବିହନ, ସାର ଖତ, ବିଦ୍ୟୁତ୍ ଆଦି ଅନେକ ଜିନିଷର ଆବଶ୍ୟକ ହୋଇଥାଏ । କୃଷକ ଜଣଙ୍କୁ ଏହିସବୁ ଜିନିଷ ପାଇବାକୁ ଖର୍ଚ୍ଚ କରିବାକୁ ପଡିଥାଏ । ସମ୍ଭବତଃ କୌଣସି ଗୋଟିଏ ଜିନିଷର ଭରଣା ନିଜ ଠାରୁ କରିନେଇପାରେ । ଉଦାହରଣତଃ ଭୂମି ଖଣ୍ଡିଏ ତାର ନିଜର ସମ୍ପତ୍ତି ହୋଇପାରେ-ବା ହୁଏତ ତାହା ଭଡାରେ ଆସିଥାଇପାରେ । ଟ୍ରାକ୍ଟର ତାଙ୍କର ନିଜର ହୋଇଥାଇପରେ ବା ତାହାକୁ ମଧ୍ୟ ଭଡାସୂତ୍ରରେ ଆଣିପାରନ୍ତି । ନିଜ କ୍ଷେତରେ ଗତବର୍ଷ ଉତ୍ପାଦନରୁ ବଞ୍ଚାଇ ରଖିଥିବା ବିହନକୁ କାମରେ ଲଗାଇ ପାରନ୍ତି ବା ବଜାରକୁ କିଣିପାରନ୍ତି । ଏହିପରି ଆଗମ ଗୁଡିକର ଯୋଗାଣର ଏକ ଅଂଶ ବାହାରୁ କିଣାଯାଇପାରେ ବା ଅବଲକ୍ଷ ଗୁଡିକର ପୂରଣ ପାଇଁ ଉତ୍ପାଦକ ନିଜେ ମଧ୍ୟ କରିପାରନ୍ତି । ବାହାରୁ କିଣାଯାଉଥିବା ସାମଗ୍ରୀକୁ ଆମେ 'କ୍ରୟ ଆଗମ' କୁହାଯାଏ ଏବଂ ନିଜ ପାଖରେ ଥିବା ଜିନିଷର ପ୍ରୟୋଗକୁ 'ନିଜସ୍ୱ ଆଗମ' କୁହାଯାଏ ।

(କ) ସ୍ପଷ୍ଟ (ପ୍ରତ୍ୟକ୍ଷ) ପରିବ୍ୟୟ (ମୌଦ୍ରିକ ପରିବ୍ୟୟ)

ଏକ ଫାର୍ମ ଯନ୍ତ୍ରପାତି, କୋଠାଘର ଇତ୍ୟାଦି ସମ୍ପତ୍ତିରୁ ସେବା ଗୁଡିଏ ପାଇଥାଏ । ଏଥିପାଇଁ ଭଡା ଦେବାକୁ ହୁଏ । ସାଧାରଣ ଭାବେ ଏହାକୁ ପରିବ୍ୟୟ କୁହାଯାଏ । ଶ୍ରମିକ ହିସାବରକ୍ଷକ, ପ୍ରବନ୍ଧକ ଆଦି କର୍ମଚାରୀକୁ ବେତନ ଦିଆଯାଏ । ଉତ୍ପାଦନ ପାଇଁ ନିଆଯାଇଥିବା ଋଣ ଉପରେ ସୁଧ ଦିଆଯାଏ । କଞ୍ଚାମାଲ, ବିଜୁଳି, ଇତ୍ୟାଦି ପାଇଁ ବିଲ୍ ମଧ୍ୟ ପରିଶୋଧ କରାଯାଏ । ଏହିପରି ବାହାରୁ ପ୍ରାପ୍ତ ହେଉଥିବା ସମସ୍ତ ଦ୍ରବ୍ୟ/ ସାମଗ୍ରୀ ତଥା ସେବା ପାଇଁ ପ୍ରତିବଦଳରେ ଯେଉଁ ମୁଦ୍ରାଗତ ରାଶି ପରିଶୋଧ କରାଯାଏ ତାହାକୁ ପ୍ରତ୍ୟକ୍ଷ ପରିବ୍ୟୟ କୁହାଯାଏ ।

ସାଧାରଣ ଭାବେ ଏକ ବ୍ୟବସାୟରେ ହିସାବ ରକ୍ଷକ ଏ ପ୍ରକାର କରାଯାଇଥିବା ଖର୍ଚ୍ଚକୁ ହିଁ ପରିବ୍ୟୟ କହିଥାନ୍ତି । ଅତଏବ ବ୍ୟବସାୟରେ ପ୍ରୟୋଗ/ବ୍ୟବହୃତ ପରିବ୍ୟୟର ଅବଧାରଣା କେବଳ ସ୍ପଷ୍ଟ ବା ପ୍ରତ୍ୟକ୍ଷ ପରିବ୍ୟୟ ହିଁ ହୋଇଥାଏ ।

(ଖ) ନିହିତ (ଅପ୍ରତ୍ୟକ୍ଷ) ପରିବ୍ୟୟ/ ଲୁକ୍କାୟିତ ପରିବ୍ୟୟ

ଅନେକ ସମୟରେ କେତେକ ଆଗମଗୁଡିକୁ ବଜାରରୁ କ୍ରୟ କରାଯାଇନଥାଏ । ଉଦ୍ୟୋଗୀ ନିଜ ଠାରୁ ମଧ୍ୟ କେତେକ ସାଧନ/ଦ୍ରବ୍ୟର ପ୍ରୟୋଗ କରିଥାନ୍ତି । ସେ ନିଜର କୋଠାଘରେ ନିଜ ଅର୍ଥକୁ ବିନିଯୋଗ କରି ବ୍ୟବସାୟ ସଞ୍ଚାଳନ କରିଥାନ୍ତି । କେବଳ ସେତିକି ନୁହେଁ, ସେ ନିଜେ ମଧ୍ୟ ପ୍ରବନ୍ଧକଙ୍କ ଦାୟିତ୍ୱ ନିଜେ ସମ୍ଭାଳି ପାରନ୍ତି । କୃଷକ ନିଜ ଜମି ଉପରେ ସ୍ୱୟଂ ଫସଲ କରିପାରେ । କିନ୍ତୁ ଯଦି ସେ ନିଜର ଉପରୋକ୍ତ ସଧନା/ପରିସମ୍ପତ୍ତିକୁ କୌଣସି ଅନ୍ୟ ବ୍ୟବସାୟୀଙ୍କୁ

ଉତ୍ପାଦନ ପାଇଁ ଦିଅନ୍ତି ତେବେ ତାଙ୍କୁ ତାର ପ୍ରତିଫଳ ସ୍ୱରୂପ କିଛି ପରିମାଣର ଦେୟ ପ୍ରାପ୍ତି ଅବଶ୍ୟ ହୁଅନ୍ତା । ଯଦି କୌଣସି ଅନ୍ୟ କାରଖାନାରେ ସେ ପ୍ରବନ୍ଧକ ଦାୟିତ୍ୱ ତୁଲାନ୍ତି ତେବେ ତାଙ୍କୁ ବେତନ ମିଳନ୍ତା । କିନ୍ତୁ ଯେତେବେଳେ ଏହିସବୁ ସେବାଗୁଡ଼ିକୁ ସେ ନିଜ ବ୍ୟବସାୟରେ ପ୍ରୟୋଗ କରିଥାନ୍ତି ତେବେ ଏହିସବୁର ପ୍ରତିଫଳ ସ୍ୱରୂପ ସମ୍ଭବ ଆମଦାନୀର ପରିମାଣ ଦେୟରୁ ସେ ମୁକ୍ତ ହୋଇଥାନ୍ତି (କୋଠା ଘରର ଭଡା, ଋଣ ଉପରେ ଦେୟ ସୁଧ, ବେତନ ଇତ୍ୟାଦି) କିନ୍ତୁ ଏହି ସ୍ୱ-ଲବ୍ଧ ଓ ସ୍ୱ-ପ୍ରଯୁକ୍ତ ସଂସାଧନର ପ୍ରତିଫଳ ମଧ୍ୟ ମିଳିବା ଉଚିତ । ଏହାକୁ ନିଜ ବ୍ୟବସାୟରେ ଲଗାଇ ତାହା ଦ୍ୱାରା ପ୍ରତ୍ୟକ୍ଷ ରୂପରେ ଆୟ ପ୍ରାପ୍ତିର ସୁଯୋଗକୁ ତ୍ୟାଗ କରୁଛନ୍ତି । ତେଣୁ ବଜାରରେ ଏହାର ସମ୍ଭବ ପ୍ରାପ୍ତିକୁ ମଧ୍ୟ ଉତ୍ପାଦନର ମୋଟ ପରିବ୍ୟୟର ଅଂଶ ଭାବେ ଗ୍ରହଣ କରିବା ଦରକାର । ବଜାରରେ ଦରର ଆଧାର ଉପରେ ଆମେ ଏହି ପରିବ୍ୟୟର ଆକଳନ କରିପାରିବା । ଏପରି ପରିବ୍ୟୟକୁ ନିହତ (ଅପ୍ରତ୍ୟକ୍ଷ/ ଲୁକ୍କାୟିତ) ପରିବ୍ୟୟ ମଧ୍ୟ କୁହାଯାଏ । (ଏହାକୁ ସ୍ପଷ୍ଟ ପରିବ୍ୟୟ ଠାରୁ ପୃଥକ କରିବାକୁ) ଏହାର ଏକ ଉଦାହରଣ ହେଉଛି କାରଖାନା ପାଇଁ ଲାଗିଥିବା ନିଜ କୋଠାଘରର ଆକଳନ କରାଯିବା ଭଡା । ଏହାକୁ ଉକ୍ତ ରାଶି ସହିତ ସମାନ ଗଣନା କରାଯାଏ ଯାହା ଏପରି କୋଠାଗର ପାଇଁ ଭଡା ସୂତ୍ରରେ ପାଉଣା ଦେବାକୁ ପଡେ । ଏହିପରି ଆମେ ଲୁକ୍କାୟିତ ସୁଧ ତଥା ମଜୁରୀ/ବେତନ ଇତ୍ୟାଦିର ଆକଳନ କରିପାରିବା ।

ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ପରିଶୋଧ କରାଯାଉଥିବା ସ୍ପଷ୍ଟ ପରିବ୍ୟୟ ସହିତ ଆକଳନ କରାଯାଇଥିବା ଲୁକ୍କାୟିତ ପରିବ୍ୟୟକୁ ମଧ୍ୟ ଉତ୍ପାଦନ ପରିବ୍ୟୟର ଅଂଶ ରୂପେ ଗଣାଯାଏ । କେବଳ ଏହାହିଁ ନୁହେଁ ଆମେ ମଧ୍ୟ ଅନ୍ୟ ଏକ ପରିବ୍ୟୟ ଘଟକର ମଧ୍ୟ ପ୍ରୟୋଗ କରିଥାନ୍ତି । ଏହା ହେଉଛି "ସାଧାରଣ ଲାଭ" ।

(ଗ) ସାଧାରଣ ଲାଭ : ଏକ ଉପାଦାନ ରୂପେ ପରିବ୍ୟୟର ଏକ ମହତ୍ତ୍ୱପୂର୍ଣ୍ଣ ଘଟକ ହେଉଛି "ସାଧାରଣ ଲାଭ" । ଏହା ଉକ୍ତ ରାଶି ଯାହା କୌଣସି ଦ୍ରବ୍ୟର ଉତ୍ପାଦନକାରୀ ଉଦ୍ୟମୀଙ୍କୁ ତାଙ୍କ କାର୍ଯ୍ୟ ନିମିତ୍ତ ପ୍ରେରଣ କରିବାକୁ ପ୍ରତ୍ୟକ୍ଷ ଓ ଲୁକ୍କାୟିତ ପରିବ୍ୟୟର ଯୋଗ ବ୍ୟତୀତ ଅତିରିକ୍ତ ରୂପେ ମିଳିବା ଦରକାର । ସାଧାରଣ ଲାଭ ବସ୍ତୁତଃ ଉଦ୍ୟୋଗୀଙ୍କର ସୁଯୋଗ ପରିବ୍ୟୟ । ତେଣୁ ଏହା ମଧ୍ୟ ଉତ୍ପାଦନର ମୋଟ ପରିବ୍ୟୟର ଅଂଶ । ସୁଯୋଗ ପରିବ୍ୟୟ ସେହି ବିକଳ୍ପଗୁଡିକର ମୂଲ୍ୟ ହୋଇଥାଏ ଯାହାର ବର୍ତ୍ତମାନ କାର୍ଯ୍ୟର ଉନ୍ନତି ପାଇଁ ତ୍ୟାଗ କରାଯାଇଥାଏ । ସାଧାରଣ ଲାଭକୁ ପରିବ୍ୟୟ କହିବା ହୁଏତ କିଛିଟା ଭିନ୍ନ ଲାଗିଥାଇପାରେ, ଆସନ୍ତୁ ଆପଣଙ୍କର ଏଇ ଅନୁଭୂତିକୁ ଦୂର କରିବାକୁ ଚେଷ୍ଟା କରିବା ।

ଏଥିପାଇଁ ପ୍ରଥମେ "ସାଧାରଣ ଲାଭ"ର ଧାରଣାର ଅର୍ଥ ବୁଝାଇବାକୁ ହେବ । ଏହା ପରବର୍ତ୍ତୀ ଶ୍ରେଷ୍ଠତମ ବ୍ୟବସାୟରୁ ପ୍ରାପ୍ତ ସୁନିଶ୍ଚିତ ଲାଭ । ଏହା ଏଭଳି ପ୍ରତିଫଳ ଯାହା

କୌଣସି ଦ୍ରବ୍ୟର ଉତ୍ପାଦନ ସହିତ ଜଡିତ ଶଙ୍କା ଓ ଅନିଶ୍ଚିତତାକୁ ବହନ କରୁଥିବା ଉଦ୍ୟୋଗୀକୁ ମିଳିବା ହିଁ ଉଚିତ। ଆସନ୍ତୁ, ଏକ ଉଦାହରଣ ଦ୍ୱାରା ବିଚାର କରିବା। ଜଣେ ପ୍ରକାଶକଙ୍କ ପାଖରେ ଦୁଇଟି ବିକଳ୍ପ ଅଛି। ସେ ବାଣିଜ୍ୟ ବିଷୟ ବା ବିଜ୍ଞାନ ବିଷୟରେ ବହି ପ୍ରକାଶିତ କରିପାରନ୍ତି। ସେ ବାଣିଜ୍ୟ ବିଷୟ ବହି ପ୍ରକାଶିତ କରିବାକୁ ସ୍ଥିର କଲେ-ଯାହାଦ୍ୱାରା ଏହା ଅଧିକତମ ଲାଭପ୍ରଦ ହେବା ଲାଗିଲା।

ଧରି ନିଆଯାଉ ଯେ ବିଜ୍ଞାନ ବିଷୟ ବହିର ବଜାର ଅଧିକ ସୁନିଶ୍ଚିତ, ମାତ୍ର ଏଥିରେ ଲାଭ କମ୍ । ତେବେ ଆମର ଏଠାରେ ବାଣିଜ୍ୟ ବିଷୟ ବହି ପ୍ରକାଶ କରିବା ଉଦ୍ୟୋଗୀ ବିଜ୍ଞାନରର ବହୁ ସମ୍ଭବ ନିଶ୍ଚିତ ଲାଭର ପରିତ୍ୟାଗ ମଧ୍ୟ କରୁଥିବେ । ସେ ବାଣିଜ୍ୟ ପ୍ରକାଶନ ନିର୍ଣ୍ଣୟ ସହିତ ଜଡିତ ଶଙ୍କାକୁ ଏହା ଚିନ୍ତାକରି ଗ୍ରହଣ କରିଥିବେ ଯେ ଅତିକମ୍‌ରେ ବିଜ୍ଞାନରେ ଯେତିକି ଆୟ ତ ନିଶ୍ଚିତ ଏଠାରେ କରିଦେବେ (ବାସ୍ତବରେ ତାଠାରୁ ଅଧିକ) । ଏହି ଭଳି ବିଜ୍ଞାନ ପ୍ରକାଶନରୁ ସମ୍ଭାବିତ ଲାଭର ତ୍ୟାଗ ଏକ ଲୁକ୍କାୟିତ ପରିବ୍ୟୟର ରୂପ ଧାରଣ କରିନିଏ। ଏହାକୁ ସାଧାରଣ ଲାଭ କୁହାଯାଏ। କାରଣ ଏହା ବ୍ୟବସାୟୀର ଲାଭ- ସମ୍ବନ୍ଧୀ ନ୍ୟୁନତମ ଆଶାର ଅନୁମାନ । ଯଦି କୌଣସି ସ୍ଥିତିରେ ତାଙ୍କୁ ବାଣିଜ୍ୟ ପ୍ରକାଶନରେ ଏତିକି ଲାଭ ମିଳିନପାରେ ତେବେ ସେ ବିଜ୍ଞାନ ପ୍ରକାଶନ ଆରମ୍ଭ କରିପାରନ୍ତି । ଏହିପରି ଅନ୍ୟ ପ୍ରତ୍ୟକ୍ଷ ତଥା ନିହତ (ଲୁକ୍କାୟିତ) ପରିବ୍ୟୟ ସହିତ ଉଦ୍ୟୋଗୀଙ୍କ ପାଇଁ ଏଇ ସାଧାରଣ ଲାଭକୁ ପାଇବା ମଧ୍ୟ ଅନିବାର୍ଯ୍ୟ ହୋଇଥାଏ। ତେଣୁ ଆମେ ଏହାକୁ ହିଁ ପରିବ୍ୟୟର ଏକ ଉପାଦାନ ଭାବେ ମାନିଥାନ୍ତି।

ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ଏହିପରି ଭାବେ ମୋଟ ପରିବ୍ୟୟରେ ତିନୋଟି ଉପାଦାନ ରହିଛି ।

(କ) ପ୍ରତ୍ୟକ୍ଷ ପରିବ୍ୟୟ

(ଖ) ନିହିତ (ଲୁକ୍କାୟିତ) ପରିବ୍ୟୟ ଓ

(ଗ) ସାଧାରଣ ଲାଭ।

ପ୍ରାୟ ବ୍ୟବସାୟିକ ଲେଖାଙ୍କନ ପ୍ରତ୍ୟକ୍ଷ ପରିବ୍ୟୟ ଆକଳନ ପର୍ଯ୍ୟନ୍ତ ସୀମିତ ରହିଥାଏ। ବର୍ତ୍ତମାନ ଆସନ୍ତୁ କୌଣସି କୃଷକଙ୍କର ମୋଟ ପରିବ୍ୟୟର ଘଟକଗୁଡିକ ବିଷୟରେ ବିଚାର କରିବା। ତାଙ୍କୁ ଚାଉଳର ଉତ୍ପାଦନ କରିବାକୁ ଏହି ଉପାଦାନଗୁଡିକର ଆବଶ୍ୟକ ଅଛି । ଭୂମି, କୃଷି ଶ୍ରମିକ, ଉପଯୋଗୀ ଉପକରଣ, ଟ୍ରାକ୍ଟର, କାଟିବା ଯନ୍ତ୍ର, ପାଣି, ବିହନ, ସାର ଓ ବିଜୁଳି ଇତ୍ୟାଦି । ଏହି ଉପାଦାନଗୁଡିକୁ ସେ ନିଜ ଉଦ୍ୟମରେ ଯୋଗାଡ କରିପାରେ ବା ସେଗୁଡିକୁ ବଜାରରୁ ତାଙ୍କୁ କିଣାବିକା କରିବାକୁ ହେବ। ସେ କିଛି ନିଜ ଚେଷ୍ଟାରେ ଆୟୋଜନ କରିଥାନ୍ତି- ଆଉ ଅବଶେଷକୁ ବଜାରରୁ ଆଣିଥାନ୍ତି (ଚାର୍ଟ ଦେଖନ୍ତୁ) ।

ଉତ୍ପାଦନର ମୋଟ ପରିବ୍ୟୟ

↓

ଦୃଶ୍ୟମାନ/ ପ୍ରତ୍ୟକ୍ଷ ପରିବ୍ୟୟ	ସ୍ୱୟଂ ଆୟୋଜିତ ଆଗମ ନିହିତ (ଲୁକ୍କାୟିତ) ପରିବ୍ୟୟ	**ସାଧାରଣ ଲାଭ**
୧. ସାର ୨. କୀଟନାଶକ ୩. ଶ୍ରମିକଙ୍କ ମଜୁରୀ ୪. ଟ୍ରାକ୍ଟର, କାଟିବା ମେସିନର ଭଡ଼ା ୫. ଫସଲବୀମା ଶୁଳ୍କ ପାଇଁ ପାଉଣା ୬. ସରକାରଙ୍କୁ କରର ଦେୟ ୭. ପମ୍ପ ପାଇଁ ପ୍ରୟୋଗ ବିଜୁଳିର ଦେୟ	୧. ନିଜର ଭୂମି ୨. ନିଜ କୂଅର ଜଳସେଚନ ୩. ପୂର୍ବ ଫସଲରୁ ସଂଚିତ ରଖିଥିବା ବିହନ ୪. ସ୍ୱୟଂ ଓ ପରିବାର ସଦସ୍ୟଙ୍କ ଶ୍ରମଦାନ	କୌଣସି ଅନ୍ୟ ଫସଲ ବଦଳରେ ଏହି ଫସଲ ଚାଷ କରିବା ପାଇଁ କୃଷକଙ୍କୁ ପ୍ରେରଣା କରୁଥିବା ନ୍ୟୁନତମ ଆବଶ୍ୟକ ପ୍ରତିଫଳ ।

ମନେରଖ :

- ଉତ୍ପାଦନରେ ପରିବ୍ୟୟ ଥାଏ ।
- ବ୍ୟଷ୍ଟି ଅର୍ଥଶାସ୍ତ୍ରର ଦୃଷ୍ଟିରେ ମୌଦ୍ରିକ ବା ପ୍ରତ୍ୟକ୍ଷ ପରିବ୍ୟୟ ହିଁ ମୋଟ ପରିବ୍ୟୟ ନୁହେଁ ।
- ବ୍ୟବସାୟରେ ପରିବ୍ୟୟର ଧାରଣାର ପ୍ରୟୋଗ ସାଧାରଣତଃ ମୌଦ୍ରିକ ଅଥବା ପ୍ରତ୍ୟକ୍ଷ ପରିବ୍ୟୟ ପାଇଁ କରାଯାଇଥାଏ ।
- ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ପରିବ୍ୟୟରେ ପ୍ରତ୍ୟକ୍ଷ ଓ ନିହିତ ପରିବ୍ୟୟ ସହିତ ସାଧାରଣ ଲାଭ ମଧ୍ୟ ସମ୍ମିଳିତ ହୋଇଥାଏ ।

ପାଠ୍ୟଗତ ପ୍ରଶ୍ନ 17.1

(1) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(i) ପରିଶୋଧ କରାଯାଇଥିବା ପରିବ୍ୟୟ-------- ହୋଇଥାଏ । (ପ୍ରତ୍ୟକ୍ଷ ପରିବ୍ୟୟ/ ନିହିତ ପରିବ୍ୟୟ)

(ii) ବ୍ୟବସାୟରେ ପରିବ୍ୟୟର ଅଭିପ୍ରାୟ -------- ଦ୍ୱାରା ହୋଇଥାଏ । (ନିହିତ /ପ୍ରତ୍ୟକ୍ଷ ପରିବ୍ୟୟ)

(iii) ନିହିତ ପରିବ୍ୟୟ ---------- ସାଧନର ପ୍ରତିଫଳନ (ଭଡା ସୂତ୍ରରେ ନିଆଯାଇଥିବା ନିଜସ୍ୱ ସାଧନର ସ୍ୱୟଂ ପ୍ରୟୋଗ)

(iv) ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ପରିବ୍ୟୟର ଧାରଣାରେ ଅନ୍ତର୍ଭୁକ୍ତ ------- (କେବଳ ପ୍ରତ୍ୟକ୍ଷ ପରିବ୍ୟୟ, କେବଳ ନିହିତ ପରିବ୍ୟୟ, ପ୍ରତ୍ୟକ୍ଷ ପରିବ୍ୟୟ, ନିହିତ ପରିବ୍ୟୟ ଓ ସାଧାରଣ ଲାଭ)

(v) ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ସାଧାରଣ ଲାଭ ପରିବ୍ୟୟର ଏକ ଅଂଶ ------ (ହଁ, ନା)

(2) ଜଣେ ପ୍ରକାଶକଙ୍କର କେତେକ ପରିବ୍ୟୟ ଉପାଦାନ ଦିଆଯାଇଛି । ଏଗୁଡିକୁ ପ୍ରତ୍ୟକ୍ଷ ବା ନିହିତ ପରିବ୍ୟୟରେ ଶ୍ରେଣୀଭୁକ୍ତ କର । (i) ତାଙ୍କର ନିଜସ୍ୱଶ୍ରମ (ii) କାଗଜ, କାଳି ତଥା ବିଜୁଳି ଆଦି ଉପରେ ଖର୍ଚ୍ଚ (iii) ମୁଦ୍ରଣ ଯନ୍ତ୍ର ଉପରେ ଖର୍ଚ୍ଚ (iv) ବୀମା ଶୁଳ୍କ (v) କର୍ମଚାରୀଙ୍କ ମଜୁରୀ ଓ ବେତନ ପରିଶୋଧ (vi) ତାଙ୍କ ନିଜ କୋଠାଘର ଯେଉଁଠାରେ ସେ ବହିର ମୁଦ୍ରଣ କରନ୍ତି (vii) କାଗଜ, କାଳି, ଇତ୍ୟାଦି ସାମଗ୍ରୀଗୁଡିକର ପରିବହନ ପାଇଁ ଖର୍ଚ୍ଚ ।

17.2 ବ୍ୟକ୍ତିଗତ ଏବଂ ସାମାଜିକ ପରିବ୍ୟୟ

(କ) ବ୍ୟକ୍ତିଗତ ପରିବ୍ୟୟ

ବସ୍ତୁର ଉତ୍ପାଦନ କରିବା ସମୟର ଫାର୍ମକୁ କଞ୍ଚାମାଲର ଦାମ, ଶ୍ରମିକଙ୍କ ମଜୁରୀ ତଥା ଫାର୍ମର କୋଠାଘର ଇତ୍ୟାଦିର ଭଡ଼ା ପରିଶୋଧ କରିବାକୁ ପଡିଥାଏ । ଏହାସବୁ ଫାର୍ମ ଦ୍ୱାରା ବ୍ୟକ୍ତିଗତ ରୂପେ ବହନ କରାଯାଇଥାଏ । ତେଣୁ ଏହି ଉତ୍ପାଦନ ଫାର୍ମର ବ୍ୟକ୍ତିଗତ ପରିବ୍ୟୟ

(ଖ) ସାମାଜିକ ପରିବ୍ୟୟ

କାରଖାନାର ଚିମିନି ଦ୍ୱାରା ବାୟୁମଣ୍ଡଳରେ ଅନେକ ଧୁଆଁ ପ୍ରବେଶ କରେ । ଏ ବିଷୟରେ କାରଖାନାର କୌଣସି ଖାତା ବା ଦସ୍ତାବିଜରେ ଲେଖାଯାଏ ନାହିଁ । କିନ୍ତୁ ସମାଜର ସଦସ୍ୟମାନଙ୍କୁ ଲୁଗାସଫା କରିବାକୁ ତଥା ନିଜର ଔଷଧ ଉପରେ ଏହି ଧୂଆଁ ଯୋଗୁଁ ବଡ଼ଧରଣର ପରିବ୍ୟୟ ପରିଶୋଧ କରିବାକୁ ପଡିଥାଏ । ଏହି ପରିବ୍ୟୟଗୁଡିକ ସାମାଜିକ ପରିବ୍ୟୟ । ଅତଏବ ସାମାଜିକ ପରିବ୍ୟୟ କୌଣସି ଦ୍ରବ୍ୟର ଉତ୍ପାଦନର ଉକ୍ତ ପରିବ୍ୟୟ ଯାହା ସମଗ୍ର ସମାଜକୁ ଦହନ କରିବାକୁ ପଡେ ।

ମନେ ରଖ

- ପରିବ୍ୟୟକୁ ବ୍ୟକ୍ତିଗତ ଓ ସାର୍ବଜନୀକ ପରିବ୍ୟୟରେ ବିଭାଜିତ କରାଯାଏ ।
- ବ୍ୟକ୍ତିଗତ ପରିବ୍ୟୟ ଉତ୍ପାଦନକାରୀ ଫାର୍ମ ଦ୍ୱାରା ବହନ କରାଯାଉଥିବା ପରିବ୍ୟୟ
- ସାମାଜିକ ପରିବ୍ୟୟ ଉତ୍ପାଦନ ଯୋଗୁଁ ସମାଜ ଦ୍ୱାରା ବହନ କରାଯାଉଥିବା ପରିବ୍ୟୟ ।

17.3 ସ୍ଥିର ପରିବ୍ୟୟ ଓ ପରବର୍ତ୍ତୀ ପରିବ୍ୟୟ

(କ) ସ୍ଥିର ପରିବ୍ୟୟର ଧାରଣା :

ପୂର୍ବ ଭାଗରେ ଉତ୍ପାଦନ ପରିବ୍ୟୟର ବିଭିନ୍ନ ତତ୍ତ୍ୱ ବିଷୟରେ ପାଠ କଲେ। ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ଏହିସବୁ ତତ୍ତ୍ୱଗୁଡ଼ିକୁ ସ୍ଥିର ପରିବ୍ୟୟ ଓ ପରବର୍ତ୍ତୀ ପରିବ୍ୟୟରେ ପୁନଃ ଶ୍ରେଣୀଭୁକ୍ତ କରିପାରନ୍ତି । ସ୍ଥିର ପରିବ୍ୟୟ ଅତିରିକ୍ତ ପରିବ୍ୟୟ ମଧ୍ୟ କୁହାଯାଏ। ଯେଉଁ ପରିବ୍ୟୟ ପ୍ରତିଷ୍ଠାନର ଉତ୍ପାଦିତ ଦ୍ରବ୍ୟର ପରିମାଣରେ ହ୍ରାସ ବୃଦ୍ଧି ସତ୍ତ୍ୱେ ଅପରିବର୍ତ୍ତିତ ରହିଥାଏ, ତାହାକୁ ସ୍ଥିର ପରିବ୍ୟୟ କୁହାଯାଏ । ଉତ୍ପାଦନର ପରିମାଣ ବିଶାଳ ହେଉ ବା ଶୂନ୍ୟ ହେଉ ଏହି ପରିବ୍ୟୟର ଆକାର ସ୍ଥିର ରହିଥାଏ। ଉତ୍ପାଦନରେ ପରିବର୍ତ୍ତନ ହେଲେ ବି ଏଥିରେ ପରିବର୍ତ୍ତନ ହୋଇନଥାଏ। ଯନ୍ତ୍ରପାତି, କାରଖାନା ଗୃହ ପାଇଁ ହୋଇଥିବା ଖର୍ଚ୍ଚ, ସ୍ଥାୟୀ କର୍ମଚାରୀମାନଙ୍କ ଦରମା, ବୀମାଦେୟ, ବ୍ୟାଙ୍କ ଋଣର ସୁଧ ଇତ୍ୟାଦି ସ୍ଥିର ପରିବ୍ୟୟର ଉଦାହରଣ। କୌଣସି କାରଣରୁ କାରଖାନା ବନ୍ଦ ରହିଲେ ମଧ୍ୟ ଏହି ଖର୍ଚ୍ଚରେ କମ୍ ହୋଇପାରେ ନାହିଁ। ଭଡ଼ା ପରିଶୋଧ କରିବାକୁ ହିଁ ହେବ । ସ୍ଥାୟୀ କର୍ମଚାରୀମାନଙ୍କୁ ବେତନ ମିଳୁଥିବ । ସୁତରାଂ ଲାଗୁଥାଏ ଯେ କେତେକ ଅପରିହାର୍ଯ୍ୟ ପରିବ୍ୟୟ ହୋଇଥାଏ- ଏଗୁଡ଼ିକ ସ୍ଥିର ରହିଥାଏ। ପୁଞ୍ଜି ଉପରେ ସୁଧ, ସମ୍ପତ୍ତିକର ଇତ୍ୟାଦି। ସଂକ୍ଷେପରେ କହିଲେ ଉଦ୍ୟୋକ୍ତା ସ୍ୱଳ୍ପକାଳରେ ସ୍ଥିରସାଧନଗୁଡ଼ିକ ଉତ୍ପାଦନ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଯେଉଁ ବ୍ୟୟ ବହନ କରନ୍ତି ତାହାକୁ ସ୍ଥିର ପରିବ୍ୟୟ କୁହାଯାଏ। କେତେକ ତାହାକୁ 'ଉପରିବ୍ୟୟ' ମଧ୍ୟ କହିଥାନ୍ତି । କାରଣ ଉତ୍ପାଦିତ ଦ୍ରବ୍ୟର ସମସ୍ତ ଏକକ ପାଇଁ ମୋଟ ସ୍ଥିର ପରିବ୍ୟୟ ସମାନ ରହିଥାଏ।

(ଖ) ପରବର୍ତ୍ତୀ ପରିବ୍ୟୟର ଧାରଣା :

ଉତ୍ପାଦନର ପ୍ରତ୍ୟେକ ପରିବର୍ତ୍ତନ ସହିତ ବଦଳୁଥିବା ପରିବ୍ୟୟ । ଏହାର ଉଦାହରଣ ହେଉଛି, କଞ୍ଚାମାଲ, ଶ୍ରମିକଙ୍କ ମଜୁରୀ, ବିଜୁଳିର ଉପଭୋଗ ଆଦି ଉପରେ ବ୍ୟୟ । ଏହି ପରିବ୍ୟୟ ସେତେବେଳେ ବହନ କରାଯାଏ, ଯେତେବେଳେ ବାସ୍ତବରେ ଉତ୍ପାଦନ ହେଉଥାଏ। ଉତ୍ପାଦନ ବୃଦ୍ଧି ହେଲେ କଞ୍ଚାମାଲ, ଶ୍ରମ ଇତ୍ୟାଦି ଉପରେ ହେଉଥିବା ଖର୍ଚ୍ଚ ବୃଦ୍ଧି ହୋଇଥାଏ। ଉଦାହରଣ ସ୍ୱରୂପ କଲମ ନିର୍ମାତା କମ୍ପାନୀକୁ ଅଧିକ ସଂଖ୍ୟାରେ କଲମ ଉତ୍ପାଦନ କରିବାକୁ ପୂର୍ବ ଅପେକ୍ଷା ଅଧିକ କଞ୍ଚାମାଲ, ଶ୍ରମିକଙ୍କ ସଂଖ୍ୟା, ବିଜୁଳିଶକ୍ତି ଓ ଇନ୍ଧନ ଇତ୍ୟାଦି ଦରକାର ହୁଏ। ଯଦି ଉତ୍ପାଦନ କମ୍ କରାଯାଏ ତେବେ ଏହି ସାମଗ୍ରୀ ଉପରେ ଖର୍ଚ୍ଚ ମଧ୍ୟ କମ୍ ହୁଏ। ଉତ୍ପାଦନ ବନ୍ଦ କରିବା ସ୍ଥିତିରେ ଏହି ଉପାଦାନଗୁଡ଼ିକ ଉପରେ ହେଉଥିବା ଖର୍ଚ୍ଚ ମଧ୍ୟ ବନ୍ଦ ହୋଇଯିବ । ତେଣୁ ଶୂନ୍ୟ ଉତ୍ପାଦାନରେ ପରବର୍ତ୍ତୀ ପରିବ୍ୟୟ ମଧ୍ୟ ଶୂନ୍ୟ ହୋଇଥାଏ। ଯେତେବେଳେ ଉତ୍ପାଦନ ହେଉନଥାଏ କୌଣସି ନା କୌଣସି କାରଣରୁ ଏହି ପରିବ୍ୟୟରୁ ମୁକ୍ତି ମିଳିଥାଏ। ସେତେବେଳେ ଏହାକୁ ବହନ କରାଯାଇଥାଏ ଯେତେବେଳେ ଉତ୍ପାଦନ ବାସ୍ତବରେ ଆରମ୍ଭ ହୋଇଥାଏ। ଉତ୍ପାଦନ ସ୍ତର ସହିତ ଏହା ବୃଦ୍ଧି ପାଇଥାଏ। ଅତଏବ "ପରବର୍ତ୍ତୀ ପରିବ୍ୟୟ ହେଉଛି ଯେଉଁ ପରିବ୍ୟୟ

ଉତ୍ପାଦନର ସ୍ତର ସହିତ ପ୍ରତ୍ୟକ୍ଷ ଭାବେ ପରିବର୍ତ୍ତିତ ହୋଇଥାଏ।"

(ଗ) ଏକ ଉଦାହରଣ

ଏକ ତାଲିକାବଦ୍ଧ ଉଦାହରଣ ସହାୟତାରେ ସ୍ଥିର ଓ ପରବର୍ତ୍ତୀ ପରିବ୍ୟୟ ମଧ୍ୟରେ ପ୍ରଭେଦ ସଠିକ୍ ରୂପେ ବୁଝାଇ ଦିଆଯାଇପାରେ । ଜଣେ କଲମ ନିର୍ମାତା ଫାର୍ମଙ୍କର ଉତ୍ପାଦନ ପରିବ୍ୟୟ ତାଲିକା 17.1 ରେ ଦିଆଯାଇଛି। ଆପଣ ଦେଖି ପାରୁଥିବେ ଯେ ସ୍ଥିର ପରିବ୍ୟୟ, ଅପରିବର୍ତ୍ତିତ ରହିଥାଏ କିନ୍ତୁ ଉତ୍ପାଦନର ପ୍ରତ୍ୟେକ ବୃଦ୍ଧି ସହିତ ପରବର୍ତ୍ତୀ ପରିବ୍ୟୟରେ ବୃଦ୍ଧି ହେଉଥାଏ। ଏହି ତାଲିକାରେ ସ୍ଥିର ପରିବ୍ୟୟର ସ୍ତର ୬୦ ଟଙ୍କା ଅଛି। ଏହା ପ୍ରତ୍ୟେକ ଉତ୍ପାଦନ ସ୍ତରରେ ହିଁ ସ୍ଥିର ରହିଥାଏ। ୧୦୦ଟି କଲମର ଉତ୍ପାଦନ କରିବା ପାଇଁ ପରବର୍ତ୍ତୀ ପରିବ୍ୟୟ ୬୦ ଟଙ୍କା ହେଲେ ୨୦୦ଟି କଲମ ଉତ୍ପାଦନରେ ପରବର୍ତ୍ତୀ ପରିବ୍ୟୟ ୧୦ ଟଙ୍କା ହୋଇଯାଏ। ୩୦୦ର ଉତ୍ପାଦନ ଉପରେ ଏହି ପରିବ୍ୟୟ ୧୫୦ ଟଙ୍କା ଲାଗିଥାଏ।

ତାଲିକା 17.1 ଫାର୍ମର ପରିବ୍ୟୟ ଅନୁସୂଚୀ

କଲମ ସଂଖ୍ୟା (ରେ) (1ଏକକ= 100) କଲମ	ମୋଟ ସ୍ଥିର ପରିବ୍ୟୟ (ଟ.ରେ)	ମୋଟ ପରବର୍ତ୍ତୀ ପରିବାର (ଟ.ରେ)
0	60	0
1	60	60
2	60	100
3	60	150
4	60	260
5	60	390

ମନେରଖ :

- ପରିବ୍ୟୟକୁ ସ୍ଥିର ପରିବ୍ୟୟ ଓ ପରବର୍ତ୍ତୀ ପରିବ୍ୟୟରେ ବିଭକ୍ତ କରାଯାଏ ।
- ସ୍ଥିର ପରିବ୍ୟୟ ଉପରେ ଉତ୍ପାଦନର ସ୍ତର କୌଣସି ପ୍ରଭାବ ପକାଇପାରେ ନାହିଁ।
- ପରିବର୍ତ୍ତୀ ପରିବ୍ୟୟ, ଉତ୍ପାଦନର ପ୍ରତ୍ୟେକ ପରିବର୍ତ୍ତନ ସହିତ ପରିବର୍ତ୍ତନ ହୁଏ ।

ପାଠ୍ୟଗତ ପ୍ରଶ୍ନ 17.2

ନିମ୍ନ ଉକ୍ତିଗୁଡ଼ିକୁ ଠିକ୍ /ଭୁଲ କୁହ ।

(i) ଉତ୍ପାଦିତ ପରିମାଣରେ ବୃଦ୍ଧି ସହିତ ସ୍ଥିର ପରିବ୍ୟୟରେ ବୃଦ୍ଧି ହୋଇଥାଏ।

(ii) ଉତ୍ପାଦନ ଶୂନ୍ୟ ହେଲେ କୌଣସି ପରିବର୍ତ୍ତୀ ପରିବ୍ୟୟ ନଥାଏ ।

(iii) ଚୌକିଦାର ଓ ସମ୍ପତ୍ତିକର ପାଇଁ ଖର୍ଚ୍ଚ ସ୍ଥିର ପରିବ୍ୟୟ ।

(iv) ଉତ୍ପାଦନରେ ପ୍ରତ୍ୟେକ ବୃଦ୍ଧି ସହିତ ପରିବର୍ତ୍ତୀ ପରିବ୍ୟୟରେ ପରିବର୍ତ୍ତନ ହୋଇଥାଏ

(v) ଶ୍ରମ ଉପରେ ଲାଗୁଥିବା ସମସ୍ତ ପରିବ୍ୟୟ ପରବର୍ତ୍ତୀ ହୋଇଥାଏ ।

17.4 ମୋଟ ପରିବ୍ୟୟ

ଏକ ନିର୍ଦ୍ଦିଷ୍ଟ ପରିମାଣରେ ଉତ୍ପାଦନର ମୋଟ ପରିବ୍ୟୟ ତାଉପରେ ଲାଗିଥିବା ପ୍ରତ୍ୟକ୍ଷ, ନିହିତ / ଲୁକ୍କାୟିତ ପରିବ୍ୟୟ ତଥା ସାଧାରଣ ଲାଭର ସମଷ୍ଟି ହୋଇଥାଏ। ପୂର୍ବ ଭାଗରେ ଉତ୍ପାଦନ ପରିବ୍ୟୟକୁ ପ୍ରତ୍ୟକ୍ଷ ଓ ନିହିତ ପରିବ୍ୟୟରେ ବିଭକ୍ତ କରାଯାଇଛି। ଉଭୟ ପରିବ୍ୟୟ ସମଷ୍ଟିର ମୋଟ ପରିବ୍ୟୟ ଗଠନ କରନ୍ତି।

ଅର୍ଥାତ୍, TC= TFC + TVC

ଏଠାରେ TC ମୋଟ ପରିବ୍ୟୟ, TFC ମୋଟ ସ୍ଥିର ପରିବ୍ୟୟ ଓ TVC ମୋଟ ପରବର୍ତ୍ତୀ ପରିବ୍ୟୟ । ଯେତେବେଳେ ଏକ ଉତ୍ପାଦନ ଏକକର ସ୍ଥାପନା ହୁଏ ମାତ୍ର ଉତ୍ପାଦନ ଆରମ୍ଭ ହୋଇନଥାଏ ସେତେବେଳେ ମୋଟ ପରିବ୍ୟୟ, ମୋଟ ସ୍ଥିର ପରିବ୍ୟୟ ସଙ୍ଗେ ସମାନ ହୁଏ । ଯେପରି ଉତ୍ପାଦନ ଆରମ୍ଭ ହୋଇଯାଏ ପରିବର୍ତ୍ତୀ ପରିବ୍ୟୟ ଲାଗିବାକୁ ଆରମ୍ଭ ହୁଏ ସେତେବେଳେ ବର୍ତ୍ତମାନ ମୋଟ ପରିବ୍ୟୟରେ ପରିବର୍ତ୍ତନ ଘଟେ। ଏହା ଉତ୍ପାଦନର ପରିମାଣ ସହିତ ବୃଦ୍ଧି ପାଇବାକୁ ଲାଗେ । ମୋଟ (ଉତ୍ପାଦନ) ପରିବ୍ୟୟରେ ପରିବର୍ତ୍ତନ ମୋଟ ପରିବର୍ତ୍ତୀ ପରିବ୍ୟୟର ପରିବର୍ତ୍ତନ ସହିତ ସମାନ ହୁଏ କାରଣ ଉତ୍ପାଦନର ସମସ୍ତ ସ୍ତରରେ ସ୍ଥିର ପରିବ୍ୟୟ ସ୍ଥିର ରହିଥାଏ। ଅତଏବ ସମଗ୍ର ପରିବର୍ତ୍ତନ କେବଳ ପରିବର୍ତ୍ତୀ ପରିବ୍ୟୟରେ ଆସୁଥିବା ପରିବର୍ତ୍ତନର ପରିଣାମ। ଉଦାହରଣ ଦ୍ୱାରା ମୋଟ ପରିବ୍ୟୟର ଆକଳନ ଅଧିକ ସ୍ପଷ୍ଟ ହୋଇପାରିବ ।

ତାଲିକା 17.2 ଏକ କଲମ ଉତ୍ପାଦକଙ୍କ ପରିବ୍ୟୟ ତାଲିକା

କଲମ ସଂଖ୍ୟା (ଏକକରେ) (1ଏକକ= 100) କଲମ	TFC (ଟ.ରେ)	TVC (ଟ.ରେ)	TC (TFC + TVC) (ଟ.ରେ)
0	60	0	60
1	60	60	120
2	60	100	160
3	60	150	210
4	60	260	320
5	60	390	450

ମୋଟ 17.2 ଦର୍ଶାଉଅଛି ଯେ TFC, 60 ଟଙ୍କା ଏବଂ ପ୍ରତ୍ୟେକ ଉତ୍ପାଦନ ସ୍ତରରେ ଏହାର ମାନ ଅପରିବର୍ତ୍ତିତ ରହିଛି । ଏକ ଏକକ ଉତ୍ପାଦନର TVC ୬୦ ଟଙ୍କା ଏହା ଦୁଇ ଏକକ ଉତ୍ପାଦନ ଉପରେ ୧୦୦ ଟଙ୍କା ଓ ତିନି ଏକକ ଉପରେ ୧୫୦ ଟଙ୍କା ହେଉଛି ଏବଂ ଏହା ଏହିପରି ଭାବରେ ବୃଦ୍ଧି ହୋଇଚାଲିଛି । ମୋଟ ପରିବ୍ୟୟ TFC ଓ TVCର ଯୋଗଫଳ । ଅତଏବ ପ୍ରତ୍ୟେକ ଉତ୍ପାଦନ ସ୍ତରରେ ଏହାର ଉପଯୁକ୍ତ ପରିମାଣର ଯୋଗ କରି ମୋଟ ପରିବ୍ୟୟ ଜାଣିପାରିବା । ଉଦାହରଣ ସ୍ୱରୂପ, ଏକ ଏକକର ମୋଟ ପରିବ୍ୟୟ ୧୨୦ ଟଙ୍କା [=60+60] ଏବଂ ଯେତେବେଳେ ଏହା ଦୁଇ ଏକକ ଉତ୍ପାଦନ ହୁଏ ତେବେ ମୋଟ ପରିବ୍ୟୟ 160 ଟଙ୍କା [=100+60] ଟଙ୍କା] ହେଉଅଛି । ସୁତରାଂ ଆମେ ମଧ୍ୟ ସ୍ପଷ୍ଟ ରୂପେ ଦେଖିପାରୁଛନ୍ତି ଯେ ମୋଟ ପରିବ୍ୟୟରେ ଉତ୍ପାଦନର ସ୍ତରର ଅନୁରୂପ ପ୍ରତ୍ୟକ୍ଷ ବୃଦ୍ଧି ଘଟୁଛି ।

ମନେ ରଖ :

- ମୋଟ ପରିବ୍ୟୟ ମୋଟ ସ୍ଥିର ପରିବ୍ୟୟ ଓ ମୋଟ ପରିବର୍ତ୍ତୀ ପରିବ୍ୟୟର ସମଷ୍ଟି ।
- ମୋଟ ପରିବ୍ୟୟରେ ଉତ୍ପାଦନର ସ୍ତର ସହିତ ପରିବର୍ତ୍ତନ ଆସେ ।
- ମୋଟ ପରିବ୍ୟୟରେ ପରିବର୍ତ୍ତନ ପରିବର୍ତ୍ତୀ ପରିବ୍ୟୟର ପରିବର୍ତ୍ତନ କାରଣରୁ ହିଁ ହୋଇଥାଏ ।

ପାଠଗତ ପ୍ରଶ୍ନ 17.3

ବନ୍ଧନୀରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(i) ଉତ୍ପାଦନ ପରିବର୍ତ୍ତନ ଉପରେ ମୋଟ ପରିବ୍ୟୟରେ ପରିବର୍ତ୍ତନ...............ରେ ପରିବର୍ତ୍ତନର କାରଣରୁ ହୋଇଥାଏ । (ସ୍ଥିର ପରିବ୍ୟୟ, ପରିବର୍ତ୍ତୀ ପରିବ୍ୟୟ)

(ii) ମୋଟ ପରିବ୍ୟୟ ଜାଣିବାକୁ ଆମକୁ ମୋଟ ସ୍ଥିର ପରିବ୍ୟୟ ଓ ମୋଟ ପରିବର୍ତ୍ତୀ ପରିବ୍ୟୟକୁ .... କହିବାକୁ ପଡିଥାଏ (ଯୋଗ, ବିଯୋଗ)

(iii) ଉତ୍ପାଦନ ଶୂନ୍ୟ ହେବାରୁ ମୋଟ ପରିବ୍ୟୟ.............. ହୋଇଥାଏ (ଶୂନ୍ୟ, ଶୂନ୍ୟନୁହେଁ ।

(iv) ଉତ୍ପାଦନ ଶୂନ୍ୟ ହେଲେ ମୋଟ ପରିବ୍ୟୟ .... ସହିତ ସମାନ ହୁଏ । (ସ୍ଥିର ପରିବ୍ୟୟ, ପରିବର୍ତ୍ତୀ ପରିବ୍ୟୟ)

17.5 ହାରାହାରି ପରିବ୍ୟୟ

ଏହି ଅନୁଚ୍ଛେଦ (ଭାଗ)ରେ ଆମେ ହାରାହାରି ସ୍ଥିର ପରିବ୍ୟୟ (AFC), ହାରାହାରି ପରିବର୍ତ୍ତୀ ପରିବ୍ୟୟ (AVC) ଏବଂ ହାରାହାରି ମୋଟ ପରିବ୍ୟୟ (ATC)ର ଧାରଣା ବିଷୟରେ

ବୁଝିବା । ଏହି ପରିବ୍ୟୟର ଗଣନାକୁ ପ୍ରଦର୍ଶିତ କରିବା ପାଇଁ ନିମ୍ନ ଅନୁସୂଚୀ ତିଆରି କରିବା ।

ତାଲିକା 17.3 କଲମ ନିର୍ମାତାଙ୍କ ପରିବ୍ୟୟ ତାଲିକା

କଲମ ଉତ୍ପାଦନ 1ଏକକ=100 କଲମ	TFC (ଟ.ରେ)	TVC (ଟ.ରେ)	TC (TFC + TVC) (ଟ.ରେ)	AFC (ଟ.ରେ)	AVC (ଟ.ରେ)	ATC (ଟ.ରେ)
0	60	0	60	-	-	-
1	60	60	120	60	60	120
2	60	100	160	30	50	80
3	0	150	210	20	50	70
4	60	260	320	15	65	80
5	60	390	450	12	78	90

(କ) ହାରାହାରି ସ୍ଥିର ପରିବ୍ୟୟ AFC

ହାରାହାରି ସ୍ଥିର ପରିବ୍ୟୟ ମୋଟ ସ୍ଥିର ପରିବ୍ୟୟକୁ ଉତ୍ପାଦିତ ଏକକ ଦ୍ୱାରା ବିଭକ୍ତ କରି ଜାଣିହେବ । ଅର୍ଥାତ୍,

$$AFC = \frac{TFC}{\text{ଉତ୍ପାଦିତ ଏକକ ସଂଖ୍ୟା}}$$

ଏହିପରି ହାରାହାରି ସ୍ଥିର ପରିବ୍ୟୟ କୌଣସି ଦ୍ରବ୍ୟର ଉତ୍ପାଦନର ପ୍ରତି ଏକକ ସ୍ଥିର ପରିବ୍ୟୟ ଅଟେ ।

ସ୍ଥିର ପରିବ୍ୟୟ ଉତ୍ପାଦନର ପରିଣାମ ଦ୍ୱାରା ପ୍ରଭାବିତ ହୁଏ ନାହିଁ । ଅତଏବ ଉତ୍ପାଦନ ବୃଦ୍ଧି ହେଲେ ଏହାର ଅଧିକ ଏକକ ଦ୍ୱାରା ବିଭାଜିତ ହୋଇଥାଏ । ଏହି କାରଣରୁ ଉତ୍ପାଦନରେ ବୃଦ୍ଧି ଯୋଗୁଁ ହାରାହାରି ସ୍ଥିର ପରିବ୍ୟୟରେ ସର୍ବଦା କମ୍ ଆସିଥାଏ । ଉଦାହରଣ ସ୍ୱରୂପ, କଲମ ନିର୍ମାତାଙ୍କର ସ୍ଥିର ପରିବ୍ୟୟ ଏକ ଏକକର ଉତ୍ପାଦନ ଉପରେ ୬୦ ଟଙ୍କା ଥିଲା । ତେଣୁ AFC= 60 ଟଙ୍କା (60÷I) କିନ୍ତୁ ଉତ୍ପାଦନର ୨ ଏକକ କଲମ ଉପରେ ଏହି AFC ହ୍ରାସ ହୋଇ 60 ÷2=30 ଟଙ୍କା ହିଁ ହେବ । ଯଦି ସେ ୩ ଏକକର ଉତ୍ପାଦନ କରନ୍ତି ତେବେ ଏହା ୨୦ ଟଙ୍କା (60÷3) ହେବ । ଅତଏବ ଉତ୍ପାଦନ ଯେତେ ଅଧିକ ହେବ ହାରାହାରି ସ୍ଥିର

ପରିବ୍ୟୟ ସେତେ ହିଁ କମ୍ ହେବ ।

(ଖ) ହାରାହାରି ପରିବର୍ତ୍ତୀ ପରିବ୍ୟୟ (AVC)

ମୋଟ ପରିବର୍ତ୍ତୀ ପରିବ୍ୟୟକୁ ଉତ୍ପାଦନର ଏକକ ଦ୍ୱାରା ବିଭକ୍ତ କଲେ ହାରାହାରି ପରିବର୍ତ୍ତୀ ପରିବ୍ୟୟ ଜାଣି ହେବ ।

$$AVC = \frac{TVC}{\text{ଉତ୍ପାଦନର ଏକକ ସଂଖ୍ୟା}}$$

ଅତଏବ ହାରାହାରି ପରିବର୍ତ୍ତୀ ପରିବ୍ୟୟ ଦ୍ରବ୍ୟର ଉତ୍ପାଦନର ପ୍ରତି ଏକକ ପରିବର୍ତ୍ତୀ ପରିବ୍ୟୟ ଅଟେ ।

ଉପରୋକ୍ତ ଉଦାହରଣରେ ଏକ ଏକକର ପରିବର୍ତ୍ତୀ ପରିବ୍ୟୟ ୬୦ ଟଙ୍କା । ଅତଏବ $AVC = 60 \div 1 = 60$ ଟଙ୍କା । ଦୁଇ ଏକକର ପରିବର୍ତ୍ତୀ ପରିବ୍ୟୟ ୧୦୦ ଟଙ୍କା । ତେଣୁ $AVC = 100 \div 2 = 50$ ଟଙ୍କା ଇତ୍ୟାଦି ।

(ଗ) ହାରାହାରି ମୋଟ ପରିବ୍ୟୟ (ATC) :

ମୋଟ ପରିବ୍ୟୟ (TC)କୁ ଉତ୍ପାଦିତ ଏକକ ଦ୍ୱାରା ଭାଗ କଲେ ATC ଜାଣିହେବ ।

$$ATC = \frac{TC}{\text{ଉତ୍ପାଦିତ ଏକକ ସଂଖ୍ୟା}}$$

ଅତଏବ ହାରାହାରି ମୋଟ ପରିବ୍ୟୟ ଉତ୍ପାଦନର ପ୍ରତି ଏକକ ମୋଟ ପରିବ୍ୟୟ ଅଟେ । ଆମ ଉଦାହରଣରେ ଏକ ଏକକ କଲମ ଉତ୍ପାଦନରେ ମୋଟ ପରିବ୍ୟୟ ୧୨୦ ଟଙ୍କା । ତେଣୁ ହାରାହାରି ମୋଟ ପରିବ୍ୟୟ ୧୨୦÷୧=୧୨୦ଟଙ୍କା । ଦୁଇ ଏକକର ମୋଟ ପରିବ୍ୟୟ ୧୬୦ ଟଙ୍କା, ସୁତରାଂ $ATC = 160 \div 2 = 80$ ଟଙ୍କା ।

ଆଉ ଏକ ବିଷୟ ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ : ମୋଟ ପରିବ୍ୟୟ ସ୍ଥିର ପରିବ୍ୟୟ ତଥା ପରିବର୍ତ୍ତୀ ପରିବ୍ୟୟର ସମଷ୍ଟି । ତେଣୁ ATC ମଧ୍ୟ AVC ଓ AFCର ଯୋଗଫଳ ହେବ । ଅର୍ଥାତ୍

$$ATC = AFC + AVC$$

ଉପରୋକ୍ତ ତାଲିକାକୁ ପ୍ରୟୋଗ କରି ଆପଣ ଏହି ପ୍ରକାର ATCର ଆକଳନ କରିପାରିବେ ।

ମନେରଖ :

* ହାରାହାରି ପରିବ୍ୟୟର ଆକଳନ ମୋଟ ପରିବ୍ୟୟକୁ ଉତ୍ପାଦିତ ଏକକ ଦ୍ୱାରା ବିଭାଜନ ଦ୍ୱାରା କରାଯାଏ ।
* ହାରାହାରି ସ୍ଥିର ପରିବ୍ୟୟ ମୋଟ ସ୍ଥିର ପରିବ୍ୟୟ ଓ ଉତ୍ପାଦନର ପରିମାଣ (ଏକକ)ର ଭାଗଫଳ ସହିତ ସମାନ ।
* ହାରାହାରି ପରିବର୍ତ୍ତୀ ପରିବ୍ୟୟ ମୋଟ ପରିବର୍ତ୍ତୀ ପରିବ୍ୟୟ ଏବଂ ଉତ୍ପାଦିତ ପରିମାଣର ଭାଗଫଳ ।
* ହାରାହାରି ସ୍ଥିର ପରିବ୍ୟୟ ଏବଂ ହାରାହାରି ପରିବର୍ତ୍ତୀ ପରିବ୍ୟୟର ଯୋଗଫଳ ହାରାହାରି ମୋଟ ପରିବ୍ୟୟ ଅଟେ ।

17.4 ପାଠଗତ ପ୍ରଶ୍ନ

ବନ୍ଧନୀରୁ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(i) ହାରାହାରି ପରିବ୍ୟୟ .... ଅଟେ (ପ୍ରତି ଏକକ ପରିବ୍ୟୟ, ଅତିରିକ୍ତ ଏକକର ପରିବ୍ୟୟ)

(ii) ମୋଟ ପରିବ୍ୟୟ ଜାଣିବାକୁ ଆମକୁ ହାରାହାରି ପରିବ୍ୟୟକୁ ଉତ୍ପାଦନର ପରିମାଣ ଦ୍ୱାରା .... କରିବାକୁ ହେବ । (ଭାଗ, ଗୁଣନ)

(iii) ଉତ୍ପାଦନରେ ବୃଦ୍ଧି ହେଲେ ହାରାହାରି ସ୍ଥିର ପରିବ୍ୟୟରେ .... ହୁଏ । (ହ୍ରାସ, ବୃଦ୍ଧି)

(iv) ହାରାହାରି ମୋଟ ପରିବ୍ୟୟ............. ଓ ....ର ଯୋଗଫଳ (ହାରାହାରି ସ୍ଥିର ପରିବ୍ୟୟ, ହାରାହାରି ପରିବର୍ତ୍ତୀ ପରିବ୍ୟୟ, ପରିବର୍ତ୍ତୀ ପରିବ୍ୟୟ, ସ୍ଥିର ପରିବ୍ୟୟ)

17.6 ସୀମାନ୍ତ ପରିବ୍ୟୟ

ସୀମାନ୍ତ ପରିବ୍ୟୟର ଧାରଣାର ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ଅତ୍ୟଧିକ ମହତ୍ତ୍ୱପୂର୍ଣ୍ଣ । ଲାଭ ଅଧିକତମକରଣ ବିଷୟ ଉପରେ ୧୯ ଅଧ୍ୟାୟରେ ପହଞ୍ଚି ଆପଣ ଏହି ମହତ୍ତ୍ୱକୁ ଅଧିକ ଭଲ ଭାବରେ ବୁଝିପାରିବେ । ସୀମାନ୍ତର ଅର୍ଥ ବା ଉଦ୍ଦେଶ୍ୟ ଏଠାରେ "ଅତିରିକ୍ତ" ସୀମାନ୍ତ ପରିବ୍ୟୟ । ସୀମାନ୍ତ ପରିବ୍ୟୟ ଏହି ଦୃଷ୍ଟିରୁ ଅତିରିକ୍ତ ପରିବ୍ୟୟ ହୋଇଯାଏ । ଆଗାମୀ ଅଧ୍ୟାୟରୁ ଏହା ସହିତ ସମାନ ବିଷୟ ସୀମାନ୍ତ ଆଗମର ଧାରଣା ସହିତ ପରିଚିତ ହେବେ । ତାହା ମଧ୍ୟ ଅତିରିକ୍ତ ଆଗମ ହୋଇଥାଏ । ଉତ୍ପାଦନର ସୀମାନ୍ତ ପରିବ୍ୟୟ ଏକ ଅତିରିକ୍ତ ଏକକ ଉତ୍ପାଦନ କରାଗଲେ ମୋଟ ପରିବ୍ୟୟରେ ବୃଦ୍ଧି ହୋଇଥାଏ । ନିମ୍ନ ତାଲିକା ଏହାର ଗଣନାବିଧି ଦର୍ଶାଉଅଛି ।

ତାଲିକା 17.4

କଲମ ସଂଖ୍ୟା ଏକକ (1ଏକକ= 100) କଲମ	ମୋଟ ଉତ୍ପାଦନ (ଟ.ରେ)	ସୀମାନ୍ତ ପରିବ୍ୟୟ (ଟ.ରେ)
0	60	-
1	120	60
2	160	40
3	210	50
4	320	110
5	450	130

ଉତ୍ପାଦନ ଶୂନ୍ୟ ବେଳେ ମୋଟ ପରିବ୍ୟୟ (ସ୍ଥିର ପରିବ୍ୟୟ) ୬୦ ଟଙ୍କା । ଏକ ଏକକ ଉତ୍ପାଦନ ଉପରେ ପରିବ୍ୟୟ ୧୨୦ ଟଙ୍କା ହୋଇଯାଏ। ଅତଏବ ଏକ ଏକକ ଉତ୍ପାଦନର ସୀମାନ୍ତ ପରିବ୍ୟୟ, ୧୨୦-୬୦=୬୦ ଟଙ୍କା। ଦୁଇ ଏକକ ଉତ୍ପାଦନ ଉପରେ ମୋଟ ପରିବ୍ୟୟ ୧୬୦ ଟଙ୍କା। ତେଣୁ ଏଠାରେ ସୀମାନ୍ତ ପରିବ୍ୟୟ, ୧୬୦-୧୨୦=୪୦ ଟଙ୍କା। ଏହା ୨ ଏକକର ପରିବ୍ୟୟର ଏକ ଏକକ ପରିବ୍ୟୟ ବିୟୋଗକରି ମିଳିଅଛି । ଏକ ଏକକର ସୀମାନ୍ତ ପରିବ୍ୟୟ ଗଣନା ଏକ ଏକକର ମୋଟ ପରିବ୍ୟୟରୁ ଶୂନ୍ୟ ଉତ୍ପାଦନରେ ମୋଟ ପରିବ୍ୟୟକୁ ବିୟୋଗ କରାଗଲା।

ବିକଳ୍ପ ଭାବରେ ଆମେ MCକୁ ଶେଷ ଏକକର ଉତ୍ପାଦନ ପରିବ୍ୟୟ ମଧ୍ୟ କହିପାରିବା, ଉଦାହରଣ ସ୍ୱରୂପ ତିନୋଟି ଏକକର ଉତ୍ପାଦନରେ ତୃତୀୟ ଏକକ ହିଁ ଅନ୍ତିମ ଏକକ। ପ୍ରଥମ ଦୁଇ ଏକକ ଉତ୍ପାଦନର ପରିବ୍ୟୟ ୧୬୦ ଟଙ୍କା ଓ ୩ୟ ଏକକର ପରିବ୍ୟୟ ୨୧୦ ଟଙ୍କା । ଅତଏବ ତୃତୀୟ ଏକକର ପରିବ୍ୟୟ, ୨୧୦-୧୬୦=୫୦ ଟଙ୍କା।

ଏଠାରେ ଏକ ବିଷୟ ଉପରେ ଧ୍ୟାନ ଦେବା ଯେ ସୀମାନ୍ତ ପରିବ୍ୟୟ କେବଳ ପରିବର୍ତ୍ତୀ ପରିବ୍ୟୟ ଉପରେ ନିର୍ଭର କରେ, ସ୍ଥିର ପରିବ୍ୟୟ ପ୍ରଭାବିତ ହୁଏ ନାହିଁ କାରଣ ସ୍ଥିର ପରିବ୍ୟୟରେ କୌଣସି ପରିବର୍ତ୍ତନ ହୁଏ ନାହିଁ। ଉତ୍ପାଦନ ବୃଦ୍ଧିରେ ମୋଟ ପରିବ୍ୟୟରେ ବୃଦ୍ଧି କେବଳ ପରିବର୍ତ୍ତୀ ପରିବ୍ୟୟରେ ବୃଦ୍ଧି ଯୋଗୁଁ ହିଁ ହୋଇଥାଏ। ଅତଏବ ଯଦି ଆଗକୁ କେବଳ ପରିବର୍ତ୍ତୀ ପରିବ୍ୟୟ ଜଣାଥିବ ତେବେ ମଧ୍ୟ ଆମେ ସୀମାନ୍ତ ପରିବ୍ୟୟର ଆକଳନ କରିପାରିବା।

ଆମେ ସୀମାନ୍ତ ପରିବ୍ୟୟର ଆକଳନ TCରୁ ହେଉ ବା TVCରୁ ହେଉ, ଉଭୟରେ ଏକ ପ୍ରକାର ଉତ୍ତର ମିଳିବ। ତାଲିକା 17.5ରେ ଆପଣ ଏହି ଉକ୍ତିର ସତ୍ୟତାକୁ ପରୀକ୍ଷା କରିପାରିବେ ।

ତାଲିକା 17.5

କଲମ ଉତ୍ପାଦନ 1ଏକକ=100 କଲମ	ମୋଟ ଉତ୍ପାଦନ (ଟଙ୍କାରେ)	TFC (ଟଙ୍କାରେ)	TVC (ଟଙ୍କାରେ)	MC (ଟଙ୍କାରେ)
0	60	60	0	-
1	120	60	60	60
2	160	60	100	40
3	210	60	150	50
4	320	60	260	110
5	450	60	390	130

ମନେରଖ :

- ଉତ୍ପାଦନର ସୀମାନ୍ତ ପରିବ୍ୟୟ ଏହାର ଅନ୍ତିମ ଏକକ ଉପରେ ଆସୁଥିବା ପରିବ୍ୟୟ ।
- ସୀମାନ୍ତ ପରିବ୍ୟୟ ଅନ୍ତିମ ଏକକର ଉତ୍ପାଦନର ଅତିରିକ୍ତ ପରିବର୍ତ୍ତୀ ପରିବ୍ୟୟ ସହିତ ସମାନ ହେଇଥାଏ ।
- କୌଣସି ଉତ୍ପାଦନ ସ୍ତର ବିଶେଷର ସୀମାନ୍ତ ପରିବ୍ୟୟ ସେହି ସ୍ତରର ମୋଟ ପରିବ୍ୟୟ ଏବଂ ତାର ପୂର୍ବର ମୋଟ ପରିବ୍ୟୟର ଅନ୍ତର ଫଳ ।

17.5 ପାଠ୍ୟଗତ ପ୍ରଶ୍ନ

ଶୂନ୍ୟସ୍ଥାନ ପୂରଣ କର।

(i) ସୀମାନ୍ତ ପରିବ୍ୟୟ ଏକ ଅତିରିକ୍ତ ଏକକର ଉତ୍ପାଦନର............ ପରିବ୍ୟୟ।

(ii) ସୀମାନ୍ତ ପରିବ୍ୟୟ ପ୍ରତି ଏକକ ଉତ୍ପାଦନର ମୋଟ ପରିବ୍ୟୟ ବା ....ରେ ପରିବର୍ତ୍ତନ ।

(iii) ଉତ୍ପାଦନ ୩ରୁ ୪ ଏକକ ଏବଂ TC= 19.60 ଟଙ୍କାରୁ ବୃଦ୍ଧି ହୋଇ 24.50 ଟଙ୍କା ହୋଇଯାଏ। ଏଠାରେ MC= ....

ପରିଭାଷା :

ପ୍ରତ୍ୟକ୍ଷ ପରିବ୍ୟୟ	: ଉତ୍ପାଦନ ନିମିତ୍ତ ବିଭିନ୍ନ ସାଧନ/ ଆଗତଗୁଡ଼ିକ ଉପରେ ହେଉଥିବା ଖର୍ଚ୍ଚ ।
ନିହିତ ପରିବ୍ୟୟ	: ସ୍ୱଂୟ ସୁଲଭ ଅର୍ଥାତ ସ୍ୱାଧିକାରଭୁକ୍ତ ଓ ସ୍ୱ ନିୟୋଜିତ ସାଧନ ଗୁଡ଼ିକର ପ୍ରୟୋଗ ହେତୁ ପ୍ରତିଫଳ ।
ସ୍ଥିର ପରିବ୍ୟୟ	: ଏହି ପରିବ୍ୟୟ ଉତ୍ପାଦନ ସ୍ତର ସତ୍ତ୍ୱେ ଅପରିବର୍ତ୍ତିତ ଥାଏ ।
ପରିବର୍ତ୍ତୀ ପରିବ୍ୟୟ	: ଏହି ପରିବ୍ୟୟ ଉତ୍ପାଦନ ସ୍ତର ସହିତ ପରିବର୍ତ୍ତନ ହେଉଥାଏ ।
ମୋଟ ପରିବ୍ୟୟ	: ମୋଟ ସ୍ଥିର ପରିବ୍ୟୟ ଓ ମୋଟ ପରିବର୍ତ୍ତୀ ପରିବ୍ୟୟର ସମଷ୍ଟି ।
ସୀମାନ୍ତ ପରିବ୍ୟୟ	: ଏକ ଅତିରିକ୍ତ ଏକକ ଉତ୍ପାଦନ ଉପରେ ଆସୁଥିବା ଅତିରିକ୍ତ ପରିବ୍ୟୟ ।
ହାରାହାରି ପରିବ୍ୟୟ	: ପ୍ରତି ଏକକ ଉତ୍ପାଦନ ପରିବ୍ୟୟ ।
ହାରାହାରି ସ୍ଥିର ପରିବ୍ୟୟ	: ପ୍ରତି ଏକକ ଉତ୍ପାଦନର ସ୍ଥିର ପରିବ୍ୟୟ ।
ସାଧାରଣ ଲାଭ	: ଦ୍ରବ୍ୟ ଉତ୍ପାଦନ କରିବାରେ ନ୍ୟୁନତମ ଲାଭର ଆଶା ।

ଆପଣ କ'ଣ ଶିକ୍ଷା କଲେ

- ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ପରିବ୍ୟୟକୁ (କ) ପ୍ରତ୍ୟକ୍ଷ ପରିବ୍ୟୟ (ଖ) ନିହିତ ପରିବ୍ୟୟ ଓ (ଗ) ସାଧାରଣ ଲାଭର ସମଷ୍ଟି ରୂପେ ଗଣନା କରାଯାଏ । ଏହା ବ୍ୟବସାୟରେ ପ୍ରୟୋଗ କରାଯାଉଥିବା ପରିବ୍ୟୟ ଠାରୁ ଭିନ୍ନ ଯେଉଁଥିରେ କେବଳ ପ୍ରତ୍ୟକ୍ଷ ପରିବ୍ୟୟ ହିଁ ଯୋଗ ହୁଏ ।

- ପ୍ରତ୍ୟକ୍ଷ ପରିବ୍ୟୟ ବଜାରରୁ ମିଳିଥିବା ଆଗତର ପରିବ୍ୟୟ । ଏହାକୁ ମୌଦ୍ରିକ ପରିବ୍ୟୟ କହନ୍ତି ।

- ନିହିତ ପରିବ୍ୟୟ ଉତ୍ପାଦକ ଦ୍ୱାରା ସ୍ୱୟଂ ସୁଲଭ ହୋଇପାରୁଥିବା ସାଧନର ପ୍ରତିଫଳ । ଏହା ଏହି ଆଗର ଅବସର ପରିବ୍ୟୟ ସହିତ ସମାନ ।

- ସାଧାରଣ ଲାଭ ଉଦ୍ୟୋଗିଙ୍କର ଉକ୍ତି ନିମ୍ନମତେ ଯୋଗାଣ ମୂଲ୍ୟ ଯାହା ଠାରୁ କମ୍‌ରେ ଉଦ୍ୟୋଗୀ ବ୍ୟବସାୟରେ ତିଷ୍ଠି ରହିପାରନ୍ତି ନାହିଁ ।

- ବ୍ୟକ୍ତିଗତ ପରିବ୍ୟୟ ଉତ୍ପାଦନର ଉକ୍ତ ପରିବ୍ୟୟ ଯାହାକୁ ସ୍ୱୟଂ ଉତ୍ପାଦକ ଫାର୍ମ ହିଁ ବହନ କରିଥାଏ ।
- ସାମାଜିକ ପରିବ୍ୟୟ କୌଣସି ଦ୍ରବ୍ୟର ଉତ୍ପାଦନରେ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ଓ ଧ୍ୱନୀ ପ୍ରଦୂଷର ରୂପରେ ସାରା ସମାଜ ଦ୍ୱାରା ବହନ କରାଯାଉଥିବା ପରିବ୍ୟୟ ।
- ସ୍ଥିର ପରିବ୍ୟୟ ଏପରି ଏକ ପରିବ୍ୟୟ ଯାହା ଉତ୍ପାଦନ ସ୍ତର ପରିବର୍ତ୍ତନ ଫଳରେ ପ୍ରଭାବିତ ହୁଏ ନାହିଁ ।
- ପରିବର୍ତ୍ତୀ ପରିବ୍ୟୟ ଉତ୍ପାଦନ ସ୍ତରର ପରିବର୍ତ୍ତନ ସହିତ ପ୍ରତ୍ୟକ୍ଷ ପରିବର୍ତ୍ତନ ହୁଏ ।
- ମୋଟ ପରିବ୍ୟୟ TFC ଓ TVCର ଯୋଗଫଳ ।
- ହାରାହାରି ସ୍ଥିର ପରିବ୍ୟୟ ଉତ୍ପାଦନର ପ୍ରତି ଏକକର ସ୍ଥିର ପରିବ୍ୟୟ । ଏହା ଉତ୍ପାଦନରେ ବୃଦ୍ଧି ଘଟିଲେ କମ୍ ହୋଇଥାଏ ।
- ହାରାହାରି ପରିବର୍ତ୍ତୀ ପରିବ୍ୟୟ ଉତ୍ପାଦନର ପ୍ରତି ଏକକର ପରିବର୍ତ୍ତୀ ପରିବ୍ୟୟ ।
- ହାରାହାରି ମୋଟ ପରିବ୍ୟୟ =AFC+AVC
- ସୀମାନ୍ତ ପରିବ୍ୟୟ ଏକ ଅଧିକ ଏକକର ଉତ୍ପାଦନ ଦ୍ୱାରା TCରେ ହେଉଥିବା ବୃଦ୍ଧି ।

ପାଠ୍ୟାନ୍ତ ପ୍ରଶ୍ନ

(1) ନିହିତ ପରିବ୍ୟୟ କ'ଣ ? ଏହା ପ୍ରତ୍ୟକ୍ଷ ପରିବ୍ୟୟ ଠାରୁ କିପରି ପୃଥକ ?

(2) ପ୍ରତ୍ୟକ୍ଷ ପରିବ୍ୟୟ କ'ଣ ? ନିହିତ ପରିବ୍ୟୟ ଠାରୁ ଏହାର ପ୍ରଭେଦ ଦର୍ଶାଅ ।

(3) ସାଧାରଣ ଲାଭର ଧାରଣା ବୁଝାଅ । ଏହାକୁ ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ପରିବ୍ୟୟର ଅଂଶ ରୂପେ କାହିଁକି ଗଣନା କରାଯାଏ ପ୍ରତିପାଦନ କର ।

(4) ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ପରିବ୍ୟୟର ବିଭିନ୍ନ ଉପାଦାନର ବ୍ୟାଖ୍ୟା କର ।

(5) ବ୍ୟବସାୟ ଓ ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ପ୍ରୟୋଗ ପରିବ୍ୟୟର ଧାରଣାଗୁଡିକ ମଧ୍ୟରେ ଥିବା ପାର୍ଥକ୍ୟ ସ୍ପଷ୍ଟ କର ।

(6) ଉପଯୁକ୍ତ ଉଦାହରଣ ଦ୍ୱାରା ସ୍ଥିର ଓ ପରବର୍ତ୍ତୀ ପରିବ୍ୟୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

(7) ଉତ୍ପାଦନ ଓ ହାରାହାରି ସ୍ଥିର ପରିବ୍ୟୟ ମଧ୍ୟରେ ଥିବା ସମ୍ପର୍କକୁ ବୁଝାଇ ଦିଅ ।

(8) AFC ଏବଂ AVC ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । ଏହାର ଗଣନା କିପରି କରାଯାଏ ? ବୁଝାଅ ।

(9) 'ସୀମାନ୍ତ ପରିବ୍ୟୟ' ବାକ୍ୟାଂଶର ବ୍ୟାଖ୍ୟା କର। ଏକ ଉଦାହରଣ ଦ୍ୱାରା ଏହାର ଗଣନା କରିବା ନିୟମକୁ ବୁଝାଇଦିଅ ।

(10) 'ସୀମାନ୍ତ ପରିବ୍ୟୟ'ର ନିର୍ଦ୍ଧାରଣ କେଉଁ ପରିବ୍ୟୟ କରିଥାଏ-ସ୍ଥିର ପରିବ୍ୟୟ କି ପରିବର୍ତ୍ତୀ ପରିବ୍ୟୟ ? କାରଣ ଦର୍ଶାଅ ।

(11) ନିମ୍ନୋକ୍ତ ଖର୍ଚ୍ଚଗୁଡ଼ିକୁ ପ୍ରତ୍ୟକ୍ଷ ଓ ନିହିତ ପରିବ୍ୟୟରେ ବିଭକ୍ତ କର ।

(କ) କୃଷକ ଦ୍ୱାରା ନିଜ ବିହନ ଆମଦାନୀ କରି ପରବର୍ତ୍ତୀ ଚାଷରେ ପ୍ରୟୋଗ କରିବା ।

(ଖ) କୃଷକ ଦ୍ୱାରା ରାସାୟନିକ ସାରର ପ୍ରୟୋଗ ।

(ଗ) କୃଷକ ଦ୍ୱାରା ନିଜ ଟ୍ରାକ୍ଟରକୁ କ୍ଷେତରେ ପ୍ରୟାଗ କରିବା ।

(ଘ) ଜମି ମାଲିକ କୃଷକ ଦ୍ୱାରା ନିଜ ଜମିରେ ଫସଲ ଉପୁଜାଇବା ।

(ଙ) କ୍ଷେତରେ ପରିବାରର ନିଃଶୁଳ୍କ ଶ୍ରମର ପ୍ରୟୋଗ।

(ଚ) ପରିବହନ ପରିବ୍ୟୟ ।

(ଛ) ଋଣ ଉପରେ ସୁଧ ।

(ଜ) ଶ୍ରମିକଙ୍କ ମଜୁରୀ ।

(ଝ) ନିଜ କୋଠାଘରେ ଉତ୍ପାଦନ କାର୍ଯ୍ୟ କରିବା ।

(ଞ) ଉତ୍ପାଦନ ଶୁଳ୍କ ।

12. ନିମ୍ନୋକ୍ତ ଖର୍ଚ୍ଚଗୁଡ଼ିକୁ ସ୍ଥିର ଓ ପରିବର୍ତ୍ତୀ ପରିବ୍ୟୟରେ ଶ୍ରେଣୀଭୁକ୍ତ କର ।

(କ) କାରଖାନା ଗୃହର ଭଡା

(ଖ) ଚୌକିଦାରର ବେତନ

(ଗ) କାରଖାନାର ବାର୍ଷିକ ଲାଇସେନ୍ସ ଶୁଳ୍କ

(ଘ) କଞ୍ଚାମାଲ

(ଙ) କୃଷି ଭୂମିର ଭଡା

(ଚ) ବିହନ

(ଛ) ସାର, ଖତ

(ଜ) ଋଣ ଉପରେ ସୁଧ

(ଝ) ଉତ୍ପାଦନ ଶୁଳ୍କ

(ଙ) ପରିବହନ ବ୍ୟୟ

13. ନିମ୍ନ ତଥ୍ୟକୁ ଆଧାର କରି ମୋଟ ପରିବ୍ୟୟ, ହାରାହାରି ମୋଟ ପରିବ୍ୟୟ ହାରାହାରି ସ୍ଥିର ପରିବ୍ୟୟ, ହାରାହାରି ପରିବର୍ତ୍ତୀ ପରିବ୍ୟୟ ଓ ସୀମାନ୍ତ ପରିବ୍ୟର ଗଣନା କର ।

ଉତ୍ପାଦନ (ଏକକ)	TFC	TVC
0	60	0
1	60	50
2	60	90
3	60	180
4	60	300

14. ନିମ୍ନ ତଥ୍ୟକୁ ପ୍ରୟୋଗ କରି ଏଗୁଡିକର ଗଣନା କର ।

(i) TFC ଓ TVC, (ii) AFC ଓ AVC (iii) MC

ଉତ୍ପାଦକ (ଏକକ)	TC
0	180
1	300
2	400
3	510
4	720
5	1000

15. ଧରାଯାଉ TFC=120 ଟଙ୍କା । ଏହା ସହିତ ନିମ୍ନ ତଥ୍ୟକୁ ପ୍ରୟୋଗ କରି TC,

TVC ଓ MC ଜାଣନ୍ତୁ ।

ଉତ୍ପାଦକ (ଏକକ)	ATC (ଟଙ୍କାରେ)
1	240
2	160
3	140
4	160
5	180

16. ଶୂନ୍ୟସ୍ଥାନ ପୂରଣ କର ।

ଉତ୍ପାଦନ (ଏକକ)	TC	TFC	TVC	MC
0	12	-	-	-
1	20	-	-	-
2	24	-	-	-
3	30	-	-	-
4	44	-	-	-

17. ନିମ୍ନ ତାଲିକାକୁ ପୂରଣ କର ।

ଉତ୍ପାଦନ (ଏକକ)	ମୋଟ ସ୍ଥିର ପରିବ୍ୟୟ	ମୋଟ ପରିବ୍ୟୟ	ATC	ସୀମାନ୍ତ ପରିବ୍ୟୟ	AFC
0	8	-	-	-	8
1	-	-	-	12	-
2	-	-	-	10	-
3	-	-	-	8	-
4	-	-	-	6	-
5	-	-	-	5	-

ସମ୍ପ୍ରସାରିତ ପଠନ :

ବର୍ତ୍ତମାନ ଅଧ୍ୟାୟର ବିଭିନ୍ନ ଅଂଶରେ ଆପଣମାନେ ବ୍ୟଷ୍ଟି ଅର୍ଥଶାସ୍ତ୍ରର ପ୍ରଯୋଗ ପରିବ୍ୟୟର ଧାରଣା ଏବଂ ତା ସହିତ ଜଡିତ ଅନେକ ଆଲୋଚନାର ପରିଚୟ ପାଇଲେ । ଅଧ୍ୟାୟ-୧୩ରେ ଆପଣ ରେଖାଚିତ୍ର ତିଆରି କରିବା ଶିଖିଛନ୍ତି । ଆସନ୍ତୁ ବର୍ତ୍ତମାନ ପରିବ୍ୟୟ ସହ ଜଡିତ କେତେକ

ଉଦାହରଣର ରେଖାଚିତ୍ର ଅଙ୍କନ କରିବା ।

ନିମ୍ନ ତଥ୍ୟାବଳୀକୁ ପ୍ରୟୋଗ କରି ରେଖାଚିତ୍ର ଅଙ୍କନ କରିବା

ଦ୍ରବ୍ୟର ଉତ୍ପାଦନ (ଏକକ)	TFC (ଟ)	TVC (ଟ)	TC (ଟ)	AFC (ଟ)	AVC (ଟ)	ATC (ଟ)	MC (ଟ)
0	60	0	60	-	-	-	-
1	60	60	120	60	60	120	60
2	60	100	160	30	50	80	40
3	60	150	210	20	50	70	50
4	60	260	320	15	65	80	110
5	60	390	450	12	78	90	130



t) ଉତ୍ପାଦନ (ଏକକ)

ଚିତ୍ର- 17.1: TC, TVC ଓ TFC

ଉପରୋକ୍ତ ବକ୍ର ଦ୍ୱୟରୁ ଆମକୁ ଏହା ଜଣାଯାଉଛି ଯେ :

(1) TFC ପ୍ରତ୍ୟେକ ଉତ୍ପାଦନ ସ୍ତରରେ ସ୍ଥିର ରହିଛି । ଏହି କାରଣରୁ TFC ବକ୍ର X ଅକ୍ଷ ସହିତ ସମାନ୍ତର ।

(2) TVC ଏବଂ TC ବସ୍ତୁ ନିରନ୍ତର ଦକ୍ଷିଣକୁ ଉର୍ଦ୍ଧ୍ୱଗତି କରିଛି କାରଣ ଏହି ପରିବ୍ୟୟ ଉତ୍ପାଦନ ସହିତ ବୃଦ୍ଧିଶୀଳ ହୋଇଥାଏ ।

(3) TC ବକ୍ର TVC ବକ୍ର ଠାରୁ ଉପରେ ରହିଛି କାରଣ TC ଉତ୍ପାଦନର ପ୍ରତ୍ୟେକ ସ୍ତରରେ ସର୍ବଦା TVC ଠାରୁ ଅଧିକ ହୋଇଥାଏ ।

(4) TC ଓ TVC ମଧ୍ୟରେ ପାର୍ଥକ୍ୟ ସ୍ଥିର ରହିଥାଏ କାରଣ TC-TVC=TFC ଏବଂ ପ୍ରତ୍ୟେକ ଉତ୍ପାଦନ ସ୍ତରରେ TFCର ମାନ ସ୍ଥିର ରହିଥାଏ ।

ଆସନ୍ତୁ ବର୍ତ୍ତମାନ ଉପରୋକ୍ତ ତାଲିକା ମଧ୍ୟରୁ ହାରାହାରି ଓ ସୀମାନ୍ତ ପରିବ୍ୟୟର ବକ୍ରଗୁଡ଼ିକର ରେଖାଚିତ୍ର ଅଙ୍କନ କରିବା ।



ଉତ୍ପାଦନ (ଏକକ)

ଚିତ୍ର 17.2 MC, ATC, AVC ଓ AFC ବକ୍ର

ଉପର ଚିତ୍ରରୁ ପ୍ରମୁଖ ତଥ୍ୟ ସ୍ପଷ୍ଟ ହେଉଛି ଯେ

(1) AFC ବକ୍ର ନିରନ୍ତର ଦକ୍ଷିଣକୁ ନିମ୍ନଗତି କରିଛି କାରଣ ଉତ୍ପାଦନରେ ବୃଦ୍ଧି ହେବା ଫଳରେ AFC ସର୍ବଦା କମ୍ ହୋଇଥାଏ ।

(2) ATC, AVC ଓ MC ବକ୍ର ପ୍ରଥମେ ନିମ୍ନଗାମୀ ହୋଇ ପୁଣି ଊର୍ଦ୍ଧ୍ୱଗାମୀ ହୋଇଛନ୍ତି । ଅର୍ଥଶାସ୍ତ୍ରୀମାନେ ଏପରି ବକ୍ରକୁ U-ଆକୃତି ବକ୍ର କହିଥାନ୍ତି । ଏହାର କାରଣ ଯେ ଏହି ପରିବ୍ୟୟରେ ଉତ୍ପାଦନ ବୃଦ୍ଧି ଆରମ୍ଭ ହେଲେ ପ୍ରଥମେ କିଛି କମ୍ ଆସିଥାଏ, କିନ୍ତୁ ପରବର୍ତ୍ତୀ ଉତ୍ପାଦନରେ, ବୃଦ୍ଧିର କ୍ରମ ଆରମ୍ଭ ହୋଇଯାଇଥାଏ ।

ପାଠ୍ୟଗତ ପ୍ରଶ୍ନର ଉତ୍ତର

17.1

1) (i) ପ୍ରତ୍ୟକ୍ଷ ପରିବ୍ୟୟ (ii) ପ୍ରତ୍ୟକ୍ଷ ପରିବ୍ୟୟ (iii) ନିଜସ୍ୱ ସାଧନର ସ୍ୱୟଂ ପ୍ରୟୋଗ (iv) ପ୍ରତ୍ୟକ୍ଷ ଏବଂ ନିହିତ ପରିବ୍ୟୟ ତଥା ସାଧାରଣ ଲାଭ (v) ହଁ ।

2) ପ୍ରତ୍ୟକ୍ଷ ପରିବ୍ୟୟ (ii), (iii), (iv) ଏବଂ (vii) ନିହିତ ପରିବ୍ୟୟ- (i) ଏବଂ (vi)

17.2

(i) ଭୁଲ (ii) ଠିକ୍ (iii) ଠିକ୍ (iv) ଠିକ୍ (v) ଭୁଲ

17.3

(i) ପରିବର୍ତ୍ତୀ ପରିବ୍ୟୟ (ii) ଯୋଗ (iii) ଶୁନ୍ୟ ହୋଇନଥାଏ (iv) ସ୍ଥିର ପରିବ୍ୟୟ

17.4

(i) ପ୍ରତି ଏକକ ପରିବ୍ୟୟ (ii) ମୋଟ ପରିବର୍ତ୍ତୀ ପରିବ୍ୟୟ (iii) ହ୍ରାସ (iv) ହାରାହାରି ସ୍ଥିର ପରିବ୍ୟୟ, ହାରାହାରି ପରିବର୍ତ୍ତୀ ପରିବ୍ୟୟ

17.5

(i) ଅତିରିକ୍ତ (ii) ମୋଟ ପରିବର୍ତ୍ତୀ ପରିବ୍ୟୟ (iii) 4.90 ଟଙ୍କା

ପାଠ୍ୟାନ୍ତ ପ୍ରଶ୍ନ ପାଇଁ ସୂଚନା :

1 ଭାଗ 17.1 (ଖ) ପଢନ୍ତୁ ।

2 ଭାଗ 17.1 (କ) ପାଠକର ।

3 ଭାଗ 17.1 (ଗ) ପାଠକର ।

4 ଭାଗ 17.1 ପାଠକର ।

5 ଭାଗ 17.1 ପାଠକର ।

6 ଭାଗ 17.3 ପାଠକର ।

7 ଭାଗ 17.3 (ଖ) ପାଠକର ।

8 ଭାଗ 17.3 (କ ଓ ଖ) ପଢନ୍ତୁ ।

9 ଭାଗ 17.6 ପାଠକର ।

10 ଭାଗ 17.6 ପଢନ୍ତୁ ।

11 ପ୍ରଥମ ପରିବ୍ୟୟ- ଖ, ଚ, ଛ, ଜ ଏବଂ ଜ ନିହିତ ପରିବ୍ୟୟ- କ, ଗ, ଘ, ଙ, ଜ ।

12. ସ୍ଥିର ପରିବ୍ୟୟ- କ, ଖ, ଗ, ଙ, ଜ ପରିବର୍ତ୍ତୀ ପରିବ୍ୟୟ- ଘ, ଚ, ଛ, ଝ, ଞ ।

13.

ମୋଟ ପରିବ୍ୟୟ (ଟରେ) TFC+TVC	AFC	AVC	ATC	MC
60	-	-	-	-
110	60	50	110	50
150	30	45	75	40
240	20	60	80	90
360	15	75	90	120

14.

ଉତ୍ପାଦନ (ଏକକ)	TC (ଟରେ)	TFC (ଟରେ)	TVC (ଟରେ)	AFC (ଟରେ)	AVC (ଟରେ)	MC (ଟରେ)
0	180	180	0	-	-	-
1	300	180	120	180	120	120
2	400	180	220	90	110	100
3	510	180	330	60	110	110
4	720	180	540	45	135	210
5	1000	180	820	36	164	280

15.

ଉତ୍ପାଦନ (ଏକକ)	ATC	TC	TFC	TVC	MC
1	240	240	120	120	120
2	160	320	120	200	80
3	140	420	120	300	100
4	160	640	120	520	220
5	180	900	120	780	260

16

ଉତ୍ପାଦନ (ଏକକ)	TC (ଟରେ)	TFC (ଟରେ)	TVC (ଟରେ)	MC (ଟରେ)
0	12	12	0	-
1	20	12	8	8
2	24	12	12	4
3	30	12	18	6
4	44	12	32	14

17.

ଉତ୍ପାଦନ (ଏକକ)	ମୋଟ ସ୍ଥିର ପରିବ୍ୟୟ	ମୋଟ ପରିବ୍ୟୟ	ATC	ସୀମାନ୍ତ ପରିବ୍ୟୟ	AFC
0	8	8	-	-	-
1	8	20	20	12	8
2	8	30	15	10	4
3	8	38	12.66	8	2.66
4	8	44	11.00	6	2.00
5	8	49	9.80	5	1.60

18

ଆୟ

REVENUE

ପୂର୍ବ ଅଧ୍ୟାୟରେ ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ପ୍ରୟୋଗ ହେଉଥିବା ପରିବ୍ୟୟର ଧାରଣା ବିଷୟରେ ଜ୍ଞାନ ପାଇଛନ୍ତି । ବର୍ତ୍ତମାନ ଅଧ୍ୟାୟରେ ଆମେ ଆୟ (ଆଗମ) ବିଷୟରେ ଆଲୋଚନା କରିବା । ପରିବ୍ୟୟ ଓ ଆୟର ଅଧ୍ୟୟନ ପ୍ରାୟ ଏକା ପ୍ରକାର । ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ଲାଭର ଆକଳନ କି ପ୍ରକାର କରାଯାଏ ସେ ବିଷୟରେ ପୂର୍ବରୁ ଆପଣଙ୍କୁ କୁହାଯାଇଛି ଯେ ଲାଭ ପରିବ୍ୟୟ ଉପରେ ଆଗମର ଅଧିକତା । ଜଣେ ଉତ୍ପାଦକର ଲକ୍ଷ ସାଧାରଣ ଭାବେ ଅଧିକତମ ଲାଭ ପ୍ରାପ୍ତି ହେବ । ଏହି କଥାକୁ ଧ୍ୟାନରେ ରଖି ବର୍ତ୍ତମାନ ଆମେ ଆୟର ବିଭିନ୍ନ ମାପକଗୁଡ଼ିକର ବର୍ଣ୍ଣନା କରିବା ।

ଉଦ୍ଦେଶ୍ୟ :

ଏହି ଅଧ୍ୟାୟଟିକୁ ଅଧ୍ୟୟନ କରି ଆପଣ :

- ଆୟ ଶବ୍ଦଟିର ବର୍ଣ୍ଣନା କରିପାରିବେ ।
- ମୋଟ ଆୟ, ହାରାହାରି ଆୟ ଏବଂ ସୀମାନ୍ତ ଆୟର ପରିଭାଷା କରିପାରିବେ ।
- ଦର ଓ ପ୍ରତ୍ୟେକଦର ଉପରେ ବିକ୍ରି ଉତ୍ପାଦନର ତଥ୍ୟକୁ ଆଧାର କରି ମୋଟ ଆୟର ଆକଳନ କରିପାରିବେ ।
- ମୋଟ ଆୟର ତଥ୍ୟ ଦ୍ୱାରା ହାରାହାରି ଆୟ ବାହାର କରିପାରିବେ ।
- ହାରାହାରି ଆୟର ତଥ୍ୟ ଦ୍ୱାରା ମୋଟ ଆୟର ଗଣନା କରିପାରିବେ ।
- ହାରାହାରି ଆୟକୁ ପ୍ରୟୋଗ କରି ସୀମାନ୍ତ ଆୟ ଜାଣିପାରିବେ ।
- ସୀମାନ୍ତ ଆୟର ସୂଚନା ଆଧାର ଉପରେ ମୋଟ ଓ ହାରାହାରି ଆୟ ଜାଣିପାରିବେ ଏବଂ
- ଆୟ ତଥା ଲାଭ ମଧ୍ୟରେ ପାର୍ଥକ୍ୟ କରିପାରିବେ ।

18.1 ଆୟର ଅର୍ଥ

ଉତ୍ପାଦକ ବା ଫାର୍ମ ବଜାରରେ ବିକ୍ରି ପାଇଁ ଦ୍ରବ୍ୟ/ ସେବା ଇତ୍ୟାଦି ଉତ୍ପାଦିତ କରନ୍ତି । ସେହି ଉତ୍ପାଦନର ବିକ୍ରୟରୁ ପ୍ରାପ୍ତ ରାଶିକୁ ହିଁ ଆୟ କୁହାଯାଏ । ଉଦାହରଣ ସ୍ୱରୂପ ଗୋଟିଏ ଫାର୍ମ ଦୈନିକ ଦୁଇଟି ରେଡିଓ ତିଆରି କରେ ଓ ତାହାକୁ ବଜାରରେ ୨୦୦ ଟଙ୍କା ପ୍ରତି ରେଡିଓ ଦରରେ ବିକ୍ରି କରି ୪୦୦ ଟଙ୍କା ପ୍ରାପ୍ତ କରିଥାନ୍ତି । ସୁତରାଂ ୨ଟି ରେଡିଓ ବିକ୍ରିକରି ଫାର୍ମକୁ ୪୦୦ ଟଙ୍କାର ମୋଟ ଆୟ ହେଲା ।

ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ଆମର ପରିଚୟ ଆୟର ତିନୋଟି ମାପକସହିତ ହୋଇଥାଏ । ଏଗୁଡ଼ିକ ହେଲା:

(କ) ମୋଟ ଆୟ : Total Revenue (TR)

(ଖ) ହାରାହାରି ଆୟ : Average Revenue (AR)

(ଗ) ସୀମାନ୍ତ ଆୟ : Marginal Revenue (MR)

18.2 ମୋଟ ଆୟ (TR)

ମୋଟ ଆୟ ଦ୍ରବ୍ୟର ବିକ୍ରି ଦ୍ୱାରା ହେଉଥିବା ମୋଟ ପ୍ରାପ୍ତି । ଏହାକୁ ଉତ୍ପାଦିତ ପରିମାଣର ପ୍ରତି ଏକକର ଦରଦ୍ୱାରା ଗୁଣନ କରି ଜାଣି ହୁଏ ।

$TR = Q \times P$

ଏଠାରେ TR= ମୋଟ ଆୟ Q= ଉତ୍ପାଦିତ ପରିମାଣ P= ଦର (ପ୍ରତି ଏକକ) ତାଲିକା 18.1ରେ ଉତ୍ପାଦନ ଏବଂ ପ୍ରତି ଏକକ ଦର ଦ୍ୱାରା TRର ଗଣନା କରାଯାଇଛି ।

ତାଲିକା 18.1 ରେଡିଓ ନିର୍ମାତା ଫାର୍ମର ଉତ୍ପାଦନ, ବିକ୍ରୟ ଦର ଓ ମୋଟ ଆୟ

ଉତ୍ପାଦନ ଏକକ (ଏକକ)	ଏକକ ପ୍ରତି ଦର (ଟଙ୍କାରେ)	ମୋଟ ଆୟ (ଟଙ୍କାରେ) (Q x P)
1	200	200 (1x200)
2	200	400 (2 x 200
3	200	600 (3 x 200
4	200	800 (4 x 200)
5	200	1000 (5 x 200)

ଉଦାହରଣ ସ୍ୱରୂପ ୨ ରେଡିଓ ତିଆରି କରି ବିକିଲେ ମୋଟ ଆୟ ହେବ

$TR = Q \times P = 2 \times 200$ ଟଙ୍କା $= 400$ ଟଙ୍କା ।

ଆପଣଙ୍କୁ ଏହା ସ୍ପଷ୍ଟ ହୋଇଯାଇଥିବ ଯେ ଏକ ଫାର୍ମ ଦ୍ୱାରା ପ୍ରାପ୍ତ ମୋଟ ଆୟ ଉତ୍ପାଦନର ବିକ୍ରି ପରିମାଣ ତଥା ପ୍ରତି ଏକକର ଦାମ ଦ୍ୱାରା ହିଁ ନିର୍ଦ୍ଧାରିତ ହୋଇଥାଏ ।

ଏହି ଉଦାହରଣରେ ଆପଣ ଦେଖିପାରିବେ ଯେ ସମସ୍ତ ଉତ୍ପାଦନ ସ୍ତରରେ ବିକ୍ରୟ ଦର ତ ସ୍ଥିର ହିଁ ରହିଛି । ଏହା ଏକ ବିଶେଷ ପ୍ରକାର ବଜାରର ସ୍ଥିତି ଯେଉଁଠାରେ କୌଣସି ଉତ୍ପାଦକ ବଜାର ଦରରେ ଯେତେ ଇଚ୍ଛା ମାଲ ବିକ୍ରି କରିପାରିବେ । ବାସ୍ତବିକ ଜୀବନରେ ଆମର ଅଭ୍ୟାସ ଏକ ଅନ୍ୟ ପ୍ରକାରର ବଜାର ସ୍ଥିତି ସହିତ ଅଧିକ ଜଡିତ ଯେଉଁଠାରେ ଅଧିକ ମାଲ ବିକ୍ରି କରିବାକୁ ଉତ୍ପାଦକଙ୍କୁ ଦର କମ୍ କରିବାକୁ ପଡିଥାଏ । ଫାର୍ମ ପାଇଁ ଗ୍ରାହକମାନଙ୍କୁ ଅଧିକ ଜାଣିବାକୁ ଲୋଭାସକ୍ତ କରିବା ଦରକାର ହୁଏ । ସାଧାରଣତଃ କମ୍ ଦର ଗ୍ରାହକ ପାଇଁ ଏକ ବଡ଼ ଧରଣର ପ୍ରଲୋଭନ ହୋଇଥାଏ । ଆପଣ ସ୍ୱୟଂ ମଧ୍ୟ ଅନୁଭବ କରୁଥିବେ ଯେ ପାଇକାରୀ ପରିମାଣରେ କିଣିବା ସମୟରେ ଆପଣଙ୍କୁ କମ୍ ଦାମ ଦେବାକୁ ପଡେ । ଆପଣ ବିକ୍ରେତାଙ୍କ ସହିତ ମୂଲଚାଲ ମଧ୍ୟ କରିପାରନ୍ତି । ଏ ବ୍ୟବହାର ବିଚିତ୍ର ନୁହେଁ, ଆପଣ ଚାହିଦା ଅଧ୍ୟାୟରେ ପଢିଛନ୍ତି ଯେ ଉପଭୋକ୍ତା କମ୍ ଦରରେ ଅଧିକ ପରିମାଣ କିଣିଥାଏ । ଉଦାହରଣ ସ୍ୱରୂପ ଆପଣଙ୍କୁ ଆପଣଙ୍କ ନୂଆ ଘର ପାଇଁ ଯଦି ଏକ ସମୟରେ ୪ଟି ପଙ୍ଖା କିଣିବାକୁ ପଡେ ତେବେ ବିକ୍ରେତା ଦରରେ କିଛି କମ୍ କରିବାକୁ ପ୍ରସ୍ତୁତ ଥାଏ । ସେ ସେହି ଦରଠାରୁ କମ୍ ଦରରେ ଆପଣଙ୍କୁ ୪ଟି ପଙ୍ଖା ଦେଇଦେବ ଯେଉଁ ଦରରେ ଆପଣ ଗୋଟିଏ ପଙ୍ଖା କିଣିଲେ ଦେବାକୁ ପଡିଥାନ୍ତା ।

ବଜାରର ସ୍ଥିତି ଯାହା ବି ହେଉ ମୋଟ ଆୟ ତଥା ଅନ୍ୟ ପ୍ରକାରର ଆୟର ଗଣନା ବିଧି ଏକ ପ୍ରକାର ହିଁ ରହିଥାଏ । ତାଲିକା 18.2 ଉଦାହରଣ ଉପରେ ଧ୍ୟାନ ଦିଅନ୍ତୁ ।

ତାଲିକା 18.2 ସାର୍ଟ ତିଆରି ଏକ ଫାର୍ମର ଉତ୍ପାଦନ, ଦର ଓ ମୋଟ ଆୟ

ଉତ୍ପାଦନ ଏକକରେ	ଦର (ଟରେ)	ମୋଟ ଆୟ (ଟଙ୍କାରେ)
1	100	100
2	90	180
3	80	240
4	70	280
5	60	300
6	50	300
7	40	280

ଏଠାରେ ମଧ୍ୟ ପୁରୁଣା ନିୟମ (Q x P) ଦ୍ୱାରା ହିଁ ମୋଟ ଆୟର ମାନ ବାହାର କରାଯାଇଛି- ମାତ୍ର ଏହି ମୋଟ ଆୟରେ ବୃଦ୍ଧିରେ ପାର୍ଥକ୍ୟ ଆସୁଅଛି । ତାଲିକା 18.1ରେ ଦର ସ୍ଥିର ଥିଲା । ତେଣୁ ମୋଟ ଆୟରେ ବୃଦ୍ଧି ସମାନ ରୂପେ ହେଉଥିଲା କିନ୍ତୁ ବର୍ତ୍ତମାନ (ତାଲିକା 18.2ରେ) ଉତ୍ପାଦନ ବୃଦ୍ଧି ସହିତ ଦରରେ ହ୍ରାସ ଘଟୁଅଛି । ଏହି କାରଣରୁ ମୋଟ ଆୟରେ ଉତ୍ତରୋତ୍ତର ବୃଦ୍ଧି କମ୍ ହୋଇଯାଉଛି ।

ପାଠ୍ୟଗତ ପ୍ରଶ୍ନ 18.1

ଠିକ୍ ଉତ୍ତର ଉପରେ (✓)ଚିହ୍ନ ଲଗାଅ ।

(i) ଆୟ .... ଅଟେ ।

(କ) ଲାଭ

(ଖ) କର

(ଗ) ବିକ୍ରୟରୁ ପ୍ରାପ୍ତି

(ii) କୌଣସି ଦ୍ରବ୍ୟର ବିକ୍ରୟ ଯୋଗୁଁ ମୋଟ ଆୟ .... ଅଟେ ।

(କ) ମୋଟ ପରିବ୍ୟୟ

(ଖ)ମୋଟ ଲାଭ

(ଗ) ମୋଟ ବିକ୍ରୟ ମୂଲ୍ୟ

(iii) ଯେତେବେଳେ ଦ୍ରବ୍ୟର କୌଣସି ପରିମାଣକୁ ଦିଆଯାଇଥିବା ଦରରେ ବିକ୍ରି କରାଯାଏ ତେବେ .... ଅତିରିକ୍ତ ଏକକର ଉତ୍ପାଦନର ବିକ୍ରି ଯୋଗୁଁ ମୋଟ ଆୟରେ ବୃଦ୍ଧି ହୋଇଥାଏ ।

(କ) କମ୍

(ଖ) ଅଧିକ

(ଗ) ସମାନ

(iv) ଯେତେବେଳେ ମାତ୍ର ଦରକୁ କମ୍ କରି ଅଧିକ ବିକ୍ରି ବଢାଇବା ସମ୍ଭବ ହୁଏ, ତେବେ .... ଅତିରିକ୍ତ ଏକକ ଉତ୍ପାଦନରେ ମୋଟ ଆୟରେ ବୃଦ୍ଧି ହୋଇଥାଏ ।

(କ) କମ୍

(ଖ) ଅଧିକ

(ଗ) ସମାନ

18.3 ହାରାହାରି ଆୟ (AR)

ହାରାହାରି ଆୟ କୌଣସି ଉତ୍ପାଦକଙ୍କୁ ନିଜ ଉତ୍ପାଦ ବିକ୍ରି ଦ୍ୱାରା ମିଳୁଥିବା ପ୍ରତି ଏକକ (ବା ହାରାହାରି) ପ୍ରାପ୍ତି ଅଟେ । ଏହାକୁ (TRକୁ) ମୋଟ ବିକ୍ରି ହୋଇଥିବା ଉତ୍ପାଦର ପରିମାଣ ଦ୍ୱାରା ଭାଗ କରି ଜାଣି ହୁଏ ।

$$AR = \frac{TR}{Q}$$

ହାରାହାରି ଆୟ ଉତ୍ପାଦର ବିକ୍ରି ଦ୍ୱାରା ପ୍ରାପ୍ତ ପ୍ରତି ଏକକ ଆୟ ଅଟେ । ତାଲିକା 18.3 ଉପରେ ଧ୍ୟାନ ଦିଅନ୍ତୁ ।

ତାଲିକା 18.3 ଏକ ରେଡିଓ ନିର୍ମାତା ଫାର୍ମର ଉତ୍ପାଦନ ଦର ମୋଟ ଆୟ ଓ ହାରାହାରି ଆୟ ।

ଉତ୍ପାଦନ ଓ ବିକ୍ରି (ଏକକ)	ପ୍ରତି ଏକକର ଦର (ଟଙ୍କାରେ)	ମୋଟ ଆୟ (ଟଙ୍କାରେ)	ହାରାହାରି ଆୟ TR/Q (ଟଙ୍କାରେ)
1	200	200	200 (200 ÷1)
2	200	400	400 (400 ÷2)
3	200	600	200 (600 ÷3)
4	200	800	200 (800 ÷4)
5	200	1000	200 (1000 ÷5)

ଉପରୋକ୍ତ ତାଲିକାର ତଥ୍ୟ ଅନୁସାରେ Q=2 ଉପରେ TR=400 ଟଙ୍କା ।

ଅତଏବ $AR = \frac{TR}{Q} = \frac{400}{2} = 200$ ଟଙ୍କା

ଏକ ରେଡିଓର ଦର ମଧ୍ୟ ୨୦୦ ଟଙ୍କା । ଧ୍ୟାନ ଦିଅନ୍ତୁ ଯେ ତାଲିକା 18.3 ରେ ପ୍ରତ୍ୟେକ ଉତ୍ପାଦନ ସ୍ତରରେ ରେଡିଓର ଦର ତଥା ଉତ୍ପାଦକ ହାରାହାରି ଆୟ ସମାନ । ପ୍ରାୟ ଉତ୍ପାଦକ ଏକ ସମୟରେ ନିଜର ସମସ୍ତ ଉତ୍ପାଦନକୁ ଗୋଟିଏ ଦରରେ ବିକ୍ରି କରେ । ଏହି

କାରଣରୁ AR ଦର P ର ସମାନ ରହିଥାଏ । ଏହାକୁ ଆମେ ଏହି ପ୍ରକାରରେ ଦେଖାଇପାରିବା ।

ଆମକୁ ଦିଆଯାଇଛି ଯେ AR = TR/Q ....(i)

ଆମେ ଜାଣନ୍ତି ଯେ TR = P x Q ....(ii)

(i) ରେ TRର ଏହି ମୂଲ୍ୟ ରଖି ଆମେ ପାଉଛନ୍ତି

$$AR = \frac{TR}{Q} = \frac{P \times Q}{Q} = P$$

ଅତଏବ AR = P ବାସ୍ତବରେ ଆମେ ଦର ଓ ହାରାହାରି ଆୟକୁ ପର୍ଯ୍ୟାୟ ବାଚୀ ମାନନ୍ତି । ତାଲିକା 18.3 ସେହି ବଜାର ବ୍ୟବସ୍ଥାକୁ ଦର୍ଶାଉଅଛି ଯେ ଯେଉଁଠାରେ ଉତ୍ପାଦକ ନିଜର ସବୁ ମାଲତକ ଏକ ଦରରେ ବିକିବାକୁ ସଫଳ ରହିଛନ୍ତି । ଆସନ୍ତୁ ବର୍ତ୍ତମାନ ଆମେ ସେହି ସ୍ଥିତି ଉପରେ ବିଚାର କରିବା ଯେଉଁଠି ଅଧିକ ମାଲ ବିକ୍ରି କରିବାକୁ ତାଙ୍କୁ ଦର କମାଇବାକୁ ପଡିଥାଏ ।

ତାଲିକା 18.4 ଏକ ସାର୍ଟ ତିଆରି ଫାର୍ମ ଉତ୍ପାଦନ ଦର TR ଏବଂ AR

ଉତ୍ପାଦନ ଓ ବିକ୍ରି (ଏକକ)	ଦର (ଟ.ରେ)	ମୋଟ ଆୟ (ଟରେ)	ହାରାହାରି ଆୟ (ଟରେ)
1	100	10	100
2	90	180	90
3	80	240	80
4	70	280	70
5	60	300	60
6	50	300	50
7	40	280	40

ତାଲିକା 18.4ରେ ଦର ସ୍ଥିର ରହି ନାହିଁ, କିନ୍ତୁ ପ୍ରତ୍ୟେକ ଉତ୍ପାଦନ ସ୍ତରରେ ହାରାହାରି ଆୟ ଦର ସହିତ ସମାନ ଅଛି ।

ପାଠ୍ୟଗତ ପ୍ରଶ୍ନ

ଠିକ୍ ଉତ୍ତରରେ (✓)ଚିହ୍ନ ଲଗାଅ ।

(i) ଦ୍ରବ୍ୟର ଉତ୍ପାଦନର ବିକ୍ରିରୁ ପ୍ରାପ୍ତି ହାରାହାରି ଆୟ ସମାନ ହୋଇଥାଏ ।

(କ) TRକୁ ଉତ୍ପାଦିତ ପରିମାଣ ଦ୍ୱାରା ଭାଗ କରି ପ୍ରାପ୍ତି ପରିମାଣକୁ ।

(ଖ) TRରେ ଶୁଦ୍ଧ ବୃଦ୍ଧିକୁ ।

(ii) ଯଦି ଦିଆଯାଇଥିବା ଦର ଉପରେ ଯେତେ ଇଚ୍ଛା ଉତ୍ପାଦନ ବିକିବା ସମ୍ଭବ ହୁଏ ତେବେ ଉତ୍ପାଦନ ବଢାଇଲେ AR :

(କ) କମ୍ ହେବ

(ଖ) ବଢିବ

(ଗ) ସ୍ଥିର ରହିବ ।

(iii) ଯଦି ଅଧିକ ବିକ୍ରି କମ୍ ଦରରେ ହିଁ ସମ୍ଭବ ତେବେ ଉତ୍ପାଦନ ବୃଦ୍ଧିରେ AR

(କ) କମ୍ ହେବ

(ଖ) ବଢିବ

(ଗ) ସ୍ଥିର ରହିବ

18.4 ସୀମାନ୍ତ ଆୟ MR

ସୀମାନ୍ତ ପରିବ୍ୟୟ ସହିତ ଆପଣ ଆଗରୁ ପରିଚିତ। ସୀମାନ୍ତ ଆୟର ପରିଭାଷା ମଧ୍ୟ ଠିକ୍ ସେହିପରି ହୋଇଥାଏ। ବିକ୍ରିରେ ଏକ ଏକକର ବୃଦ୍ଧି ଯୋଗୁଁ TRର ବୃଦ୍ଧିକୁ ସୀମାନ୍ତ ଆୟ କହନ୍ତି। ତାଲିକା 18.5ରେ ଏହାର ଏକ ଉଦାହରଣ ଦିଆଗଲା ।

ତାଲିକା 18.5 ରେଡିଓ ନିର୍ମାତା ଫାର୍ମର ଦର, ଉତ୍ପାଦନ TR ଓ MR

ଉତ୍ପାଦନ (ଏକକରେ)	ଦର (ଟଙ୍କାରେ)	ମୋଟ ଆୟ (TR) (ଟଙ୍କାରେ)	ହାରାହାରି ଆୟ (MR)
1	200	200	200 (200 -0)
2	200	400	200 (400 -200)
3	200	600	200 (600 -400)
4	200	800	200 (800 -600)
5	200	1000	200 (1000 -800)
6	200	1200	200 (1200-1000)

ଏକ ରେଡିଓର ବକ୍ରିରେ TR=200 ଏବଂ ୨ଟି ବିକ୍ରିରେ TR=400। ଅତଏବ ୨ ରେଡିଓ ବିକ୍ରି ଫଳରେ MR=2ଟି ରେଡିଓର TR- 1 ରେଡିଓର TR । ଗୋଟିଏ ରେଡିଓ ଅଧିକ ବିକ୍ରି କରି ଉତ୍ପାଦକ ନିଜର TRରେ ୨୦୦ ଟଙ୍କା ବୃଦ୍ଧି କରିବାରେ ସଫଳ ହେଲେ। ଏକ ଅତିରିକ୍ତ ଏକକର ବିକ୍ରି ଯୋଗୁଁ TRରେ ଏପରି ବୃଦ୍ଧିକୁ ହିଁ MR କୁହାଯାଏ।

ଯେତେବେଳେ ଦର ସ୍ଥିର ରହିଥାଏ ବା ସମସ୍ତ ଉତ୍ପାଦନର ବିକ୍ରି ଦିଆଯାଇଥିବା ଦରରେ ହୋଇଥାଏ ତେବେ ସୀମାନ୍ତ ଓ ହାରାହାରି ଆୟ ଏକ ସମାନ ରହିଥାନ୍ତି ।

ଆସନ୍ତୁ ଏବେ ଦ୍ୱିତୀୟ ସ୍ଥିତିରେ ଲକ୍ଷ କରିବା ଯେ ଯେଉଁଠାରେ ଦରର ପରିବର୍ତ୍ତନ ହେଉଥାଏ। ତାଲିକା 18.6ରେ ଏହା ଦର୍ଶାଯାଇଛି।

ତାଲିକା 18.6 ସାର୍ଟ ତିଆରି ଫାର୍ମର ଦର ଉତ୍ପାଦନ TR ଓ MR

ଉତ୍ପାଦନ (ଏକକ)	ଦର (ଟଙ୍କାରେ)	ମୋଟ ଆୟ (TR) (ଟଙ୍କାରେ)	ସୀମାନ୍ତ ଆୟ (MR) (ଟଙ୍କାରେ)
1	100	100	100 (100 -0)
2	90	180	80 (180 -100)
3	80	240	60 (240 -180)
4	70	280	40 (280 -240)
5	60	300	20 (300 -280)
6	50	300	0 (300-300)
7	40	280	-20 (280-300)

ତାଲିକା 18.6 ଦର୍ଶାଉଅଛି ଯେ ଉତ୍ପାଦକ ଦର କମ୍ କରି ଗ୍ରାହକମାନଙ୍କୁ ଅଧିକ ସାର୍ଟ କିଣିବାକୁ ପ୍ରଲୋଭିତ କରୁଛି । ଗ୍ରାହକମାନଙ୍କୁ ୧ ସ୍ଥାନରେ ୨ଟି ସାର୍ଟ କିଣିବାକୁ ଆକର୍ଷଣ କରିବାକୁ ସେ ତାଙ୍କୁ ଦୁଇଟି ସାର୍ଟ ୧୦୦ ଟଙ୍କା ପ୍ରତ୍ୟେକ ସାର୍ଟ ସ୍ଥାନରେ ୯୦ ଟଙ୍କା ପ୍ରତ୍ୟେକ ଉପରେ ବିକିବାକୁ ସୁବିଧା ଦେଉଅଛି । ୨ଟି ବିକ୍ରିରେ ତାଙ୍କୁ TR=180 ଟଙ୍କା ମିଳୁଛି। ଯଦି ସେ ଗୋଟିଏ ସାର୍ଟ ବିକ୍ରି କରନ୍ତି ତେବେ ତାହାର ଦାମ ୧୦୦ ଟଙ୍କା ହେଉଛି ଏବଂ TR ମଧ୍ୟ ୧୦୦ ଟଙ୍କା ମିଳୁଛି । ଗୋଟିଏ ସାର୍ଟ ଅଧିକ ବିକ୍ରି କରି ସେ ୮୦ ଟଙ୍କା ନିଜ TRରେ ବୃଦ୍ଧି କରିବାକୁ ସଫଳ ହେଲେ। ସେହି ୨ଟି ସାର୍ଟ ବିକ୍ରି ହିଁ MR ଅଟେ। ଏହିପରି ଆମେ ୩ଟି

ସାର୍ଟ ବିକ୍ରି କଲେ MRର ଗଣନା କରିପାରିବା ।

ଧ୍ୟାନ ରହେ ଯେ ଯେତେବେଳେ ଅଧିକ ମାଲ ବିକ୍ରି କରିବାକୁ ଦର କମ୍ କରିବାକୁ ପଡେ ତେବେ ସୀମାନ୍ତ ଆୟ ହାରାହାରି ଆୟ ଠାରୁ କମ୍ ହୋଇଯାଏ (MR<AR) ।

ପାଠ୍ୟଗତ ପ୍ରଶ୍ନ 18.3

ଶୂନ୍ୟସ୍ଥାନ ପୂରଣ କର ।

(i) ଏକ ଏକକ ଅଧିକ ବିକ୍ରି ଯୋଗୁଁ ....ରେ ଶୁଦ୍ଧ ବୃଦ୍ଧିକୁ MR କୁହାଯାଏ ।

(ii) ବିକ୍ରି ୩ ଏକକରୁ ୪ ଏକକ ହେବାରୁ TR 100ରୁ ବଢି 125ଟଙ୍କା ହେଲା ଏଠାରେ MR .... ଟଙ୍କା ହେବ ।

(iii) ଯଦି ଅଧିକ ବିକ୍ରି କମ୍ ଦରରେ ସମ୍ଭବ ହୁଏ ତେବେ ଏକ ଅତିରିକ୍ତ ଏକକର ବିକ୍ରିରୁ MR .... ।

(iv) ଯଦି ପୁରୁଣା ଦରରେ ଅଧିକ ବିକ୍ରି ସମ୍ଭବ ହୁଏ ତେବେ ଏକ ଏକକ ଅଧିକ ବିକ୍ରିର MR .... ।

(v) ଯେତେବେଳେ TRରେ କମ୍ ହୁଏ ତେବେ MR .... ।

18.5 ଆୟ ଓ ଲାଭ

ଆମେ ଦେଖିଲେ ଯେ ଆୟ ଉତ୍ପାଦନର ବିକ୍ରିରୁ ପ୍ରାପ୍ତ ହୁଏ । 18.1ରେ କୁହାଯାଇଛି ଯେ ଲାଭ ଆୟର ପରିବ୍ୟୟ ଠାରୁ ଅଧିକ । ତେଣୁ ଏହା ସ୍ପଷ୍ଟ ଯେ ଆୟ ଓ ଲାଭ ଦୁଇଟି ଭିନ୍ନ ଭିନ୍ନ ବିଚାର । ଆମେ ପୃଥକ ଉପରେ ଅଧିକ ବଳ ଏଥିପାଇଁ ଦେଉଛନ୍ତି ଯେ ବେଳେବେଳେ ଆୟ ଏବଂ ଲାଭକୁ ସମାନ ଭାବେ ମାନି ନେବାର ସମ୍ଭାବନା ଥାଏ ।

18.6 TR, MR ଓ ARର ଆକଳନ କିପରି କରାଯାଏ

ଉଦାହରଣ 1 : TR ଏବଂ ଉତ୍ପାଦନରୁ AR ଅଥବା ଦର ଜାଣିବା ପାଇଁ ଆମେ TRକୁ ବିକ୍ରି କରାଯାଉଥିବା ଉତ୍ପାଦନ ଏକକ ଦ୍ୱାରା ଭାଗ କରାଯାଏ । ତାଲିକା 18.7

ତାଲିକା 18.7

ଉତ୍ପାଦନ (ଏକକରେ)	ମୋଟ ଆୟ (TR) (ଟଙ୍କାରେ)	AR=TR/ଉତ୍ପାଦନ (ଟଙ୍କାରେ)
1	11	11
2	16	8
3	21	7
4	24	6

ଉଦାହରଣ 2: MR ରୁ TR ଜାଣିବାକୁ ଆମେ ପ୍ରତ୍ୟେକ ଉତ୍ପାଦନ ସ୍ତରରେ MRକୁ ପରବର୍ତ୍ତୀ ଏକକ ସହିତ ଯୋଗ କରି ଚାଲିବା, ଯେପରି ନିମ୍ନ ତାଲିକା 18.8ରେ ଦର୍ଶାଯାଇଛି ।

ତାଲିକା 18.8

ଉତ୍ପାଦନ (ଏକକ)	MR (ଟଙ୍କାରେ)	TR (ଟଙ୍କାରେ)
1	7	7
2	5	12 (7+5)
3	3	15 (7+5+3)
4	2	17 (7+5+3+2)
5	1	18 (7+%+3+2+1)
6	-1	17 (7+5+3+2+1-1)

ଉଦାହରଣ 3: ARରୁ TR ପାଇବା, AR x ଉତ୍ପାଦନ (ତାଲିକା 18.9)

ଉତ୍ପାଦନ (ଏକକ)	AR (ଟଙ୍କାରେ)	TR=AR X ଉତ୍ପାଦନ (ଟଙ୍କାରେ)
1	9	9
2	8	16
3	7	21
4	6	24
5	5	25

ଉଦାହରଣ 4 : ARରୁ MR ପାଇବାକୁ ପ୍ରଥମେ TR ବ୍ୟବହାର କର । ପୁଣି TR ସହିତ ଦିଆଯାଇଥିବା କୌଣସି ଉତ୍ପାଦନ ସ୍ତରରେ MR ପାଇବା ପାଇଁ ଦିଆଯାଇଥିବାର ଉତ୍ପାଦନ ସ୍ତରର TR ମଧ୍ୟରୁ ପ୍ରଥମ ଉତ୍ପାଦନ ସ୍ତରର TRକୁ ବିୟୋଗ କର (ଯାହା ଦିଆଯାଇଥିବା ଉତ୍ପାଦନ ସ୍ତରରୁ ଏକ ଏକକ କମ୍)

ତାଲିକା 18.10

ଉତ୍ପାଦନ (ଏକକ)	AR (ଟଙ୍କାରେ)	TR (ଟଙ୍କାରେ)	MR (ଟଙ୍କାରେ)
1	10	10	10
2	8	16	6
3	7	21	5
4	6	24	3
5	4	20	-4

ଉଦାହରଣ 5 : MRରୁ ARର ଗଣନାରେ ମଧ୍ୟପ୍ରଥମେ TR ବାହାର କର । ପୁଣି TRକୁ ଉତ୍ପାଦନ ପରିମାଣ ଦ୍ୱାରା ଭାଗ କରି AR ଜାଣନ୍ତୁ ।

ତାଲିକା 18.11

ଉତ୍ପାଦନ (ଏକକ)	MR (ଟଙ୍କାରେ)	TR (ଟଙ୍କାରେ)	AR (ଟଙ୍କାରେ)
1	80	80	80
2	70	150	75
3	60	210	70
4	30	240	60
5	10	250	50

ମନେରଖ :

- ଉତ୍ପାଦନର ବିକ୍ରି ଦ୍ୱାରା ହେଉଥିବା ପ୍ରାପ୍ତିକୁ ଆୟ କହନ୍ତି ।
- TR ମୋଟ ଉତ୍ପାଦନ ଓ ଦରର ଗୁଣଫଳ ।
- AR, TRକୁ ଉତ୍ପାଦନ ଦ୍ୱାରା ଭାଗଫଳ (AR=TR ÷ ଉତ୍ପାଦନ)
- AR ଦର ସହିତ ସମାନ ହୋଇଥାଏ ।
- MR ଉତ୍ପାଦନ ପରିମାଣରେ ଏକ ଏକକ ବୃଦ୍ଧିର ଫଳସ୍ୱୃପ ମିଳୁଥିବା ଅତିରିକ୍ତ ଆୟ ।
- ଯଦି ପ୍ରତ୍ୟେକ ଉତ୍ପାଦନ ସ୍ତରରେ ଦାମ ସମାନ ରହେ ତେବେ MR ଉତ୍ପାଦନର ସମସ୍ତ ସ୍ତରରେ AR ବା ଦର ସହିତ ସମାନ ।
- ଯଦି ଅଧିକ ବିକ୍ରି ପାଇଁ ଦର କମାଇବାକୁ ପଡେ, ତେବେ MRର ମାନ AR ବା ଦର ଠାରୁ କମ୍ ରହେ ।

ଆପଣ କ'ଣ ଶିକ୍ଷା କଲେ

- ଉତ୍ପାଦନର ବିକ୍ରିରୁ ପ୍ରାପ୍ତ ହେଉଥିବା ରାଶିକୁ ଆୟ କୁହାଯାଏ ।
- କୌଣସି ଉତ୍ପାଦନର ମୋଟ ଆୟ (TR) ତାର ବିକ୍ରିରୁ ହେଉଥିବା ମୋଟ ପ୍ରାପ୍ତି ।

- ହାରାହାରି ଆୟ (AR) ଦ୍ରବ୍ୟର ବିକ୍ରିରୁ ମିଳୁଥିବା ପ୍ରତି ଏକକ ଆୟ। ଏହା TRକୁ ମୋଟ ପରିମାଣ ଦ୍ୱାରା ଭାଗ କରି ଜାଣିହୁଏ। ଏହା ସର୍ବଦା ଦର ସହିତ ସମାନ ଥାଏ।
- ଉତ୍ପାଦନର ଏକ ଅତିରିକ୍ତ ଏକକର ବିକ୍ରି ଫଳରେ ମୋଟ ଆୟ (TR)ରେ ବୃଦ୍ଧିକୁ ସୀମାନ୍ତ ଆୟ (MR) କୁହାଯାଏ।
- ଆୟର ବିଚାର ଲାଭ ଠାରୁ ଭିନ୍ନ। ଆୟ ହେଉଛି ମୋଟ ବିକ୍ରୟ ମୂଲ୍ୟ କିନ୍ତୁ ଲାଭ ଏହି ଆୟର ପରିବ୍ୟୟ ଠାରୁ ଅଧିକ ହୋଇଥାଏ।
- ଯଦି ପ୍ରତ୍ୟେକ ଉତ୍ପାଦନ ସ୍ତରରେ ଦର ଏକ ସମାନ ରହେ, ତେବେ AR=MR= ଦର । ଏହା ମଧ୍ୟ ଉତ୍ପାଦନ ସହିତ ପରିବର୍ତ୍ତିତ ହୁଏ ନାହିଁ।
- ଯଦି ବିକ୍ରି ବୃଦ୍ଧି କରିବା ପାଇଁ ଦର କମ୍ କରିବା ଅନିବାର୍ଯ୍ୟ ହୋଇଥାଏ ତେବେ MR<AR ବା ଦର, ଯେଉଁଠି ଉତ୍ପାଦନ ବୃଦ୍ଧିରେ P ମଧ୍ୟ କମ୍ ହୋଇଯାଏ।

ପାଠ୍ୟାନ୍ତ ପ୍ରଶ୍ନ

1. 'ଆୟ' ଶବ୍ଦଟିର ବ୍ୟାଖ୍ୟା କର। ଏହା ଲାଭ ଠାରୁ କିପରି ଭିନ୍ନ ?
2. ପ୍ରତ୍ୟେକ ଉତ୍ପାଦନ ସ୍ତର ଉପରେ ଦରକୁ ସମାନ ମାନି ଏକ କାଳ୍ପନିକ ତାଲିକା ଗଠନ କରି TR, AR ଓ MR ଦର୍ଶାଅ।
3. ଅଧିକ ବିକ୍ରି ହେତୁ ଦରରେ ହ୍ରାସ, ମାନ୍ୟତା ଉପରେ ଆଧାରିତ କାଳ୍ପନିକ TR, AR ଓ MRକୁ ଦର୍ଶାଇ ଏକ ତାଲିକା କର ।
4. ନିମ୍ନ ତାଲିକାକୁ ପୂରଣ କର ।

ଉତ୍ପାଦକ (ଏକକ)	ଦର (ଟଙ୍କାରେ)	TR(ଟଙ୍କାରେ)	AR(ଟଙ୍କାରେ)	MR(ଟଙ୍କାରେ)
1	5			
2	5			
3	5			
4	5			
5	5			

5. ନିମ୍ନ ତାଲିକାକୁ ପୂରଣ କର

ଉତ୍ପାଦକ (ଏକକ)	ଦର (ଟଙ୍କାରେ)	TR(ଟଙ୍କାରେ)	AR(ଟଙ୍କାରେ)	MR(ଟଙ୍କାରେ)
1	5			
2	4			
3	3			
4	2			

6. ତଥ୍ୟାବଳୀ ଆଧାର ଉପରେ ସୀମାନ୍ତ ଆୟ ନିର୍ଣ୍ଣୟ କର ।

ଉତ୍ପାଦନ (ଏକକ)	ହାରାହାରି ଆୟ (ଟଙ୍କାରେ)	ମୋଟ ଆୟ (ଟଙ୍କାରେ)
5	25	
2	23	
3	21	
4	19	
5	18	
6	15	

7. ନିମ୍ନ ତାଲିକାକୁ ପୂରଣ କର ।

ଦର (ଟଙ୍କାରେ)	ଉତ୍ପାଦନ (ଏକକ)	ମୋଟ ଆୟ (ଟଙ୍କାରେ)
10	-	100
11	9	-
12	-	96
13	7	-
14	-	84
15	5	-
16	-	64

ବିସ୍ତୃତ ପଠନ :

ଆପଣ ରେଖାଚିତ୍ରର ବିଭିନ୍ନ ଦିଗ ସହିତ ପରିଚିତ। ଆସନ୍ତୁ ଏହି ଜ୍ଞାନକୁ ପ୍ରୟୋଗ କରି ଆୟର ବିଭିନ୍ନ ଧାରଣାଗୁଡ଼ିକର ଚିତ୍ର ଗଠନ କରିବା। ଏହି ଅଧ୍ୟାୟରେ ବର୍ଣ୍ଣିତ ଦୁଇଟି ବଜାର ପରିସ୍ଥିତିକୁ ଭିନ୍ନ ଭିନ୍ନ ଚିତ୍ର ଦ୍ୱାରା ଦର୍ଶାଇବା ।

(କ) ଅଧିକ ବିକ୍ରି ଉପରେ ମଧ ଦର ଅପରିବର୍ତ୍ତିତ ରହିଥାଏ।

ତାଲିକା 18.12 ର ସ୍ଥିତି ସେହି ମାନ୍ୟତା ଉପରେ ଆଧରିତ

ତାଲିକା 18.12

ଉତ୍ପାଦକ (ଏକକ)	ଦର (ଟଙ୍କାରେ)	TR(ଟଙ୍କାରେ)	AR(ଟଙ୍କାରେ)	MR(ଟଙ୍କାରେ)
1	200	200	200	200
2	200	200	200	200
3	200	200	200	200
4	200	200	200	200
5	200	200	200	200

ଆସନ୍ତୁ ଉପର ତାଲିକାର ତଥ୍ୟ ଅନୁସାରେ ତାହାକୁ ପ୍ରୟୋଗ କରି TR, AR ଓ MR ବକ୍ର ଅଙ୍କନ କରିବା। ଉତ୍ପାଦନକୁ x ଅକ୍ଷ ଓ ଆୟକୁ Y ଅକ୍ଷ ଉପରେ ଦର୍ଶାଇବା।



ଚିତ୍ର 18.1 : TR, AR ଓ MR ବକ୍ର ।

ଉପର ଚିତ୍ରରୁ ଏହା ସ୍ପଷ୍ଟ ହେଉଛି ଯେ :

(i) TR ବକ୍ର ବାମରୁ ଡାହାଣକୁ ଊର୍ଦ୍ଧ୍ୱଗାମୀ ହୋଇଛି । ଅର୍ଥାତ୍ ଉତ୍ପାଦନରେ ବୃଦ୍ଧି ଯୋଗୁଁ TRରେ ମଧ୍ୟ ନିରନ୍ତର ବୃଦ୍ଧି ହେଉଛି ।

(ii) AR ବକ୍ର X ଅକ୍ଷର ସମାନ୍ତର କାରଣ ପ୍ରତ୍ୟେକ ଉତ୍ପାଦନ ସ୍ତରରେ ଦର ସମାନ ଅଛି ।

(iii) MR ବକ୍ର ମଧ୍ୟ X ଅକ୍ଷର ସମାନ୍ତର କାରଣ ଦର ସ୍ଥିର, ତେଣୁ TRରେ ପ୍ରତ୍ୟେକ ବୃଦ୍ଧି ସମାନ ରହିଛି ।

(iv) MR ତଥା AR ବକ୍ର ଏକ ସମାନ, କାରଣ ପ୍ରତ୍ୟେକ ଉତ୍ପାଦନ ସ୍ତରରେ AR=MR । ଉପରୋକ୍ତ ସମସ୍ତ ଅବଲୋକନ ସେହି ବଜାର ସ୍ଥିତିରେ ମାନ୍ୟ ହୋଇଥାଏ ଯେଉଁ ବଜାରରେ ପ୍ରତ୍ୟେକ ଉତ୍ପାଦନ ସ୍ତରରେ ଦର ପୂର୍ବଭଳି ରହିଥାଏ । ଯଦି ଦର ସ୍ଥିର ନଥାଏ ତେବେ ପୁଣି TR, MR ଓ AR ବକ୍ରର ଆକାର ମଧ୍ୟ ବଦଳିଯିବ ଯେପରି ଅନ୍ୟ ବଜାର ସ୍ଥିତିରେ ଦର୍ଶାଯାଇଛି ।

(ଖ) ଉତ୍ପାଦନ ବୃଦ୍ଧିରେ ଦର ହ୍ରାସ ।

ନିମ୍ନ ତାଲିକା ଉପରୋକ୍ତ ମାନ୍ୟତା ଉପରେ ଆଧାରିତ ବଜାରର ସ୍ଥିତି ଦର୍ଶାଉଅଛି ।

ଉତ୍ପାଦକ (ଏକକ)	ଦର (ଟଙ୍କାରେ)	TR(ଟଙ୍କାରେ)	AR(ଟଙ୍କାରେ)	MR(ଟଙ୍କାରେ)
1	100	100	100	100
2	90	180	90	80
3	80	240	80	60
4	70	280	70	40
5	60	300	60	20
6	50	300	50	0
7	40	280	40	-20



ଚିତ୍ର 18.2 TR, MR ଓ AR

ଉପରୋକ୍ତ ଚିତ୍ରରେ ନିମ୍ନ ବିଶେଷତାଗୁଡ଼ିକୁ ଧ୍ୟାନ ଦେବା କଥା :

(i) 5 ଏକକ ଉତ୍ପାଦନ ପର୍ଯ୍ୟନ୍ତ TR ବକ୍ର ଊର୍ଦ୍ଧ୍ୱଗାମୀ ହୋଇଛି ମାତ୍ର 5 ଓ 6 ଏକକ ଉତ୍ପାଦନ ମଧ୍ୟରେ ଏହା ସ୍ଥିର ରହିଛି ଏବଂ ୬ ଏକକ ଉତ୍ପାଦନ ଆଗକୁ ଯାଇ ନିମ୍ନଗାମୀ ହେବାକୁ ଆରମ୍ଭ କରିଦେଇଛି ।

(ii) AR ବକ୍ର ନିରନ୍ତର ନିମ୍ନଗାମୀ

(iii) MR ବକ୍ର ମଧ୍ୟ ନିରବଚ୍ଛିନ୍ନ ଭାବେ ନିମ୍ନଗାମୀ ହୋଇ ୬ ଏକକ ଉତ୍ପାଦନରେ X ଅକ୍ଷକୁ ଛେଦ କରିଛି । ଏଠାରେ MR=O, 6 ଏକକ ଆଗକୁ MR, X ଅକ୍ଷର ନିମ୍ନରେ ଅଛି କାରଣ ଏଠାରେ MR ଋଣାତ୍ମକ ।

ପାଠ୍ୟଗତ ପ୍ରଶ୍ନର ଉତ୍ତର

18.1

(i) ଗ (ii) ଗ (iii) ଗ (iv) କ

18.2

(i) କ (ii) ଗ (iii) କ

18.3

(i) TR (ii) 25 ଟଙ୍କା (iii) କମ୍ ହୁଏ (iv) ସ୍ଥିର ରହେ (v) ଋଣାତ୍ମକ ହୋଇଯାଏ ।

ପାଠ୍ୟାନ୍ତର ପ୍ରଶ୍ନ ପାଇଁ ସୂଚନା :

(1) ଭାଗ 18.3 ଏବଂ 18.7 ପଢନ୍ତୁ ।

(2) ଭାଗ 18.4, 18.5 ଓ 18.6 ପଢନ୍ତୁ ।

(3) ଭାଗ 18.4 18.5 ଓ 18.6 ପଢନ୍ତୁ ।

(4)

ଉତ୍ପାଦକ (ଏକକ)	ଦର (ଟଙ୍କାରେ)	TR(ଟଙ୍କାରେ)	AR(ଟଙ୍କାରେ)	MR(ଟଙ୍କାରେ)
1	5	5	5	5
2	5	10	5	5
3	5	15	5	5
4	5	20	5	5
5	5	25	5	5

(5)

ଉତ୍ପାଦକ (ଏକକ)	ଦର (ଟଙ୍କାରେ)	TR(ଟଙ୍କାରେ)	AR(ଟଙ୍କାରେ)	MR(ଟଙ୍କାରେ)
1	5	5	5	5
2	4	8	4	3
3	3	9	3	1
4	2	8	2	-1

(6)

ଉତ୍ପାଦକ (ଏକକ)	AR(ଟଙ୍କାରେ)	TR(ଟଙ୍କାରେ)	MR(ଟଙ୍କାରେ)
1	25	25	25
2	23	46	21
3	21	63	17
4	19	76	13
5	18	90	14
6	15	90	0

(7)

ଦର (ଟଙ୍କାରେ)	ଉତ୍ପାଦକ(ଏକକ)	TR(ଟଙ୍କାରେ)
10	10	100
11	9	99
12	8	96
13	7	91
14	6	84
15	5	75
16	4	64